ଧରିତ୍ରୀ
DHARITRI
୪୯
ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୨୫/୨୦୨୨ (୨୦ ପୃଷ୍ଠା) | Sambalpur, Friday, November 25/2022 | Page 20 | ₹ 7.00 | ★★
୧୮ଶ ଭାଗ ୩୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 337 | ମୂଲ୍ୟ ₹୭/-



# ଜୋର୍ ଧରିଲା କ୍ରଶର ହଟାଇବା ଦାବି

**ଢେଙ୍କାନାଳ ଅଫିସ, ୨୪।୧୧:** ଢେଙ୍କାନାଳ ଜିଲା ଗଁନ୍ଦିଆ ବ୍ଲକ ନିହଲପ୍ରସାଦ ପଞ୍ଚାୟତ କଷ୍ଟିପାଳ ଗ୍ରାମ ନିକଟରେ ଗୁଣ୍ଡିକିଆ ପଟ୍ଟାଧାରୀ ଆଦିବାସୀଙ୍କ ଜମିରେ ବେଆଇନ ଭାବେ ପ୍ରତିଷ୍ଠିତ କ୍ରଶର ହଟାଇବା ଦାବିରେ ତହସିଲ ସମ୍ମୁଖରେ ଜାରି ରହିଛି ଅଞ୍ଚଳବାସୀଙ୍କ ଧାରଣା। ଏହାକୁ ୬ଦିନ ବିତିଯାଇଥିଲେ ମଧ୍ୟ ଏ ଦିଗରେ ପ୍ରଶାସନିକ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅନ୍ୟପଟେ ବୁଧବାର କ୍ରଶରରୁ ଚିପ୍ସ ବୋଝେଇ କରି ଯାଇଥିବା ଏକ ଟ୍ରକ୍ ଧକ୍କାରେ ଜଣେ ୭ମ ଶ୍ରେଣୀ ଛାତ୍ରଙ୍କ ଡାହାଣ ଗୋଡ଼ ନଷ୍ଟ ହୋଇଯାଇଛି। ଏହାର ପ୍ରତିବାଦରେ ଅଞ୍ଚଳବାସୀ କ୍ରଶର ନିକଟ ରାସ୍ତା ଖୋଳିଦେଇଛନ୍ତି। ସୂଚନାପାଇ ଉପଜିଲାପାଳ, ତହସିଲଦାର ପୋଲିସ ସହ ପହଞ୍ଚି ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳତା ମିଳିନାହିଁ। ଫଳରେ ପ୍ରଶାସନ ଅସହାୟ ହୋଇପଡ଼ିଛି। ସେହିପରି ଜନବହୁଳ ଅଞ୍ଚଳରେ କ୍ରଶର ପାଇଁ କିପରି ଅନୁମତି ଦିଆଗଲା ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଦାବି ହେଉଛି।






# ଶଗଡ଼କୁ ପଛରୁ ପିଟିଲା ଟ୍ରକ୍, ଦମ୍ପତି ମୃତ

**ଦେବଗଡ଼, ୨୪।୧୧(ଡି.ଏନ୍.ଏ.)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ୪୯ନଂ. ଜାତୀୟ ରାଜପଥର ଅସୁରଖୋଲ ଗ୍ରାମ ନିକଟରେ ଗୁରୁବାର ସକାଳେ ଦୁର୍ଘଟଣା ଘଟିଛି। ଶଗଡ଼ ନେଇ ଜମିକୁ ଧାନବିଡା ଆଣିବାକୁ ଯାଉଥିବାବେଳେ ପଛପଟୁ ଶଗଡ଼କୁ ଟ୍ରକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅସୁରଖୋଲ ଗ୍ରାମର ଶରତ ସାହୁ ଓ ତାଙ୍କ ସ୍ତ୍ରୀ ବିଶାଖା। ଏହା ସହିତ ଶଗଡ଼ ଟାଣୁଥିବା ଗୋଟିଏ ବଳଦର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଏକ ବଳଦ ଗୁରୁତର ଆହତ ହୋଇଛି।

ଖବର ମୁତାବକ ଶରତ ଓ ବିଶାଖା ସକାଳେ ତାଙ୍କର ଶଗଡ଼ ଗାଡି ନେଇ ରାଜପଥ ଉପରେ ଜମିକୁ ଯାଉଥିଲେ। ତେବେ ଦେବଗଡ଼ ପଟୁ ସମ୍ବଲପୁର ଅଭିମୁଖେ ଯାଉଥିବା ଟ୍ରକ୍ ପଛ ପଟୁ ଧକ୍କା ଦେଇଥିଲା।



ଲୋକେ ରାଜପଥ ଅବରୋଧ କରିଛନ୍ତି।

ଦୁର୍ଘଟଣା ଘଟିବା ପରେ ଟ୍ରକ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିଲେ। ତିଲେଇବଣି ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। କ୍ଷତିପୂରଣ ଦାବିରେ ଲୋକମାନେ ରାସ୍ତାରୋକୋ କରିଥିଲେ। ଫଳରେ ସମ୍ବଲପୁର-ଦେବଗଡ଼ ମଧ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ତିଲେଇବଣି ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ଏସ୍‌ଡିପିଓ ଅନୀଲ କୁମାର ବେଉରିଆ, ଦେବଗଡ଼ ଥାନା ଆଇଆଇସି ସୁରେନ୍ଦ୍ର ନାୟକ, ତିଲେଇବଣି ଫାଣ୍ଡି ଅଧିକାରୀ ମଦନ ମୋହନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ପରେ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ସ୍ୱାମୀଙ୍କ ତଣ୍ଟି ଚିପି ହତ୍ୟାକଲେ ସ୍ତ୍ରୀ

**ସୁନ୍ଦରଗଡ଼,୨୪।୧୧(ଡି.ଏନ୍.ଏ.):** ସୁନ୍ଦରଗଡ଼ ଟାଉନଥାନା ଅନ୍ତର୍ଗତ ଶ୍ରୀରାମ ନଗରରେ ଘରୋଇ କଳିକୁ କେନ୍ଦ୍ର କରି ବୁଧବାର ରାତିରେ ଜଣେ ମହିଳା ନିଜ ସ୍ୱାମୀଙ୍କ ତଣ୍ଟିଚିପି ହତ୍ୟା କରିଛନ୍ତି। ମୃତକ ହେଲେ ହେମନ୍ତ ବାଗ (୩୭)। ତାଙ୍କ ଘର ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ଫଲସାମାଲ ଗ୍ରାମରେ। ସେ ସୁନ୍ଦରଗଡ଼ ଆଇଟିଡିଏରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ଅପରାହ୍ନ ୨ଟାରେ ହେମନ୍ତଙ୍କ ବାପା ଶଶିଭୂଷଣ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୩୯୩/୨୨) ରୁଜୁ କରିଛି। ମୃତଦେହ ଜବତ କରି ପୋଲିସ ବ୍ୟବଚ୍ଛେଦ ସକାଶେ ପଠାଇଛି।

ପୋଲିସ ସୂଚନା ଅନୁଯାୟୀ, ହେମନ୍ତ ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଝିରପାଣି ଗ୍ରାମର ସରିତା ବାଗ(୩୧)ଙ୍କୁ ଭଲ ପାଇ ବିବାହ କରିଥିଲେ। ସ୍ଥାନୀୟ ଶ୍ରୀରାମ ନଗରରେ ସ୍ତ୍ରୀ ଓ ଦୁଇ ଝିଅପୁଅଙ୍କୁ ନେଇ ଭଡାରେ ରହୁଥିଲେ। ବୁଧବାର ରାତିରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଘରୋଇ କଳିକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସରିତା ନିଜ ଓଢଣୀରେ ହେମନ୍ତଙ୍କ ବେକକୁ ଚିପି ଦେଇଥିଲେ। ସେ ଗୁରୁତର ହେବାରୁ ସରିତା ଆମ୍ବୁଲାନ୍ସ ଯୋଗେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପହଞ୍ଚିବା ପରେ ଡାକ୍ତର ହେମନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ହେମନ୍ତଙ୍କ ପରିବାର ଓ ମା'ବାପାଙ୍କୁ ସୂଚନା ଦିଆଯିବା ପରେ ପରିବାର ଲୋକେ ପହଞ୍ଚିଥିଲେ। ପୋଲିସ ସରିତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଓଢଣୀକୁ ଜବତ କରିଛି। ଶୁକ୍ରବାର ସରିତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।



## ବାର୍ତ୍ତା

ବହୁଳ ପ୍ରସାରିତ ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ନଭେମ୍ବର ୨୪ ତାରିଖରେ ପାଳନ ହେଉଥିବା ଜାଣି ମୁଁ ବହୁତ ଆନନ୍ଦିତ । ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ । ଭାରତ ଭଳି ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରଶାସନ, ନ୍ୟାୟପାଳିକା ଓ ବ୍ୟବସ୍ଥାପିକା ସଭା ଭଳି ଆମ ଦେଶର ଜନସାଧାରଣଙ୍କ ପ୍ରତି ଗଣମାଧ୍ୟମର ମଧ୍ୟ କିଛି ଉତ୍ତରଦାୟିତ୍ୱ ରହିଛି । ଏହି ଉତ୍ତରଦାୟିତ୍ୱକୁ ସଠିକ ଓ ସୂଚାରୁ ରୂପେ ନିର୍ବାହ କରିବା ହେଉଛି ପ୍ରତ୍ୟେକ ଗଣମାଧ୍ୟମର କର୍ତ୍ତବ୍ୟ । ଏ କ୍ଷେତ୍ରରେ ଧରିତ୍ରୀ ଦୀର୍ଘ ୪୮ ବର୍ଷ ଧରି ଓଡ଼ିଶାର ଜନସାଧାରଣଙ୍କ ପ୍ରତି ତା'ର କର୍ତ୍ତବ୍ୟ ଓ ଦାୟିତ୍ୱ ସଠିକ୍ ଭାବେ ନିଭାଇ ଆସୁଛି । ନିର୍ଭୀକ ଓ ନିରପେକ୍ଷ ସମ୍ବାଦ ପରିବେଷଣ କ୍ଷେତ୍ରରେ ଧରିତ୍ରୀ ଆଜି ତା'ର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏଥିପାଇଁ ଧରିତ୍ରୀ ପରିବାରର ପ୍ରତ୍ୟେକ ସଦସ୍ୟ ଓ ସଦସ୍ୟାଙ୍କୁ ଅଶେଷ ଅଶେଷ ଧନ୍ୟବାଦ ।

ଏହି ଅବସରରେ ମୁଁ ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଉତ୍ସବର ସଫଳତା କାମନା କରିବା ସହ ଧରିତ୍ରୀ ପରିବାରର ପ୍ରତ୍ୟେକ ସଦସ୍ୟ ସଦସ୍ୟାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

**ଅଚ୍ୟୁତ ସାମନ୍ତ**
ସାଂସଦ, ଲୋକସଭା
ପ୍ରତିଷ୍ଠାତା, କିଟ୍ ଓ କିସ୍











**କଳାୟତନ ଚିତ୍ରକଳା ଓ ହସ୍ତକଳା ମହାବିଦ୍ୟାଳୟ**
(ସଫଳତାର ୧୯ ବର୍ଷ)
ଗ୍ରା.ପୋ.ଜି-ସୁନ୍ଦରଗଡ଼,୭୭୦୦୦୧ (ଓଡ଼ିଶା)
ମୋ ନଂ.-୯୪୩୭୨୨୧୭୪୬,୯୮୬୧୪୭୨୮୧୬,୭୮୭୩୬୩୯୨୬୮
E@mail:Kalayatancollege@gmail.com,Website: kalayatan.org

**ନାମଲେଖା ବିଜ୍ଞାପନ**

କଳାୟତନ ଚିତ୍ରକଳା ଓ ହସ୍ତକଳା ମହାବିଦ୍ୟାଳୟ, ସୁନ୍ଦରଗଡ଼ (ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ) ଚିତ୍ରକଳା ଓ ହସ୍ତକଳାରେ ୪ ବର୍ଷିଆ ଡିଗ୍ରୀ ଶ୍ରେଣୀ (୪ର୍ଥ ବର୍ଷ ବି.ଭି.ଏ.) ପାଠ୍ୟକ୍ରମରେ ୨୦୨୨-୨୩ ଶିକ୍ଷା ବର୍ଷରେ ନାମ ଲେଖାଇବା ପାଇଁ ଛାତ୍ରଛାତ୍ରୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ନାମ ଲେଖାଇବା ପାଇଁ ଆଗ୍ରହୀ ଛାତ୍ରଛାତ୍ରୀମାନେ +୨ ପାସ୍ କରିଥିବା ସହ ସେମାନଙ୍କର ବୟସ ଜୁଲାଇ ୧ ତାରିଖ ୨୦୨୩ ସୁଦ୍ଧା ୩୫ ବର୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ ।
ଛାତ୍ରଛାତ୍ରୀମାନଙ୍କୁ ଚୟନ ଓ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ନିର୍ଣ୍ଣୟ କରାଯିବ ।
ଆବଶ୍ୟକ ଫର୍ମ ପ୍ରତ୍ୟହ କାର୍ଯ୍ୟ ଦିବସରେ ଟ.୨୦୦.୦୦ (ଦୁଇ ଶହ ଟଙ୍କା) ବିନିମୟରେ କାର୍ଯ୍ୟାଳୟରୁ ପ୍ରାପ୍ତ ହୋଇପାରିବ ।
ବିଦ୍ର: ଏସ୍.ଟି., ଏସ.ସି, ଓବିସି ଓ ସଂଖ୍ୟାଲଘୁ ଶ୍ରେଣୀର ଛାତ୍ରଛାତ୍ରୀମାନେ ପ୍ରତିବର୍ଷ ଓଡ଼ିଶା ସରକାରଙ୍କ ତରଫରୁ ଷ୍ଟାଇପେଣ୍ଡ ପାଇପାରିବେ ।

ସମ୍ପାଦକ/ଅଧ୍ୟକ୍ଷ
କଳାୟତନ କଲେଜ୍ ଅଫ୍ ଆର୍ଟ ଏଣ୍ଡ କ୍ରାଫଟସ୍
ସୁନ୍ଦରଗଡ଼ (ଓଡ଼ିଶା)

ଧରିତ୍ରୀ
DHARITRI
49 ୪୯
ଶୁକ୍ରବାର, ନଭେମ୍ବର ୨୫/୨୦୨୨ | Friday, November 25/2022 | ପୃଷ୍ଠା-୧



## ଭାବୁକ ହେଲେ କ୍ରିତି

ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ ଫିଲ୍ମର ପ୍ରମୋଶନ ଅବସରରେ ନିଜ ସ୍କୁଲକୁ ଯାଇ ଭାବୁକ ହୋଇପଡ଼ିଛନ୍ତି।

୧୬

୧୩

## ସୁଇଜରଲାଣ୍ଡକୁ ବିଜୟୀ କଲେ ଇମ୍ବୋଲୋ

କାତାରରେ ଚାଲିଥିବା ଫିଫା ବିଶ୍ୱକପର ଗୁରୁବାର ଅନୁଷ୍ଠିତ ଏକ ମ୍ୟାଚରେ କାମେରୁନ ବିପକ୍ଷରେ ଗୋଲ ଦେଇ ସୁଇଜରଲାଣ୍ଡକୁ ବିଜୟୀ କରିଛନ୍ତି ବ୍ରିଲ ଇମ୍ବୋଲୋ।






'ଧରିତ୍ରୀ' ପକ୍ଷରୁ ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମ୍ ହୋଟେଲ ପରିସରରେ ଗୁରୁବାର ଅନୁଷ୍ଠିତ ଜଳବାୟୁ ସଂକ୍ରାନ୍ତ ଯୁବ ସମ୍ମିଳନୀରେ ଉଦ୍‌ବୋଧନ ଦେଉଛନ୍ତି ଯୁବ ପରିବେଶବିତ୍ ଅରୁଣ କ୍ରିଷ୍ଣମୂର୍ତ୍ତି। (ବାମରୁ) ମଞ୍ଚାସୀନ ସମ୍ମିଳନୀ ସଞ୍ଚାଳକ ସୁଜିତ୍ ମହାପାତ୍ର, ବନ ବିଭାଗ ଅତିରିକ୍ତ ସଚିବ କେ.ମୁରଗେଶନ, ୟୁନିସେଫ୍‌ର ସୁଗତ ରୟ, ଜଳବାୟୁ କର୍ମୀ ନୀଳିମା ମିଶ୍ର ଏବଂ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ।

## ଆଜିର ସମ୍ପାଦକୀୟ

ଚାଇନାର ରଣଯନ୍ତା

## ଆଜିର ମନ୍ତବ୍ୟ

ଜଳବାୟୁ ପରିବର୍ତ୍ତନ, କୋଭିଡ୍-୧୯ ଓ ସଂଘର୍ଷ ଖାଦ୍ୟ ସୁରକ୍ଷାକୁ ପ୍ରଭାବିତ କରୁଛି। ଏହି ୩ସି'ର ମୁକାବିଲା ପାଇଁ ବିଶ୍ୱରେ ଡାଲିଜାତୀୟ ଶଷ୍ୟ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ।
-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ







# ଚା' ଖଟିରୁ ଉଠୁ ସ୍ୱର

## 'ଧରିତ୍ରୀ' ଯୁବ ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ

## 'କ୍ଲାଇମେଟ୍ ଚେଞ୍ଜ୍: ଦି ପାୱାର ଅଫ୍ ୟୁଥ୍'

**ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)**

ଜଳବାୟୁ ପରିବର୍ତ୍ତନ ପ୍ରଭାବ ସବୁଠି ପଡ଼ିଛି। ଏହା ସମସ୍ତେ ଅନୁଭବ କରୁଛେ। ସବୁବେଳେ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଆଲୋଚନା କରୁଛେ। ଏହାର ସମସ୍ୟା ଉପରେ ଚିନ୍ତା ନ କରି ସମାଧାନ କିପରି ହୋଇପାରିବ ସେ ନେଇ ଚିନ୍ତା କରାଯିବା ଦରକାର। ଜଳବାୟୁ ପରିବର୍ତ୍ତନର ବାର୍ତ୍ତା ଚା' ଖଟିଠାରୁ ଆରମ୍ଭ କରି ସବୁ ସ୍ତରରେ ହେବା ଉଚିତ ବୋଲି ଯୁବ ପରିବେଶବିତ୍ ଚେନ୍ନାଇର ଅରୁଣ କ୍ରିଷ୍ଣମୂର୍ତ୍ତି କହିଛନ୍ତି। 'ଧରିତ୍ରୀ'ର ୪୯ତମ ସ୍ୱନକ୍ଷତ୍ର ଉପଲକ୍ଷେ ଗୁରୁବାର ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମଠାରେ ଅନୁଷ୍ଠିତ 'କ୍ଲାଇମେଟ୍ ଚେଞ୍ଜ୍: ଦି ପାୱାର ଅଫ୍ ୟୁଥ୍' ଶୀର୍ଷକ ଯୁବ ସମ୍ମିଳନୀ(ୟୁଥ୍ କନ୍‌କ୍ଲେଭ୍)ର ପ୍ରଥମ ଅଧିବେଶନରେ ଅରୁଣ କହିଛନ୍ତି, ଭାରତ ପ୍ରାକୃତିକ ସମ୍ପଦରେ ଭରପୂର। ପ୍ରାକୃତିକ ସମ୍ବଳ ଆମକୁ ଯାହା ଦେଇପାରିବ, ତାହା ଆଉ କେଉଁଠୁ ମିଳିପାରିବ ନାହିଁ। କିନ୍ତୁ ମନୁଷ୍ୟ କେବେ ଏହାର ସୁରକ୍ଷା ଉପରେ ଚିନ୍ତା କରେ ନାହିଁ। ସରକାରୀ ସ୍ତରରେ କ'ଣ ହେଉଛି, ତାହାକୁ ନ ଦେଖି ବ୍ୟକ୍ତିଗତ ସ୍ତରରେ ପରିବେଶ ସୁରକ୍ଷା ପାଇଁ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

ସମ୍ମିଳନୀରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ସଚିବ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଡ. କେ. ମୁରୁଗେସନ ଯୋଗଦେଇ କହିଥିଲେ, ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ କ୍ଲାଇମେଟ୍ ବଜେଟ୍ ପାସ୍ କରିଥିଲା। ପରେ କେରଳ ଏହାକୁ ଅନୁସରଣ କରି ବଜେଟ୍ ପାସ୍ କରିଛି ଏବଂ ଓଡ଼ିଶାର ସହାୟତା ମଧ୍ୟ ମାଗିଛି। ସେହିଭଳି ଯୁବ ପରିବେଶବିତ୍ ନୀଳିମା ମିଶ୍ର ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଜାଣିବା ପାଇଁ ଆର୍କଟିକ୍ ଯିବାର ଆବଶ୍ୟକତା ନାହିଁ। ନିଜ ଅଞ୍ଚଳରେ ବି ଜଣେ ଏହାର ପ୍ରଭାବ ଅନୁଭବ କରିପାରିବ। ତେଣୁ ନିଜ ଘରୁ ହିଁ ଏହାର ସମାଧାନ ଦିଗରେ କାମ କରିବାକୁ ହେବ ବୋଲି ନୀଳିମା କହିଥିଲେ। ୟୁନିସେଫ୍‌ର ସୁଗତ ରୟ କହିଛନ୍ତି, ପୃଥିବୀରେ ଅନେକ ଶିଶୁ ଏବେ ବି ଅସୁରକ୍ଷିତ ଅଛନ୍ତି। ସେମାନଙ୍କୁ ନିରାପଦରେ ରଖିପାରିଲେ ଆଗାମୀ ଦିନରେ ସେହିମାନେ ହିଁ ଜଳବାୟୁ ପରିବର୍ତ୍ତନ ରୋକିବାରେ ଏକ ମୁଖ୍ୟ ସହାୟକ ହୋଇପାରିବେ। ଯୁବ ପରିବେଶବିତ୍ ସୌମ୍ୟ ରଞ୍ଜନ ବିଶ୍ୱାଳ କହିଥିଲେ, ଓଡ଼ିଶା ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନର ରାଜଧାନୀ ଭାବେ ବିଶ୍ୱ ବିଖ୍ୟାତ। ଏଥିପାଇଁ ସରକାର କ'ଣ କରୁଛନ୍ତି ନ ଦେଖି ବ୍ୟକ୍ତିଗତ ସ୍ତରରେ ସହଯୋଗର ଆବଶ୍ୟକତା ରହିଛି। ବୟସ୍କଙ୍କ ପାଖେ ଅଭିଜ୍ଞତା ଥିବା ବେଳେ ଯୁବପିଢ଼ିଙ୍କ ପାଖରେ ଭରପୂର ଶକ୍ତି ଅଛି। ଏହାକୁ ବିନିଯୋଗ କରିବା ଦରକାର ବୋଲି ସୌମ୍ୟ କହିଛନ୍ତି।

'ଧରିତ୍ରୀ' ଓ 'ଓଡ଼ିଶାପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଥିଲେ, ସମ୍ମିଳନୀ, ଆଲୋଚନା, ସଭା ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଏକ ସଚେତନତା ସୃଷ୍ଟି କରିଥାଏ। ଯଦିଓ ଏହା ସୀମିତ ପରିସରରେ କରିଥାଏ, କିନ୍ତୁ ଏହାର ପ୍ରଭାବ ରହେ। ଗଣମାଧ୍ୟମ ଏ ନେଇ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି ତଥାଗତ କହିଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସ୍ୱାଗତ ଭାଷଣ ଦେବା ସହ ଯୁବ ସମ୍ମିଳନୀ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ତୃଣମୂଳ ସ୍ତରରେ ଜଳବାୟୁ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହନ ଦିଆଯିବ ବୋଲି ଘୋଷଣା କରିଥିଲେ। ସେ କହିଥିଲେ, ଆମ ରାଜ୍ୟରେ ତୃଣମୂଳ ସ୍ତରରେ ବହୁ ଜଳବାୟୁ ଯୋଦ୍ଧା ଅଛନ୍ତି। ଆମେ ଚାହୁଁଛୁ ଏମାନଙ୍କ ସଂଖ୍ୟା ବଢ଼ୁ। ତେଣୁ 'ଧରିତ୍ରୀ' ପକ୍ଷରୁ ପ୍ରୋତ୍ସାହନ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାର ନାମ ରଖାଯାଇଛି 'ଧରିତ୍ରୀ କ୍ଲାଇମେଟ୍ ଫଣ୍ଡ୍', ଯାହାକି ରାଜ୍ୟରେ ତୃଣମୂଳ ସ୍ତରରେ ଜଳବାୟୁ ଯୋଦ୍ଧାଙ୍କ ସଂଖ୍ୟା ବଢ଼ିବାରେ ସାହାଯ୍ୟ କରିବ।

ଦ୍ୱିତୀୟ ଅଧିବେଶନରେ ମହାରାଷ୍ଟ୍ରର ଜଳବାୟୁ କର୍ମୀ ନେହା ଶିବାଜୀ ନାଏକୱାଡ଼େ କହିଥିଲେ, ଜଳବାୟୁ ପରିବର୍ତ୍ତନ ଉପରେ କାମ କରିବା ପାଇଁ କୌଣସି ଦକ୍ଷତାର ଆବଶ୍ୟକତା ନାହିଁ। ଯାହାଙ୍କ ପାଖରେ ଯେଉଁ ଦକ୍ଷତା ଥାଉନା କାହିଁକି, ସେ ଜଳବାୟୁ ପରିବର୍ତ୍ତନ ଉପରେ କାମ କରିପାରିବେ। କମ୍ୟୁନିଟି ରେଡିଓ ମାଧ୍ୟମରେ ପରିବେଶ ସୁରକ୍ଷା ବାର୍ତ୍ତା ବାଣ୍ଟୁଥିବା ଅନ୍ୟତମ ପରିବେଶବିତ୍ ତଥା ଆର୍‌ଜେ ବର୍ଷା ରାଏକୱାର କହିଥିଲେ, ମଧ୍ୟପ୍ରଦେଶର ବୁନ୍ଦେଲଖଣ୍ଡ ଏକ ମରୁଡ଼ି ଅଞ୍ଚଳ ହୋଇଥିବାରୁ ସେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଦେଖିଛନ୍ତି। ରେଡିଓ ବୁନ୍ଦେଲଖଣ୍ଡ ଜନସାଧାରଣଙ୍କୁ ସଚେତନ କରିବା ଦିଗରେ ସେ ☞ପୃଷ୍ଠା-୨

## ବାପାଙ୍କୁ ପିଟି ମାରିଦେଲେ ସ୍ତ୍ରୀ-ପିଲା

**ଭଦ୍ରକ ଅଫିସ,୨୪।୧୧**

ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଲାଗି ରହିଥିବା ପାରିବାରିକ କଳହ ଶେଷରେ ଉଗ୍ରରୂପ ନେଇଛି। ଶେଷରେ ସ୍ୱାମୀର ଜୀବନ ନେବାକୁ ପଛଘୁଞ୍ଚା ଦେଲା ନାହିଁ ସ୍ତ୍ରୀ। ପୁଅ, ଝିଅ ମଧ୍ୟ ମା'ଙ୍କ ସହ ମିଶି ବାପାକୁ ପିଟି ପିଟି ମାରିଦେଲେ। ଏଭଳି ଅଭାବନୀୟ ଘଟଣା ଘଟିଛି ପୀରହାଟ ଥାନା ବାମନବିନ୍ଧା ପଞ୍ଚାୟତ ଖେଦରପୁର ଗାଁରେ। ମୃତବ୍ୟକ୍ତି ଜଣକ ହେଉଛନ୍ତି ଉକ୍ତ ଗ୍ରାମର ବାବୁଆ ଦାସ (୪୭)। ଏ ନେଇ ବାବୁଆଙ୍କ ମା' ବେଙ୍ଗ ଦାସଙ୍କ ଅଭିଯୋଗ ଆଧାରରେ ପୀରହାଟ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ପୋଲିସ ସୂଚନା ମୁତାବକ, ବାବୁଆ ଓ ତାଙ୍କ ସ୍ତ୍ରୀ ବାସନ୍ତୀଙ୍କ ମଧ୍ୟରେ ପରକିୟା ପ୍ରୀତିକୁ ନେଇ କଳହ ଲାଗି ରହୁଥିଲା। ବୁଧବାର ରାତିରେ ଉଭୟ ପରସ୍ପରର ଚରିତ୍ରକୁ ଆକ୍ଷେପ କରି ଝଗଡ଼ା ଲାଗିଥିଲେ। ବାସନ୍ତୀ ଉତ୍‌କ୍ଷିପ୍ତ ହୋଇ ତାଙ୍କ ୩ ପୁଅ ମଣ୍ଟୁ, ମାନିଆ, ସନିଆ ଓ ଝିଅ ସୁନ୍ଦରୀ ସହ ମିଶି ବାବୁଆଙ୍କୁ ଏକ ଶାବଳ ଓ କତାରେ ଆକ୍ରମଣ କରିଥିଲେ। ସେ ଗୁରୁତର ଅବସ୍ଥାରେ ଘରେ ପଡ଼ିଥିବା ବେଳେ ତାଙ୍କର ଜଣେ ସମ୍ପର୍କୀୟ ଉଦ୍ଧାର କରି ପ୍ରଥମେ ତିହିଡି ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ☞ପୃଷ୍ଠା-୨

## ପଦ୍ମପୁର ପାଇଁ ବିଧାନସଭା ଖାଁ ଖାଁ

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

ବିଧାନସଭାର ଶୀତକାଳୀନ ଅଧିବେଶନ ଗୁରୁବାରଠାରୁ ଆରମ୍ଭ ହୋଇଛି। ହେଲେ ପ୍ରଥମ ଦିନରେ ବିଧାନସଭା ପରିସର ଖାଁ ଖାଁ ଲାଗୁଥିଲା। ଶାସକ ଦଳର ପ୍ରାୟ ୫୦ ପ୍ରତିଶତ ବିଧାୟକ ଏବଂ ଅଧିକାଂଶ ମନ୍ତ୍ରୀଙ୍କର ଦେଖା ନ ଥିଲା। ପଦ୍ମପୁର ଉପନିର୍ବାଚନ ପାଇଁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଅଧିକାଂଶ ବିଧାୟକ ଓ ମନ୍ତ୍ରୀ ପଦ୍ମପୁର ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଥିବା କୁହାଯାଉଛି। ସଂସଦୀୟ ବ୍ୟାପାର ତଥା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଅନୁପସ୍ଥିତ ଥିବାରୁ ତାଙ୍କ ସ୍ଥାନରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଅତିରିକ୍ତ ବଜେଟ ଉପସ୍ଥାପନ କରିଥିଲେ। ଗୃହରେ ପଶ୍ଚିମ ଓଡ଼ିଶାର ଅଧିକାଂଶ ମନ୍ତ୍ରୀ ଓ ବିଧାୟକ ଅନୁପସ୍ଥିତ ଥିଲେ। ଏହାକୁ ନେଇ ଶାସକ ଦଳକୁ ବିରୋଧୀ ଘେରିଛନ୍ତି। ନିର୍ବାଚନ ହାରିଯିବା ଭୟରେ ପୂରା ଶାସକ ଦଳ ପଦ୍ମପୁରରେ ଡେରା ପକାଇଛନ୍ତି। ସେମାନେ ବିଧାନସଭାକୁ ଗୁରୁତ୍ୱ ଦେଉନାହାନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

# ୧୬,୮୦୦ କୋଟିର ଅତିରିକ୍ତ ବଜେଟ

## ହକି ବିଶ୍ୱକପ୍ ଓ ରାଜ୍ୟସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପାଇଁ ୫୦୮ କୋଟି

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

### ଅର୍ଥମନ୍ତ୍ରୀଙ୍କ ବିନା ଉପସ୍ଥାପନ ହେଲା

- ଚାଷୀଙ୍କୁ ସବ୍‌ସିଡି ବାବଦରେ ୨୦୦ କୋଟି
- ସ୍ୱାସ୍ଥ୍ୟ କ୍ଷେତ୍ରର ବିଭିନ୍ନ ଯୋଜନା ପାଇଁ ୮୬୭ କୋଟି
- ପଞ୍ଚାୟତିରାଜ ଓ ପାନୀୟ ଜଳ ପାଇଁ ୫୨୩ କୋଟି,
- ଖାଦ୍ୟ ନିରାପତ୍ତା ପାଇଁ ୧୬୫ କୋଟି
- ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ୧,୫୭୬ କୋଟି
- ଜଳସେଚନ ପାଇଁ ୧,୫୫୩ କୋଟି,
- ମହିଳା ଓ ଶିଶୁ ବିକାଶ ଲାଗି ୧୭୨ କୋଟି
- ଜନଜାତି କଲ୍ୟାଣ ନିମନ୍ତେ ୪୩୮ କୋଟି

ରାଜ୍ୟ ସରକାର ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୧୬,୮୦୦ କୋଟି ଟଙ୍କାର ଅତିରିକ୍ତ ବଜେଟ କରିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷର ମୂଳ ବଜେଟ ୨ଲକ୍ଷ କୋଟି ଟଙ୍କା ଥିବାବେଳେ ଅତିରିକ୍ତ ବଜେଟରେ ଏହାର ପ୍ରାୟ ୮.୪% ବ୍ୟୟବରାଦ କରାଯାଇଛି । ଅର୍ଥମନ୍ତ୍ରୀଙ୍କ ବିନା ଗୁରୁବାର ବିଧାନସଭାରେ ଉକ୍ତ ଅତିରିକ୍ତ ବଜେଟ ଉପସ୍ଥାପନ କରାଯାଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପଦ୍ମପୁର ଉପନିର୍ବାଚନରେ ବ୍ୟସ୍ତ ଥିବାରୁ ତାଙ୍କ ସ୍ଥାନରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବିଧାନସଭାରେ ଏହି ଅତିରିକ୍ତ ବଜେଟକୁ ଉପସ୍ଥାପନ କରିଛନ୍ତି, ଯାହାକି ଓଡ଼ିଶା ବିଧାନସଭାରେ ଏକ ନୂଆ ପରମ୍ପରା ସୃଷ୍ଟି କରିଛି । ଏହି ଅତିରିକ୍ତ ବଜେଟରେ କୃଷି, ଜଳସେଚନ, ପାନୀୟ ଜଳ, ଗ୍ରାମୀଣ ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଚାଲୁଥିବା ତଥା ନୂତନ ଯୋଜନା ଏବଂ ପ୍ରକଳ୍ପଗୁଡ଼ିକ ସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଯୋଜନା ବାବଦକୁ ଆବଶ୍ୟକ ଅର୍ଥ ବରାଦ କରାଯାଇଥିବା ପଞ୍ଚାୟତିରାଜ ମନ୍ତ୍ରୀ ସୂଚନା ଦେଇଛନ୍ତି । ଏହି ଅତିରିକ୍ତ ବଜେଟ ସହ ରାଜ୍ୟରେ ମୋଟ ବିତ୍ତୀୟ ନିଅଣ୍ଟ ପରିମାଣ ରାଜ୍ୟ ଘରୋଇ ଉତ୍ପାଦର ୩ ପ୍ରତିଶତ ମଧ୍ୟରେ ଓ ରାଜ୍ୟର ଋଣ ବୋଝ ସର୍ବାଧିକ ୨୫ ପ୍ରତିଶତ ମଧ୍ୟରେ ସୀମିତ ରହିବ ବୋଲି ବଜେଟରେ ଆକଳନ ହୋଇଛି ।

ବଜେଟରେ ପ୍ରଶାସନିକ ବ୍ୟୟ ବାବଦକୁ ୪,୯୩୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୯,୨୦୦ କୋଟି ଟଙ୍କା, ବିପର୍ଯ୍ୟୟ ପରିଚାଳନା ପାଇଁ ୨,୬୧୦ କୋଟି ଏବଂ ସ୍ଥାନୀୟ ନିକାୟ ସଂସ୍ଥାକୁ ପାଣ୍ଠି ହସ୍ତାନ୍ତର ବାବଦକୁ ୫୬ କୋଟି ଟଙ୍କା ଅନ୍ତର୍ଭୁକ୍ତ କରାଯାଇଛି। କାର୍ଯ୍ୟକ୍ରମ ବ୍ୟୟବରାଦରେ ମୋଟ ୯୨୦୦ କୋଟି ଟଙ୍କା ମଧ୍ୟରୁ ୭୧୩୪ କୋଟି ଟଙ୍କାକୁ ଅତିରିକ୍ତ ରାଜସ୍ୱ ତଥା ବିଭିନ୍ନ ବିଭାଗର ଅର୍ଥ ସମର୍ପଣରୁ ଭରଣା କରାଯିବ ଏବଂ ବାକି ୨୦୬୬ କୋଟି ଟଙ୍କା ସହବନ୍ଧିତ ସମ୍ବଳ ସୂତ୍ରରୁ ମିଳିବ । ୯୨୦୦ କୋଟି ଟଙ୍କାର କାର୍ଯ୍ୟକ୍ରମ ବ୍ୟୟବରାଦ ମଧ୍ୟରୁ ରାଜ୍ୟସ୍ତରୀୟ ଯୋଜନା ବାବଦକୁ ୬,୧୬୭ କୋଟି ଟଙ୍କା, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ବାବଦକୁ ୨,୮୯୧ କୋଟି ଏବଂ କେନ୍ଦ୍ରୀୟ ଯୋଜନା ପାଇଁ ୧୪୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରର ବିଭିନ୍ନ ଯୋଜନା ପାଇଁ ୮୬୭ କୋଟି ଟଙ୍କା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପାଇଁ ୫୨୩ କୋଟି, ଖାଦ୍ୟ ନିରାପତ୍ତା ପାଇଁ ୧୬୫ କୋଟି, ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ☞ପୃଷ୍ଠା-୨

# ୧୦୦ ମହଲା ହାଇପରଟାୱାର

## ଦୁବାଇରେ ନିର୍ମାଣାଧୀନ ବିଶ୍ୱର ସବୁଠୁ ଉଚ୍ଚତମ ଆବାସିକ କୋଠା

**ଦୁବାଇ,୨୪।୧୧**

ଦୁବାଇରେ ନିର୍ମାଣାଧୀନ ୧୦୦ ମହଲା ବିଶିଷ୍ଟ ଏକ ନଭଶ୍ଚୁମ୍ବୀ ଟାୱାର ବିଶ୍ୱର ସବୁଠୁ ଉଚ୍ଚତମ ଆବାସିକ କୋଠାର ମାନ୍ୟତା ପାଇବାକୁ ଯାଉଛି। ବୁର୍ଜ ବିନ୍‌ଘାଟି ଜାକୋବ ଆଣ୍ଡ୍ କୋ ରେସିଡେନ୍ସେସ୍ ନାମରେ ପରିଚିତ ଏହି ବିଲ୍ଡିଂକୁ ଏମିରାଟି ପ୍ରପର୍ଟି ଡେଭେଲପମେଣ୍ଟ କମ୍ପାନୀ ବିନ୍‌ଘାଟି ଏବଂ ୱାଚ୍‌ମେକର ଜାକୋବ ଆଣ୍ଡ୍ କୋ ପକ୍ଷରୁ ନିର୍ମାଣ କରାଯାଉଛି। ଉଭୟ କମ୍ପାନୀ ଏହାର ଡିଜାଇନ୍ ଓ ଢାଞ୍ଚା ଅନାବରଣ କରି ଏକ ମିଳିତ ବିବୃତି ଜାରି କରିଛନ୍ତି। ବିଶ୍ୱର ସର୍ବବୃହତ୍ ଆବାସିକ ବିଲ୍ଡିଂ ପ୍ରତିଷ୍ଠା କ୍ଷେତ୍ରରେ ରେକର୍ଡ କରିବା ଲକ୍ଷ୍ୟରେ ୧୦୦ ମହଲା ବିଶିଷ୍ଟ କୋଠା ନିର୍ମାଣ କରାଯାଉଥିବା ଏଥିରେ କୁହାଯାଇଛି।




ଆମେରିକାର ମନ୍‌ହଟନସ୍ଥିତ ୫୭ତମ ଷ୍ଟ୍ରିଟ୍‌ରେ ଥିବା ୮୯ ମହଲା ବିଶିଷ୍ଟ ସେଣ୍ଟ୍ରାଲ ପାର୍କ ଟାୱାରକୁ ସର୍ବବୃହତ୍ ଆବାସିକ ଟାୱାର ମାନ୍ୟତା ମିଳିଛି। ଏହାର ଉଚ୍ଚତା ୪୭୨ ମିଟର। ଦୁବାଇର ଆର୍ଥିକ ରାଜଧାନୀ ବିଜ୍‌ନେସ୍ ବେ କେନ୍ଦ୍ରସ୍ଥଳରେ ନିର୍ମିତ ହେବାକୁ ଥିବା ହାଇପରଟାୱାରର ଅନ୍ୟତମ ଆକର୍ଷଣ ସାଜିବ ହୀରାଖଚିତ ମିନାର। ଏହାବ୍ୟତୀତ ଉକ୍ତ ଟାୱାରରେ ଲା କାର୍ଟେ ସର୍ଭିସ୍, ବଡିଗାର୍ଡ, ପ୍ରାଇଭେଟ୍ ଶେଫ୍‌ଙ୍କ ସମେତ ଏକ୍ସକ୍ଲୁସିଭ୍ ପ୍ରାଇଭେଟ୍ କ୍ଲବ୍ ଭଳି ଅତ୍ୟାଧୁନିକ ସୁବିଧା ରହିବ। ତେବେ ଏହାର ଓପିନିଂ ଡେଟ୍ ନେଇ କିଛି ଘୋଷଣା କରାଯାଇନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈକି ଗଡ଼ିଲି, ଚାଉଳ ଧୋଇଲି**
**ମାଡ଼ିଲି ମୁଣ୍ଡା ଗାଗର**
**ବୋଉକୁ କହିବୁ, କାନ୍ଦିବ ନାହିଁଲୋ**
**ଜୋଇଁ ତ ଗୁଣ ସାଗର।**

ଜୋଇଁ ଯଦି ଭଲ ଗୁଣର ହୋଇଥାଏ ତା'ହେଲେ ଯେତେ କଷଣ ପଡିଲେ ମଧ୍ୟ ଝିଅ ସେସବୁ ସହ୍ୟ କରିନେଇଥାଏ। ଶାଶୁଘରେ ପାଇଟି କରୁଥିବା ଝିଅ ନିଜ ଦୁଃଖ ଦୁର୍ଦ୍ଦଶାକୁ ନେଇ ମନ ଊଣା ନ କରିବା ପାଇଁ ନିଜ ମା'କୁ ପ୍ରବୋଧନା ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନଉନୁଆଣି କଦଳିଫେଣି**
**ମୋ ନଣନ୍ଦର ଓଷା**
**ଟାକୁଆ ଗାଲକୁ ବନ ହଳଦୀ**
**ଖୋସି ଦେଉଥାଇ ଖୋଷା।**

ସୌନ୍ଦର୍ଯ୍ୟକୁ ନେଇ ନାରୀଙ୍କ ମନରେ ବିଶେଷ ଆଗ୍ରହ ବା ରୁଚି ରହିଥାଏ। ସଜେଇ ହୋଇ ଅନ୍ୟ ଆଗରେ ନିଜକୁ ଦେଖେଇହେବାରେ ସେମାନେ ଖୁସି ଆନନ୍ଦ ପାଇଥାନ୍ତି। ଏପରିସ୍ଥଳେ ଗାଉଁଲି ଝିଅର ଫେଶନ ହେବାର ଢଙ୍ଗ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବିଧାନସଭାରେ ଅର୍ଚ୍ଚନା ଝଡ଼

- ସରକାରଙ୍କୁ ଘେରିଲେ ବିରୋଧୀ
- ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ
- ହଟ୍ଟଗୋଳ, ଗୃହ ମୁଲତବୀ

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)

ବିଧାନସଭାର ଶୀତ ଅଧିବେଶନ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମାର୍ଦ୍ଧ ସ୍ୱର୍ଗତ ସଦସ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୃହକୁ ଅପରାହ୍ନ ୫ଟା ଯାଏ ବାଚସ୍ପତି ବିକ୍ରମ କେଶରୀ ଆରୁଖ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ଅତିରିକ୍ତ ବଜେଟ ଉପସ୍ଥାପନ ହେବା ପୂର୍ବରୁ ବିରୋଧୀ ଗୃହକୁ ନିଜ କବ୍ଜାକୁ ନେଇ ଯାଇଥିଲେ। ଅର୍ଚ୍ଚନା ନାଗ ମାମଲାକୁ ନେଇ ବିରୋଧୀ ସରକାରଙ୍କୁ ଶଣ୍ଢୁଆସି ଆକ୍ରମଣ କରିଥିଲେ। ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଅର୍ଚ୍ଚନା ନାଗ ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ, ଅର୍ଚ୍ଚନା ନାଗ କେଳେଙ୍କାରିରେ ସରକାରୀ ଦଳର ମନ୍ତ୍ରୀ, ବିଧାୟକ ଏବଂ ସରକାରୀ ଅଫିସର ସମ୍ପୃକ୍ତ ଅଛନ୍ତି। ଏହି ଘଟଣାରେ ଓଡ଼ିଶାବାସୀ ଲଜ୍ଜିତ। ମୁଖ୍ୟମନ୍ତ୍ରୀ ଏ ନେଇ ପାଟି ଖୋଲୁନାହାନ୍ତି। କଂଗ୍ରେସ ଦଳ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛି ବୋଲି କହିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ମଧ୍ୟ ନରସିଂହ ମିଶ୍ର ଉଠାଇଥିବା ପ୍ରସଙ୍ଗକୁ ସମର୍ଥନ କରି କହିଥିଲେ ଯେ ଅର୍ଚ୍ଚନା ନାଗ କେସ୍‌ରେ ବହୁ ରାଜନେତା ସମ୍ପୃକ୍ତ ଅଛନ୍ତି। ସରକାରୀ ଦଳର ମନ୍ତ୍ରୀ, ବିଧାୟକ, ଆଇଏଏସ୍, ଆଇପିଏସ୍ ଭଳି ବଡ଼ ବଡ଼ ଅଫିସର ଓ ବ୍ୟବସାୟୀ ସମ୍ପୃକ୍ତ ଅଛନ୍ତି। ଦୋଷୀଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଗତ ମାସେ ହେବ ମୁଖ୍ୟମନ୍ତ୍ରୀ ମୁହଁ ଖୋଲୁନାହାନ୍ତି। ଏ ବିଷୟରେ ରାଜ୍ୟ ସରକାର ବିବୃତି ଦେବା କଥା। ଏହାଛଡ଼ା ପୁରୀ ଜିଲା ଗୋପ ବ୍ଲକ ଜିଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁ କିଭଳି ଆତ୍ମହତ୍ୟା କଲେ। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା କଥା। ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ। ଏହି ଘଟଣାର ତଦନ୍ତ କରିବାକୁ ବାଚସ୍ପତି ରୁଲିଂ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଏହା ପରେ ବାଚସ୍ପତି ଅତିରିକ୍ତ ବଜେଟ ଉପସ୍ଥାପନ କରିବାକୁ କହିବା ମାତ୍ରେ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କଲେ। ପାଟିତୁଣ୍ଡ ମଧ୍ୟରେ ବାଚସ୍ପତି ୨୦୨୨-୨୩ ଆର୍ଥିକ ବର୍ଷର ଅତିରିକ୍ତ ବଜେଟ ଉପସ୍ଥାପନ କରିବାକୁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ କହିଥିଲେ। ହଟ୍ଟଗୋଳ ମଧ୍ୟରେ ଅମାତ ଅତିରିକ୍ତ ବଜେଟକୁ ଗୃହରେ ଉପସ୍ଥାପନ କରିଥିଲେ। ବଜେଟ ଉପସ୍ଥାପନ ପରେ ବାଚସ୍ପତି ଗୃହକୁ ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ।

# ଦେଶରେ ଓଡ଼ିଶାର ସ୍ଥିତିକୁ ଅଧିକ ମଜଭୁତ କରିବ: ମୁଖ୍ୟମନ୍ତ୍ରୀ

### ହାପିଏଷ୍ଟ ମାଇଣ୍ଡସ୍ ଗ୍ଲୋବାଲ ଆଇଟି ଡେଭେଲପମେଣ୍ଟ ସେଣ୍ଟର ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)

ଭୁବନେଶ୍ୱରର ଫର୍ଚ୍ୟୁନ ଟାୱାରରେ ହାପିଏଷ୍ଟ ମାଇଣ୍ଡସ ଗ୍ଲୋବାଲ ଆଇଟି ଡେଭେଲପମେଣ୍ଟ ସେଣ୍ଟରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏହି ନୂତନ କେନ୍ଦ୍ର ଭାରତର ପ୍ରଯୁକ୍ତି ଉତ୍ସ କେନ୍ଦ୍ର ଭାବେ ଓଡ଼ିଶାର ସ୍ଥିତିକୁ ଆଧିକ ମଜଭୁତ କରିବ। ଭାରତ ଏବଂ ଦେଶ ବାହାରେ ଥିବା ଗ୍ରାହକଙ୍କ ସେବା ପାଇଁ ଉଦ୍ଦିଷ୍ଟ ଏହି ଇନୋଭେଶନ ସେଣ୍ଟରରେ ହଜାରେରୁ ଅଧିକ କର୍ମଚାରୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ବ୍ୟତୀତ ଆଗାମୀ ଦିନରେ ଓଡ଼ିଶାର ପ୍ରତିଭାବାନ୍ ଇଞ୍ଜିନିୟରଙ୍କ ଲାଗି ଅନେକ ସମ୍ଭାବନା ସୃଷ୍ଟି ହୋଇପାରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଗତ କିଛିବର୍ଷ ଧରି ଆଇଟି କ୍ଷେତ୍ରରେ ଅନେକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ନିଆଯାଉଛି। ସୂଚନା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଓଡ଼ିଶା ନିବେଶକଙ୍କ ପ୍ରଥମ ପସନ୍ଦ ହେବା ସହିତ ଆଇଟି କ୍ଷେତ୍ରରେ ରାଜ୍ୟ ଅଭିବୃଦ୍ଧିର ହାର ତ୍ୱରାନ୍ୱିତ ହୋଇପାରିଛି। ଓଡ଼ିଶା ବର୍ତ୍ତମାନ ଦ୍ରୁତଗତିରେ ଭାରତର ପ୍ରଯୁକ୍ତି ବିଜ୍ଞାନ ଉତ୍ସ କେନ୍ଦ୍ର ଭାବେ ପରିଗଣିତ ହୋଇଛି। ଯୁବପିଢ଼ିଙ୍କ ପାଇଁ ଅନେକ ନିଯୁକ୍ତି ସୃଷ୍ଟିରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ଭୁବନେଶ୍ୱରଠାରେ ଉପଲବ୍ଧ ଆଇଟି ଅନୁକୂଳ ଇକୋସିଷ୍ଟମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଅନେକ ଆଇଟି କମ୍ପାନୀ ଏଠାରେ ନିବେଶ କରିବା ପାଇଁ ଆଗ୍ରହୀ। ଓଡ଼ିଶାର ଅନୁକୂଳ ପରିବେଶ, ସରକାରୀ ସହାୟତା ଏବଂ ବିପୁଳ ମେଧା ନିବେଶକଙ୍କୁ ଅଧିକ ଆକୃଷ୍ଟ କରିଛି। ହାପିଏଷ୍ଟ ମାଇଣ୍ଡସ ଗ୍ଲୋବାଲ ଆଇଟି ଡେଭେଲପମେଣ୍ଟ ସେଣ୍ଟର ଖୋଲିବା ଦ୍ୱାରା ଆଇଟି କ୍ଷେତ୍ରରେ ଆଉ ଏକ ସ୍ୱତନ୍ତ୍ର ଅଧ୍ୟାୟ ଯୋଡ଼ିହୋଇଛି। ଏହା ରାଜ୍ୟର ସକ୍ରିୟ ଆଇଟି ଇକୋସିଷ୍ଟମର ସୂଚନା ଦେଉଛି ବୋଲି ସେ କହିଛନ୍ତି। ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ସଚିବ ମନୋଜ କୁମାର ମିଶ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ଅଭିବୃଦ୍ଧି ସହିତ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ମଧ୍ୟ ଏକ ଅନୁକୂଳ ପରିବେଶ ଯୋଗାଇବାକୁ ପ୍ରତିବଦ୍ଧ। ଓଡ଼ିଶାର ପରିବର୍ତ୍ତନଶୀଳ ଦୃଶ୍ୟପଟରେ ଭାଗୀଦାର ହେବାକୁ ନିଷ୍ପତ୍ତି ନେଇଥିବାରୁ ଉକ୍ତ ସେଣ୍ଟରକୁ ସେ ଧନ୍ୟବାଦ ଅର୍ପଣ କରିଛନ୍ତି। ହାପିଏଷ୍ଟ ମାଇଣ୍ଡସ ଟେକ୍ନୋଲୋଜିର ଅଧକ୍ଷ ଅଶୋକ ସୋଟ୍ଟା ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ଉକ୍ତ କେନ୍ଦ୍ର ପ୍ରତିଷ୍ଠାରେ ସହାୟତା କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି।

# ନିର୍ଦ୍ଧାରିତ ସମୟରେ ସବୁ କାମ ଶେଷ କର

### ମାସିକ ସମୀକ୍ଷା ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ସମସ୍ତ ଯୋଜନା ଓ ପ୍ରକଳ୍ପଗୁଡ଼ିକ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା ପାଇଁ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ପୂର୍ବାହ୍ନରେ ଲୋକସେବା ଭବନସ୍ଥ ଗ୍ରାମ୍ୟ ଉନ୍ନୟନ ବିଭାଗର ସମ୍ମିଳନୀ କକ୍ଷରେ ଆଭାସି ମାଧ୍ୟମରେ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ବିଜୁ ସେତୁ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, କୋଠାବାଡ଼ି, ଜିଲା ଖଣିଜ ପାଣ୍ଠି, ଓମ୍‌ବାଡ୍‌ସି ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଯୋଜନା ସହ ମୁଖ୍ୟମନ୍ତ୍ରୀଙ୍କ ମୋ ସରକାର ଏବଂ ମୁଖ୍ୟମନ୍ତ୍ରୀ ଜନଶୁଣାଣିର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ରାଜ୍ୟର ସମସ୍ତ ୬୦ ଡିଭିଜନ ଏବଂ ୧୩ଟି ସର୍କଲ ଇଞ୍ଜିନିୟରିଂ ସଂସ୍ଥାର ମୁଖ୍ୟଯନ୍ତ୍ରୀ ଏବଂ ସର୍ବୋଚ୍ଚ ଯନ୍ତ୍ରୀମାନଙ୍କୁ ନେଇ ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରମୁଖ ଶାସନ ସଚିବ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମାପନ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଇଞ୍ଜିନିୟରମାନଙ୍କୁ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଦ୍ୱାରା ବୈଷୟିକ ଜ୍ଞାନକୌଶଳ ସମ୍ପର୍କିତ ଏକ ଭିଡିଓ ପ୍ରଦର୍ଶନ ସହ ଆଲୋଚନା କରାଯାଇଛି।

### ୨୦୨୨-୨୩ ବଜେଟ୍ ଅଟକଳ ଓ ଅତିରିକ୍ତ ବଜେଟ୍‌ରେ ବିଭାଗୱାରୀ ନିଟ୍ ବ୍ୟୟ ବରାଦ

(କୋଟି ଟଙ୍କା ହିସାବରେ)

| ଦାବି ନଂ. | ବିଭାଗ | ଅତିରିକ୍ତ ବ୍ୟୟ ବରାଦ |
|---|---|---|
| ୧. | ସ୍ୱରାଷ୍ଟ୍ର ବିଭାଗ | ୩୦୫.୦୬ |
| ୨. | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ | ୪୮.୨୮ |
| ୩. | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | ୨୯.୫୨ |
| ୪. | ଆଇନ ବିଭାଗ | ୯୧.୦୬ |
| ୫. | ଅର୍ଥ ବିଭାଗ | ୪୨୫୩.୬୦ |
| ୬. | ବାଣିଜ୍ୟ ବିଭାଗ | ୨.୭୬ |
| ୭. | ନିର୍ମାଣ ବିଭାଗ | ୧୩୪.୬୯ |
| ୮. | ଓଡ଼ିଶା ବିଧାନ ସଭା | ୧.୧୨ |
| ୯. | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | ୧୬୮.୦୮ |
| ୧୦. | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ୯୨୧.୮୧ |
| ୧୧. | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ | ୫୨୮.୩୬ |
| ୧୨. | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | ୧୧୦୧.୫୧ |
| ୧୩. | ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ | ୭୮୨.୦୪ |
| ୧୪. | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | ୧୭.୦୬ |
| ୧୫. | କ୍ରୀଡ଼ା ଓ ଯୁବସେବା ବିଭାଗ | ୫୧୫.୧୩ |
| ୧୬. | ଯୋଜନା ଓ ସଂଯୋଜନ ବିଭାଗ | ୦.୭୮ |
| ୧୭. | ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ | ୮୫୪.୯୫ |
| ୧୮. | ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ | ୦.୦୦ |
| ୧୯. | ଶିଳ୍ପ ବିଭାଗ | ୬୦୨.୭୬ |
| ୨୦. | ଜଳ ସମ୍ପଦ ବିଭାଗ | ୧୫୯୫.୫୬ |
| ୨୧. | ପରିବହନ ବିଭାଗ | ୨୫୩.୦୦ |
| ୨୨. | ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ | ୨୫୯.୨୪ |
| ୨୩. | କୃଷି ଓ କୃଷକ ସଶକ୍ତିକରଣ ବିଭାଗ | ୧୪୩.୬୫ |
| ୨୪. | ଇସ୍ପାତ ଓ ଖଣି ବିଭାଗ | ୦.୩୭ |
| ୨୫. | ସୂଚନା ଓ ଲୋକ ସମ୍ପର୍କ ବିଭାଗ | ୧୨.୬୧ |
| ୨୬. | ଅବକାରୀ ବିଭାଗ | ୫.୫୯ |
| ୨୭. | ବିଜ୍ଞାନ ଓ ବୈଷୟିକ ବିଭାଗ | ୨.୬୯ |
| ୨୮. | ଗ୍ରାମ୍ୟ ଉନ୍ନୟନ ବିଭାଗ | ୫୫୨.୨୬ |
| ୨୯. | ସଂସଦୀୟ ବ୍ୟାପାର ବିଭାଗ | ୬.୬୯ |
| ୩୦. | ଶକ୍ତି ବିଭାଗ | ୪୫.୨୩ |
| ୩୧. | ହସ୍ତତନ୍ତ, ବୟନଶିଳ୍ପ ଓ ବିଭାଗ | ୧୨୧.୨୫ |
| ୩୨. | ପର୍ଯ୍ୟଟନ ବିଭାଗ | ୯୯.୫୫ |
| ୩୩. | ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ | ୧୪.୮୨ |
| ୩୪. | ସମବାୟ ବିଭାଗ | ୧୩.୦୪ |
| ୩୫. | ସରକାରୀ ଉଦ୍ୟୋଗ ବିଭାଗ | ୦.୦୦ |
| ୩୬. | ମହିଳା ଓ ଶିଶୁ ବିକାଶ ବିଭାଗ | ୧୭୫.୪୬ |
| ୩୭. | ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ | ୮୭.୮୮ |
| ୩୮. | ଉଚ୍ଚ ଶିକ୍ଷା ବିଭାଗ | ୩୧୯.୫୧ |
| ୩୯. | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | ୬୨.୭୮ |
| ୪୦. | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | ୦.୫୧ |
| ୪୧. | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ | ୪.୩୬ |
| ୪୨. | ବିପର୍ଯ୍ୟୟ ପରିଚାଳନା | ୨୬୩୫.୪୬ |
| ୪୩. | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ | ୨୯.୯୪ |
| ୪୪. | ମିଶନ ଶକ୍ତି ବିଭାଗ | ୦.୦୦ |
| ସର୍ବମୋଟ | | ୧୬୮୦୦.୦୦ |

## ପ୍ରଥମ ପୃଷ୍ଠାରୁ...

### ୧୬,୮୦୦ କୋଟିର ...

୧,୫୭୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଗ୍ରାମୀଣ ସଂଯୋଗୀକରଣ ପାଇଁ ୫୫୨ କୋଟି, ଜଳସେଚନ ବିଭାଗ ପାଇଁ ୧,୫୫୩ କୋଟି, ମହିଳା ଓ ଶିଶୁ ବିକାଶ ବିଭାଗକୁ ୧୭୨ କୋଟି, ଆଦିବାସୀ ଜନଜାତି କଲ୍ୟାଣ ନିମନ୍ତେ ୪୩୮ କୋଟି ଏବଂ ହକି ବିଶ୍ୱକପ୍ ଓ ରାଜ୍ୟସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ୫୦୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଅତିରିକ୍ତ ପ୍ରଶାସନିକ ବ୍ୟୟ ବାବଦରେ ୪,୯୩୪ କୋଟି ଟଙ୍କାରେ ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କର ଦରମା, ବିଚାର ବିଭାଗ ଅଧିକାରୀମାନଙ୍କ ପାଇଁ ସପ୍ତମ ବେତନ କମିଶନ ଏବଂ ବକେୟା ଓ ବଜେଟ ଷ୍ଟାବିଲାଇଜେଶନ ଫଣ୍ଡ ପାଇଁ ୩,୭୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିସହିତ ପଞ୍ଚାୟତିରାଜ ସଂସ୍ଥା ଦ୍ୱାରା ସ୍କୁଲ ଓ ପ୍ରାଥମିକ ସ୍ୱାସ୍ଥ୍ୟ ସେବା କେନ୍ଦ୍ରର ରକ୍ଷଣାବେକ୍ଷଣ ପାଇଁ ୧୭୩ କୋଟି, ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡକୁ ୧୨ କୋଟି, ଓପିଏସ୍‌ସି ଏବଂ ଷ୍ଟାଫ୍ ସିଲେକ୍ସନ କମିଶନକୁ ପରୀକ୍ଷା ପରିଚାଳନା ପାଇଁ ୧୯ କୋଟି, ଏସ୍‌ଟି ଏବଂ ଏସ୍‌ସି ହଷ୍ଟେଲ ଅନ୍ତେବାସୀଙ୍କ ଚିକିତ୍ସା ପାଇଁ ୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଭେଷଜ ଚିକିତ୍ସା, ତାଲିମ ଏବଂ ଅନୁସନ୍ଧାନ ନିମନ୍ତେ ୫୨କୋଟି, ଓଡ଼ିଶା ଉଠାଜଳସେଚନ ନିଗମକୁ ଅନୁଦାନ ନିମନ୍ତେ ୩୪ କୋଟି ଏବଂ ଉଚ୍ଚଶିକ୍ଷା ଅଧୀନରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ୫୩ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆ କଲ୍ୟାଣ ପାଇଁ ମୋଟ ୪୩୮ କୋଟି

**ଅତିରିକ୍ତ ବଜେଟ ବ୍ୟୟବରାଦ(କୋଟିରେ)**
**ପ୍ରଶାସନିକ ବ୍ୟୟ ୪,୯୩୪**
**କାର୍ଯ୍ୟକ୍ରମ ବ୍ୟୟ ୯,୨୦୦**
**ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ୨,୬୧୦.୪୬**
**ରାଜ୍ୟ ବଜେଟରୁ ସ୍ଥାନାନ୍ତର ୫୫.୫୪**
**ମୋଟ-୧୬,୮୦୦ କୋଟି**

ବ୍ୟୟବରାଦ କରାଯାଇଛି। ବଜେଟରେ ଶିକ୍ଷା, କ୍ରୀଡ଼ା ଓ ଦକ୍ଷତା ବିକାଶ ପାଇଁ ୨,୦୮୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିରେ ମଧ୍ୟାହ୍ନଭୋଜନକୁ ରାଜ୍ୟ ସହାୟତା ବାବଦରେ ୩୯ କୋଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୩୦୧ କୋଟି, ମୋ ସ୍କୁଲ ଅଭିଯାନ ପାଇଁ ୩୦୬ କୋଟି, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଭିତ୍ତିଭୂମି ବିକାଶ ପାଇଁ ୫୦ କୋଟି, ବେସରକାରୀ କଲେଜଗୁଡ଼ିକୁ ଅନୁଦାନ ପାଇଁ ୧୩୫ କୋଟି, ଉଚ୍ଚଶିକ୍ଷା ବୃତ୍ତି ପାଇଁ ୨୬ କୋଟି, କ୍ରୀଡ଼ା ଭିତ୍ତିଭୂମି ବିକାଶ ଓ ପରିଚାଳନା ପାଇଁ ୫୦୮ କୋଟି ଏବଂ ଓଡ଼ିଶା ରାଜ୍ୟ ସ୍ୱୟଂନିଯୁକ୍ତି ମିଶନ ପାଇଁ ୨୫ କୋଟି ବ୍ୟୟବରାଦ କରାଯାଇଛି। ପାନୀୟ ଜଳ ଓ ଗ୍ରାମ୍ୟ ଭିତ୍ତିଭୂମି ବିକାଶ ପାଇଁ ୫୫୨ କୋଟି ବ୍ୟୟବରାଦ କରାଯାଇଛି। ସ୍ମାର୍ଟ ସିଟି ପାଇଁ ୨୯୬ କୋଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ୩୩ କୋଟି ବ୍ୟୟବରାଦ କରାଯାଇଛି। ଶକ୍ତି, ସୂଚନା ପ୍ରଯୁକ୍ତି, ବାଣିଜ୍ୟ, ପରିବହନ ଏବଂ ଅନୁସନ୍ଧାନ ଓ ବିକାଶ ପାଇଁ ୩୮୮ କୋଟି, ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ପାଇଁ ୧୨୮ କୋଟି ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିବା ୨୦୦କୋଟି ଟଙ୍କାର ଇନ୍‌ପୁଟ ସବ୍‌ସିଡି ବାବଦ ଅର୍ଥର ବ୍ୟବସ୍ଥା ଏହି ଅତିରିକ୍ତ ବଜେଟରେ କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପାଇଁ ୫୫୦କୋଟି ଟଙ୍କା, ପର୍ଯ୍ୟଟନର ପ୍ରଚାର ପ୍ରସାର ଓ ପର୍ଯ୍ୟଟକଙ୍କ ସୂଚନା ପାଇଁ ୯୯କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ଟଙ୍କିକିଆ ଚାଉଳ ବାବଦରେ ୧୬୪ କୋଟି ଟଙ୍କା, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାରେ ୯୧କୋଟି, ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ଅନୁଦାନ ପାଇଁ ୫୩ କୋଟି, ସ୍କୁଲ ଓ ପ୍ରାଥମିକ ସ୍ୱାସ୍ଥ୍ୟସେବା କେନ୍ଦ୍ରର ରକ୍ଷଣାବେକ୍ଷଣ ପାଇଁ ୧୭୩ କୋଟି, ପରୀକ୍ଷା ପରିଚାଳନା ପାଇଁ ଓଡ଼ିଶା ଲୋକସେବା ଆୟୋଗ ଓ ଷ୍ଟାଫ୍ ସିଲେକ୍ସନ ଆୟୋଗ ଲାଗି ୧୯କୋଟି, ମାଧ୍ୟମିକ ଶିକ୍ଷା ବୋର୍ଡକୁ ୧୨କୋଟି ଅନୁଦାନ, ମେଡିକାଲ ଶିକ୍ଷା, ଗବେଷଣା ଓ ତାଲିମ ପାଇଁ ୫୨କୋଟି ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ପାଇଁ ୬୩୮କୋଟି, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ପାଇଁ ୫୧କୋଟି, ମିଶନ ଶକ୍ତିର ସମ୍ବଳ କାର୍ଯ୍ୟକ୍ରମ ପାଇଁ ୩୩କୋଟି, ଅଙ୍ଗନୱାଡି ଓ ପୋଷଣ-୨.୦ ପାଇଁ ୨୭କୋଟି, ଆଇସିଡିଏସ୍ ଯୋଜନାରେ ଅଙ୍ଗନୱାଡି କର୍ମୀ ଓ ସହାୟକଙ୍କ ଭତ୍ତା ଏବଂ ଅଙ୍ଗନୱାଡି କେନ୍ଦ୍ରକୁ ନୂଆ ଗ୍ୟାସ୍ ସଂଯୋଗ ପାଇଁ ୬୦କୋଟି, ଆଶୀର୍ବାଦ ଯୋଜନା ପାଇଁ ୧୦କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗ ବିଭାଗ ପାଇଁ ମୋଟ ୪୩୮କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସହରୀ ପରିମଳ ପାଇଁ ୩୩୭ କୋଟି, ସ୍ମାର୍ଟସିଟି ଯୋଜନାରେ ୨୯୬ କୋଟି, ଛୋଟ ବନ୍ଦର ବିକାଶ ପାଇଁ ୨କୋଟି, ବସ୍ ଟର୍ମିନାଲ ବିକାଶ ପାଇଁ ୧୮୮କୋଟି ଟଙ୍କା ବ୍ୟୟବରାଦ ହୋଇଛି।

ତେବେ ୨୦୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ରାଜ୍ୟର ରାଜସ୍ୱ ଆଦାୟ ଗତ ବର୍ଷ ତୁଳନାରେ ୧୩% ଅଭିବୃଦ୍ଧି ହୋଇଛି। ସେହିପରି ପ୍ରଥମ ୬ ମାସ ମଧ୍ୟରେ ରାଜ୍ୟର ସାମଗ୍ରିକ ବ୍ୟୟ ଗତ ବର୍ଷ ତୁଳନାରେ ୮% ଅଧିକ ହୋଇଛି। ସେପ୍ଟେମ୍ବର ପର୍ଯ୍ୟନ୍ତ ରାଜ୍ୟର ଋଣ ଭାର ସାମଗ୍ରିକ ଘରୋଇ ଉତ୍ପାଦର ୧୨% ରହିଛି। ସୁଧ ଦେୟ ଓ ରାଜସ୍ୱ ଆୟ ଅନୁପାତ ୨.୮ ପ୍ରତିଶତ ରହିଛି। ଏହି ଅତିରିକ୍ତ ବ୍ୟୟବରାଦ ସତ୍ତ୍ୱେ ରାଜସ୍ୱ ବଳକା ସ୍ଥିତି ବଜାୟ ରହିବ। ପୁଞ୍ଜି ଖର୍ଚ୍ଚକୁ ଜିଏସ୍‌ଡିପିର ୫% ସ୍ତରରେ ବଜାୟ ରଖିବାକୁ ବଜେଟରେ ଆକଳନ କରାଯାଇଛି।

### ଟା' ଖଟିରୁ ...

ମାଧ୍ୟମ ହୋଇଛନ୍ତି ବୋଲି କହିଛନ୍ତି। ଯୁବ ଲେଖକ ତଥା ଗବେଷକ ସାଗର ପ୍ରଧାନ ସ୍ମାର୍ଟ ସିଟି ବଦଳରେ ଗ୍ରୀନ୍ ସିଟି ଉପରେ ଗୁରୁତ୍ୱ ଦେବା ପାଇଁ କହିଥିଲେ। ମଧ୍ୟପ୍ରଦେଶର ଯୁବ ପରିବେଶବିତ୍ ଆୟାଦି ମିଶ୍ରା ଯୋଗଦେଇ ନିଜ ଅଭିଜ୍ଞତା ସମ୍ପର୍କରେ ଆଲୋକପାତ କରିଥିଲେ। ବନ୍ୟପ୍ରାଣୀ ବିଶେଷଜ୍ଞ ପ୍ରକାଶ ମର୍ଦ୍ଦରାଜ କହିଥିଲେ, ଜଳବାୟୁ ପରିବର୍ତ୍ତନ ପ୍ରଭାବ ମନୁଷ୍ୟ ଅପେକ୍ଷା ବନ୍ୟଜନ୍ତୁଙ୍କ ଉପରେ ଅଧିକ ପଡ଼ିଛି। ମନୁଷ୍ୟ ତା'ର ଆବଶ୍ୟକତା ପୂରଣ କରିବା ପାଇଁ ଜଙ୍ଗଲ ନଷ୍ଟ କରିବାରେ ଲାଗିଛି। ଫଳରେ ବନ୍ୟଜନ୍ତୁଙ୍କ ବାସସ୍ଥାନରେ ସମସ୍ୟା ହେଉଛି ଏବଂ ମନୁଷ୍ୟ-ଜୀବଜନ୍ତୁ ଲଢ଼େଇ ବଢୁଛି। ତେଣୁ ଜଙ୍ଗଲକୁ ନଷ୍ଟ ନ କରି ସୀମିତ ଉତ୍ପାଦନ ସଂଗ୍ରହ କରାଯିବା ଦରକାର ବୋଲି ପ୍ରକାଶ କହିଥିଲେ। ସମ୍ମିଳନୀରେ ପ୍ରଥମ ଅଧିବେଶନକୁ ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର ଏବଂ ଦ୍ୱିତୀୟ ଅଧିବେଶନକୁ ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର ପରିଚାଳନା କରିଥିଲେ। ତୃତୀୟ ଅଧିବେଶନରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଯୁବବକ୍ତାମାନେ ନିଜ ଜୀବନରେ ଜଳବାୟୁ ପରିବର୍ତ୍ତନ ପ୍ରଭାବର ଅନୁଭୂତି ବାଣ୍ଟିଥିଲେ। ବେଙ୍ଗାଲୁରୁ ଆସିଥିବା ସଙ୍ଗୀତଜ୍ଞ ବାସୁ ଦୀକ୍ଷିତ୍ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଜଳବାୟୁ ସମ୍ପର୍କିତ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଶୋଭନା ମିଶ୍ର ସମ୍ମିଳନୀରେ ସଂଯୋଜନା କରିଥିଲେ।

### ବାପାଙ୍କୁ ପିଟି ...

ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଭୋର ୪ଟାରେ ମୃତ୍ୟୁ ଘଟିଥିଲା। ଘଟଣାରେ ପୋଲିସ କେସ୍ ନଂ. ୧୯୬/୨୨ରେ ମାଲା ରୁଜୁ କରି ସାନପୁଅ ସନିଆଙ୍କୁ ଅଟକ ରଖି ତଦନ୍ତ କରୁଛି। ଅନ୍ୟ ଅଭିଯୁକ୍ତମାନେ ଫେରାରଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ବଳବାନ୍ କର୍ମାଧିପଙ୍କ ଶୁଭଦୃଷ୍ଟି ଆନୁଷ୍ଠାନିକ କାମରେ ଯୋଗ ଦେଇପାରନ୍ତି। କିନ୍ତୁ ଦୃଷ୍ଟିର ବିଷମତା ପରିବାରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବୃଦ୍ଧିପାଇବ। ଅବଶ୍ୟ, ସଭାସମିତି, ମାଲିମକଦ୍ଦମା କଥା କିମ୍ବା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବନ୍ଧୁମିଳନର ଶେଷ ପର୍ଯ୍ୟାୟରେ ବନ୍ଧୁଙ୍କ ଉପରୁ ବିଶ୍ୱାସ ହରାଇ ପାରନ୍ତି।

**ବୃଷ**
ଆଜି ଆକସ୍ମିକ ଭାବେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ଗୃହ ସଜ୍ଜାରେ ମନୋନିବେଶ କରିପାରନ୍ତି। ଘରେ ବନ୍ଧୁମିଳନ କିମ୍ବା ବନ୍ଧୁଙ୍କ ଅପ୍ରତ୍ୟାଶିତ ଆଗମନରୁ ଖୁସି ହୋଇଯିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ କିଛି ସତର୍କତାର ଆବଶ୍ୟକତା ପଡ଼ିବ ନାହିଁ।

**ମିଥୁନ**
ଅଷ୍ଟମାଧିପଙ୍କ ଦୃଷ୍ଟିରେ କର୍ମାଧିପ ଥିବାରୁ ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିବେ। କୌଣସି ଅନାହୂତ ବ୍ୟକ୍ତିଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ପାରସ୍ପରିକ ଉତ୍ତମ ବୁଝାମଣାଜନିତ ପାରିବାରିକ ସଦ୍‌ଭାବ ଅକ୍ଷୁଣ୍ଣ ରହିବ। ପ୍ରତିବନ୍ଧକ କାରଣରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବାର ସୂଚନା ରହିଛି।

**କର୍କଟ**
ସହକର୍ମୀମାନଙ୍କ ସହଯୋଗରୁ ହାତକୁ ନେଇଥିବା କାମ ସୁବିଧାରେ ହୋଇଯିବ। ପରିବାରରେ ସାଧାରଣ ମତାନ୍ତର ବ୍ୟତୀତ ଅନ୍ୟ କୌଣସି ଅସୁବିଧା ହେବନାହିଁ। ବିଭିନ୍ନ କ୍ଷେତ୍ରରେ ଜନସମ୍ପର୍କ ବୃଦ୍ଧି ପାଇବାରୁ ପ୍ରଶଂସିତ ହେବେ। ଅତୀତରେ ଘଟିଯାଇଥିବା ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିପାରନ୍ତି।

**ସିଂହ**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ସାଧାରଣ କଥାରେ ପଡ଼ୋଶୀଙ୍କ ସହିତ କଳହର ସମ୍ମୁଖୀନ ହୋଇପାରନ୍ତି। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ପାରିବାରିକ ସ୍ଥିତି ପୂର୍ବପରି ରହିବାରୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିପାରନ୍ତି।

**କନ୍ୟା**
ବାରମ୍ବାର ଧୋକା ଖାଇବା କାରଣରୁ ଅନ୍ୟମାନଙ୍କ ପ୍ରତି ଥିବା ଭଲ ଧାରଣା ହ୍ରାସ ପାଇପାରେ। ଆର୍ଥିକସ୍ଥିତିର ଦୁର୍ବଳତା ପାରିବାରିକ ଅଶାନ୍ତିର କାରଣ ହୋଇପାରେ। ଅଟକି ରହିଥିବା କାମଟି ଜଣେ ବନ୍ଧୁଙ୍କ ସହଯୋଗରୁ ହାସଲ କରିବେ। କର୍ମକ୍ଷେତ୍ରରେ ସମସ୍ୟା ସୁଧାରିବା ସକାଶେ ଦୁଃସାହସିକ ପଦକ୍ଷେପ ନେଇପାରନ୍ତି।

**ତୁଳା**
ମୁଖଭାବରେ ଏକାଧିକ ଗ୍ରହ ଆପଣଙ୍କର ପ୍ରକାଶଭଙ୍ଗୀକୁ ବଦଳାଇଦେବେ। ଅପ୍ରିୟ ସତ୍ୟ କଥା ପ୍ରକାଶ କରି ପରିସ୍ଥିତିକୁ ସୁଧାରି ନେବେ। ବ୍ୟବସାୟ କ୍ଷେତ୍ରରୁ ଅର୍ଥଲାଭ ହେବା ସଙ୍ଗେ ସଙ୍ଗେ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା**
ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ଓଲଟା କଥା କହିପାରନ୍ତି। ପରିବାରରେ ପାରସ୍ପରିକ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। କଳା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ଏବଂ ଚଳଚ୍ଚିତ୍ରାଦି କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ।

**ଧନୁ**
ସାଧାରଣ କଥାକୁ କେନ୍ଦ୍ରକରି ଯୁକ୍ତତର୍କ ହେତୁ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ମନ ଭଲ ନ ଥିବା କାରଣରୁ ଘରେ ମଧ୍ୟ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ସାୟାହ୍ନରେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ବନ୍ଧୁଙ୍କ ପରାମର୍ଶ ଅନୁସାରେ କେତେକ ନୂତନ କାମର ପରିକଳ୍ପନା କରିବେ।

**ମକର**
ପୂର୍ବାଲୋଚନା ପ୍ରକାରେ ଆଜିର କାମଗୁଡ଼ିକ ସବୁ ଠିକ୍‌ଠାକ୍ ହୋଇଯିବ। ଅର୍ଥ ସାହାଯ୍ୟ ପାଇବେ ଏବଂ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ଶ୍ରବଣା ନକ୍ଷତ୍ରର ପରିବାରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ**
ଶାରୀରିକ ସୁସ୍ଥତା ଥିଲେ ମଧ୍ୟ ଭାଇ, ବନ୍ଧୁଙ୍କ ସହ ମତାନ୍ତର ଓ କଳହ ହେତୁ ମାନସିକ ଅସ୍ଥିରତା ଦେଖାଦେବ। ମୁହଁରେ ମିଠା କଥା କହି ନିଜର ଭଳି ମନେହେଉଥିବା ବନ୍ଧୁଟି ଅସୁବିଧାରେ ପକାଇପାରନ୍ତି। ଗୃହ, ଭୂମି, ଗାଡ଼ି, ପ୍ରେସ୍, ପବ୍ଲିକେଶନ ସମ୍ପର୍କିତ ଦୁଶ୍ଚିନ୍ତା ଆସିବ। ଧନିଷ୍ଠା ନକ୍ଷତ୍ର ଚୁପହୋଇ ବସିରହିଲେ କ୍ଷତି ସହିବେ।

**ମୀନ**
କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବା ସକାଶେ ଉପରିସ୍ଥ ଅଧିକାରୀଙ୍କୁ ଯୋଗାଯୋଗ କରିପାରନ୍ତି। କୌଣସି ପ୍ରମାଣ ନ ଥାଇ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ବିବାଦୀୟ ପରିସ୍ଥିତିରେ ବ୍ୟକ୍ତିଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଆଣିଦେବ।

ଆଜି ନଭେମ୍ବର ୨୫ ତାରିଖ, ମାର୍ଗଶିର ଶୁକ୍ଳ ଦ୍ୱିତୀୟା ଶୁକ୍ରବାର, ଅନ୍ତର୍ଜାତୀୟ ମହିଳା ହିଂସାନିରୋଧୀ ଦିବସ, ରାଶିନକ୍ଷତ୍ର- ଜ୍ୟେଷ୍ଠା/ବିଛା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୪ ଗତେ ଘ.୦୬।୪୮ ଓ ଘ.୦୮।୪୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୧ ଗତେ ଘ.୧୧।୩୩ ମଧ୍ୟେ ରାହୁ କାଳ।




# ଅଧିକାରୀ ଦେଖିବେ 'ଦମନ'

**ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)**

ଓଡ଼ିଆ ସିନେମା 'ଦମନ'ର ଲୋକପ୍ରିୟତା ଏବଂ ପ୍ରେରଣାଦାୟୀ ବିଷୟବସ୍ତୁକୁ ଲକ୍ଷ୍ୟକରି ଏହାକୁ ଜିଲା/ଉପଖଣ୍ଡ ସ୍ତରରେ ପ୍ରଦର୍ଶନ କରିବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି। ଏଥିପାଇଁ ଉପଯୁକ୍ତ ସିନେମା/ଥିଏଟର ହଲ୍ ବୁକ୍ କରିବା ନିମନ୍ତେ ଜିଲାପାଳଙ୍କୁ କୁହାଯାଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମ୍ୟାଲେରିଆ ନିରାକରଣ ପାଇଁ ୨୦୧୬ରେ ରାଜ୍ୟ ସରକାର ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ (ଦମନ) କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। 'ଦମନ'ର ଠିକ୍ କାର୍ଯ୍ୟାନ୍ୱୟନ ନିମନ୍ତେ ନିଷ୍ଠାପର ଡାକ୍ତର ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ଅନେକ ତ୍ୟାଗ ଏବଂ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା। ଏହି ବାସ୍ତବିକ କଥାକୁ ଲକ୍ଷ୍ୟକରି ଚଳଚ୍ଚିତ୍ର ଲେଖକ ଦେବୀପ୍ରସାଦ ଲେଙ୍କା, ନିର୍ଦ୍ଦେଶକ ଦୀପେନ୍ଦ୍ର ସାମଲ, ନିର୍ଦ୍ଦେଶକ ବିଶାଳ ମୌର୍ଯ୍ୟ ଓଡ଼ିଆ ଫିଲ୍ମ 'ଦମନ' ପ୍ରସ୍ତୁତ କରିଥିଲେ। ଏହାକୁ ଦେଖିବା ପରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉଚ୍ଚ ପ୍ରଶଂସା କରିଛନ୍ତି। ସିନେମାଟିକୁ ଜିଲାସ୍ତରରେ ପ୍ରଦର୍ଶନ କରିବା ପାଇଁ ମଧ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

# ବିଜେଡି ବିଧାୟକଙ୍କ ଭାଇ ଗଙ୍ଗାଧରଙ୍କୁ ଜେରା

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

**ବେଆଇନ ଅର୍ଥ କାରବାର ମାମଲା**

- ବିଜେଡି ବିଧାୟକଙ୍କ ଭାଇ ଗଙ୍ଗାଧରଙ୍କୁ ଜେରା
- ଗଙ୍ଗାଧରଙ୍କ କମ୍ପାନୀରୁ ଅର୍ଚ୍ଚନାଙ୍କ ପାଖକୁ ଯାଇଛି ୩୫.୧୧ ଲକ୍ଷ
- ୨ ଦିନିଆ ଆବେଦନ ଖାରଜ ପରେ ଜେଲଗଲେ ଖଗେଶ୍ୱର
- ୩୦ ତାରିଖରେ କୋର୍ଟରେ ହାଜର ହେବେ ଅର୍ଚ୍ଚନା-ଜଗବନ୍ଧୁ
- ବଢ଼ିଲା ତାଲିକା, ନେତାଙ୍କ ପରେ ଅଧିକାରୀଙ୍କ ପାଳି

ବହୁଚର୍ଚ୍ଚିତ ବ୍ଲାକ୍‌ମେଲର୍ ଅର୍ଚ୍ଚନା ନାଗଙ୍କ ବେଆଇନ ଆର୍ଥିକ କାରବାରର ରହସ୍ୟ ଖୋଳୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଇତିମଧ୍ୟରେ ଜେରା ପ୍ରକ୍ରିୟାକୁ ଜୋର୍‌ଦାର କରିଛି। ତାଙ୍କ କଳା ସାମ୍ରାଜ୍ୟର ଲିଙ୍କ୍‌ରେ ଥିବା ବିଭିନ୍ନ ବ୍ୟକ୍ତିଙ୍କ ତାଲିକା ପ୍ରସ୍ତୁତ କରାଯାଇ ପର୍ଯ୍ୟାୟକ୍ରମେ ସେମାନଙ୍କୁ କାର୍ଯ୍ୟାଳୟକୁ ଡାକି ମାରାଥନ ଜେରା ଚାଲିଛି। ଗୁରୁବାର ଆଉ ଜଣେ ବ୍ୟବସାୟୀ ଇଡି ଜେରାର ସମ୍ମୁଖୀନ ହୋଇଛନ୍ତି। ସେ ହେଲେ ଢେଙ୍କାନାଳର ବିଜେଡି ବିଧାୟକ ସୁଧୀର ସାମଲଙ୍କ ଭାଇ ଗଙ୍ଗାଧର ସାମଲ। ଗଙ୍ଗାଧର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ହୋଇଥିବାବେଳେ ତାଙ୍କର କଟକ ପ୍ରତାପନଗରୀ ଓ ଅନ୍ୟ ଏକ ସ୍ଥାନରେ ଦୁଇଟି କାର୍ ଶୋ'ରୁମ୍ ରହିଛି। ତେବେ ତଦନ୍ତବେଳେ ଗଙ୍ଗାଧରଙ୍କ କମ୍ପାନୀ 'ଏମ୍‌ପ୍ରିଓ ପ୍ରେଷ୍ଟିଜ୍ ପ୍ରାଇଭେଟ ଲିମିଟେଡ୍'ରୁ ୫୩ ଲକ୍ଷ ୧୧ହଜାର ଟଙ୍କା ଅର୍ଚ୍ଚନାଙ୍କ ଆକାଉଣ୍ଟକୁ ଯାଇଥିବା ଇଡି ପ୍ରମାଣ ପାଇବା ପରେ ଏହା ପଛର କାରଣ ଜାଣିବାକୁ ପ୍ରୟାସ ଆରମ୍ଭ କରିଛି। ପୂର୍ବରୁ ନୋଟିସ ପାଇଥିବା ଗଙ୍ଗାଧର ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଇଡି କାର୍ଯ୍ୟାଳୟରେ ହାଜର ହେବା ପରେ ଅଧିକାରୀମାନେ ତାଙ୍କୁ ଗୁଡ଼ାଇ ତୁଡ଼ାଇ ଉକ୍ତ ଅର୍ଥ କାରବାର ସଂକ୍ରାନ୍ତରେ ପ୍ରଶ୍ନ ପଚାରିଥିଲେ। ସେ କେଉଁ ପରିସ୍ଥିତିରେ ଅର୍ଚ୍ଚନାଙ୍କୁ ଏତେ ଟଙ୍କା ଦେଇଥିଲେ, ଅର୍ଚ୍ଚନାଙ୍କ ସହ ଗଙ୍ଗାଧର କିମ୍ବା ତାଙ୍କ କମ୍ପାନୀର ସମ୍ପର୍କ କ'ଣ, ଉଭୟଙ୍କ ମଧ୍ୟରେ ବ୍ୟବସାୟିକ ସମ୍ପର୍କ ରହିଛି କି, ସେ ହନିଟ୍ରାପ୍‌ର ଶିକାର ହୋଇଥିଲେ କି, ନା ଆଉକେଉଁ ତୃତୀୟ ପକ୍ଷ ପାଇଁ ଏହି ଅର୍ଥ ଟଙ୍କା କାରବାର ହୋଇଥିଲା, ଏସବୁ ସଂକ୍ରାନ୍ତରେ ସତ୍ୟତା ଜାଣିବାକୁ ଚେଷ୍ଟା କରିଥିଲେ ଇଡି ଅଧିକାରୀ। ତେବେ ୧୧ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଜେରା ପରେ ଗଙ୍ଗାଧର ଇଡି କାର୍ଯ୍ୟାଳୟରୁ ବାହାରିଥିଲେ। ଏହି ସମୟରେ ସେ ଗଣମାଧ୍ୟମକୁ କହିଛନ୍ତି, ଜଗବନ୍ଧୁ ତାଙ୍କ ଶୋ'ରୁମ୍‌ରୁ ଏକ କାର୍ କିଣିବା ପାଇଁ ବୁକ୍ କରିଥିଲେ। ପରେ ଆୟକର ସମସ୍ୟା ପାଇଁ ଉକ୍ତ ବୁକିଂକୁ ବାତିଲ କରି ଦେଇଥିଲେ। ତେଣୁ ଏବାବଦକୁ ୩୫ ଲକ୍ଷ ୧୧ ହଜାର ଟଙ୍କା ଫେରାଇଥିଲୁ ବୋଲି ଗଙ୍ଗାଧର କହିଛନ୍ତି।

ଅନ୍ୟପକ୍ଷରେ ଗୁରୁବାର ଖଗେଶ୍ୱରଙ୍କ ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ଶେଷ ହୋଇଥିବାରୁ ତାଙ୍କୁ ଖୋର୍ଦ୍ଧା ସ୍ୱତନ୍ତ୍ର (ପିଏମ୍‌ଏଲ୍‌ଏ) ଜଜ୍ କୋର୍ଟରେ ହାଜର କରାଯାଇଥିଲା। ଏହି ସମୟରେ ଖଗେଶ୍ୱରଙ୍କୁ ପୁଣି ତୃତୀୟ ପର୍ଯ୍ୟାୟରେ ଆଉ ୨ ଦିନିଆ ରିମାଣ୍ଡରେ ନେବାକୁ ଇଡି ଆବେଦନ କରିଥିଲା। ହେଲେ କୋର୍ଟ ଉକ୍ତ ଆବେଦନକୁ ଖାରଜ କରିଦେବା ପରେ ଖଗେଶ୍ୱରଙ୍କୁ ଝାରପଡ଼ା ଜେଲ ହାଜତକୁ ପଠାଇ ଦିଆଯାଇଛି। ଜେଲ୍ ଯିବାବେଳେ ଖଗେଶ୍ୱର କହିଥିଲେ, ଶ୍ରଦ୍ଧାଞ୍ଜଳିଙ୍କୁ ଚିହ୍ନିନାହିଁ, ଜାଣିନାହିଁ କି ଦେଖିନାହିଁ। କାହାଠାରୁ ପାଞ୍ଚ ଟଙ୍କା ଆଣିନାହିଁ କି କାହାକୁ ସହଯୋଗ ମଧ କରିନାହିଁ।

ସେପଟେ ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ମଧ ଝାରପଡ଼ା ଜେଲରେ ଦିନ କାଟୁଛନ୍ତି। ଉଭୟଙ୍କୁ କୋର୍ଟରେ ହାଜର ପାଇଁ ଇଡି ପଟିଶନ୍ ଦାଏର କରିଥିଲା। ଆଗାମୀ ୩୦ ତାରିଖରେ ନାଗ-ଚାନ୍ଦ ଦମ୍ପତି ହାଜର ହେବେ ବୋଲି କୋର୍ଟ କହିଛନ୍ତି। ଏହି ସମୟରେ ଉଭୟଙ୍କୁ ରିମାଣ୍ଡରେ ଆଣିବାକୁ ଇଡି ପକ୍ଷରୁ ଆବେଦନ କରାଯିବ ବୋଲି ସୂଚନା ମିଳିଛି। ଅର୍ଚ୍ଚନା ଓ ଜଗବନ୍ଧୁ ରିମାଣ୍ଡରେ ଆସିଲେ ଉଭୟଙ୍କୁ ମାରାଥନ ଜେରା କରିବ ଇଡି। ଏପରିକି ହନିଟ୍ରାପରେ ବ୍ୟବହାର ହେଉଥିବା ଶ୍ରଦ୍ଧାଞ୍ଜଳି ବେହେରା ଓ ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ଡକାଇ ନାଗ-ଚାନ୍ଦ ଦମ୍ପତିଙ୍କ ସହ ଇଡି ଚତୁଃମୁଖୀ ଜେରା କରିବାକୁ ଯୋଜନା ରଖିଛି। ଆଗକୁ ଅନ୍ୟ ନେତା ଓ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ପାଳି ପଡୁଥିବାରୁ ସେମାନଙ୍କ ମଧ୍ୟରେ ଛନକା ପଶିଛି। ଏଥିସହ ଶ୍ରଦ୍ଧାଞ୍ଜଳି ଓ ଖଗେଶ୍ୱରଙ୍କ ବୟାନକୁ ଆଧାର କରି ଜେରା ତାଲିକାକୁ ଇଡି ବଢ଼ାଇଥିବା ସୂଚନା ମିଳିଛି।


ଗଙ୍ଗାଧର ସାମଲ










# ୨ ମହିଳା ମାଓବାଦୀ ନିହତ

**ବଲାଙ୍ଗୀର ଅଫିସ/ଖପ୍ରାଖୋଲ, ୨୪।୧୧(ଡି.ଏନ.ଏ.)**

**ଗନ୍ଧମାର୍ଦ୍ଦନରେ ପୋଲିସ ସହ ମୁହାଁମୁହିଁ**

ବଲାଙ୍ଗୀର-ବରଗଡ଼ ଜିଲା ସୀମାନ୍ତ ଗନ୍ଧମାର୍ଦ୍ଦନ ପର୍ବତରେ ଗୁରୁବାର ମାଓବାଦୀ-ପୋଲିସ ଗୁଳି ବିନିମୟ ହୋଇଛି। ଏଥିରେ ୨ ମହିଳା ମାଓବାଦୀ ନିହତ ହୋଇଛନ୍ତି। ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର ଖବରଦାତା ସମ୍ମିଳନୀରେ ଏ ସଂକ୍ରାନ୍ତରେ ସବିଶେଷ ସୂଚନା ଦେଇଛନ୍ତି।

ଖପ୍ରାଖୋଲ ଥାନା ଅଧୀନ ଗନ୍ଧମାର୍ଦ୍ଦନ ପର୍ବତରେ ମାଓବାଦୀଙ୍କ କ୍ୟାମ୍ପ ଥିବା ଗୋଇନ୍ଦା ସୂଚନା ମିଳିବାପରେ ବୁଧବାର ରାତିରୁ କୋମ୍ବିଂ ଅପରେଶନ ଆରମ୍ଭ ହୋଇଥିଲା। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଉକ୍ତ କ୍ୟାମ୍ପକୁ ଠାବ କରାଯିବା ପରେ ଏସ୍‌ଓଜି ଯବାନମାନେ ଘେରି ଯାଇଥିଲେ। ଉଭୟ ପକ୍ଷ ମଧ୍ୟରେ ପ୍ରାୟ ଅଧଘଣ୍ଟା ଧରି ଗୁଳି ବିନିମୟ ହୋଇଥିବାବେଳେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ତଲାସୀ ବେଳେ ୨ ମହିଳା କ୍ୟାଡରଙ୍କ ମୃତଦେହ ମିଳିଥିଲା। ସେମାନଙ୍କ ପରିଚୟ ମିଳିପାରି ନ ଥିବାବେଳେ ଉଭୟେ ଛତିଶଗଡ଼ ପ୍ରଦେଶ ଏବଂ ବଲାଙ୍ଗୀର-ବରଗଡ଼-ମହାସମୁନ୍ଦ ଡିଭିଜନ ଏରିଆ କମିଟି ସଦସ୍ୟ ବୋଲି ଅନୁମାନ କରାଯାଉଛି। ଘଟଣାସ୍ଥଳରୁ ଦୁଇଟି ଇନସାସ୍ ରାଇଫଲ, ଦୁଇ ମାଗାଜିନ୍, ମାଓବାଦୀ ପ୍ରଚାରପତ୍ର, ବ୍ୟାଗ୍ ଓ ଅନ୍ୟାନ୍ୟ ସାମଗ୍ରୀ ମିଳିଛି। ଉକ୍ତ କ୍ୟାମ୍ପରେ ୫ରୁ ୭ ଜଣ ସଦସ୍ୟ ଥିଲେ। ସେମାନଙ୍କ ମଧ୍ୟରୁ ଅନେକେ ଆହତ ଥିବା ଅନୁମାନ କରାଯାଉଛି। ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଶୁକ୍ରବାର ପୋଲିସ ମହାନିର୍ଦ୍ଦେଶକ ବଲାଙ୍ଗୀର ଗସ୍ତରେ ଆସି ସ୍ଥିତି ଅନୁଧ୍ୟାନ କରିବେ ବୋଲି ଜଣାପଡ଼ିଛି। ଅନ୍ୟପଟେ ଗନ୍ଧମାର୍ଦ୍ଦନ ପର୍ବତ ଅପରପାର୍ଶ୍ୱରେ ଅବସ୍ଥିତ ବରଗଡ ଜିଲାର ପଦ୍ମପୁରରେ ଉପନିର୍ବାଚନ ପ୍ରକ୍ରିୟା ଜାରି ରହିଥିବାବେଳେ ମାଓବାଦୀଙ୍କ ଉପସ୍ଥିତି ଚିନ୍ତା ବଢ଼ାଇଛି। ପଦ୍ମପୁର ଉପନିର୍ବାଚନରେ ବଡ଼ଧରଣର ଅଘଟଣ ଘଟାଇବାକୁ ମାଓବାଦୀମାନେ ଯୋଜନା କରୁଥିବା ନେଇ ସନ୍ଦେହ ଦୃଢ଼ୀଭୂତ ହୋଇଛି।






ଧରିତ୍ରୀ
DHARITRI
ଶୁକ୍ରବାର, ୨୫ ନଭେମ୍ବର, ୨୦୨୨

ମଧ୍ୟଯୁଗ ଏକ ରାତ୍ରି ଥିଲା। ତାହା ଥିଲା ଅଜ୍ଞାନୀ ଲୋକଙ୍କ ପାଇଁ ବିଜୟର ସମୟ। ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ। ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ-ଅଧିକ ଖୋଜି ପାରିବ -ଅଧିକ ଶ୍ରମ କରିପାରିବ- ସେ ହିଁ ଅଧିକ ଶକ୍ତି ଲାଭ କରିବ। -ଶ୍ରୀଅରବିନ୍ଦ



# ଚାଇନାର ରଣଯନ୍ତା



ବ୍ରହ୍ମ ଚେଲାନି

୨୦୧୪ରେ ଚାଇନା ସହ କେନିଆର ଏକ ରଣଚୁକ୍ତି ହୋଇଥିଲା। ଏକ ବିବାଦୀୟ ରେଲୱେ ପ୍ରୋଜେକ୍ଟକୁ ଅର୍ଥ ଯୋଗାଣ ପାଇଁ ଏହି ଚୁକ୍ତି କରାଯାଇଥିଲା। ନିକଟରେ ଚୁକ୍ତି ସମ୍ପର୍କିତ ସବିଶେଷ ବିବରଣୀ ପ୍ରକାଶ ପାଇଥିଲା। ବିକାଶଶୀଳ ଦେଶଗୁଡ଼ିକୁ ଚାଇନା ରଣ ଦେଇ ଯେଭଳି ଲୁଟ କରୁଛି ସେହି ପ୍ରବୃତ୍ତିକୁ ଏହା ସାମ୍ନାକୁ ଆଣିଛି। ରଣ ସମ୍ପର୍କିତ ଚୁକ୍ତି ରଣଗ୍ରହୀତାଙ୍କ ଉପରେ ସବୁ ବିପଦ ଲଦିଦେଇ ଏହାକୁ ଏକ ଅନିୟନ୍ତ୍ରିତ ସ୍ତରକୁ ପହଞ୍ଚାଇ ଦେଉଛି। ଚାଇନା ଏଭଳି ସର୍ତ୍ତ ରଖୁଛି ଯେଉଁଥିରେ ବିଶ୍ୱର ଅନେକ ଦେଶ ତା' ସାର୍ବଭୌମତ୍ୱ ନଷ୍ଟକାରୀ ରଣଯନ୍ତାରେ ଫସିଯାଇଛନ୍ତି। ବିଗତ ଦଶନ୍ଧିରେ ଚାଇନା ବିଶ୍ୱରେ ସବୁଠୁ ଅଧିକ ରଣଦାତା ଦେଶ ହୋଇପାରିଛି। ଏହି ସମୟରେ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକୁ ତିନିଗୁଣ ଅଧିକ ରଣ ପ୍ରଦାନ କରିଛି ଓ ୨୦୨୦ ଶେଷସୁଦ୍ଧା ଏହା ବୃଦ୍ଧି ପାଇ ୧୭୦ ବିଲିୟନ ଡଲାରରେ ପହଞ୍ଚିଛି। ଏହାର ବକେୟା ବୈଦେଶିକ ରଣ ଏବେ ବୈଶ୍ୱିକ ଜିଡିପିର ୬%କୁ ଟପିଯାଇଛି। ଏହା ଚାଇନାକୁ ବୈଶ୍ୱିକ ରଣ ପ୍ରଦାନକାରୀ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି( ଆଇଏମ୍‌ଏଫ୍)ର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ କରିପାରିଛି। ଚାଇନା ୮୩୮ ବିଲିୟନ ଡଲାରର ବେଲ୍ଟ ଓ ରୋଡ୍ ଇନିସିଏଟିଭ(ବିଆର୍‌ଆଇ)ରେ ରଣ ପ୍ରଦାନ କରିଥିବାରୁ ଏହା ଭିତ୍ତିଭୂମି ପ୍ରୋଜେକ୍ଟ କ୍ଷେତ୍ରରେ ବିଶ୍ୱର ସବୁଠୁ ବୃହତ୍ ପାଣ୍ଠି ଯୋଗାଣକାରୀ ସଂସ୍ଥା ବିଶ୍ୱ ବ୍ୟାଙ୍କକୁ ଟପିଯାଇଛି।

ଚାଇନା ସୃଷ୍ଟ କୋଭିଡ୍-୧୯ ମହାମାରୀ ଆରମ୍ଭ ହେବା ପରଠାରୁ ଭିତ୍ତିଭୂମି ପ୍ରୋଜେକ୍ଟ ପାଇଁ ଚାଇନା ଅନ୍ୟ ଦେଶଗୁଡ଼ିକୁ ଦେଉଥିବା ରଣ ହ୍ରାସ ପାଇଛି ( ୨୦୧୯ ପର୍ଯ୍ୟନ୍ତ ଏହା ଦ୍ରୁତଗତିରେ ବୃଦ୍ଧି ପାଉଥିଲା)। ଏଭଳି ହ୍ରାସ ପାଇବା ଧାରା ରଣ ପ୍ରଦାନରେ ଚାଇନାର ଉପନିବେଶବାଦ ଶୈଳୀ ଶେଷ ହେବାର ଶୁଭସଙ୍କେତ ଦେଉଛି। କିନ୍ତୁ ବିଶେଷକରି ଚାଇନାର ରଣରେ ବୁଡ଼ିଯାଇଥିବା କେନିଆ ସହ ବିଆର୍‌ଆଇ ସହଭାଗୀ ଦେଶଗୁଡ଼ିକୁ ବେଲ୍‌ଆଉଟ ଲେଣ୍ଡିଂ(ରଣଜନିତ ଦେବାଳିଆ ସ୍ଥିତିରୁ ମୁକୁଳିବା ଲାଗି ଆର୍ଥିକ ସହାୟତା ପ୍ରଦାନ) ବୃଦ୍ଧି ଯୋଗୁ ରଣ ହ୍ରାସ ସମତୁଲ ସ୍ତରକୁ ଆସିଯାଇଛି। ଏବେ ବେଲଆଉଟ ଲେଣ୍ଡିଂ ସ୍ତର ବହୁ ଅଧିକ ରହିଛି। କେବଳ ଆର୍ଜେଣ୍ଟିନା, ପାକିସ୍ତାନ ଏବଂ ଶ୍ରୀଲଙ୍କା ନିଜ ଦେବାଳିଆ ସ୍ଥିତିରୁ ସୁରକ୍ଷା ପାଇବା ଲାଗି ଚାଇନାଠାରୁ ୨୦୧୭ରୁ ୩୨.୮ ବିଲିୟନ ଡଲାର ଗ୍ରହଣ କରିଛନ୍ତି। ପାକିସ୍ତାନ ସବୁଠୁ ଅଧିକ ରଣ ନେଇଛି। ୨୦୧୮ ପରଠାରୁ ଚାଇନାଠାରୁ ଏବେସୁଦ୍ଧା ୨୧.୯ ବିଲିୟନ ଡଲାର ଜରୁରିକାଳୀନ ରଣ ଗ୍ରହଣ କରିଛି। ଏଥିରୁ ବୁଝାପଡୁଛି ଯେ, ଚାଇନା ତା' ରଣ ଜାଲରେ ଦେଶଗୁଡ଼ିକୁ ପକାଉଛି। ନିର୍ଦ୍ଦିଷ୍ଟ ଭାବେ ଚାଇନାର ରଣଚୁକ୍ତିର ରହସ୍ୟ ଗୁପ୍ତ ରଖାଯାଇଥାଏ। କେନିଆ ଗୋପନୀୟ ଆଇନଗତ ଧାରାକୁ ଶେଷ କରି ରହସ୍ୟ ଉଦ୍‌ଘାଟନ କରି ଚୁକ୍ତିର ଉଲ୍ଲଂଘନ କରିଛି। ଦେଖାଯାଏ, ଅନେକ ଘଟଣାରେ ରଣ ସମ୍ପର୍କରେ ଟିକସଦାତାଙ୍କୁ ଜଣାଯାଏ ନାହିଁ। ଚାଇନା ଅଧିକ ରଣ ସିଧାସଳଖ ସରକାରଙ୍କୁ ଦେଉନାହିଁ। ଏହା ବଦଳରେ ରଣ ନେଉଥିବା ଦେଶରେ ସରକାରଙ୍କ ଅଧୀନରେ ଥିବା କମ୍ପାନୀ, ବ୍ୟାଙ୍କ, ସ୍ପେଶିଆଲ ପର୍ପସ ଭେହିକିଲ ଏବଂ ପ୍ରାଇଭେଟ୍ ସେକ୍ଟର ସଂସ୍ଥାଗୁଡ଼ିକୁ ରଣ ଦେଉଛି। ଫଳରେ ଗୁପ୍ତ ରଣର ରହସ୍ୟ ଗୋପନୀୟତା ରହୁନାହିଁ।



ଲାଓସ କଥା ଚିନ୍ତା କରାଯାଉ। ସେଠାରେ ଚାଇନାଠାରୁ ପାଇଥିବା ଗୁପ୍ତ ରଣ ସରକାରୀ ରଣଠାରୁ ଅଧିକ ହୋଇଛି। ମହାମାରୀ ଝଟ୍‌କା ପରେ ରଣ ଖିଲାପ ଟାଳିବାକୁ ଏହି କ୍ଷୁଦ୍ର ଦେଶ ତା' ଭୂମି ଓ ପ୍ରାକୃତିକ ସମ୍ପଦ ପରିବର୍ତ୍ତେ ଜାତୀୟ ବିଦ୍ୟୁତ୍ ଗ୍ରୀଡ୍‌କୁ ଚାଇନାକୁ ଦେବା ପାଇଁ ବାଧ୍ୟ ହେଲା। ଏମିତି ଅନେକ ଦେଶ ଚାଇନାଠାରୁ ରଣ ନେଇ ସୁଝି ନ ପାରି ବାଧ୍ୟ ହୋଇ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତିକୁ ତା'ହାତରେ ଟେକିଦେଇଛନ୍ତି। ତାଜିକିସ୍ତାନ ପାମିର୍ ପର୍ବତର ୧,୧୫୮ ବର୍ଗ କି.ମି. ଅଞ୍ଚଳ ଚାଇନାକୁ ଦେଇ ସେଠାରୁ ସୁନା, ରୁପା ଏବଂ ଅନ୍ୟ ଖଣିଜ ସମ୍ପଦ ନେବା ଲାଗି ଅନୁମତି ଦେଇଛି। ଏହା ବ୍ୟତୀତ ଆଫ୍‌ଗାନିସ୍ତାନକୁ ଲାଗି ରହିଥିବା ତା'ସୀମାରେ ଏକ ସମାରିକ ଘାଟି ନିର୍ମାଣ କରିବାକୁ ଚାଇନାକୁ ସ୍ୱୀକୃତି ଦେଇଛି।

୨୦୧୭ରେ ପ୍ରଥମେ ଶ୍ରୀଲଙ୍କାର ରଣ ସଙ୍କଟ ଅନ୍ତର୍ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଥିଲା। ଚାଇନା ରଣ ଶୁଝି ନ ପାରି ଏହା ଭାରତ ମହାସାଗର ଅଞ୍ଚଳର ରଣନୀତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହମ୍ବାନଟୋଟା ବନ୍ଦର ଏବଂ ଏହା ଚାରିପାଖର ୬,୦୦୦ ହେକ୍ଟର ଜମିକୁ ୯୯ ବର୍ଷ ଲିଜ୍‌ରେ ଚାଇନାକୁ ଦେଇଦେଲା। ଏହା ସମର୍ପି ଦେବା ସତ୍ତ୍ୱେ ଶ୍ରୀଲଙ୍କା ଚଳିତ ବର୍ଷ ପ୍ରାରମ୍ଭରେ ରଣ ଶୁଝିବାରେ ବିଫଳ ହୋଇଥିଲା। ସେହିପରି ପାକିସ୍ତାନ ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଗ୍ୱାଦର ବନ୍ଦରକୁ ଚଳାଇବାକୁ ୪ ଦଶନ୍ଧି ପାଇଁ ଚାଇନାକୁ ଅଧିକାର ପ୍ରଦାନ କରିଛି। ସେହି ସମୟରେ ଚାଇନା ବନ୍ଦରରର ଆୟର ୯୧% ନେବ। ଏହା ବ୍ୟତୀତ ଚାଇନା ଓଭରସିଜ ପୋର୍ଟସ୍ ହୋଲ୍‌ଡିଂ କମ୍ପାନୀ ଏହି ପୋର୍ଟରେ ଉପକରଣ ଓ ଯନ୍ତ୍ରାଂଶ ସ୍ଥାପନ ସଞ୍ଚାଳନ କରିବାକ ୨୩ ବର୍ଷ ଟ୍ୟାକ୍ସ ଦେବନାହିଁ। ଗ୍ୱାଦର ପାଖରେ ଚାଇନା ମଧ୍ୟ ତା'ର ଏକ ନାଭି ପୋଷ୍ଟ କରିବାକୁ ଯୋଜନା କରିଛି। ରଣ ଫାସରେ ପକାଇ ଚାଇନା ପୂର୍ବ ଆଫ୍ରିକୀୟ ଦେଶ ଜିବୁଟିରେ ପ୍ରଥମ ତା'ର ସାମୁଦ୍ରିକ ନାଭାଲ ବେସ୍ କରିବାକୁ ସକ୍ଷମ ହେଲା। ଏହା ଲୋହିତ ସାଗରର ପ୍ରବେଶ ପଥରେ ଅବସ୍ଥିତ। ଚାଇନା ଏବେ ପଶ୍ଚିମ ଆଫ୍ରିକା ଉପକୂଳରେ ବି ଏକ ନାଭାଲ ବେସ୍ କରିବାକୁ ଚାହୁଁଛି। ଏଥିପାଇଁ ଅତ୍ୟଧିକ ରଣଗ୍ରସ୍ତ ନିମ୍ନ ଆୟବର୍ଗର ଦେଶ ଇକ୍ୱେଟୋରିଆଲ ଗିନିରେ ଏହା ନିର୍ମାଣ କରିବାକୁ ଅଧିକ ଆଗେଇଛି।

ବାସ୍ତବରେ ଏସବୁ ହେଉଛି ଏକ ରଣ ରଣନୀତିର ପରିଣାମ। ଉକ୍ତ ରଣନୀତି ବିଶ୍ୱର ସବୁଆଡ଼େ ରଣଗ୍ରହୀତାଙ୍କଠାରୁ ଲାଭ ଉଠାଇବା ଉପରେ ଧ୍ୟାନ ଦେଉଛି। ଏକ ଅନ୍ତର୍ଜାତୀୟ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଚାଇନାର ଚୁକ୍ତିଗୁଡ଼ିକରେ ରହିଥିବା ରଦ୍ଦକରିବା, ଗତିବୃଦ୍ଧି ଏବଂ ସ୍ଥିରତାର ଧାରାଗୁଡ଼ିକ ରଣଦାତାଙ୍କ ଦେଶୀୟ ଏବଂ ବୈଦେଶିକ ନୀତିଗୁଡ଼ିକୁ ପ୍ରଭାବିତ କରିବା ଲାଗି ରଣଦାତାଙ୍କୁ ଅଧିକ ଅନୁମତି ଦେଇଥାଏ। ଚାଇନା ବହୁ ସମୟରେ ଏହି ଅଧିକାର ବଳରେ ଏକଚାଟିଆ ଭାବେ ରଣ ଫେରାଇବା ଲାଗି ଲାଭଜନକ ନୀତି କାର୍ଯ୍ୟକାରୀ କରିଥାଏ କିମ୍ବା ତୁରନ୍ତ ରଣ ଶୁଝିବା ଲାଗି ଦାବି କରିଥାଏ। ଏହି ଉପାୟରେ ଚାଇନା ତା'ଆର୍ଥିକ ଓ କୂଟନୀତିକ ସ୍ୱାର୍ଥ ହାସଲ କରିବାକୁ ଅତ୍ୟଧିକ ରଣ ଦିଏ। ଚାଇନା ଲାଓସରେ ତା' ଭୂମିକୁ ହାତେଇ ପାରିନାହିଁ ସତ, କିନ୍ତୁ ଅନ୍ତର୍ଜାତୀୟ ମଞ୍ଚରେ ଏହା ଚାଇନାର ଏକ ସହଯୋଗୀ ହୋଇଯାଇଛି। ଯଦି ଏହା ଏକ ଦେଶକୁ ରଣ ଖିଲାପରେ ପକାଇପାରେ ତେବେ ଚାହୁଁଥିବା ସବୁ ବାଣିଜ୍ୟ ଏବଂ ନିର୍ମାଣ ଚୁକ୍ତିଗୁଡ଼ିକୁ ହାସଲ କରିପାରିବ। ଯଦି ଏହା କୌଣସି ଦେଶ ବନ୍ଦରକୁ ନିୟନ୍ତ୍ରଣ କରିପାରିବ, ତେବେ ତା' ରଣନୀତିକ ସ୍ଥିତିକୁ ମଜଭୁତ କରିପାରିବ। ବିକାଶୀଳ ଦେଶଗୁଡ଼ିକ ସହ ଚାଇନାର ରଣ ସମ୍ପର୍କିତ ଚୁକ୍ତିଗୁଡ଼ିକର ସବିଶେଷ ବିବରଣୀ ଏବେ ସୁଦ୍ଧା ସାମ୍ନାକୁ ଆସିନାହିଁ। କିନ୍ତୁ ଏହା ସ୍ପଷ୍ଟ ହୋଇଗଲାଣି ଯେ, ଚାଇନାର ରଣଦାତା ସାମ୍ରାଜ୍ୟବାଦରେ ଉଭୟ ରଣଗ୍ରହୀତା ଏବଂ ଅନ୍ତର୍ଜାତୀୟ ବ୍ୟବସ୍ଥା ପାଇଁ ଅତ୍ୟଧିକ ବିପଦ ରହିଛି।

**ପ୍ରାଧ୍ୟାପକ, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ (ନୂଆଦିଲ୍ଲୀ)**

## ଏଇ ଭାରତରେ

ଯାନବାହନ ଚଳାଚଳ, ଶିଳ୍ପ ବିକାଶ ସହ ଆମ ଅବ୍ୟବସ୍ଥିତ ଜୀବନଶୈଳୀ ଯୋଗୁ ଅଧିକ ଧୂଆଁ ଓ ସବୁଜଗୃହ ବାଷ୍ପ ନିର୍ଗମନ ବୃଦ୍ଧିପାଉଛି । ଫଳରେ ବାୟୁମଣ୍ଡଳ ଉତ୍ତପ୍ତ ହେବା ସହ ପ୍ରଦୂଷଣ ମଧ୍ୟ ବଢିଚାଲିଛି। ବାୟୁ ପ୍ରଦୂଷଣର ଭୟଙ୍କର ସ୍ଥିତି ଦେଖିବାକୁ ମିଳିଛି ଦିଲ୍ଲୀ ସମେତ ଉତ୍ତର ଭାରତର ବହୁ ସହରରେ। ବିଶେଷ କରି ହରିୟାଣା, ପଞ୍ଜାବ ଓ ଉତ୍ତରପ୍ରଦେଶରେ କୃଷକମାନେ ଖୁଣ୍ଟା ପୋଡ଼ି ପ୍ରଦୂଷଣକୁ ଭୟଙ୍କର ସ୍ତରକୁ ନେଇଯାଉଛନ୍ତି। ଏଭଳି ସ୍ଥିତିରେ ଖୁଣ୍ଟା ପୋଡ଼ି ରୋକିବା ଲାଗି ଦିଲ୍ଲୀର ବିକାଶ ଆବ୍ରାହମଙ୍କ ବ୍ୟକ୍ତିଗତ ପ୍ରୟାସ ବେଶ୍ ପ୍ରଶଂସନୀୟ। ସେ ୧୯୯୮ରେ ଅର୍ବାନ ଫାର୍ମର୍ସ କର୍ପୋରେଶନ ଗଠନ କରି ତାଙ୍କ ଟିମ୍ ସହାୟତାରେ ୧ ଲକ୍ଷରୁ ଊର୍ଦ୍ଧ୍ୱ କୃଷକଙ୍କୁ ସାହାଯ୍ୟ କରି ବର୍ଷକୁ ୭୦୦୦ ମେଟ୍ରିକ ଟନ୍ ଓଜନର ନଡ଼ା ପୋଡ଼ି ରୋକିପାରିଛନ୍ତି। ଏହି ଫାଉଣ୍ଡେଶନ ଏବେ ୧୭ଟି ରାଜ୍ୟରେ କାମ କରୁଛି। କୃଷକମାନଙ୍କଠାରୁ ଖୁଣ୍ଟା ଅବଶେଷାଂଶ ସଂଗ୍ରହ କରି ତାହାକୁ ଖତ କରାଯାଉଛି। ଏବେ ସୁଦ୍ଧା ଉକ୍ତ କମ୍ପାନୀ ୭,୦୦୦ ମେଟ୍ରିକ୍ ଟନ୍ ଖତ ପ୍ରସ୍ତୁତ କରି ଚାଷୀମାନଙ୍କୁ ଯୋଗାଇ ଦେଇଛି। ଖୁଣ୍ଟା ପୋଡ଼ି ରୋକିବା ଦ୍ୱାରା ୧,୫୦୦ ମେଟ୍ରିକ ଟନ୍ କାର୍ବନ ଡାଇଅକ୍ସାଇଡ ନିର୍ଗମନ କମିଯାଇଛି ବୋଲି କହନ୍ତି ଆବ୍ରାହମ। ସେ ମଧ୍ୟ ସେହି କୃଷକମାନଙ୍କୁ ଜୈବିକ ଚାଷ ଲାଗି ପ୍ରେରିତ କରିପାରିଛନ୍ତି। ସେମାନେ ଦୈନିକ ୧୦ରୁ ୧୨ ଟନ୍ ପରିବା ଦିଲ୍ଲୀ ମାର୍କେଟକୁ ଯୋଗାଉଛନ୍ତି।

## ଚିରନ୍ତନୀ

ତା' ବ୍ୟଥାରେ ବଥାଏ ଯେ
ମୋର ପ୍ରାଣ ମନ
ବାରତା ତାହାର ତୁମ୍ଭେ
ଅଧର ନୟନ। -(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 6 | 2 | 3 | | | | 5 | 4 |
| | | 9 | | | | | 2 | |
| | | | 7 | | | 9 | | |
| | 2 | | | | | | | |
| | 7 | | | 8 | 5 | 4 | | |
| | | | | | | | 8 | 6 |
| | | 5 | 1 | 3 | | | | 7 |
| | 3 | | | 4 | 7 | | 6 | |
| | | | | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 3 | 8 | 2 | 6 | 7 | 5 | 1 |
| 5 | 2 | 1 | 3 | 7 | 4 | 8 | 6 | 9 |
| 7 | 6 | 8 | 1 | 5 | 9 | 2 | 3 | 4 |
| 3 | 8 | 7 | 9 | 4 | 1 | 5 | 2 | 6 |
| 2 | 1 | 4 | 5 | 6 | 8 | 3 | 9 | 7 |
| 9 | 5 | 6 | 7 | 3 | 2 | 1 | 4 | 8 |
| 8 | 4 | 2 | 6 | 1 | 3 | 9 | 7 | 5 |
| 6 | 7 | 9 | 2 | 8 | 5 | 4 | 1 | 3 |
| 1 | 3 | 5 | 4 | 9 | 7 | 6 | 8 | 2 |

ଗତକାଲିର ଉତ୍ତର

# ଏଇ ତ ଦୁନିଆ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ଏହି ଅଳ୍ପ ଦିନ ତଳର ଘଟଣା। ତାରିଖ ମୋର ଠିକ୍ ମନେ ନାହିଁ। ଗୋଟିଏ କଲେଜର ପୁରାତନ ଛାତ୍ର ସଂଘର ସଦସ୍ୟ ହିସାବରେ ମୁଁ ଏକ ମିଟିଂରେ ଯୋଗଦେଇଥାଏ। ଏହି ସମୟରେ ଉକ୍ତ କଲେଜର ଜଣେ ଅଧ୍ୟାପିକା ହଠାତ୍ ସେ ରୁମ୍‌କୁ ଆସିଲେ। ତାଙ୍କୁ କିଛି ପୁରାତନ ଛାତ୍ରୀଛାତ୍ର ଅଭିବାଦନ ଜଣାଇ କହିଲେ ମ୍ୟାଡାମ୍ ଆପଣ ୧୦୦ବର୍ଷ ବଞ୍ଚନ୍ତୁ। ମ୍ୟାଡାମ୍ ହାତଯୋଡ଼ି କହିଲେ ନାରେ ବାବା! ଶହେ ବର୍ଷ କଥା କୁହନି। ଶହେ ବର୍ଷ ବଞ୍ଚିବା ଅର୍ଥ ରୋଗ ଶଯ୍ୟାରେ ପଡ଼ି ଛଟପଟ ହେବା ସୁନିଶ୍ଚିତ। ଆଜିକାଲି ପିଲାମାନଙ୍କର ହାବଭାବ ଯାହା ସେମାନେ ଏତେଦିନ ଧରି ବିଛଣାରେ ପଡ଼ିଥିବା ରୋଗୀର ଯାହା ସେବା ଶୁଶ୍ରୁଷା କରିବେ ତାହା ମୁଁ ଜାଣେ। କିଛି ଲୋକ ଘଟଣାଟିକୁ ହାଲୁକା ଭାବେ ନେଇଗଲେ। କିନ୍ତୁ ମୋ ମନରେ ସେହି ମ୍ୟାଡାମ୍‌ଙ୍କ କଥା ଗଭୀର ରେଖାପାତ କଲା। ଆମ ସମାଜର ଅବହେଳିତ ମା'ବାପାଙ୍କର କିଛି ଖବର ମଧ୍ୟ ମୋ ମନକୁ ଆନ୍ଦୋଳିତ କଲା।

୧୯୯୦ ଦଶକର କଥା। ସେତେବେଳେ ମୁଁ ଭୁବନେଶ୍ୱରର ଏକ ଟ୍ରେଜେରିରେ ଆଡିଶନାଲ୍ ଟ୍ରେଜେରି ଅଫିସର ଭାବେ କାର୍ଯ୍ୟରତ। ଜଣେ ଭଦ୍ରବ୍ୟକ୍ତି କୌଣସି ମନ୍ତ୍ରୀଙ୍କ ଦପ୍ତରରେ ଜମାଦାର ଥିଲେ। ସେତେବେଳେ ମନ୍ତ୍ରୀମାନେ ନିଜେ ଟ୍ରେଜେରିରୁ ତାଙ୍କ ଦରମା ଓ ଟି.ଏ. ବିଲ୍ ଇତ୍ୟାଦି ଦାଖଲ କରି ବ୍ୟାଙ୍କରୁ ଟଙ୍କା ନେଉଥିଲେ। ଏଥିପାଇଁ ସମ୍ପୃକ୍ତ ଜମାଦାର ଉକ୍ତ ମନ୍ତ୍ରୀଙ୍କର ଏସବୁ ବିଲ୍ ନେଇ ନିୟମିତ ଭାବରେ ଟ୍ରେଜେରିକୁ ଆସନ୍ତି। ମୁଁ ସେହି ଟ୍ରେଜେରିରେ ଥିବା ସମୟରେ ସେ କିଛିଦିନ ପରେ ଅବସର ନେଲେ ଏବଂ ଟ୍ରେଜେରିରୁ ମଧ୍ୟ ପେନ୍‌ସନ୍ ନେବା ଆରମ୍ଭ କଲେ। ଦୁଇମାସ ଯାଇଛି କି ନାହିଁ ସେ ଆସି ଏକ ଦରଖାସ୍ତ ଦେଇ କହିଲେ ଆଜ୍ଞା ! ମୁଁ ମୋ ଗାଁ ପାଖ ଟ୍ରେଜେରିରୁ ଟଙ୍କା ନେବି ଏବଂ ଗାଁକୁ ଚାଲିଯିବି। କାରଣ ପଚାରିବାରୁ ସେ ଭୋ ଭୋ ହୋଇ କାନ୍ଦିଲେ। କହିଲେ ଆଜ୍ଞା! ସବୁ ଗଛ ଲଗାଇବେ କିନ୍ତୁ ମଣିଷ ଗଛ ଲଗାଇବେ ନାହିଁ। ମୁଁ ହଠାତ୍ ତାଙ୍କ କଥା ବୁଝିପାରିଲି ନାହିଁ। ମୋ ମନୋଭାବକୁ ଲକ୍ଷ୍ୟକରି ସେ କହିଲେ ଯେ, ତାଙ୍କର ସନ୍ତାନ ସନ୍ତତି ନ ଥିବାରୁ ପୁତୁରାକୁ ପୁଅ କଲେ। ମନ୍ତ୍ରୀ ଦପ୍ତରରେ ଥିବାରୁ କୁହାପୋଛା କରି ପୁଅକୁ ସରକାରୀ ଚାକିରିରେ ରଖାଇଲେ। ତାଙ୍କୁ ମିଳିଥିବା ସରକାରୀ ଘରଟିକୁ ପୁତ୍ର ନାମରେ କରାଇଲେ। ଏବେ ପୁଅ କହୁଛି ଦାଦି! ତୁମେ କେବେ ଗାଁକୁ ଯିବ। ସେଥିପାଇଁ ମୁଁ ସ୍ଥିର କଲି ଯେ, ଆଉ ପୁଅ ପାଖରେ ନ ରହି ଗାଁକୁ ଚାଲିଯିବି। ବୁଢ଼ୀ ତ ଆଗରୁ ଚାଲିଯାଇଛି। ସେ ଥିଲେ ଆହୁରି ଦୁଃଖ କରିଥାଆନ୍ତା। ଏହା କହିସେ ଦୀର୍ଘଶ୍ୱାସ ପକାଇଲେ!

ଇତିମଧ୍ୟରେ ଢେର କିଛି ଦିନ ବିତିଗଲେ ମଧ୍ୟ ଲୋକଙ୍କର ଆଚରଣ ଏବଂ ଉଚ୍ଚାରଣରେ ବିଶେଷ କିଛି ପରିବର୍ତ୍ତନ ଆସିନାହିଁ ବୋଲି ମୋର ମନେ ହୁଏ। ମୁଁ ରହୁଥିବା ସ୍ଥାନର ଦୁଇଟି ଘଟଣା ଉପସ୍ଥାପନ କରୁଛି। ପ୍ରଥମ ଘଟଣାଟି ହେଉଛି ଏହିପରି ଜଣେ ଅବସରପ୍ରାପ୍ତ କର୍ମଚାରୀ ବହୁ ଦିନରୁ ସ୍ୱର୍ଗବାସ ହେଲେଣି। ଘରେ ତାଙ୍କର ତିନିପୁଅ ଏବଂ ବିଧବା ସ୍ତ୍ରୀ। ଦୁଃଖର କଥା ହେଉଛି ତିନିଭାଇ ସମ୍ପତ୍ତି ଲୋଭରେ ଗୋଟିଏ ଘରେ ରହୁଥିଲେ ମଧ୍ୟ ମା'କୁ ପଚରାଲୋଡ଼ା କରନ୍ତି ନାହିଁ। ମା' ବର୍ତ୍ତମାନ ଶଯ୍ୟାଶାୟୀ। ତିନି ଭାଇଙ୍କର ହାଣ୍ଡି ଅଲଗା ଏବଂ ସେମାନେ ପାଳିକରି ମା'କୁ ଖାଇବାକୁ ଦିଅନ୍ତି। ଯେତେବେଳେ ତାଙ୍କ ସ୍ୱାମୀ ବଞ୍ଚିଥିଲେ ସେତେବେଳେ ସମସ୍ତେ ଏକାଠି ରହୁଥିଲେ ଏବଂ ହାଣ୍ଡି ଅଲଗା ହୋଇ ନ ଥିଲା। ସମୟକ୍ରମେ ତିନିଭାଇଙ୍କ ଭିତରେ ମନ ଫଟାଫଟି ହେଲା ଏବଂ ହାଣ୍ଡି ଅଲଗା ହୋଇଗଲା। ବୁଢ଼ୀ ମା' ସବୁ ଜାଣୁଥିଲେ ମଧ୍ୟ କିଛି କରିବାର ଉପାୟ ନାହିଁ।



ସେହିପରି ଦ୍ୱିତୀୟ ଘଟଣାଟି ହେଉଛି ମୁଁ ରହୁଥିବା ସେହି ଅଞ୍ଚଳର। ଜଣେ ଭଦ୍ର ମହିଳାଙ୍କର ତିନିପୁଅ ଏବଂ ତିନିଝିଅ, ବିଧବା ମା'। ପିଲାମାନେ ସମସ୍ତେ ପ୍ରତିଷ୍ଠିତ। କିନ୍ତୁ ମା'ର ବୋଝ ନେବାକୁ କେହି ରାଜି ନୁହନ୍ତି। କିଛି ଦିନ ତଳେ ତାଙ୍କ ନାତୁଣୀର ବିବାହ ଖବର ଶୁଣି ସେ ଧାଇଁ ଆସିଥିଲେ। କିନ୍ତୁ ସବୁ ପୁଅଝିଅ ଦେଖୁଥିଲେ ମଧ୍ୟ ସତେଯେପରି ସେ ଅଲୋଡ଼ା ଥିବା ମନେ ହେଲା। ବୁଢ଼ୀ ନୀରବରେ ବସି ଅଶ୍ରୁ ସମ୍ବରଣ କରୁଥିବା ଲକ୍ଷ୍ୟ କଲି। ତାଙ୍କ ସ୍ୱର୍ଗତ ସ୍ୱାମୀ ଜଣେ ସରକାରୀ କର୍ମଚାରୀ ଥିବାରୁ କିଛି ପେନ୍‌ସନ୍ ପାଉଛନ୍ତି। କଥା ଏମିତି ହେଲା ଯେ ପୁଅ ଝିଅ ମିଶି ଜନ୍ମକଲା ମା'କୁ ବୃଦ୍ଧାଶ୍ରମରେ ଛାଡ଼ିଦେଲେ। ତାଙ୍କୁ ନିୟମିତ ବ୍ୟବଧାନରେ ଭେଟିବା କଥା ତ ଦୂରର କଥା ଫୋନ୍ ମଧ୍ୟ କରୁନାହାନ୍ତି। ବର୍ତ୍ତମାନ ଅନନ୍ୟୋପାୟ ହୋଇ ବୃଦ୍ଧାଶ୍ରମର ପରିଚାରିକା ଝିଅପୁଅମାନଙ୍କୁ ସଫାସଫା ଶୁଣାଇ ଦେଇଛନ୍ତି ଏଣିକି ଆପଣମାନଙ୍କ ମା'ଙ୍କ ଦେହ ବେଶି ଅସୁସ୍ଥ ହେଲେ ଆପଣଙ୍କୁ ଜଣାଇବୁ ନାହିଁ। କେବଳ ସେ ମରିଗଲେ ଆପଣ ଯାହା ଖବର ପାଇବେ। ଇଚ୍ଛାଥିଲେ ଶୁଦ୍ଧିକ୍ରିୟା ସମ୍ପାଦନ କରିବେ ନ ହେଲେ ନାହିଁ। ଏ କଥା ରୋକ୍‌ଠୋକ୍ ଶୁଣାଇଦେଲେ।

ପାଠକେ! ଏ କେବଳ ଗୋଟିଏ ବା ଦୁଇଟି ଘଟଣା ନୁହେଁ। ଏମିତି ଅନେକ ଘଟଣା ନିତିଦିନ ଆମ ସମାଜରେ ଘଟୁଛି। ଯୌଥ ପରିବାର ପରିବର୍ତ୍ତେ ଅଣୁପରିବାର ଦ୍ୱାରା ଏସବୁ ବିଚାର ବିଭ୍ରାଟ ହେଉଛି ବୋଲି ମନେ ହୁଏ। ଅବଶ୍ୟ ସବୁ ଝିଅପୁଅଙ୍କ କ୍ଷେତ୍ରରେ ଏହା ହେଉଛି ତାହା ନୁହେଁ; ମା'ବାପାଙ୍କୁ ପଚାରୁଥିବା ପୁଅ ବୋହୂଙ୍କ ସଂଖ୍ୟା ବହୁତ କମ୍।

ଏହା ଆମ ଅଙ୍ଗେ ନିଭା କଥା। ଝିଅଟି ଘରକୁ ବାହାହୋଇ ଆସୁଛି; ସଂସାର ବୋଇଲେ ସେ ଭାବୁଛି ସେ, ତା'ର ସ୍ୱାମୀ ଏବଂ ପିଲା। ଶାଶୁ-ଶ୍ୱଶୁର, ନଣନ୍ଦ-ଦିଅର ପ୍ରମୁଖଙ୍କ ପ୍ରତି କିଛି କର୍ତ୍ତବ୍ୟ ଅଛି ବୋଲି ସେ ଭୁଲିଯାଉଛି। ଆଉ ବିଚରା ପୁଅଟି! ସେ ବୋହୂ କଥାରେ ଏପରି ଉଠବସ୍ ହେଉଛି ଯେ ତା'ର ମାନବିକତା ଟିକକ ହଜିଯାଉଛି। ଆହୁରି ଗୋଟିଏ ସ୍ପଷ୍ଟ କଥା କହିରଖୁଛି ଇଚ୍ଛାହେଉଛି ଏକଥା ମୋଭଳି ଅନେକେ ମଧ୍ୟ ଅନୁଭବ କରିଥିବେ ବା ଦେଖିଥିବେ। ପୁଅଟି ମା'ବାପାଙ୍କୁ ଯେତିକି ହତାଦର କରେ ଶାଶୁ ଶ୍ୱଶୁରଙ୍କ ପ୍ରତି ତା'ର ସେତିକି ନିଷ୍ଠା ଥାଏ। ଏସବୁ କଥା ଦିନକୁଦିନ ବଢ଼ିଚାଲିଛି ସିନା କମିବା ନାଁ ଗନ୍ଧ ନେଉନାହିଁ। ଆଜି ଯେଉଁ ପୁଅ ବା ବୋହୂ ତାଙ୍କ ମା'ବାପାଙ୍କୁ ହତାଦର କରୁଛନ୍ତି ଆସନ୍ତା କାଲି ସେମାନେ ହୁଏତ ତାଙ୍କ ପିଲାମାନଙ୍କର ଶାଶୁ ବା ଶ୍ୱଶୁର ହେବେ। ଯୌବନର ଉଦ୍ଦାମତାରେ ସେମାନେ ହୁଏତ ନିଜ ଦୋଷତ୍ରୁଟିକୁ ଲକ୍ଷ୍ୟ କରିପାରୁନାହାନ୍ତି। କିନ୍ତୁ ତାଙ୍କ ଝିଅପୁଅ ତ ଲକ୍ଷ୍ୟ କରୁଛନ୍ତି, ତାଙ୍କ ଜେଜେ ଓ ଜେଜେମା' କିପରି ତାଙ୍କ ମା'ବାପାଙ୍କ ଦ୍ୱାରା ହତାଦର ହେଉଛନ୍ତି। ଏସବୁ ପ୍ରଭାବ କ'ଣ ପିଲାମାନଙ୍କ ଉପରେ ପଡୁନାହିଁ?

**ସେବାନିବୃତ୍ତ ଅତିରିକ୍ତ ଶାସନ ସଚିବ,**
**ଓଡ଼ିଶା ସରକାର**
**ମୋ: ୯୪୩୮୦୭୨୮୫୦**

## ପାଠକ ଶ୍ରେଷ୍ଠ ବିଚାରକ

### ମହାପ୍ରସାଦ ବିକ୍ରେତା ନିର୍ଦ୍ଦିଷ୍ଟ ପୋଷାକ ପିନ୍ଧନ୍ତୁ

ମହାଶୟ,

ଏବେ ଦେଖାଯାଉଛି ମହାପ୍ରସାଦ ମୂଳ ସୁଆର, ମହାସୁଆରମାନେ ଆନନ୍ଦ ବଜାରରେ ଅନ୍ୟ ଅଣସୁଆର ମହାସୁଆରଙ୍କୁ ବିକ୍ରୟ କରିଦେବାରୁ ସେମାନେ ବିକ୍ରି କରୁଛନ୍ତି। ପୂର୍ବରୁ ଆନନ୍ଦ ବଜାରରେ ସୁଆର ମହାସୁଆର ଧୋତି, ଗାମୁଛା ଆଦି ବେଶଭୂଷାରେ ଭଲ ଲାଗୁଥିଲେ ଏବଂ ଭକ୍ତିଭାବ ସୃଷ୍ଟି ହେଉଥିଲା। ମାତ୍ର ଏବେ ଦେଖାଯାଉଛି ଅଣସୁଆର ମହାସୁଆର ବ୍ୟକ୍ତିମାନେ ଫୁଲ୍‌ପ୍ୟାଣ୍ଟ, ଶାର୍ଟ, ଜିନ୍ସ ଆଦି ପିନ୍ଧି ମହାପ୍ରସାଦ ବିକ୍ରି କରୁଛନ୍ତି ; ଯାହା ସୁନ୍ଦର ଲାଗୁ ନାହିଁ। ଏଣୁ ଶ୍ରୀମନ୍ଦିରର ମହାପ୍ରସାଦ ବିକ୍ରୟ କରିବା ବ୍ୟକ୍ତି, ସେବକଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ପୋଷାକ କୋଡ୍ ପ୍ରଚଳନ କରାଗଲେ ହିନ୍ଦୁଧର୍ମର ମହତ୍ତ୍ୱ ପ୍ରକଟିତ ହେବ।

**ଶ୍ରୀରାମଚନ୍ଦ୍ର ଦାଶ, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମେଳଣ ପଡ଼ିଆ



ନିମାଇଁ ଚରଣ ଲେଙ୍କା

ଜୀବନ ଶୁଦ୍ଧ ଓ ନିର୍ମଳ ହେବା ପାଇଁ, ଆତ୍ମାର ବିକାଶ ପାଇଁ, ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭ ପାଇଁ ଧର୍ମୀୟ ଜୀବନଯାପନ କରିବା ବିଧେୟ। ଏପରି ମହତ୍ତ୍ୱାକାଂକ୍ଷା ଉତ୍ତମ ଓ ଆବଶ୍ୟକ। କିନ୍ତୁ ଅନେକ ବ୍ୟକ୍ତି ଅଭିମାନବଶତଃ ପୂଜା, ପ୍ରତିଷ୍ଠା, ଉପହାର ବା ପୁରସ୍କାର ପାଇବା ପାଇଁ, ଜୟଜୟକାର, ଆତ୍ମପ୍ରଶଂସା ଓ ସ୍ତୁତି ଶୁଣିବା ପାଇଁ ବ୍ୟାକୁଳ ହୁଅନ୍ତି। ସେମାନେ ଯାହାନୁହନ୍ତି, ତା'ଠାରୁ ଅଧିକ ଯୋଗ୍ୟଭାବେ, ଗୁଣ ନ ଥାଇ ବି ମହାନ୍ ଗୁଣୀଭାବେ ପ୍ରଶଂସିତ ହୋଇ ନିଜକୁ କୃତ୍ୟକୃତ୍ୟ ମନେକରନ୍ତି। କୌଣସି କାର୍ଯ୍ୟ ନ ଥାଇ ସେମାନେ ସାଧାରଣ ବା ଇତର ବୋଲି ଭାବୁଥିବା ଲୋକଙ୍କୁ କାର୍ଯ୍ୟବ୍ୟସ୍ତତାର ବାହାନା କରନ୍ତି, କିନ୍ତୁ ସମାଜର ପ୍ରତ୍ୟେକ ସ୍ତରରେ ଅନଧିକାର ପ୍ରବେଶ କରିବାକୁ ଚେଷ୍ଟାକରନ୍ତି ଏବଂ ନିଜକୁ ସବୁଠାରୁ ଅଧିକ ଜ୍ଞାନୀ, କାର୍ଯ୍ୟବ୍ୟସ୍ତ ଓ ବିଖ୍ୟାତ ବୋଲି ବଡ଼ିମା ଦେଖାନ୍ତି। କିନ୍ତୁ ''ଯିଏ କହେ ସେ ଜାଣେନି, ଯିଏ ଜାଣେ ସେ କହିପାରେନି। 'ଜଡା' ଗୁଡ଼ ଖାଇଲାପରି ଖାଲି ମୁରୁକି ମୁରୁକି ହସୁଥାଏ''(ନାମାଚାର୍ଯ୍ୟ)। ''ସଂସାର ସେମାନଙ୍କ ସକାଶେ ଚାଲିଛି, ନଚେତ ଭାସିଯିବ'' ବୋଲି ସେମାନଙ୍କ ମନରେ ଦମ୍ଭଥାଏ। କିନ୍ତୁ ସେମାନେ ଗଲାପରେ ମଧ୍ୟ ସଂସାର ରହେ। ଏଭଳି ମିଥ୍ୟା ଅହଂକାର କରି, ସ୍ତୁତି ଓ ପ୍ରଶଂସା ଶୁଣିଶୁଣି ଅନେକ ମହାନ୍ ବ୍ୟକ୍ତିଙ୍କର ପତନ ଘଟିଛି। ସେଥିପାଇଁ କୁହାଯାଇଛି, ''ଅଭିମାନ-ସୁରାପାନ, ଗୌରବ-ରୌରବନର୍କ, ପ୍ରତିଷ୍ଠା-ଶୁକରୀବିଷ୍ଠା''।

ବ୍ୟକ୍ତିମାନେ ନିଜ ଜୀବନରୂପୀ ସୁନ୍ଦର ଉଦ୍ୟାନଟିକୁ ଏକଖୋଲା 'ମେଳଣ ପଡ଼ିଆ' କରିଦିଅନ୍ତି। ବାସ୍ତୁଶାସ୍ତ୍ର ଅନୁସାରେ, ଯଦି ଫୁଲଫଳଭରା କିଛି ବୃକ୍ଷଥିବା ଗୋଟିଏ ଜମିକୁ ଉତ୍ତମରୂପେ ବାଡ଼ବନ୍ଦୀ କିମ୍ବା ପ୍ରାଚୀର ନିର୍ମାଣ କରାଯାଇ ସୁରକ୍ଷିତ ରଖାଯାଏ, ତେବେ ତାହାର ବାସ୍ତୁଶକ୍ତି ଓ ମର୍ଯ୍ୟାଦା ବହୁଗୁଣ ବଢ଼ିଯାଏ ଏବଂ ଲୋକେ ତାହାକୁ ବଗିଚା, ବାଟିକା, ଉଦ୍ୟାନ ଆଦି କହନ୍ତି। ଜମିମାଲିକ ମଧ୍ୟ ସେଥିରୁ ପ୍ରଚୁର ଫୁଲଫଳ ପାଇପାରନ୍ତି। କିନ୍ତୁ ସେହିଜମି ଯଦି ସମ୍ପୂର୍ଣ୍ଣ ଅସୁରକ୍ଷିତ ବା ଉଜୁଡା ହୋଇଯାଏ, ଲୋକେ ତାକୁ 'ମେଳଣ ପଡ଼ିଆ' ବୋଲି କହନ୍ତି। ତାହା ସମସ୍ତଙ୍କ ପାଇଁ ଖୋଲାମେଲା ବା ଶସ୍ତା ହୋଇଯାଇ ତା'ର ମର୍ଯ୍ୟାଦା ହରାଇ ଥାଏ। ଯେପରି ଜଣେ ସ୍ଥାୟୀଦୋକାନୀଠାରୁ ବୁଲାବିକାଳିର ମର୍ଯ୍ୟାଦା ଊଣା ହୋଇଥାଏ, ଏହା ଠିକ୍ ସେହିପରି। ଶସ୍ତା ଲୋକପ୍ରିୟତା ଆଶାକରୁଥିବା ବ୍ୟକ୍ତିଙ୍କର ଏହି ଅବସ୍ଥା ହିଁ ହୁଏ। ଆମେ ସବୁଦିନ ପାଇଁ ଏହି ପୃଥିବୀକୁ ଆସିନାହୁଁ କିମ୍ବା ଆମର ଏ ଭୂମିକା ସ୍ଥାୟୀ ନୁହେଁ। ଯେଉଁମାନେ ଏହାକୁ ଅନୁଭବ କରିଛନ୍ତି, ଜାଣିଛନ୍ତି ଏବଂ ପୂର୍ଣ୍ଣଭାବେ ଗ୍ରହଣକରି ନେଇଛନ୍ତି, ଏହା ସେହିମାନଙ୍କର ବାର୍ତ୍ତା। ସେମାନେ ଆମକୁ ସମ୍ବୋଧନ କରିଛନ୍ତି,''ହେ ପୃଥିବୀ ଅଭିମୁଖେ ଆସିଥିବା ଯାତ୍ରୀମାନେ! ତୁମେ ନିଜନାମ ଓ ରୂପର ଊର୍ଦ୍ଧ୍ୱରେ ଥିବା ସେହି ଅମରାତ୍ମା। ବାସ୍ତବରେ ତୁମେ ଅବିନାଶୀ, ଶାଶ୍ୱତ ଓ ଅଜନ୍ମା ହୋଇଥିବାରୁ, ଏହି ଅସ୍ଥାୟୀ ଜଡ଼ଜଗତର ସ୍ଥାୟୀବାସିନ୍ଦା ନୁହଁ। ତୁମେ ଏହି ଦୃଶ୍ୟ ସ୍ଥୂଳଜଗତର ଅନ୍ତର୍ଗତ ନୁହଁ, ଯେହେତୁ ପରମାତ୍ମା ଏହାର ଅନ୍ତର୍ଗତ ନୁହନ୍ତି''। ତେଣୁ ଆମକୁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେବ। ଆମେ କେବେ ବି ମଝିରାସ୍ତାରେ ବାଟବଣା ହେବାନାହିଁ କି ଶୋଇଯିବା ନାହିଁ। ଜୀବନର ଏହି ଲମ୍ବାରାସ୍ତାରେ ଆମକୁ ଆଗକୁ ଯିବାକୁ ହେବ। କିନ୍ତୁ ଆମମାନଙ୍କୁ ଲକ୍ଷ୍ୟଭ୍ରଷ୍ଟ କରିବାରେ 'ବିକୃତ ମହତ୍ତ୍ୱାକାଂକ୍ଷା'ର ଯଥେଷ୍ଟ ଅବଦାନ ରହିଛି। ଜୀବନର ସହଜ ଓ ସ୍ୱାଭାବିକ ମାର୍ଗରୁ ହଟାଇ ଏମାନେ ଆମକୁ ଭୁଲ୍ ରାସ୍ତାରେ ନେଇଯାଆନ୍ତି। ଏଥିପାଇଁ ଆମର ଯାହାକରିବା ଉଚିତ, ଆମେ ତାକୁ ଉପେକ୍ଷା କରି ନ କରିବା କାମକରୁ। ଜୀବନସହ ସମ୍ବନ୍ଧିତ ଅନ୍ୟ ସବୁକିଛି ହେଉଛି ଉପମାର୍ଗ ବା ଗଳିରାସ୍ତା। ଏଣୁ ଆମେ ଜୀବନର ରାଜମାର୍ଗ (ପ୍ରଧାନରାସ୍ତା)ରେ ହିଁ ଆଗେଇବାର ଦୃଢ଼ତା ରଖିବା ଉଚିତ। ସାବଧାନତା ଓ ଧ୍ୟାନର ସହ ଦୃଢ଼ସଂକଳ୍ପ ହୋଇ, ଛୋଟଛୋଟ କଥା, ପାର୍ଥିବସୁଖ, ମିଥ୍ୟା ଆତ୍ମପ୍ରଶଂସା ଓ ସ୍ତୁତି, ଧନ, ଯଶ ଓ ଲୋଭର ବଶବର୍ତ୍ତୀହୋଇ ଏହିମାର୍ଗରୁ ହଟିଯିବା ନାହିଁ। ଯେପରି ଭୋଗବିଳାସ ପଛରେ ଧାଉଁଥିବା ବ୍ୟକ୍ତି ନିଜେ ଭୋଗର ସାମଗ୍ରୀ ହୋଇଯାଇଛି ବୋଲି ଜାଣିପାରେ ନାହିଁ। ନିଜକୁ ଜଣେ ବଡ଼ କୁଶଳୀ ଶିକାରୀ ବୋଲି ଭାବୁଥିବା ବ୍ୟକ୍ତି ନିଜେ ହିଁ ମାୟାର ଶିକାର ହୋଇଯାଏ। ଆମେ ଯଦି ସେହି ଉପମାର୍ଗ (ଗଳିରାସ୍ତା)ରେ ପଶି ବାଟବଣା ହେଉ ବା ନିଜ ଚରମଲକ୍ଷ୍ୟ ପଥରୁ ଦୂରେଇଯାଉ, ତେବେ ଆମେ କିଛି ବି ନୋହୁଁ। କାରଣ ଏ ସବୁ ଭ୍ରମମାତ୍ର। ଯଦି ସଂସାର ଆମକୁ ବାଃ ବାଃ କରୁଛି, ଆମେ ଦୁଃଖକରିବା ଉଚିତ। କାରଣ ସଂସାର ମୋହ ଆମ ପାଖକୁ ଯେତେ ପାଖେଇ ଆସିବ, ଆମେ ଭଗବାନଙ୍କ ନିକଟରୁ ସେତେ ଦୂରେଇଯିବା। ଆମେ ସଂସାରରେ ଯେତେ ଚିହ୍ନାହେବା, ତାଙ୍କ ପାଖରେ ସେତେ ଅଚିହ୍ନାହେବା। ଆମେ ସଂସାରର ଯେତେ ସ୍ମୃତିରେ ରହିବା, ପ୍ରଭୁଙ୍କର ସେତେ ବିସ୍ମୃତିରେ ରହିବା। ଆମର ମହତ୍ତ୍ୱାକାଂକ୍ଷା କେତେ ଯଥାର୍ଥ ଓ ଉପଯୋଗୀ ବୋଲି ବିବେକପୂର୍ଣ୍ଣ ବୁଦ୍ଧିରେ ଆମେ ଚିନ୍ତାକରିବା ଉଚିତ। ନିକୃଷ୍ଟ ସ୍ତରର ଆକାଂକ୍ଷା ହୋଇଥିଲେ ତାହା ତ୍ୟାଗକରିବା ଉଚିତ। କେବଳ ଶ୍ରେଷ୍ଠତ୍ୱ ଦିଗରେ ନେଇଯାଉଥିବା ମହତ୍ତ୍ୱାକାଂକ୍ଷା ହିଁ ଶ୍ରେୟସ୍କର। ତେଣୁ ପ୍ରତ୍ୟେକ କର୍ମକୁ ଆମେ ଯଦି ଏହିଭଳି ନିର୍ବାହ କରିବା, ଆମଜୀବନ କୃତାର୍ଥ ହୋଇଯିବ।

**ମୋ: ୯୨୩୮୬୧୫୪୭୮**

**ସଂରକ୍ଷିତ ଜଙ୍ଗଲରୁ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ**

କଣ୍ଟାବାଞ୍ଜି,(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁରେକେଲା ଥାନା ତୁରେକେଲା-ଲାଠୋର ପିଡବ୍ଲ୍ୟୁଡି ରାସ୍ତା ପାର୍ଶ୍ୱରେ ଥିବା ରାଜୁ ସଂରକ୍ଷିତ ଜଙ୍ଗଲର ଖମ୍ବ ୩ ନିକଟରେ ଗୁରୁବାର ଜଣେ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପୋଲିସ ଜବତ କରିଛି। କଣ୍ଟାବାଞ୍ଜି ପୋଲିସ ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ତୁରେକେଲା ଇନଚାର୍ଜ ଆଇଆଇସି ପ୍ରଣୟ ମୁର୍ମୁ ସାଇଣ୍ଟିଫିକ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ମୃତକଙ୍କ ପରିଚୟ ମିଳିପାରିନାହିଁ। ଯୁବତୀଙ୍କୁ ହତ୍ୟା କରିବା ପରେ ପୋଡି ଦିଆଯାଇଥିବା ପୋଲିସ ଅନୁମାନ କରୁଛି।

# କଣ୍ଟାବାଞ୍ଜିକୁ ଜିଲା ମାନ୍ୟତା ଦିଅ

**କଣ୍ଟାବାଞ୍ଜି, ୨୪।୧୧(ଡି.ଏନ.ଏ.)**

କଣ୍ଟାବାଞ୍ଜିକୁ ଜିଲା ମାନ୍ୟତା ଦିଅ। ନୂଆ ଜିଲା ଗଠନ ହେଲେ ଏହି ଅଞ୍ଚଳର ଦ୍ରୁତ ବିକାଶ ହେବ। ଏହିଭଳି ଦାବି କରିଛି ଜିଲା ସଂଘର୍ଷ ସମିତି। କଣ୍ଟାବାଞ୍ଜି ଏନଏସି ସହ ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକକୁ ନେଇ ଏକ ସ୍ୱତନ୍ତ୍ର ଜିଲା ଗଠନର ପରିକଳ୍ପନା କରି ସଂଘର୍ଷ ସମିତି ସରକାରଙ୍କ ସମ୍ମୁଖରେ ଦାବି ରଖିଛି। ଦାବିକୁ ଶାଣିତ କରିବା ପାଇଁ ଗୁରୁବାର ସଂଘର୍ଷ ସମିତି ଆବାହକତ୍ୱରେ କଣ୍ଟାବାଞ୍ଜି ବନ୍ଦ ପାଳନ କରାଯାଇଥିଲା। କୋଶଳ ମୁକ୍ତି ମୋର୍ଚ୍ଚା, ଏଲ.ଡି.ଏ, ହେମାଲ ସଂଘ, ଗଣ୍ଡା ସମାଜ ଚୌକିଦାର ପଡା, ଯାଦବ ସମାଜ, ଶୁଣ୍ଢି ସମାଜ, ମାଳି ସମାଜ, ନୀଳଚକ୍ର ସପେଇ ଅଗ୍ରୱାଲ ସମାଜ, ମାରୱାଡି ଯୁବାମଞ୍ଚ, ଡ୍ରାଇଭର ୟୁନିୟନ, ଟେମ୍ପୋ ୟୁନିୟନ, ଉଠାଦୋକାନୀ ସଂଘ, କପଡା ବ୍ୟବସାୟୀ ସଂଘ, ମର୍ଚ୍ଚାଣ୍ଟ ଆସୋସିଏଶନ, ହୋଟେଲ ମାଲିକ ସଂଘ, ସାମ୍ବାଦିକ ସଂଘ, ପ୍ରେସ କ୍ଲବ ଆଦି ଅଞ୍ଚଳର ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନ ସାମିଲ ହୋଇଥିଲେ। ବନ୍ଦ ପ୍ରଭାବରେ ଏହି ଅଞ୍ଚଳର ଥିବା ସମସ୍ତ ସରକାରୀ, ବେସରକାରୀ ଅଫିସ, ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଦୋକାନ ବଜାର ବନ୍ଦ ରହିଥିଲା। ଗୁରୁବାର ସକାଳ ସାଢେ ଛଅଟାରୁ ଆନ୍ଦୋଳନକାରୀ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦକୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ।



କଣ୍ଟାବାଞ୍ଜି ଜିଲା ଦାବିରେ କଣ୍ଟାବାଞ୍ଜିରେ ବାହାରି ଥିବା ଶୋଭାଯାତ୍ରା।

ଜିଲା ସଂଘର୍ଷ ସମିତି ସଭାପତି ଶେଷଦେବ ପୁଟେଲ, କାର୍ଯ୍ୟକାରୀ ସଭାପତି ବ୍ରଜଶ୍ୟାମ ଗୁରୁ, ସମ୍ପାଦକ ଦୁଃଖିଶ୍ୟାମ ଗୁରୁଙ୍କ ନେତୃତ୍ୱରେ ସହରର ଇନ୍ଦିରା ଛକ ନିକଟରେ ରାସ୍ତାରୋକୋ ପରେ ପର୍ଶୁରାମ ଛକ ନିକଟରେ ଏକ ସାଧାରଣ ସଭା ହୋଇଥିଲା। ଏହି ସଭାରେ ସହରର ସମସ୍ତ ଅନୁଷ୍ଠାନ ପ୍ଲାକାର୍ଡ ଏବଂ ଜିଲା ଦାବି ବ୍ୟାନର ଧରି ସାମିଲ ହୋଇଥିଲେ। ଦାବିକୁ ତୀବ୍ରତର କରିବା ପାଇଁ ସେମାନେ ଶପଥ ନେଇଥିଲେ। ଏନଏସି ନଗରପାଳ ବରିୟାମ ସିଂ ସାଲୁଜା, ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଲକ୍ଷ୍ମଣ ବାଗ ଜିଲା ଗଠନ ଦାବି ଯୁକ୍ତିଯୁକ୍ତ ବୋଲି କହିଥିଲେ। କଣ୍ଟାବାଞ୍ଜି ଜିଲା ଗଠନ ପାଇଁ ଭିତ୍ତିଭୂମି ଥିବା ବିଷୟରେ ଆଇନଜୀବୀ ସତ୍ୟନାରାୟଣ ରାଏ, ଯାଦବ ସମାଜ ଏନଏସି ସଭାପତି ବେଦବ୍ୟାସ ନାଗ ମତ ରଖିଥିଲେ। ଏହା ପରେ ଏକ ଶୋଭାଯାତ୍ରାରେ ଆନ୍ଦୋଳନକାରୀ ଇନ୍ଦିରା ଛକ, ଶାସ୍ତ୍ରୀ ଛକ, ଚୈତନ୍ୟ ପ୍ରଧାନ ଛକ, ରାଜୀବ ଛକ ଦେଇ ନଗର ପରିକ୍ରମା ପରେ ତହସିଲ ଅଫିସରେ

## ୧୨ଘଣ୍ଟା ବନ୍ଦକୁ ମିଳିଲା ସମର୍ଥନ

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ
- ମାସେ ମଧ୍ୟରେ ରିପୋର୍ଟ ପ୍ରଦାନ ନ କଲେ ଜୋର୍‌ଦାର ଆନ୍ଦୋଳନ: ସଂଘର୍ଷ ସୀମିତି

ପହଞ୍ଚିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ସମୀର ରଞ୍ଜନ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଣ୍ଟାବାଞ୍ଜି ଜିଲା ଦାବିକୁ ରାଜ୍ୟ ସରକାରଙ୍କଠାରେ ଉପସ୍ଥାପନ କରିବା ପାଇଁ ଏଥିରେ ଅନୁରୋଧ କରାଯାଇଛି। ଆଗାମୀ ଏକ ମାସ ମଧ୍ୟରେ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆ ନଗଲେ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଜିଲା ସଂଘର୍ଷ ସମିତି ଚେତାବନୀ ଦେଇଛି। ଆଇନଶୃଙ୍ଖଳା ପାଇଁ ପୋଲିସ ଏସଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ।

## ସଂକ୍ଷେପରେ

### ଓମାଦିନୀଙ୍କୁ ମିଳିନି ବିଧବା ଭତ୍ତା

**ଲୋଇସିଂହା,୨୪।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବସ୍ତିର ଓମାଦିନୀ ବାଗ। ସ୍ୱାମୀ ମୃତ୍ୟୁର ୬ ମାସ ବିତିଲାଣି। ହେଲେ ତାଙ୍କୁ ବିଧବା ଭତ୍ତା ମିଳିନାହିଁ। କଲେଜ ପଢୁଆ ଏକମାତ୍ର ଝିଅକୁ ନେଇ ସେ ଏବେ ଦୁର୍ଦ୍ଦିନରେ ଦିନ କାଟୁଥିବା ଅଭିଯୋଗ କରିଛନ୍ତି। ବିଶାଖା ଓ ଡଗର ବାଗଙ୍କ ଝିଅ ଓମାଦିନୀ ୨୦୦୫ ମସିହାରେ ସମ୍ବଲପୁର ସାକ୍ଷୀପଡାରେ ବିବାହ କରିଥିଲେ। ୨୦୦୮ରେ କୌଣସି କାରଣକୁ ନେଇ ଓମାଦିନୀ ଝିଅ ଅରୁଣାଙ୍କୁ ନେଇ ବାପ ଘର ଲୋଇସିଂହା ଚାଲି ଆସିଥିଲେ। ସେବେଠାରୁ ଆଉ ସେ ଶ୍ୱଶୁର ଘର ଫେରିନାହାନ୍ତି। ଝିଅ ଅରୁଣା ଏବେ ଲୋଇସିଂହା କଲେଜର ଯୁକ୍ତ ୨ ପ୍ରଥମବର୍ଷରେ ପଢୁଛନ୍ତି। ଗତ ଜୁନ ମାସରେ ଓମାଦିନୀଙ୍କ ସ୍ୱାମୀଙ୍କର ମୃତ୍ୟୁ ଘଟିଥିଲା। ସମ୍ବଲପୁରରେ ଶୁଦ୍ଧକ୍ରିୟା ପରେ ଓମାଦିନୀ ଲୋଇସିଂହା ଫେରିଛନ୍ତି। ବିଧବା ଭତ୍ତା ପାଇଁ ସେ ଲୋଇସିଂହା ପଞ୍ଚାୟତରେ ଆବେଦନ କରିଛନ୍ତି। ହେଲେ ଭତ୍ତା ମଞ୍ଜୁର ହୋଇନାହିଁ। ଏଥିପ୍ରତି ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଧାରଣାସ୍ଥଳରେ ମାଣ ବସାଇଲେ ଅଙ୍ଗନୱାଡି କର୍ମୀ

**ଗୁଡ଼ଭେଲା,୨୪।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ ଗୁରୁବାର ମକଶିର ଗୁରୁବାରରେ ମା ଲକ୍ଷ୍ମୀଙ୍କର ପାରମ୍ପରିକ ପୂଜାର୍ଚ୍ଚନା ମାଣ ବସାଇଥିଲେ। ସମାନ କାମକୁ ସମାନ ଦରମା ପ୍ରଦାନ ନାରା ଦେଇଥିଲେ। ଏହି ଧାରଣାରେ ଟିକେମଣୀ ଛତ୍ରିଆ, ବିନ୍ଦୁଲତା ସାମଲ, ତୃପ୍ତିମୟୀ ସୁନା, ସବିତା ହରପାଲ, ରୀତା ଭୋଇ, ଗାୟତ୍ରୀ ମହାରଣା, ଖୁଳାନ ଜେନା ପ୍ରମୁକ ବ୍ଲକର ୧୧୫ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀମାନେ ସାମିଲ ଥିଲେ।


ବନ୍ଦ ପାଳନ ବେଳେ ଟିଟିଲାଗଡରେ ଆନ୍ଦୋଳନକାରୀ।

# ଟିଟିଲାଗଡ଼ ଜିଲା ମାନ୍ୟତା ଦାବି ତେଜିଲା

**ଟିଟିଲାଗଡ, ୨୪।୧୧(ଡି.ଏନ.ଏ.)**

ଟିଟିଲାଗଡ଼ ଉପଖଣ୍ଡକୁ ଜିଲା ମାନ୍ୟତା ଦାବିରେ ଗୁରୁବାର ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଜିଲା କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ କରାଯାଇଥିବା ବନ୍ଦକୁ ଜନ ସମର୍ଥନ ମିଳିଛି। ବନ୍ଦକୁ ସିନ୍ଧେକେଲା ଓ ସଇଁତଳାରେ ବି ଲୋକେ ସମର୍ଥନକରିଛନ୍ତି। ବନ୍ଦ ଯୋଗୁଁ ଏହି ସବୁ ଅଞ୍ଚଳର ଜନଜୀବନ ପ୍ରଭାବିତ ହୋଇଛି। ଯାନବାହାନ ଚଳାଚଳ ବନ୍ଦ ରହିବାରୁ ରାସ୍ତା ଶୁନଶାନ ହୋଇ ଯାଇଥିଲା। ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ଡାକବିଭାଗ, ଜୀବନ ବୀମା, ଭାରତୀୟ ଖାଦ୍ୟ ନିଗମ ଅଫିସ, ଦୋକାନ ବଜାର ବନ୍ଦ ରହିଥିଲା। ବାଇକ ଶୋଭାଯାତ୍ରା କରି ବନ୍ଦ ପାଳନକାରୀ ସହର ପରିକ୍ରମା କରିଥିଲେ। ପରେ କୋର୍ଟ ସମ୍ମୁଖରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପିକେଟିଂ ଯୋଗୁ କୋର୍ଟ କାର୍ଯ୍ୟ ଚାଲି ପାରି ନ ଥିଲା। ଦୀର୍ଘ ୩୦ବର୍ଷ ଧରି ଟିଟିଲାଗଡ଼ ଜିଲା ଆନ୍ଦୋଳନ ଚାଲି ଆସିଛି। ହେଲେ ଶାସକ ବିଜେଡି ପଦ୍ମପୁର ଉପଖଣ୍ଡକୁ ଜିଲା ମାନ୍ୟତା ଦେବା ପାଇଁ ସବୁଜ ସଙ୍କେତ ଦେବା ପରେ ଟିଟିଲାଗଡ ଉପଖଣ୍ଡବାସୀ ଏବେ ତାଙ୍କ ପୂର୍ବ ସ୍ୱରକୁ



ଟିଟିଲାଗଡ଼ ଜିଲା ଦାବିକୁ ସମର୍ଥନ ଜଣାଇ ସିନ୍ଧେକେଲାରେ ବନ୍ଦ ପାଳନ କରାଯାଉଛି।

- ୧୨ ଘଣ୍ଟା ବନ୍ଦ ପାଳନ, ଜନଜୀବନ ପ୍ରଭାବିତ
- ସିନ୍ଧେକେଲା, ସଇଁତଳରେ ମିଳିଲା ସମର୍ଥନ

ଅଧିକ ଶାଣିତ କରିଛନ୍ତି। ଗତ ସପ୍ତାହେ ହେଲା ଟିଟିଲାଗଡ଼ ଜିଲା ଦାବିରେ ଅଞ୍ଚଳରେ ପ୍ରତିବାଦ ଶୋଭାଯାତ୍ରା, ମାନବ ଶୃଙ୍ଖଳ, ସଭାସମିତି ଜରିଆରେ ଆନ୍ଦୋଳନ କୁହୁଳିଛି। ୧୫ ଦିନ ମଧ୍ୟରେ ଜିଲା ଘୋଷଣା ନକଲେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ପୂର୍ବରୁ ଚେତାବନୀ ଦିଆଯାଇଛି। ଆଜିର ବନ୍ଦରେ ଜିଲା କ୍ରିୟାନୁଷ୍ଠାନ କମିଟି ଆବାହକ ସଞ୍ଜୟ ବେହେରା, ବୀରେନ୍ଦ୍ର ବାଗ, ଓକିଲ ସଂଘ, କାଉନସିଲର ସୁନୀଲ ଆଚାର୍ଯ୍ୟ, ଯାଦବ ସମାଜ ସଭାପତି ଘିନୁ ଆଡ଼ୁଆଡ, ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ହରିନାରାୟଣ ମିଶ୍ର, ସମାଜସେବୀ ଅଞ୍ଜଳି ବେହେରା, ପୌରାଧକ୍ଷା ମମତା ଜୈନ, ବିକାଶ ସେନା ସଭାପତି ଅମ୍ଲାନ ଷଡ଼ଙ୍ଗୀ, ଭାଜପା ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ, ରଣ ପୃଷ୍ଟି, ବିଜେଡି କାଉନସିଲର ସୁଧୀର ଅଗ୍ରୱାଲ, ଦେବାନନ୍ଦ ସାହୁ, ତୁଳସୀ ସାହୁ, ହରି ବହିଦାର ଓ ଟିଟିଲାଗଡ଼ର ବିଭିନ୍ନ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ତରଫରୁ ସହରର ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା।

## ଶ୍ରେଣୀଗୃହ ଅଭାବ, ବାରଣ୍ଡାରେ ପାଠପଢ଼ା

**ଲାଠୋର, ୨୨।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏହି ବିଦ୍ୟାଳୟରେ ୩୮୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଦଶଟି ଶ୍ରେଣୀର ପିଲାଙ୍କ ପାଇଁ ମାତ୍ର ୬ଟି ଶ୍ରେଣୀ ଗୃହ ରହିଛି। ସେଥିମଧ୍ୟରୁ ୩ଟି ଶ୍ରେଣୀ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ଶ୍ରେଣୀଗୃହ ଅଭାବ ହେତୁ ପିଲାଙ୍କୁ ବାରଣ୍ଡାରେ ବସାଇ ପାଠପଢା ଯାଉଛି। ୨ଗୋଟି ଶ୍ରେଣୀ ଗୃହ ନିର୍ମାଣ ପାଇଁ ଗତ ୬ ମାସ ହେବ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ବ୍ଲକରେ ୨୨ ଲକ୍ଷ ଟଙ୍କା ଅନୁଦାନ ରାଶି ଜମା ଦିଆଯାଇଛି। ହେଲେ ବ୍ଲକ ପ୍ରଶାସନ ଅବହେଳା ପ୍ରଦର୍ଶନ କରି ଡେ଼ରିରେ ଚଳିତ ବର୍ଷ ଅକ୍ଟୋବର ମାସରେ ଟେଣ୍ଡର ଆହ୍ୱାନ କରିଥିଲେ ସୁଦ୍ଧା ଏଗ୍ରିମେଣ୍ଟ ହୋଇନାହିଁ। ଟେଣ୍ଡର କାମିଟି ମିଳିନ ଅଗ୍ରୱାଲଙ୍କ ନାମରେ ରହିଥିବା ବେଳେ ସେ ୧୪.୯୯ ପ୍ରତିଶତ ଲେସରେ କାମ ନେଇଥିବା ଜଣା ପଡ଼ିଛି। ହେଲେ ଏଗ୍ରିମେଣ୍ଟ ହୋଇ ନଥିବାରୁ କାର୍ଯ୍ୟ କେବେ ଆରମ୍ଭ ହେବ ସେନେଇ ଅଭିଭାବକ ମହଲରେ ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷରେ ୬ଟି ନୂତନ ଶ୍ରେଣୀଗୃହ ଆବଶ୍ୟକତା ରହିଥିବା ନେଇ ବିଦ୍ୟାଳୟ ପକ୍ଷରୁ ବିଡ଼ିଓଙ୍କୁ ଗତ ୧୩ ସେପ୍ଟେମ୍ବରରେ ଚିଠି କରାଯାଇଥିଲା। ୬ଟି ଶ୍ରେଣୀଗୃହ ଆବଶ୍ୟକତା ଥିବା ବେଳେ ୨ ଶ୍ରେଣୀ ଗୃହ ପାଇଁ ଅନୁଦାନ ପ୍ରଦାନ କରାଯିବାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବିଡ଼ିଓ ରଶ୍ମିରଞ୍ଜନ ରାଉତଙ୍କୁ ଯୋଗାଯୋଗ କରିବାରୁ ସମ୍ପୃକ୍ତ ଠିକାଦାରଙ୍କୁ ଏଗ୍ରିମେଣ୍ଟ ପାଇଁ ଚିଠି କରିଛୁ। ଆସନ୍ତା ୨୫ ତାରିଖ ସୁଦ୍ଧା ସେ ଏଗ୍ରିମେଣ୍ଟ ନକଲେ ତାଙ୍କ ତଳକୁ ଯେଉଁ ଠିକାଦାର ରହିଛନ୍ତି ତାଙ୍କୁ କାର୍ଯ୍ୟାଦେଶ ଦିଆଯିବ। ଏହାପରେ କାମ ଆରମ୍ଭ ହେବ ବୋଲି ସେ କହିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ବବୁଲୁ


@ ଶ୍ରୀତମ


@ ରାଜୁ


@ ଲିପୁନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରାସ୍ତା ପ୍ରଶସ୍ତୀକରଣ ପାଇଁ ଜବରଦଖଲ ଉଚ୍ଛେଦ

**ଗୁଡ଼ଭେଲା,୨୪।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଏନଏସି ଅନ୍ତର୍ଗତ କପସିଲା ଗ୍ରାମର ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ ପାଇଁ ଏନଏସି ପ୍ରଶାସନ ପକ୍ଷରୁ ଗୁରୁବାର ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। କପସିଲା ଗ୍ରାମର ମୁଖ୍ୟରାସ୍ତାରେ ଜବରଦଖଲ କରିଥିବା ସ୍ଥାନକୁ ତୁଷୁରା ତହସିଲ ପକ୍ଷରୁ ଚିହ୍ନଟ କରାଯାଇଥିଲା। ନିଜେ ନିଜେ ଉକ୍ତ ସ୍ଥାନ ଖାଲି କରିବା ପାଇଁ ନୋଟିସ୍ ଦିଆଯାଇଥିଲା। ହେଲେ କେତେକ ଖାଲି କରିଥିବା ବେଳେ ଅନ୍ୟମାନେ ଜବରଦଖଲରୁ ହଟି ନ ଥିଲେ। ତୁଷୁରା ତହସିଲଦାର ରବିନ୍ଦ୍ର କୁମାର ପଟେଲ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ତୁଷୁରା ଥାନାଧିକାରୀ ସଞ୍ଜୀବ ପ୍ରଧାନଙ୍କ ଉପସ୍ଥିତିରେ ବୁଲଡେଜର ଲଗାଇ ଜବରଦଖଲ ଉଚ୍ଛେଦ କରାଯାଇଥିଲା।


ଜବରଦଖଲ ଉଚ୍ଛେଦ କରାଯାଉଛି।

# ରାସ୍ତା ପ୍ରଶସ୍ତୀକରଣ ପାଇଁ ଗଛ କଟିଲା

**ଲୋଇସିଂହା,୨୪।୧୧(ଡି.ଏନ.ଏ)**

ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଚାଲିଛି। ଏଥିପାଇଁ ରାସ୍ତାକଡରେ ଥିବା ବ୍ରିଟିଶ ଅମଳର ମହାଦ୍ରୁମ ଲିମ୍ବ, ଅର୍ଜୁନ ଗଛ ସବୁ କଟା ଚାଲିଛି। ଲୋଇସିଂହା ଥାନା ସାଲେଭଟାରୁ ବଲାଙ୍ଗୀର ପର୍ଯ୍ୟନ୍ତ ପ୍ରାୟ ୩୦କିମି ମଧ୍ୟରେ ୩ ହଜାରରୁ ଅଧିକ ଗଛ କଟିଥିବା କୁହାଯାଉଛି। ଗଛକଟା ଯୋଗୁଁ ୨୬ ନଂ ଜାତୀୟ ରାଜପଥ ଏବେ ବୃକ୍ଷଶୂନ୍ୟ ହୋଇପଡିଛି। ଗଛ କଟିବା ପରେ ରାଜପଥ ଲଣ୍ଡା ଦେଖାଯାଉଛି। କେଉଁ ସ୍ଥାନ କେଉଁଠି ତାହା ପଥଚାରୀ ଜାଣିପାରୁନାହାନ୍ତି। ଶୀତଋତୁ ଥିବାରୁ ରାଜପଥରେ ଗଛର ଅଭାବ ଅନୁଭୂତ ହେଉନାହିଁ। ହେଲେ ଆଗାମୀ ଗ୍ରୀଷ୍ମଦିନରେ ପଥାଚାରୀ ଛାୟା ନ ପାଇ ଦୁର୍ଦ୍ଦଶାର ସମ୍ମୁଖୀନ ହେବା ନିଶ୍ଚିତ ବୋଲି ଏବେଠାରୁ ଲୋକେ ଆଲୋଚନା କଲେଣି। ବରଗଡ-ବୋରିଗୁମା ୨୬ ନଂ ଜାତୀୟ ରାଜପଥରେ ବଲାଙ୍ଗୀରୁ ବରଗଡର ଦୂରତା ୭୫କିମି। ପଥାଚାରୀଙ୍କୁ ଛାୟା ଦେବା ଉଦ୍ଦେଶ୍ୟରେ ରାଜାରାଜୁଡା ଅମଳରୁ ଏହି ପଥର ରାସ୍ତାପାର୍ଶ୍ୱରେ ଲିମ୍ବ ଓ ଅର୍ଜୁନ ସମେତ ବିଭିନ୍ନ ଗଛ ଲାଗିଥିଲା। ଲିମ୍ବଗଛ ଗୁଡିକ ପ୍ରାୟ ଦେଢଶହ ବର୍ଷର ପୁରୁଣା ବୋଲି ଲୋକେ କହନ୍ତି। କ୍ଲାନ୍ତ ଅନୁଭବ କଲେ ଯାତ୍ରୀମାନେ ଗଛଛାଇରେ ବିଶ୍ରାମ ନେଉଥିଲେ। ଏବେ ଜନସଂଖ୍ୟା ତାଳ ଦେଇ ଯାନବାହାନ ବୃଦ୍ଧି ପାଇଛି। ସମ୍ବଲପୁରକୁ ସଂଯୋଗୀକରଣ ହୋଇଥିବା ବଲାଙ୍ଗୀର-ବରଗଡ ରାଜପଥ ଗତ କିଛିଦଶନ୍ଧି ହେଲା ବ୍ୟସ୍ତବହୁଳ ହୋଇ ପଡିଛି। ୨୦୦୦ ମସିହା ପରେ ଉକ୍ତ ପଥକୁ ଦୁଇ ଲାଇନ ବିଶିଷ୍ଟ କରାଯାଇଥିଲା। ୨୦୧ନଂ ରାଜପଥରୁ ୨୬ ନଂ ରାଜପଥକୁ ଉନ୍ନୀତ କରାଯାଇଥିଲା। ଏବେ ପୁଣି ପ୍ରଶସ୍ତୀକରଣ ପରେ ରାସ୍ତା ପାର୍ଶ୍ୱ ଗଛ କଟିଛି। ଫଳରେ ଗଛଗୁଡିକରେ ଆଶ୍ରୟ ନେଇଥିବା ପକ୍ଷୀମାନେ ବାସହରା ହୋଇ ପଡିଛନ୍ତି। ଲୋଇସିଂହା ଚାରିଛକଠାରେ ଥିବା ଏକ ଲିମ୍ବଗଛ କଟିଯିବା ପରେ ସେଥିରେ ଆଶ୍ରୟ ନେଇଥିବା ବଗପଲ ବାସହରା ହୋଇ ଏଣେତେଣେ ଘୁରି ବୁଲିଥିବା ସ୍ଥାନୀୟ ଲୋକେ କହିଛନ୍ତି। ସ୍ଥାନୀୟ ଜଣେ ବନ କର୍ମଚାରୀ କହିଛନ୍ତି, ଲୋଇସିଂହା ବନ ରେଞ୍ଜ ଅନ୍ତର୍ଗତ ସାଲେଭଟାରୁ ଫାସଡ ସୀମା ମଧ୍ୟରେ ୬୩୬ଗଛ କଟିଛି। କଟିଥିବା ଗଛର ଗଣ୍ଡି ସବୁ ଓଡିଶା ବନ ଉନ୍ନୟନ ନିଗମକୁ ଯାଇଛି। ନିଗମ ପକ୍ଷରୁ ଗଣ୍ଡି ସବୁ ନିଲାମ କରି ବିକ୍ରି କରାଯାଇଥାଏ। ସେହି ଟଙ୍କା ଏବଂ ସରକାରୀ ଅନୁଦାନରେ କଟିଥିବା ଗୋଟିଏ ଗଛର ବଦଳା ୫ଟି ଗଛ ଲଗାଯିବ ବୋଲି କହିଛନ୍ତି। କଟିଥିବା ଗଛ ସବୁ ଅମୂଲ୍ୟ ଥିଲା। ତାହା ଭରଣା କରିବା କଷ୍ଟକର ବୋଲି ସେ କହିଥିଲେ। ପୁଣି ଯଦି ରାସ୍ତପାର୍ଶ୍ୱରେ ଗଛ ଲଗାଯାଏ ଶୀଘ୍ର ବଢୁଥିବା ଓ ଦୀର୍ଘଜୀବୀ ହେଉଥିବା ଲିମ୍ବ ଚାରା ଲଗାଇବାକୁ ସାଧାରଣରେ ଦାବି ହେଉଛି।


ଗଛକଟା ପରେ ଲଣ୍ଡା ଦିଶୁଥିବା ଲୋଇସିଂହା ଷ୍ଟାଡିୟମ ସମ୍ମୁଖ ରାଜପଥ।

- ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ବୃକ୍ଷଶୂନ୍ୟ
- ଗଛରେ ବାସ କରୁଥିବା ପକ୍ଷୀ ବାସହରା
- ଗ୍ରୀଷ୍ମଦିନରେ ଦୁର୍ଦ୍ଦଶା ଭୋଗିବେ ପଥଚାରୀ

**ରିପୋର୍ଟ: ସୁଶାନ୍ତ ବାରିକ**

## ସଂରକ୍ଷିତ ଜଙ୍ଗଲରୁ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

କଣ୍ଟାବାଞ୍ଜି,(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁରେକେଲା ଥାନା ତୁରେକେଲା-ଲାଠୋର ପିଡବ୍ଲ୍ୟୁଡି ରାସ୍ତା ପାର୍ଶ୍ୱରେ ଥିବା ରାଜୁ ସଂରକ୍ଷିତ ଜଙ୍ଗଲର ଖମ୍ବ ୩ ନିକଟରେ ଗୁରୁବାର ଜଣେ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପୋଲିସ ଜବତ କରିଛି। କଣ୍ଟାବାଞ୍ଜି ପୋଲିସ ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ତୁରେକେଲା ଇନଚାର୍ଜ ଆଇଆଇସି ପ୍ରଣୟ ମୁର୍ମୁ ସାଇଣ୍ଟିଫିକ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ମୃତକଙ୍କ ପରିଚୟ ମିଳିପାରିନାହିଁ। ଯୁବତୀଙ୍କୁ ହତ୍ୟା କରିବା ପରେ ପୋଡି ଦିଆଯାଇଥିବା ପୋଲିସ ଅନୁମାନ କରୁଛି।

# ୩ ଅଧିକାରୀଙ୍କ ବିରୋଧରେ ଡ୍ରାଫ୍ଟଚାର୍ଜ ସୁପାରିସ

**ସୋନପୁର,୨୪।୧୧(ନି.ପ୍ର.)**

### ସୁବର୍ଣ୍ଣପୁର ଜିଲା ପିଏମ୍‌ଏୱାଇ-ଜି ଦୁର୍ନୀତି
■ଅଯୋଗ୍ୟ ହିତାଧିକାରୀଙ୍କଠାରୁ ଅର୍ଥ ଅସୁଲି ନିର୍ଦ୍ଦେଶ

ଲୋକାୟୁକ୍ତଙ୍କ ନୋଟିସ୍ ଓ ଆରଡିସିଙ୍କ ତାଗିଦ୍ ପରେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ବିନିକା ବ୍ଲକ ଆବାସ ଯୋଜନା ଦୁର୍ନୀତି ମାମଲାକୁ ଗୁରୁତ୍ୱ ସହକାରେ ନେଇଛି। ଏହି ଘଟଣାରେ ମିଥ୍ୟା ତଦନ୍ତ ରିପୋର୍ଟ ପ୍ରଦାନ କରିଥିବା ବିନିକା ଏବିଡିଓ ପ୍ରଜ୍ଞା ପାଣିଗ୍ରାହୀ, ପିଏ ଦ୍ୱିତୀକୃଷ୍ଣ ପଣ୍ଡା ଓ ଚରଦା ପଞ୍ଚାୟତର ପ୍ରାକ୍ତନ ନିର୍ବାହୀ ଅଧିକାରୀ ମିତାଞ୍ଜଳୀ ରଥଙ୍କ ବିରୋଧରେ ଡ୍ରାଫ୍ଟ ଚାର୍ଜ କରିବାକୁ ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନିଲ ନରୱଣେ ସୁପାରିଶ କରିଛନ୍ତି। ସମ୍ପୃକ୍ତ ତିନି ଅଧିକାରୀଙ୍କ ବିରୋଧରେ ଡ୍ରାଫ୍ଟ ଚାର୍ଜ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳ ନରୱଣେ ଜିଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଏ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିନିକା ବିଡିଓ ବ୍ୟାସଦେବ ବେହେରାଙ୍କୁ ଚିଠି କରିଛନ୍ତି। ଅନ୍ୟପକ୍ଷେ ଚଞ୍ଚକତା କରି ହିତାଧିକାରୀ ସାଜି ଥିବା ବିନିକା ବ୍ଲକ ଚରଦା ପଞ୍ଚାୟତ ଫୁଲମୁଠି ଗ୍ରାମର ନରସିଂହ ମିଶ୍ର ଓ ହାଡୁଚରଣ ମିଶ୍ରଙ୍କ ନିକଟରୁ ଆବାସ ବାବଦ ସରକାରୀ ଅର୍ଥ ଅସୁଲି କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ସୁବର୍ଣ୍ଣପୁର ଜିଲା ଫୁଲମୁଠି ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ(ପିଏମ୍‌ଏୱାଇ-ଜି)ରେ ଦୁର୍ନୀତି ହୋଇଥିବା ନେଇ ଗାଁର ବୃନ୍ଦାବନ ମିଶ୍ର ଦୀର୍ଘ ଦିନ ଧରି ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ। ପୂର୍ବରୁ ଏହି ଦୁର୍ନୀତିକୁ ନେଇ ଏକାଧିକ ତଦନ୍ତ ହୋଇଥିଲା। ଧରିତ୍ରୀରେ ଏହି ଦୁର୍ନୀତିକୁ ନେଇ ଏକାଧିକ ଖବର ପ୍ରକାଶିତ ହୋଇଥିଲା। ପୂର୍ବ ତଦନ୍ତ ରିପୋର୍ଟରେ ଅଧିକାରୀମାନେ ଆବାସ ପ୍ରଦାନରେ କୌଣସି ଦୁର୍ନୀତି ହୋଇ ନ ଥିବା ଦର୍ଶାଇ ଅନିୟମିତତାକୁ ଚାପି ଦେବାକୁ ଉଦ୍ୟମ କରିଥିଲେ। ଗତ ଫେବୃଆରୀ ୨ରେ ବିନିକା ବ୍ଲକର ସହକାରୀ ଯନ୍ତ୍ରୀ, ପ୍ରଗତି ସହାୟକ ଓ ଚରଦା ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାଖଲ କରିଥିବା ମିଳିତ ତଦନ୍ତ ରିପୋର୍ଟରେ ଉପରୋକ୍ତ ଦୁଇ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ପାଇଁ ଯୋଗ୍ୟ ଓ ଅଭିଯୋଗ ଭିତ୍ତିହୀନ ବୋଲି ଦର୍ଶାଇଥିଲେ। ପରେ ପୁଣି ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କ ଅନୁରୋଧକ୍ରମେ ବିନିକା ଏବିଡିଓ, ପିଏ ଓ ଚରଦା ପଞ୍ଚାୟତ ନିର୍ବାହୀ ଅଧିକାରୀ ମାର୍ଚ୍ଚ ୧୪ରେ କରିଥିବା ମିଳିତ ତଦନ୍ତର ରିପୋର୍ଟରେ ଉଭୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ପାଇଁ ଯୋଗ୍ୟ ଦର୍ଶାଇଥିଲେ। ସବୁଠୁ ଉଲ୍ଲେଖନୀୟ ବିଷୟ ଥିଲା ଏହି ଦୁଇଟି ଯାଞ୍ଚ ତଦନ୍ତ ଦଳରେ ୨ଜଣ ସଦସ୍ୟ ପିଏ ଦ୍ୱିତୀକୃଷ୍ଣ ପଣ୍ଡା ଓ ନିର୍ବାହୀ ଅଧିକାରୀ ମିତାଞ୍ଜଳି ରଥ ସାମିଲ ଥିଲେ। ଆଉ ସେମାନେ କ୍ରମାନ୍ୱୟରେ ଚରଦା ପଞ୍ଚାୟତର ପିଇଓ ଭାବେ କାର୍ଯ୍ୟ କରିବା ସମୟରେ ଉପରୋକ୍ତ ଦୁଇ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ ପାଇଁ ଚୟନ କରା ଯାଇଥିଲା । ତେବେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସ୍ୱତନ୍ତ୍ର ଭାବେ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଅର୍ଦ୍ଧସରକାରୀ ପତ୍ର(ଡିଓ ଲେଟର) ଲେଖି ଏହା ଉପରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ପରେ ଜିଲାପାଳ ପୁଣି ଥରେ ସ୍ୱାଧୀନ ତଦନ୍ତର ନିର୍ଦ୍ଦେଶ ଦେଇଥିଲେ। ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ ଓ ଡିଆରଡିଏ ଏପିଡି ଆଲୋକ ରଶ୍ମି ମିଶ୍ରଙ୍କୁ ନେଇ ଗଠିତ ଟିମ୍ ତଦନ୍ତ କରିଥିଲେ। ଏହି ଟିମ୍ କ୍ଷେତ୍ରୀୟ ତଦନ୍ତ କରି ସରକାରୀ ନିୟମର ଉଲ୍ଲଂଘନ କରି ଯୋଗ୍ୟତା ନଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦିଆ ଯାଇଥିବା ରିପୋର୍ଟରେ ଉଲ୍ଲେଖ କରିଥିଲେ। ତଦନ୍ତରୁ ଜଣା ପଡିଥିଲା ଯେ, ଆବାସ ପାଇଥିବା ନରସିଂହ ମିଶ୍ରଙ୍କ ପରିବାରର ନିଜସ୍ୱ ପକ୍କା ଘର ରହିଛି ଓ ତାଙ୍କ ପରିବାର ସେଠାରେ ରହୁଛନ୍ତି। ଏହାଛଡା ତାଙ୍କ ମା' ମାସିକ ୧୦ ହଜାର ଟଙ୍କାରୁ ଅଧିକ ପରିବାର ପେନସନ ପାଉଛନ୍ତି। ତେଣୁ ପରିବାର ପେନସନ ଓ ପକ୍କାଘର ଥିବା ନରସିଂହ ମିଶ୍ରଙ୍କୁ ଆବାସ ମଞ୍ଜୁର କରିବା ନିୟମ ବହିର୍ଭୁତ। ସେହିପରି ଆଉ ଜଣେ ହିତାଧିକାରୀ ହାଡୁଚରଣ ମିଶ୍ରଙ୍କ ପତ୍ନୀ ସସ୍ମିତା ମିଶ୍ରଙ୍କ ନାମରେ ଆବାସ ମିଳିବା ପୂର୍ବରୁ ପକ୍କା ଘର ଥିଲା ବୋଲି ଅଧିକାରୀ ମାନେ ରିପୋର୍ଟରେ ଦର୍ଶାଇଥିଲେ। ଏହି ରିପୋର୍ଟ ଜିଲା ପ୍ରଶାସନର ମୁଣ୍ଡବ୍ୟଥା ବଢାଇଥିଲା। ପୂର୍ବରୁ ତଦନ୍ତ କରିଥିବା ବ୍ଲକ ସ୍ତରୀୟ ଅଧିକାରୀ ଉପରିସ୍ଥ ଅଧିକାରୀଙ୍କୁ ମିଥ୍ୟା ରିପୋର୍ଟ ପ୍ରଦାନ କରିଥିବା ସ୍ପଷ୍ଟ ହୋଇଥିଲା। ଅନ୍ୟପକ୍ଷେ ଅଭିଯୋଗକାରୀ ବୃନ୍ଦାବନ ମିଶ୍ର ଏ ନେଇ ଲୋକାୟୁକ୍ତ ଓଡିଶାଙ୍କ ନିକଟରେ ଗତ ଅଗଷ୍ଟ ମାସରେ ଲିଖିତ ଅଭିଯୋଗ କରିଥିଲେ। ଲୋକାୟୁକ୍ତ ଗତ ୧୬ ତାରିଖ ମାମଲାର ଶୁଣାଣି କରି ବିନିକା ବିଡିଓଙ୍କ ସମେତ ଫୁଲମୁଠି ଗ୍ରାମର ଆବାସ ଯୋଜନାର ହିତାଧିକାରୀ ନରସିଂହ ମିଶ୍ର ଓ ହାଡୁ ଚରଣ ମିଶ୍ରଙ୍କୁ ନୋଟିସ ଜାରି କରି ୬ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଡିସେମ୍ବର ୨୭ତରେ ଏହି ଅଭିଯୋଗର ପରବର୍ତ୍ତୀ ଶୁଣାଣି ପାଇଁ ଲୋକାୟୁକ୍ତ ଧାର୍ଯ୍ୟ କରିଛନ୍ତି।

## ସଂକ୍ଷେପରେ

### ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ

**ସୋନପୁର,୨୪।୧୧(ନି. ପ୍ର ):** ଓଡ଼ିଶା ରାଜ୍ୟ ମଦମୁକ୍ତି ଯୁବ ବାହିନୀ ସୁବର୍ଣ୍ଣପୁର ଜିଲା ଶାଖା ତରଫରୁ ଭୀମ ଭୋଇ କଳା ମଣ୍ଡପରେ ଓଡିଶାର ପୂର୍ବତନ ମୂଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।ଏହି ଅବସରରେ ପୁରୁଣା ଟାଉନ ହଲଠାରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ନିଶାମୁକ୍ତ ରାଜ୍ୟ ଗଠନ ପାଇଁ ଜନ ଜନସଚେତନତା ସୃଷ୍ଟି କରିଥିଲା। ସରକାର ମଦର ପ୍ରସାର ପାଇଁ ପଦକ୍ଷେପ ନେଉଥିବାରୁ ସମାଲୋଚନା କରାଯାଇଥିଲା। ସଚେତନତା ସଭାରେ ସ୍ୱର୍ଗତ ନବକୃଷ୍ଣ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ନିଶା ମୁକ୍ତ ରାଜ୍ୟ ପାଇଁ ନେଇଥିବା ସଂକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲା ସଂଯୋଜକ ସୁଦାମ ଗାଇଗରିଆ, ସୋମନାଥ ସିଂହ, ସିନଢ଼ୋଲ ଡିଗ୍ରୀ କଲେଜ ଅଧକ୍ଷ ପବିତ୍ର ବାରିକ, ବ୍ୟାସଦେବ ମହାକୁର, ଅଭୟ କୁମାର, ଆଶିଷ କୁମାର ମହାକୁର, ବୌଦ୍ଧ ଜିଲାରୁ ମହେନ୍ଦ୍ର ମହାକୁଳ, ନବିନ ପାତ୍ର, ପ୍ରଶାନ୍ତ କୁମାର କର୍ଣ୍ଣ ଓ ଗୋପାଳକୃଷ୍ଣ ଥାପା ଯୋଗ ଦେଇଥିଲେ।

### ନାମ ସଂକୀର୍ତ୍ତନ ବେଳେ ଟଳି ପଡିଲେ

**ବିନିକା/ଜାମଟିକ୍ରା,୨୪।୧୧(ଡି.ଏନ.ଏ.):** ନାମ ସଂକୀର୍ତ୍ତନ ଚାଲିଥିଲା ବରଗଡ ଜିଲା ଭେଡେନ ବ୍ଲକ ଟୁକୁରା ଗ୍ରାମରେ। ସଂକୀର୍ତ୍ତନ କରୁଥିଲେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଧୁରପୁର ଗ୍ରାମର କୈଳାସ ପଣ୍ଡା (୭୧ )। ଏହି ସମୟରେ ସେହିଠାରେ ହିଁ ସେ ଟଳି ପଡିଲେ। ଏହିପରି ଦୁଃଖଦ ଘଟଣା ଘଟିଛି ବୁଧବାର ରାତିରେ। ଟୁକୁରା ଗ୍ରାମକୁ ସତ୍‌ସଙ୍ଗ ପାଇଁ କୈଳାସ ନିମନ୍ତ୍ରିତ ହୋଇ ଯାଇଥିଲେ। ସେଠାରେ ହରେ କୃଷ୍ଣ ହରେ ରାମ ନାମ ସଂକୀର୍ତ୍ତନ ଚାଲିଥିଲା। ବୃଦ୍ଧ କୈଳାସ ସେଥିରେ ସାମିଲ ହୋଇ ଗାଉଥିବାବେଳେ ହଠାତ ପଡି ଯାଇଥିଲେ ଓ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ପରେ ତାଙ୍କୁ ସିନ୍ଧୁରପୁର ଅଣାଯାଇ ଗାଁ ଶ୍ମଶାନରେ ସତ୍କାର କରାଯାଇଥିଲା। କୈଳାସଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳର କଳାକାର ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

### ଧାନମଣ୍ଡି, ସ୍କୁଲ ବୁଲି ଦେଖିଲେ ଜିଲାପାଳ

**ପାଇକମାଳ,୨୪।୧୧(ଡି.ଏନ.ଏ.):** ବରଗଡ ଜିଲାପାଳ ମୋନିଷା ବାର୍ନାଜୀ ଗୁରୁବାର ପାଇକମାଲ ବ୍ଲକର ବିଭିନ୍ନ ଧାନମଣ୍ଡି ବୁଲି ଧାନ କିଣାବିକା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ସେ ପଦ୍ମପୁର ଉପନିର୍ବାଚନ ପାଇ ବିଭିନ୍ନ ବିଦ୍ୟାଳୟଙ୍କରେ ହେବାକୁ ଥିବା ବୁଥ୍‌ଗୁଡିକ ବୁଲି ଦେଖିଥିଲେ। ଜିଲାପାଳ ପାଇକମାଳ ବ୍ଲକର ପାଇଲମାଳ, ବରତୁଣ୍ଡା, ଜାମସେଠ ମଣ୍ଡି ବୁଲି ଚାଷୀଙ୍କଠାରୁ ଧାନ ବିକ୍ରି ବିଷୟରେ ବୁଝିଥିଲେ। ପରେ ସେ ଚେରଙ୍ଗାଝାଞ୍ଜ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଜିଲାପାଳ ମଧାହ୍ନ ଭୋଜନ କିପରି ରନ୍ଧା ହୋଇଛି ତାହା ଦେଖିଥିଲେ। ଦୁଇ ଜଣଙ୍କ ଲାଗି ବଡିଚୁରା ଓ ଟମାଟୋ ଖଟା କରାଯାଇଥିବାରୁ ସେ ବିରକ୍ତି ହେବା ସହ ପୁନର୍ବାର ଏଭଳି ହେଲେ ପ୍ରଧାନଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ। ପାଇକମାଳ ବିଡିଓ ସୁରେନ୍ଦ୍ର କୁମାର ସାହୁ, ଜିପିଓ ଅନିଲ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଧରିତ୍ରୀର ୪୯ତମ ଜନ୍ମ ବାର୍ଷିକ ଜନ୍ମବାର୍ଷିକ ସମାରୋହରେ ଉପସ୍ଥିତ ଛାତ୍ରୀଛାତ୍ର।

# ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଅମରପାଲି,୨୪।୧୧(ଡି.ଏନ.ଏ.)**

### ଧରିତ୍ରୀର ୪୯ତମ ଜନ୍ମ ଦିବସ ସମାରୋହରେ ବକ୍ତାଙ୍କ ମତ

ସମାଜରେ ସଂସ୍କାର ଆଣିବା ସହିତ ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି କ୍ଷେତ୍ରରେ ଦୈନିକ ଖବରକାଗଜ ଧରିତ୍ରୀ ସ୍ୱତନ୍ତ୍ର। ନିରପେକ୍ଷ ଖବର ପ୍ରକାଶନ କରି ପାଠକଙ୍କ ବିଶ୍ୱାସ ଭାଜନ ହୋଇପାରିଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନରେ ଦୈନିକ ଖବରକାଗଜର ୪୯ ତମ ଜନ୍ମ ଦିବସ ସମାରୋହ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ପାଠକ ଏହିମତ ପ୍ରଦାନ କରିଛନ୍ତି।

ଶିକ୍ଷାବିତ୍ ପଙ୍କଜ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବୀରମହାରାଜପୁର ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଅଧ୍ୟାପକ ଅନୀଲ ଦାନି ମୁଖ୍ୟ ବକ୍ତାଭାବେ ଯୋଗଦେଇ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ସ୍ଥାନୀୟ ଧରିତ୍ରୀ ପ୍ରତିନିଧି ପୀତାମ୍ବର ସାହୁ ସଭା ପରିଚାଳନା କରିଥିଲେ। ଏହି ଅବସରରେ ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମର ଭୂମିକା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଯୁଗଳ କିଶୋର ମିଶ୍ର, ରବୀନ୍ଦ୍ର ହୋତା, ସତ୍ୟବାନ ପୁରୋହିତ, କିଶୋର ହୋତା, ଶେଷଦେବ ବାରିକ, ସୁଧିର ବିଶ୍ୱାଳ, ନୀଳକମଳ ମିଶ୍ର, ସତ୍ୟବ୍ରତ ପ୍ରଧାନ ପ୍ରମୁଖ ଆଲୋଚନାଚକ୍ରରେ ମତ ରଖିଥିଲେ। ଶେଷରେ ଶିକ୍ଷକ ଯୁଧିଷ୍ଠିର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଧରିତ୍ରୀର ଶୁଭେଚ୍ଛୁ, ସ୍କୁଲ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇ ଥିଲେ।




ଧରିତ୍ରୀର ଜନ୍ମ ବାର୍ଷିକ ସମାରୋହରେ ମଞ୍ଚାସୀନ ଅତିଥି।

### ଡିଭାଇଡର ସହ ରାସ୍ତା ଚଉଡା କରା ନ ଗଲେ ଆନ୍ଦୋଳନ

**ବିନିକା, ୨୪।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର-ବିନିକା-ଡୁଙ୍ଗୁରିପାଲି ରାଜପଥ ପ୍ରଶସ୍ତିକରଣ କାମ ଆରମ୍ଭ ହୋଇଛି । ଏହିକ୍ରମରେ ବିନିକା ସହର ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ ହେବ। ସହର ବାହାରେ ରାସ୍ତାର ଚଉଡା ୧୦ମିଟର କରାଯାଉଥିବା ବେଳେ ଭିତର ରାସ୍ତାକୁ କୁଆଡେ ୭ମିଟର ମଧ୍ୟରେ ସୀମିତ ରଖିବା ପାଇଁ ପ୍ରୟାସ କରାଯାଉଛି। ଏଥିପାଇଁ ଗୁରୁବାର ପୂର୍ତ୍ତ ବିଭାଗ ଏସ୍‌ଡିଓ ବିନିକା ଆସିଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ଏସ୍‌ଡିଓ ତିରୁପତି ପାତ୍ରଙ୍କ ଉପସ୍ଥିତିରେ ରାସ୍ତା ନିର୍ମାଣକାରୀ ସଂସ୍ଥା ଇଞ୍ଜିନିୟର ଓ ଷ୍ଟାଫ ରାସ୍ତା ମଧ୍ୟମସ୍ଥଳରୁ ପାର୍ଶ୍ୱକୁ ୩.୫୦ମିଟର ଲେଖାଏ ମାପ କରୁଥିଲେ। ରାସ୍ତା ଚଉଡା କରିବା ସହ ଡିଭାଇଡର ନିର୍ମାଣ କରିବାକୁ ଲୋକେ ଏସ୍‌ଡିଓଙ୍କ ନିକଟରେ ଦାବି କରିଥିଲେ। କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଶତାଧିକ ଲୋକେ ନୂଆ ବଜାରଠାରେ ପୂର୍ତ୍ତ ବିଭାଗ ଏସ୍‌ଡିଓଙ୍କୁ ଘେରି ଯାଇ ରାସ୍ତା ପ୍ରଶସ୍ତିକରଣ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରି ଘାଇଲା କରିଥିଲେ। ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡି ମୋଟର ଯିବା ଆସିବା କରୁଛି । ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ତେଣୁ ଜନବହୁଳ ଏହି ରାସ୍ତା ମଝିରେ ଡିଭାଇଡର ସିଷ୍ଟମ କରି ରାସ୍ତା ପ୍ରଶସ୍ତିକରଣ କରିବାକୁ ସହରବାସୀ ଦାବି କରିଥିଲେ। ଯଦି ଦାବି ଅମାନ୍ୟ କରାଯାଏ ତାହାହେଲେ ରାସ୍ତା ଯେମିତି ଅଛି ସେମିତି ରହୁ କହି ମାପଚୁପ ବନ୍ଦ କରିଦେଇଥିଲେ। ଅଞ୍ଚଳବାସୀଙ୍କ ଦାବି ଅନୁସାରେ ରାସ୍ତା ପ୍ରଶସ୍ତିକରଣ କାମ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଲୋକେ ଚେତାବନୀ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ବବୁଲୁ



@ ଶ୍ରୀତମ



@ ରାଜୁ



@ ଲିପୁନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସନ୍ତରଣ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା



ଜିଲାପାଳ କୁନି ସନ୍ତରଣକାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ସୋନପୁର,୨୪।୧୧(ନି.ପ୍ର.)**

ସମ୍ବଲପୁର ସ୍ଥିତ ଜେ କେ ସାହୁ ସନ୍ତରଣାଗାରରେ ଆୟୋଜିତ ୧୦ମ ଖଟେଶ୍ୱର ପାଣ୍ଡେ ସ୍ମାରକୀ ରାଜ୍ୟସ୍ତରୀୟ ମୁକ୍ତ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯାଗିତାରେ ସୁବର୍ଣ୍ଣପୁର ଜିଲାରୁ ଜୁନିୟର ଓ ସିନିଅର ବିଭାଗରେ ମୋଟ ୧୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୯ଜଣ କୃତିତ୍ୱ ହାସଲ କରିଛନ୍ତି। କୃତି ପ୍ରତିଯୋଗୀ ତନଞ୍ଜୟ ନାଗ, ରାଧାରାଣୀ ରଜେଶ୍ୱରୀ ସେଠୀ, ସିଦ୍ଧେଶ୍ୱର ବାଘ, ଆଦ୍ୟାଷ୍ମାନ ମେଣ୍ଡିଲି, ସୃଷ୍ଟି ସନୟା କର୍ଣ୍ଣ, ସୋମ ନାଗ, ଆନନ୍ଦ ନାଏକ, ସଞ୍ଜୟ ପାଣ୍ଡ ଓ ସୁରଜ ବାଗଙ୍କୁ ଜିଲାପାଳ ତଥା ସୁବର୍ଣ୍ଣପୁର ଜିଲା ସନ୍ତରଣ ସଂଘର ସଭାପତି ଅବୋଲି ସୁନିଲ ନରୱଣେ ସୋନପୁରରେ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧନା ସଭାରେ ଜିଲା କ୍ରୀଡା ଅଧିକାରୀ ଅବିନାଶ ପୁରୋହିତ, ସଂଘର କାର୍ଯ୍ୟକାରୀ ସଭାପତି ପ୍ରଦୀପ ମହାନ୍ତି, ସହସମ୍ପାଦକ ଭକ୍ତି ରଞ୍ଜନ ଦଳାଇ, ମନୋରଞ୍ଜନ ମିଶ୍ର, ବିଦ୍ୟାଧର ମିଶ୍ର, ବିଶ୍ୱରଞ୍ଜନ ଦଳାଇ, ମୁଖ୍ୟ ପ୍ରଶିକ୍ଷକ ସଞ୍ଜୟ ପାଣ୍ଡେ ଓ ସହକାରୀ ପ୍ରଶିକ୍ଷକ ନିମାଇଁ ଚରଣ ବାଘ ଯୋଗଦେଇ କୁନି ସନ୍ତରଣକାରୀଙ୍କୁ ଉତ୍ସାହିତ କରିଥିଲେ। ସଂଘର ସମ୍ପାଦକ ଜୟ ନାରାୟଣ ମେଣ୍ଡଲି ଧନ୍ୟବାଦ ପ୍ରଦାନ କରିଥିଲେ।

# ତାଲା ପକାଇ ଧାରଣାରେ ବସିଲେ ଛାତ୍ରୀଛାତ୍ର ଓ ଗ୍ରାମବାସୀ

**ବାଉଁଶୁଣୀ,୨୪।୧୧(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ଅନ୍ତର୍ଗତ କମ୍ପରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ଗୁରୁବାର ଗ୍ରାମବାସୀ, ଛାତ୍ରୀଛାତ୍ର, ଅଭିଭାବକ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ପ୍ରକାଶ ଯେ, ଗତ ଶନିବାର ରାତିରେ ବିଦ୍ୟାଳୟରୁ ୪ କୁଇଣ୍ଟାଲ ୫୦କେଜି ଚାଉଳ ଚୋରି ହୋଇଥିବା ନେଇ ସୋମବାର ସକାଳେ ବିଦ୍ୟାଳୟର ସହକାରୀ ଶିକ୍ଷକ ହାଡିବନ୍ଧୁ ବେହେରା ଜାଣିବାକୁ ପାଇଥିଲେ। ଏନେଇ ଏସଏମସି କମିଟି ସହ ଆଲୋଚନା କରି ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ କୌଣସି ସୂତ୍ରରୁ ଖବର ପାଇ ସାହାଜପାଲର ପ୍ରେମାନନ୍ଦ ମେହେରଙ୍କ ଦୋକାନ ଉପରେ ଚଢ଼ାଉ କରି ସ୍କୁଲ ଚାଉଳ ବୋଲି ପ୍ରମାଣ ପାଇବାରୁ ଉକ୍ତ ଦୋକାନୀଙ୍କ ନାମରେ ମାମଲା ରୁଜୁ କରି ବୁଧବାର କୋର୍ଟ ଚାଲାଣ କରିଥିଲା। ହେଲେ ପ୍ରକୃତ ଚୋରକୁ ନ ଧରି କେବଳ ଦୋକାନୀଙ୍କୁ କୋର୍ଟ ଚାଲାଣ କରିଥିବାରୁ କମ୍ପରା ଗ୍ରାମବାସୀ, ଅଭିଭାବକ ଓ ଛାତ୍ରୀଛାତ୍ର ସ୍କୁଲ ଗେଟରେ ତାଲା ପକାଇ ସକାଳ ସାଢେ ୯ ଟାରୁ ଧାରଣା ଦେଇଥିଲେ। ଖବରପାଇ ବୌଦ୍ଧ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳା କାନ୍ତ ଦଳବେହେରା, ସିଆରସିସି ରାଜ କୁମାର ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଅଭିଭାବକ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଯେ ପର୍ଯ୍ୟନ୍ତ ପ୍ରକୃତ ଚୋରକୁ ପୋଲିସ ନ ଧରିଛି ଧାରଣାରୁ ହଟିବେ ନାହିଁ ବୋଲି ଅଭିଭାବକ ଓ ଛାତ୍ରୀଛାତ୍ର ଅଡି ବସିଥିଲେ। ଏପଟେ ସ୍କୁଲ ବନ୍ଦ ଥିବାରୁ ମଧ୍ୟାହ୍ନ ଭୋଜନ ରନ୍ଧା ହୋଇ ନ ପାରିବାରୁ ଭୋକ ଉପାସରେ ଛାତ୍ରୀଛାତ୍ର ଅପରାହ୍ନ ୪ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଖବର ପାଇ ବାଉଁଶୁଣୀ ଭାରପ୍ରାପ୍ତ ଥାନା ଅଧିକାରୀ ସସ୍ମିତା ମଗର ପହଞ୍ଚି ଶୀଘ୍ର ପ୍ରକୃତ ଚୋରକୁ ଧରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଯଦି ୭ ଦିନ ମଧ୍ୟରେ ପୋଲିସ ଚୋରକୁ ନ ଧରେ ତେବେ ପୁଣି ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିବାକୁ ଏସ ଏମ ସି ସଭାପତି ସୁଜିତ କୁମାର ଚାନ୍ଦ ଚେତାବନୀ ଦେଇଛନ୍ତି।



ସ୍କୁଲ ଆଗରେ ଧାରଣାରତ ଗ୍ରାମବାସୀ ଓ ଛାତ୍ରୀଛାତ୍ର।

## ସଂକ୍ଷେପରେ

### ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ କିଶୋରୀ କିଶୋର ମେଳା

**ସମ୍ବଲପୁର,୨୪।୧୧(ବ୍ୟୁରୋ):** ନେତାଜୀ ସୁଭାଷ ଚନ୍ଦ୍ର ବୋଷ(ଏନଏସସିବି) ସରକାରୀ ମହାବିଦ୍ୟାଳୟରେ କିଶୋରୀ କିଶୋର ମେଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷା ଡ. ସିକତା ପଣ୍ଡା ଯୋଗଦେଇ ମେଳା ଉଦ୍‌ଘାଟନ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ଶୀର୍ଷକ ସଚେତନତା କ୍ୟାରିୟର କାଉନସେଲିଂ, ଲିଙ୍ଗଗତ ସମାନତା କାର୍ଯ୍ୟକ୍ରମ ହୋଇଥିଲା । ସେହିପରି ବୁର୍ଲା ଏନଏସସି ମହାବିଦ୍ୟାଳୟ, ଏନଏସସିବି ଉଚ୍ଚମାଧବିକ ବିଦ୍ୟାଳୟ ଇକୋ କ୍ଲବ ପକ୍ଷରୁ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ କରାଯାଇଥିଲା। ଧନକଉଡ଼ା ଉଚ୍ଚ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କିଶୋରୀ କିଶୋରମାନଙ୍କ ହିମୋଗ୍ଲୋବିନ ପରୀକ୍ଷା କରାଯାଇଥିଲା। ଡ. ଡିକେ ମୁଦୁଲି, ଡ. ସଞ୍ଜୁକ୍ତା ପାଢ଼ୀ, ସଚ୍ଚିଦାନନ୍ଦ ମିଶ୍ର, ବିଜୟ ନାୟକ, ଅମିନା ବେଗମ, ବ୍ୟୋମକେଶ ପରିଡ଼ା, ସେବତୀ ସାହୁ, ସୁନିତା ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ। ଅଧାପିକା ମିନତୀ ଛତ୍ରିଆ ଓ ଏନଏସଏସ ପ୍ରୋଗ୍ରାମ ଅଫିସର ମିଲି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

### ବାଟଗାଁ କଲେଜରେ ଭୋଟର ସଚେତନତା କାର୍ଯ୍ୟକ୍ରମ

**ନାକଟିଦେଉଳ,୨୪।୧୧(ଡି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବାଟଗାଁ ଉଚ୍ଚମାଧମିକ ବିଦ୍ୟାଳୟରେ ଗୁରୁବାର ଦିନ ବ୍ଲକ ପ୍ରଶାସନ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ସହ ଭୋଟର ତାଲିକାରେ ନାମ ପଞ୍ଜୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ରମେଶ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ନାକଟିଦେଉଳ ବ୍ଲକର ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି ଏବଂ ସମନ୍ୱିତ ମହିଳା ଓ ଶିଶୁ ବିଭାଗର ପରିଦର୍ଶିକା ଝରଣା ମୁଣ୍ଡା ଅତିଥି ଭାବେ ଯୋଗଦେଇ ହେଲ୍ପ ଲାଇନ ଆପ ମାଧମରେ ନିଜେ କିପରି ନିଜର ନାମ ଭୋଟର ତାଲିକାରେ ପଞ୍ଜୀକରଣ କରିପାରିବେ ସେ ସଂପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଉକ୍ତ ଶିବିରରେ ଉଚ୍ଚ ମାଧମିକ ବିଦ୍ୟାଳୟର ୧୨୨ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଇଂରାଜୀ ଅଧାପକ ପତିତ ମହାନନ୍ଦ ଶିବିର ସଂଯୋଜନା କରିଥିଲେ। ଶେଷରେ କ୍ରୀଡ଼ା ଶିକ୍ଷକ ଭବରଞ୍ଜନ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଧନକଉଡ଼ା ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ

**ସମ୍ବଲପୁର,୨୪।୧୧(ବ୍ୟୁରୋ):** ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକସ୍ତରୀୟ ଅଲ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ନିର୍ବାଚନ ଗୁରୁବାର ଆଶାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଯୁଧିଷ୍ଠିର ମାଝୀ ସଭାପତି ଓ ମୋହନ କୁମାର ମିଶ୍ର ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ରାଜକିଶୋର ବାଗ ଓ ପ୍ରଭାସିନୀ ପଟ୍ଟନାୟକ ଉପସଭାପତି, ସରିତା ଦାଶ ଓ ଗୀତାରାଣୀ ପାଢ଼ୀ ସହ ସମ୍ପାଦକ, ମାନସୀ ମିଶ୍ର ଅଡିଟର ଏବଂ ବିଶ୍ୱଜିତ ଓରାମ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ପର୍ଯ୍ୟବେକ୍ଷକ ଭାବେ ସମ୍ବଲପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାନେତ୍ରୀ ରଚନା ସିଂ, ଜିଲା ସମ୍ପାଦକ ପ୍ରଶାନ୍ତ କୁମାର ନାଥ, ଉପଦେଷ୍ଟା ଜୟନ୍ତୀରାଣୀ ପଣ୍ଡା, ରେଙ୍ଗାଲି ବ୍ଲକର ଭଜମନ ଦେହୁରୀ, ଜିଲା ସହସମ୍ପାଦକ ସ୍ୱର୍ଣ୍ଣକାନ୍ତି ସାହୁ, ଝୁଝୁମୁରା ବ୍ଲକର ଜୟକୃଷ୍ଣ ବାଗ, ମାନେଶ୍ୱର ବ୍ଲକର ବିନାୟକ ପାଣିଗ୍ରାହୀ ଯୋଗଦେଇ ନିର୍ବାଚନ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ସରିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ସମ୍ବଲପୁର,୨୪।୧୧(ବ୍ୟୁରୋ):** ଅବସରପ୍ରାପ୍ତ ଶିକ୍ଷକ ତଥା ଶିକ୍ଷକ ସଂଘ ଉପଦେଷ୍ଟା ହରିହର ତ୍ରିପାଠୀ (୭୮)ଙ୍କ ସମ୍ବଲପୁରସ୍ଥିତ ସହଯୋଗନଗର ବାସଭବନଠାରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ସମ୍ବଲପୁର ଜିଲା ବିଜେଡି ସଭାପତି ଇଂ. ସିଦ୍ଧାର୍ଥ ଦାସ ଶୋକପ୍ରକାଶ କରି କହିଛନ୍ତି ଯେ, ହରିହର ଜଣେ ଆଦର୍ଶ ଶିକ୍ଷକ ଥିଲେ । ଶିକ୍ଷକମାନଙ୍କ ସମସ୍ୟାକୁ ନେଇ ସ୍ୱର ଉତ୍ତୋଳନ କରି ଆସୁଥିଲେ । ବଡ଼ପୁଅ ଦୁର୍ଗାପ୍ରସାଦ ତ୍ରିପାଠୀ, ସାନପୁଅ ଲିଙ୍ଗରାଜ ତ୍ରିପାଠୀ, ଝିଅ ଗାୟତ୍ରୀ, ଧରିତ୍ରୀ ଓ ଜଗଧାତ୍ରୀଙ୍କ ସମେତ ପୁତ୍ରବଧୂ, ଜ୍ୱାଇଁ, ନାତି ନାତୁଣୀ, ବିଭିନ୍ନ ଶିକ୍ଷକ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ଓଡ଼ିଶାର ଦୀର୍ଘସ୍ଥାୟୀ ବିକାଶ ପାଇଁ ଜିଲାସ୍ତରୀୟ କର୍ମଶାଳା ଉଦ୍‌ଘାଟିତ

**ସମ୍ବଲପୁର,୨୪।୧୧(ବ୍ୟୁରୋ)**

ଓଡିଶାର ଦୀର୍ଘସ୍ଥାୟୀ ବିକାଶ ପାଇଁ ୨୦୩୦ ସୁଦ୍ଧା ଜାତିସଂଘ ଦ୍ୱାରା ନିର୍ଦ୍ଧାରିତ ୧୭ଟି ଲକ୍ଷ୍ୟ କିପରି ହାସଲ କରିହେବ ସେଥିଲାଗି ରାଜ୍ୟ ସରକାର ଯୋଜନା ରଖିଛନ୍ତି । ଏହି ଲକ୍ଷ୍ୟ କିପରି ଜିଲାସ୍ତରରୁ ହାସଲ କରାଯାଇ ପାରିବ ସେଥିପାଇଁ ସମ୍ବଲପୁର ଜିଲାରେ ଏକ ଜିଲାସ୍ତରୀୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି ।

ସମ୍ବଲପୁର ଜିଲା ପ୍ରଶାସନ ଏବଂ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ମିଳିତ ଭାବରେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି କର୍ମଶାଳାକୁ ଜିଲାପାଳ ଅନନ୍ୟା ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ନିଜ ପାଖରେ ଥିବା ସମ୍ବଳକୁ ଉପଯୋଗ କରି ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ୧୭ ଟି ଲକ୍ଷ୍ୟ ସମ୍ପର୍କରେ ୨୦୧୫ ମସିହା ସେପ୍ଟେମ୍ବର ୨୫ ତାରିଖରେ ଜାତିସଂଘ ପକ୍ଷରୁ ଘୋଷଣା କରାଯାଇଥିଲା। ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ ଏଜେଣ୍ଡାରେ ରାଜ୍ୟରୁ ଦାରିଦ୍ର୍ୟ ସମ୍ପୂର୍ଣ୍ଣ ଦୂରୀକରଣ, ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରି



କାର୍ଯ୍ୟକ୍ରମକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

କ୍ଷୁଧାମୁକ୍ତ ରାଜ୍ୟ ଗଠନ କରିବା, ଗୁଣାତ୍ମକ ଶିକ୍ଷା ସହ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା, ମହିଳା ସଶକ୍ତିକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଇବା, ଲିଙ୍ଗଗତ ଅସମାନତା ଦୂର କରିବା, ସମସ୍ତଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ସୁନିଶ୍ଚିତ କରିବା, ଶିଳ୍ପାୟନକୁ ପ୍ରୋତ୍ସାହନ ଦେବା, ଜଳବାୟୁ ପରିବର୍ତ୍ତନ ଏବଂ ଏହାର ପ୍ରଭାବର ମୁକାବିଲା କରିବା ପାଇଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ତଥା ସ୍ଥାନୀୟ ସମ୍ବଳର ଉଚିତ ବ୍ୟବହାର ଉପରେ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଥିଲା। ଦୁଇ

**୨୦୩୦ ସୁଦ୍ଧା ଜାତିସଂଘ ଦ୍ୱାରା ସ୍ଥିରୀକୃତ ୧୭ଟି ଲକ୍ଷ୍ୟ ହାସଲ ପାଇଁ ଯୋଜନା**

ଦିନିଆ ପ୍ରଶିକ୍ଷଣ ଶିବିରର ପ୍ରଥମ ଦିନରେ ତାଲିମଦାତାମାନେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଜାତିସଂଘ ଦ୍ୱାରା ସ୍ଥିରୀକୃତ ଉପରୋକ୍ତ ୧୭ଟି ଲକ୍ଷ୍ୟ ୨୦୩୦ ସୁଦ୍ଧା ହାସଲ ପାଇଁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହାଛଡା ପ୍ରଥମେ ପଞ୍ଚାୟତ ସ୍ତରରୁ ପରେ ବ୍ଲକ ଏବଂ ଜିଲା ସ୍ତରରେ ଯୋଜନାର ସଫଳ ରୂପାୟନ ହୋଇପାରିଲେ ରାଜ୍ୟ ୨୦୩୦ ସୁଦ୍ଧା ଏହି ଲକ୍ଷ୍ୟ ହାସଲ କରିପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବଳ, ରିହାନ ଖତ୍ରୀ, ରାଜ୍ୟ ଯୋଜନା ଓ ସଂଯୋଜକ ବିଭାଗର ସହକାରୀ ନିର୍ଦ୍ଦେଶିକା ଅର୍ଚ୍ଚିତା ଦାସ ଏବଂ ଉପାସନା ମହାପାତ୍ର, ଜିଲା ଯୋଜନା ଓ ସଂଯୋଜନା ବିଭାଗର ଭାରପ୍ରାପ୍ତ ଉପନିର୍ଦ୍ଦେଶକ ଦେବାଶିଷ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଧନକଉଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚାମ୍ପିୟନ

**ଦୁର୍ଗା ଶଙ୍କର ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ**

**ସମ୍ବଲପୁର,୨୪।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ବର୍ଷିୟାନ କ୍ରୀଡ଼ା ସଂଘ ପକ୍ଷରୁ ଆୟୋଜିତ ଦୁର୍ଗା ଶଙ୍କର ପଟ୍ଟନାୟକ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ହାୱା ମଇଦାନଠାରେ ଉଦ୍‌ଯାପିତ ହୋଇଯାଇଛି। ଧନକଉଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚାମ୍ପିୟନ ଓ ଜମାଦାରପାଲି ଆଶ୍ରମ ସ୍କୁଲ ରନର୍ସ ଅପ୍ ଟ୍ରଫି ହାସଲ କରିଛି । ଫାଇନାଲ ମ୍ୟାଚ ଧନକଉଡା ବନାମ ଜମାଦାରପାଲି ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଶେଷରେ ଧନକଉଡ଼ା ୨-୧ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚକୁ ରେଫରି ମଥୁରା ଓରାମ ପରିଚାଳନା କରିଥିବା ବେଳେ ମନୋଜ ଭୋଇ, କିଶୋର ପଣ୍ଡା, ଶାନ୍ତା ରନବିଡ଼ା, ଜଲେନ ଓରାମ, ପଦ୍ମନାଭ ନାୟକ ଓ ଲକ୍ଷ୍ମଣ ନାଏକ ସହଯୋଗ କରିଥିଲେ। କ୍ରୀଡ଼ା ସଂଗଠକ ହରି ବିଶ୍ୱାଳ ମୁଖ୍ୟଅତିଥି ଓ ପୂର୍ବତନ ଉପ ନଗରପାଳ ସିନ୍ଧୁ ଶାହା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସଂଘ ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସାହେବ ଖମାରୀ ମଞ୍ଚ ସଂଯୋଜନା କରିଥିଲେ।




ସମ୍ବଲପୁର ହାୱା ମଇଦାନଠାରେ ଅତିଥିଙ୍କ ସହ ପୁରସ୍କୃତ ଖେଳାଳିମାନେ।

### ଡାକ୍ତର ଆଇଜାକ ସାନ୍ତ୍ରା ବାଳ ନିକେତନ ପରିଦର୍ଶନ କଲେ ଜିଲାପାଳ

**ସମ୍ବଲପୁର,୨୪।୧୧(ବ୍ୟୁରୋ)**

ଡାକ୍ତର ଆଇଜାକ ସାନ୍ତ୍ରା ବାଳନିକେତନ ଓ ପାର୍ବତୀ ଗିରି ମାତୃଭବନକୁ ଗୁରୁବାର ଜିଲାପାଳ ଅନନ୍ୟା ଦାସ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ବାଳନିକେତନ ଓ ମାତୃଭବନର ଅନ୍ତେବାସୀଙ୍କ ସହ ବସି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବାଳ ନିକେତନର ଶହେ ଶଯ୍ୟା ବିଶିଷ୍ଟ ଛାତ୍ର ନିବାସ, ଡାଇନିଂ ହଲ, ପାଣି ସମେତ ବିଭିନ୍ନ ଆନୁସାଙ୍ଗିକ ବ୍ୟବସ୍ଥା କରିବାକୁ ମହାନଦୀ କୋଇଲା କମ୍ପାନୀ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ପାର୍ବତୀ ଗିରି ମାତୃଭବନକୁ ଯାଇ ଅନ୍ତେବାସୀଙ୍କ ସହ ତଳେ ବସି ଭଜନ ଶୁଣିଥିଲେ । ଏଥିସହ ସେମାନଙ୍କ ଅଭାବ ଅସୁବିଧା ବିଷୟରେ ବୁଝିଥିଲେ। ମାତୃଭବନର ଅନ୍ତେବାସୀମାନେ କିପରି ସମଲେଶ୍ୱରୀ ମନ୍ଦିର ଦର୍ଶନ କରିବେ ସେନେଇ ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ ବେଳେ ରେହନ ଖେତ୍ରୀ, ଏମସିଏଲ ଅଧିକାରୀ ଅରବିନ୍ଦ ସାହୁ, ବାଳନିକେତନ ସମ୍ପାଦିକା ସନ୍ଧ୍ୟାରାଣୀ ପ୍ରଧାନ, ମାତୃନିକେତନ ପରିଚାଳକ କୁଳଧର ପ୍ରଧାନ, ସହ ପରିଚାଳକ କ୍ଷୀରୋଧ ଚନ୍ଦ୍ର ଓଝା ଉପସ୍ଥିତ ଥିଲେ ।

# କେନ୍ଦୁପତ୍ର କର୍ମଚାରୀ ସଂଘର ସ୍ୱାଗତ



ମୁଖ୍ୟମନ୍ତ୍ରୀଙ୍କୁ ଭେଟି କେନ୍ଦୁପତ୍ର କର୍ମଚାରୀ ସଂଘ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

**ସମ୍ବଲପୁର,୨୪।୧୧(ବ୍ୟୁରୋ)**

କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ଟୋଳାଳି, ବନ୍ଧେଇ ଓ ସିଜିନାଲ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କରିଥିବା ଘୋଷଣାକୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସ୍ୱାଗତ କରିଛି । ନିକଟରେ ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ । କେନ୍ଦୁପତ୍ର ଉପରେ କେନ୍ଦ୍ର ସରକାର ଜିଏସଟି ଲାଗୁ କରିଥିବାରୁ ଉପୁଜିଥିବା ସମସ୍ୟା ନେଇ ସଂଘର କର୍ମକର୍ତ୍ତାମାନେ ଆଲୋଚନା କରିଥିବା ବେଳେ ଏହା ପ୍ରତ୍ୟାହାର ପାଇଁ ସଂଘ କରିଥିବା ଦାବି ପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। କେନ୍ଦୁପତ୍ର ଉପରେ ଜିଏସଟି ଲାଗୁ ଥିବାରୁ କେନ୍ଦୁପତ୍ରର ବିକ୍ରି ମୂଲ୍ୟ ହ୍ରାସ ହୋଇ ଲାଭର ପରିମାଣ କମିଯାଉଛି। ଏଥିରେ କାର୍ଯ୍ୟରତ ଆଦିବାସୀ ମହିଳା ତଥା ଲକ୍ଷାଧିକ ଶ୍ରମିକ କର୍ମଚାରୀ କ୍ଷତିଗ୍ରସ୍ତ ହେଉଛନ୍ତି । ମୁଖ୍ୟମନ୍ତ୍ରୀ ଏହା ଉପଲବ୍ଧି କରି କେନ୍ଦ୍ର ସରକାରଙ୍କୁ ପୁନର୍ବାର ଚିଠି ଦେବା ଓ ଚାପ ସୃଷ୍ଟି କରିବାକୁ ଉଦ୍ୟମ କରିବେ ବୋଲି ଘୋଷଣାରେ ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ଶ୍ରମିକ ବିରୋଧୀ ନୀତି ବିରୋଧରେ ସଂଘ ଆନ୍ଦୋଳନ କରିଆସୁଛି ବୋଲି ରାଜ୍ୟ ସଭାପତି ମହାନ୍ତି କହିଛନ୍ତି।

### ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କାର୍ଯ୍ୟକାରିଣୀ କମିଟି ବୈଠକ

**ସମ୍ବଲପୁର,୨୪।୧୧(ବ୍ୟୁରୋ)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସମ୍ବଲପୁର ଜିଲା ପରିଷଦର କାର୍ଯ୍ୟକାରିଣୀ କମିଟି ବୈଠକ ଗୋଲବଜାର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅରୁଣ ଖୁଣ୍ଟିଆ ସଭାପତିତ୍ୱ କରି ଜିଲାରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜାତୀୟ ପରିଷଦ ସଭ୍ୟ କ୍ଷୀରୋଦ ସିଂଦେଓ, କେନ୍ଦ୍ର ସରକାରଙ୍କ ଜନବିରୋଧୀ କାର୍ଯ୍ୟକଳାପ ଓ ଚାଷୀ ମାରଣ ନୀତି ବିଷୟରେ ସୂଚନା ଦେଇଥିଲେ। ଏଥିସହ ଆସନ୍ତା ୨୬ତାରିଖରେ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ହେବାକୁ ଥିବା ଓଡ଼ିଶା ବଞ୍ଚାଅ ଅଭିଯାନକୁ ନେଇ ଆଲୋଚନା କରାଯାଇଥିଲା। ଜିଲା ସମ୍ପାଦକ ଏନ ଗୋପାଲ, ଅଶୋକବିଶି, ନିରୋଧ ସିଂଦେଓ ଆଲୋଚନାରେ ଭାଗ ନେଇଥିଲେ।

# ହକିର ପ୍ରଚାର, ପ୍ରସାର ଉପରେ ଗୁରୁତ୍ୱ

**ସମ୍ବଲପୁର,୨୪।୧୧(ବ୍ୟୁରୋ)**

**ବିଶ୍ୱକପ୍ ହକି**

**■ ଜିଲାରେ ଆୟୋଜନ ହେବ ବିଭିନ୍ନ କ୍ରୀଡା ପ୍ରତିଯୋଗିତା**

ଓଡିଶାରେ ହେବାକୁ ଥିବା ହକି ବିଶ୍ୱକପ ୨୦୨୩ ଜାନୁୟାରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବ। ହକି ବିଶ୍ୱକପ ପାଇଁ ରାଜ୍ୟରେ ହକି ଖେଳର ପ୍ରଚାର ପ୍ରସାର ସହ ଖେଳର ବାତାବରଣ ସୃଷ୍ଟି କରିବା ନିମନ୍ତେ ରାଜ୍ୟର ସମସ୍ତ ଜିଲାରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। ଏହି କ୍ରମରେ ସମ୍ବଲପୁର ଜିଲାରେ ବିଭିନ୍ନ କ୍ରୀଡା ଆୟୋଜନ କରାଯିବ। ଏନେଇ ଗୁରୁବାର ଜିଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡା ପଞ୍ଚାୟତ ସ୍ତରରୁ ଆୟୋଜିତ ହୋଇ ଜିଲା ସ୍ତରରେ ସମାପ୍ତ ହେବ। ଏଥିରେ ଯୁବ କ୍ରୀଡାବିତ୍ ସାମିଲ ହେବେ। ଜିଲାରେ ହକି, କବାଡି, ଫୁଟବଲ, ଖୋଖୋ ଇତ୍ୟାଦି ଖେଳର ଉତ୍ତମ ପରିଚାଳନା ନିମନ୍ତେ ଜିଲାସ୍ତରୀୟ କମିଟି ଗଠନ କରାଯିବ। ତୃଣମୂଳ ସ୍ତରରେ କିଭଳି ଉତ୍ତମ ଭାବେ ହକିର ପ୍ରଚାର ପ୍ରସାର ହେବ ସେଥିପାଇଁ ଚେଷ୍ଟିତ ହେବାକୁ ଜିଲାପାଳ ଉପସ୍ଥିତ ଅଧିକାରମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବଳ, ଶିକ୍ଷା ନବୀଶ ରିହାନ ଖତ୍ରୀ, ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ରେଢ଼ାଖୋଲ ଉପଜିଲାପାଳ ପବିତ୍ର ବେହେରାଙ୍କ ସମେତ ବିଜ୍ଞାପିତ ଅଞ୍ଚଳ ଇଓ, ସମସ୍ତ ବିଡ଼ିଓ, ଜିଲାସ୍ତରୀୟ ଅଧିକାରୀ, ପୂର୍ବତନ ଅନ୍ତର୍ଜାତୀୟ ହକି ଖେଳାଳି ଆଗ୍ନେଲିଆଲ ଲୁଗୁନ, ଜାତୀୟ ଖେଳାଳି ଚୁମକିଲତା ହେମ୍ବ୍ରମ, ଅବସରପ୍ରାପ୍ତ କ୍ରୀଡା ଅଧିକାରୀ ଉପେନ୍ଦ୍ର ଶତପଥୀ, ଜିଲା ହକି ସଂଘର ସଦସ୍ୟ ଲକ୍ଷ୍ମୀଧର ମହାନ୍ତି, ମାନେଶ୍ୱର ହାଇସ୍କୁଲର ଖେଳ ଶିକ୍ଷକ ସରସ୍ୱତୀ ସେଠୀ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ବବୁଲୁ



@ ଶ୍ରୀତମ



@ ରାଜୁ



@ ଲିପୁନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କାଳିଆ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ: ଅର୍ଜୁନପାଲି ଚାମ୍ପିୟନ

**କୁଚିଣ୍ଡା,୨୪।୧୧(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଲାଡ ଖେଳପଡ଼ିଆରେ ଜୟ ହିନ୍ଦ କ୍ଲବ ପକ୍ଷରୁ ତିନିଦିନ ଧରି ଚାଲିଥିବା କାଳିଆ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଇଛି। ମୋଟ ୧୬ ଗୋଟି ଟିମ୍‌କୁ ନେଇ ହୋଇଥିବା ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅର୍ଜୁନପାଲି ଏବଂ ଜୟ ମା'କଳାପାଟ ଟିମ ମଧ୍ୟରେ ହୋଇଥିଲା। କଳାପାଟ ଦଳକୁ ୨-୧ ଗୋଲରେ ପରାସ୍ତ କରି ଅର୍ଜୁନପାଲି ଚାମ୍ପିୟାନ ହୋଇଥିଲା। ସଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କୁଚିଣ୍ଡା ଉପଜିଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ତହସିଲଦାର ପ୍ରସନ୍ନ ଟେଟେ, କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିସାନ, ସରପଞ୍ଚ ସରସ୍ୱତୀ ଠାକୁର, ସମିତିସଭ୍ୟା ରଶ୍ମି କୁସୁମ, ନାଏବ ସରପଞ୍ଚ ଉଷା ବାହାଲା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଅର୍ଜୁନପାଲି ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ଓ ରନର୍ସ ଅପ୍ ଜୟ ମା' କଳାପାଟ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ଲାଡ ଜୟ ହିନ୍ଦ କ୍ଲବର ସଭାପତି ଝିପି ବାଗ , ଉପ ସଭାପତି ଶ୍ରୀକାନ୍ତ ହାତୀ, ସମ୍ପାଦକ ସୁମନ୍ତ ଭାଇଁସା, ରମଣୀ ଲୁହା,ଦୟାସାଗର ନାୟକ, ଶତ୍ରୁଘ୍ନ ବୁଡା, କୁମୁଦବନ୍ଧୁ ପୃଷେଠ ପ୍ରମୁଖ ସହଯୋଗ କରିଥିଲେ।

**ସତ୍ୟସାଇ ଜୟନ୍ତୀ ପାଳିତ**

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ ବୁଢ଼ୀପଦର ସତ୍ୟସାଇ ସେବା ସମିତି ଦ୍ୱାରା ସତ୍ୟସାଇ ବାବାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳୁ ଓମ୍ କାରମ୍, ସୁପ୍ରଭାତମ୍, ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ, ଷୋଡଷୋପଚାର ପୂଜା ପରେ ବୋଡେନ ଭଜନ ମଣ୍ଡଳୀ ନେତୃତ୍ୱରେ ବୋଡେନଠାରେ ବୁଢ଼ୀପଦର, ବୋଡେନ, କେରାପଦର, ଜାମଗାଁ ଓ ଅଁଳାଭଟା ଭଜନ ମଣ୍ଡଳିର ସମସ୍ତ ସଦସ୍ୟଙ୍କ ନେଇ ଏକ ଆଧାତ୍ମିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବେଦ ପଠନ, ଭଜନ, ସତ୍ୟସାଇ ବାଣୀ ପଠନ ଓ ମଙ୍ଗଳ ଆରତି ପରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।



## ସଂକ୍ଷେପରେ

### ବିଦେଶୀ ନକଲି ମଦ ଜବତ, ଜଣେ ଗିରଫ

ନୂଆପଡ଼ା ଅଫିସ,୨୪।୧୧: ନୂଆପଡ଼ା ବ୍ଲକ ଓ କୋମନା ବ୍ଲକ ମଧ ଭାଗ ଜାତୀୟ ରାଜପଥ ୩୫୩ ନଂ. ଉପରେ ଦଳଦଳି ଛକରେ ପାଟ୍ରୋଲିଂ ବେଳେ ବିଦେଶୀ ନକଲି ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରାଯାଇଛି। ସେହେଲେ ଝାଡ଼ଖଣ୍ଡ ପୋଲାମୁ ଜିଲା ଛତ୍ରପୁର ଥାନା ରାମଗଡ ଗାଁର ମନୋଜ କୁମାର ଯାଦବ(୪୨)। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ଅବକାରୀ ବିଭାଗ ଏକ ଦଳ କୋମନା ବ୍ଲକ ଓ ନୂଆପଡା ବ୍ଲକ ମଧ୍ୟ ଭାଗରେ ପାଟ୍ରୋଲିଂ କରୁଥିଲେ। ଜାତୀୟ ରାଜପଥ ୩୫୩ ନଂ. ଦଳଦଳି ଛକ ନିକଟରେ ସନ୍ଦେହରେ ଏକ ବାଇକ୍ ଆରୋହୀଙ୍କୁ ଅଟକ ରଖି ଖାନତଲାସି କରିଥିଲେ। ସେହି ସମୟରେ ବାଇକ୍ ଆରୋହୀ ମନୋଜଙ୍କଠାରୁ ୬,୫୭୦ ଲିଟର ନକଲି ବିଦେଶି ମଦ ଜବତ କରିବା ସହ ଓଡି-୧୮ ବି ୩୩୨୭ ନମ୍ବର ଏକ ବାଇକ୍ ଜବତ କରିଛି। ଚଢ଼ାଉରେ ଅବକାରୀ ବିଭାଗ ଆଇସି ଗୁପ୍ତେଶ୍ୱର ପଟେଲ, ଗିରେନ୍ଦ୍ର କଟା, କ୍ଷେତ୍ରମଣି ବାଗ, ସଞ୍ଜିବ ସାହୁ, ବୈଜୟନ୍ତି ଶବର, ମୋହନ ତାଣ୍ଡି ପ୍ରମୁଖ ସାମିଲ ଥିଲେ।

### ମାଟ୍ରିକ ସପ୍ଲେଟିଭ-୧ ପରୀକ୍ଷା: ୫୯ କେନ୍ଦ୍ରରେ ୧୦ ହଜାର ପରୀକ୍ଷାର୍ଥୀ

ନୂଆପଡ଼ା ଅଫିସ,୨୪।୧୧: ନୂଆପଡା ଜିଲା ଶିକ୍ଷା ବିଭାଗ ପକ୍ଷରୁ ବୁଧବାରଠାରୁ ମାଟ୍ରିକ ସେପ୍ଲେଟିଭ-୧ ପରୀକ୍ଷା ଆରମ୍ଭ ହୋଇଛି। ଜିଲାର ୫ଟି ବ୍ଲକ ନୂଆପଡା, ଖଡିଆଳ, କୋମନା, ସିନାପାଲି, ବୋଡେନ ଓ ୩ଟି ଏନଏସିରେ ୧୪୫ଟି ବିଦ୍ୟାଳୟ ରହିଥିବା ବେଳେ ୫୯ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଚଳିତବର୍ଷ ୧୦ ହଜାର ୨୫୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାର ୫ଟି ନୋଡାଲ ସେଣ୍ଟରକୁ ପ୍ରଶ୍ନପତ୍ର ପଠାଯାଇଛି। ପରୀକ୍ଷାକୁ ଶାନ୍ତି ଶୃଙ୍ଖଳା ଓ କପି ରୋକିବା ପାଇଁ ସ୍ୱତନ୍ତ୍ର ସ୍କାର୍ଡ ଗଠନ କରାଯାଇଛି। ଜିଲାସ୍ତରୀୟ ସ୍ୱତନ୍ତ୍ର ସ୍କାର୍ଡ ଅଧିକାରୀ ଭାବେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ନିଯୁକ୍ତ ହୋଇ ପରିଦର୍ଶନ କରୁଛନ୍ତି।

### ହାଇୱା ଧକ୍କାରେ ଜଣେ ଗୁରୁତର

ବୋଡେନ,୨୪।୧୧(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ଥାନା କେରାପଦର ଗାଁ ପାଖରେ ଯାଇଥିବା ବିଜୁ ଏକ୍ସପ୍ରେସ୍ ୱେରେ ରାସ୍ତା ନିର୍ମାଣ କାମରେ ନିୟୋଜିତ ଏକ ହାଇୱା ଧକ୍କାରେ କେରାପଦର ଗ୍ରାମର ନିତ୍ୟାନନ୍ଦ ରାଉତ (୬୫) ଗୁରୁତର ଆହତ ହୋଇଛନ୍ତି। ସେ ରାସ୍ତାରେ ଚାଲି ଯାଉଥିବା ବେଳେ ମାଟି ବୋଝେଇ ହାଇୱା ତାଙ୍କ ଗୋଡରେ ମାଡି ଯାଇଥିଲା। ଫଳରେ ତାଙ୍କ ପାଦରେ ଗୁରୁତର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରିବାର ଲୋକଙ୍କ ସହ ଗ୍ରାମବାସୀ ରାସ୍ତା କାମରେ ନିୟୋଜିତ ସମସ୍ତ ଗାଡିକୁ ଅଟକାଇ ରାସ୍ତା ଅବରୋଧ କରିଥିଲେ। କିଛି ସମୟ ଧରି ଘଟଣାସ୍ଥଳରେ ଉତ୍ତେଜନା ଦେକା ଦେଇଥିଲା। ବୋଡେନ ପୋଲିସ ପହଞ୍ଚି ଆଲୋଚନା ପରେ ପରିସ୍ଥିତି ଶାନ୍ତ ପଡିଥିଲା। । ପରିବାର ଲୋକେ ରାସ୍ତା କାମ କରୁଥିବା କମ୍ପାନୀ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଦାବି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନୂଆପଡା ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

# ପାଣି ପାଇଁ ପଞ୍ଚାୟତରେ ହଟ୍ଟଗୋଳ କଲେ ମହିଳା




ପାଣି ପାଇଁ ପଞ୍ଚାୟତରେ ମହିଳାମାନେ ହଟ୍ଟଗୋଳ କରୁଛନ୍ତି।

କୋକସରା,୨୪।୧୧(ଡି.ଏନ.ଏ.)

■୩ ମାସ ହେବ ପାନୀୟ ଜଳ ଯୋଗାଣ ବନ୍ଦ
■ପାନୀୟ ଜଳ ଯୋଗାଣ ଦାବି

କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ କେନ୍ଦୁଡଙ୍ଗରୀ ଓ ବରାଡଙ୍ଗା ଗ୍ରାମରେ ଦୀର୍ଘ ୩ ମାସ ହେବ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଏହାକୁ ନେଇ ୨ ଗ୍ରାମର ମହିଳାମାନେ ପଞ୍ଚାୟତରେ ବୈଠକ ଚାଲିଥିବା ବେଳେ ଆସି ହଟ୍ଟଗୋଳ କରିଥିଲେ। ସୂଚନା ଅନୁସାରେ ବରାଡଙ୍ଗା ଗ୍ରାମ କମଳ ନଦୀ କୂଳରେ ଥିବା ଓଭରହେଡ଼ ପାଣି ଟାଙ୍କିରୁ ବରାଡଙ୍ଗା ଓ କେନ୍ଦୁଡଙ୍ଗରୀକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହେଉଥିଲା। ବିଲ ପୈଠ ନ କରିବାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଫଳରେ ଉଭୟ ଗ୍ରାମର ୬ଟି ୱାର୍ଡର ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏ ନେଇ ପୂର୍ବରୁ ସରପଞ୍ଚ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ବି ସମସ୍ୟା ସମାଧାନ ହୋଇ ନ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ହେମଲତା ନାଏକ, କୈଶଲ୍ୟା ନାଏକ, ସୁରେନ୍ଦ୍ର ନାଗ, ସୁରୁମ ନାଏକ, ଗାୟତ୍ରୀ ଦାସ, ଡମେନ ବଚ୍ଛା, ନିଲିମା ଦାସ, ନବିନା ନାଏକଙ୍କ ସମେତ ପୂର୍ବତନ ସରପଞ୍ଚ ଗୋକୁଳ ନାଏକ, ସନ୍ତୋଷ ନାଏକ, ପବିତ୍ର ନାଏକ, କୁମର ନାଏକ, କରୁଣା ହରିଜନ ସହିତ ଗ୍ରାମବାସୀ ଏକତ୍ରିତ ହୋଇ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ପାଣି ଯୋଗାଇ ଦେବା ପାଇଁ ଅଡ଼ି ବସିଥିଲେ। ଏହାକୁ ନେଇ କିଛି ସମୟ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ସରପଞ୍ଚ ନିରୁପମା ସେଠୀ ଆସନ୍ତା ୭ଦିନ ମଧ୍ୟରେ ପାନୀୟ ଜଳ ଯୋଗାଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଶାନ୍ତ ହୋଇଥିଲେ। ଏ ନେଇ ଜିପିଇଓ ନାରାୟଣ ଭୋଇଙ୍କ ପ୍ରତିକ୍ରିୟା ନେବାରୁ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ୨ ଲକ୍ଷ ୪୦ ହଜାର ଟଙ୍କା ବିଦ୍ୟୁତ୍ ଦେୟ ପୈଠ କରାଯାଇଛି। ସରପଞ୍ଚଙ୍କୁ ସମସ୍ୟା ସମାଧାନ ପାଇଁ କୁହାଯାଇଛି ବୋଲି କହିଛନ୍ତି।

## ୨ ବର୍ଷ ହେଲା ସୋଲାର ପମ୍ପ ଅଚଳ

କର୍ଲାମୁଣ୍ଡା,୨୪।୧୧(ଡି.ଏନ.ଏ.)

**ପିଇବା ପାଣି ପାଇଁ ଗ୍ରାମବାସୀ ହଇରାଣ**




ଅଚଳ ହୋଇପଡ଼ିଥିବା ସୋଲାର ପମ୍ପ ।

ପିଇବା ପାଣି ସୁବ୍ୟବସ୍ଥା ପାଇଁ ସରକାର ଯୋଜନା ଉପରେ ଯୋଜନା କରୁଥିଲେ ହେଁ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ଯୋଜନାଗୁଡିକ ଆରମ୍ଭ ହେଇ ପରବର୍ତ୍ତୀ ସମୟରେ ଠପ ହେଇଯାଉଛି। ଏପରି ପରିସ୍ଥିତି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପଞ୍ଚାୟତ ଶୀଶାଖାଲ ଗାଁରେ ଦେଖିବାକୁ ମିଳିଛି। ସୂଚନା ମତେ ଏହି ଗାଁଟି ବ୍ଲକ ସଦର ମହକୁମାଠାରୁ ପ୍ରାୟ ୨୦ କିଲୋମିଟର ଦୂରରେ ଅବସ୍ଥିତ। ସିଶାଖାଲ (ବସ୍ତିରେ) ୧୧୦ ପରିବାରରେ ପ୍ରାୟ ୪ଶହ ୫ ଜଣ ଲୋକଙ୍କ ପିଇବା ପାଣି ପାଇଁ ରହିଛି ୪ଟି ନଳକୂପ। ସେଥି ମଧ୍ୟରୁ ୩ଟି ନଳକୂପର ପାଣି ବ୍ୟବହାର ଉପଯୋଗୀ ହୋଇ ନ ଥିବାରୁ ଲୋକଙ୍କ ପିଇବା ପାଣି ରବ୍ୟବସ୍ଥା ପାଇଁ ଗ୍ରାମ ପଞ୍ଚାୟତ ପକ୍ଷରୁ ୨୦୧୯ରେ ନଳକୂପରେ ସୋଲାର ବ୍ୟବସ୍ଥା କରାଯାଇଥିଲା। ତେବେ ପ୍ରଥମ ଗୋଟିଏ ବର୍ଷ ଠିକ ଭାବେ ଲୋକେ ସୋଲାର ଜରିଆରେ ସୁବିଧାରେ ପାଣି ପାଉଥିଲେ। ୨୦୨୦ରୁ ସୋଲାର ପମ୍ପ ଅଚଳାବସ୍ଥାରେ ପଡିରହିଛି। ଏଥିପାଇଁ ତତ୍କାଳୀନ ସରପଞ୍ଚ ବିଡିଓଙ୍କୁ ବାରମ୍ବାର ଜଣାଇଥିଲେ ହେଁ କୌଣସି ଗୁରୁତ୍ୱ ଦେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସୋମବାର ସ୍ଥାନୀୟ ପଞ୍ଚାୟତରେ ଜନଶୁଣାଣି ଶିବିରରେ ନୂତନ ବିଡିଓଙ୍କୁ ଲିଖିତ ଅଭିଯୋଗ ଦେଇ ଶୀଘ୍ର ସୋଲାର ପମ୍ପର ମରାମତି ହେବାକୁ ଆଶା ବାନ୍ଧିଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ବିଭୁତି କିଷାନଙ୍କୁ ପଚାରିବାରୁ ପଞ୍ଚାୟତ ପକ୍ଷରୁ ଖର୍ଚ୍ଚ କରି ସଜା ପାଇଁ ବ୍ୟବସ୍ଥା ଥିଲେ ହେଁ ତତ୍କାଳୀନ ସରପଞ୍ଚ କୌଣସି ପଦକ୍ଷେପ ନେଲେ ନାହିଁ। ଏବେ ଆମେ ଆମ ବିଭାଗରୁ ଖର୍ଚ୍ଚ କରି ସୋଲାର ପମ୍ପର ମରାମତି ଏହି ସପ୍ତାହ ମଧ୍ୟରେ କରିବୁ ବୋଲି କହିଛନ୍ତି।

## ନିଆଁ ଲାଗି ଜଳିଗଲା ଧାନ ସହ ପାଳ ଗଦା

କୋକସରା,୨୪।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରିଗୁଡା ପଞ୍ଚାୟତ ବଙ୍ଗୋମୁଣ୍ଡା ଗ୍ରାମର ହର ନାଗ ନାମକ ଜଣେ ନାମମାତ୍ର ଚାଷୀଙ୍କ ଖଳାରେ ଥିବା ଧାନଭରା ସହ ପାଳ ଗଦାରେ ଗୁରୁବାର ନିଆଁ ଲାଗି ପୋଡ଼ିଯାଇଛି। ଚାଷ କାର୍ଯ୍ୟରେ ନିୟୋଜିତ ଥିବା କିଛି ଚାଷୀମାନେ ସ୍ଥାନୀୟ ଦମକଳ କର୍ମଚାରୀଙ୍କୁ ଖବର ଦେଥିଲେ। ଦମକଳ ଅଧିକାରୀ ଅନନ୍ତ କୁମାର ପଟେଲ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀଙ୍କ ସହାୟତାରେ ପ୍ରାୟ ୨ ଘଣ୍ଟା ପରେ ନିଆଁ ଆୟତ୍ତ ହୋଇଥିଲା। ତେବେ ନିଆଁରେ ଚାଷୀ ହର ନାଗ ୨ ଏକର ଚାଷ ଜମିର ଭରା ଧାନ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ସେ ଜଣେ ଗରିବ ଶ୍ରେଣୀର ଚାଷୀ ହୋଇଥିବା ବେଳେ ସରକାର ଦୃଷ୍ଟିରେ ରଖି କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି।

## ଆଜିଠୁ ଜାତୀୟ ପାରମ୍ପରିକ, ଆଦିବାସୀ ଲୋକନୃତ୍ୟ ଉତ୍ସବ

ଭବାନୀପାଟଣା,୨୪।୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହେବ ୨୨ତମ ଜାତୀୟ ପାରମ୍ପରିକ ଓ ଆଦିବାସୀ ଲୋକ ନୃତ୍ୟ ଉତ୍ସବ। ଚଳିତବର୍ଷ କୋଭିଡ୍ କଟକଣା ମୁକ୍ତ ହେବା ପରେ ପୁଣି ଥରେ ଏହି ଜାତୀୟ ଉତ୍ସବ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ହେବ। ଏହି ଉତ୍ସବରେ ଆସାମ, ତେଲଙ୍ଗାନା, ଛତିଶଗଡ଼, ପଶ୍ଚିମବଙ୍ଗ ଭଳି ଅନେକ ରାଜ୍ୟର କଳାକାର ନିଜ ପାରମ୍ପରିକ ଲୋକଗୀତ, ଲୋକନୃତ୍ୟ ଏହି ନୃତ୍ୟ ସଙ୍ଗମ ମଞ୍ଚରେ ପରିବେଶଣ କରିବେ ବୋଲି ଆୟୋଜକ କମିଟି କଳାହାଣ୍ଡି ଜିଲା ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପ୍ରତିଭା ଅନୁଷ୍ଠିତ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ୨ ବର୍ଷ ପରେ ପୁଣି ଦୁଲୁକିବ ନୃତ୍ୟ ସଙ୍ଗମ ମଞ୍ଚ। ପ୍ରଦର୍ଶିତ ହେବ ଆଦିବାସୀଙ୍କ କଳା ସଂସ୍କୃତି ଓ ପରମ୍ପରା। ଯାହାକୁ ମନ ଭରି ଉପଭୋଗ କରିବେ ଦର୍ଶକ। ସମ୍ମିଳନୀରେ ଅନୁଷ୍ଠାନ ସଭାପତି ଧ୍ୟାନାନନ୍ଦ ପଣ୍ଡା, ଉପସଭାପତି ଦେବେଶ ସିଂ, ସମ୍ପାଦକ ବିଷ୍ଣୁପ୍ରସାଦ ନାଏକ, ଆନନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।

## ମାଣବସା ଗୁରୁବାର ପାଳନ କରି ପ୍ରତିବାଦ

କୋକସରା,୨୪।୧୧(ଡି.ଏନ.ଏ.)

ଗତ ୩ ଦିନ ହେବ ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ ଓଡିଶା ଲେଡିସ ଅଙ୍ଗନୱାଡ଼ି କର୍ମୀ ପକ୍ଷରୁ ୮ ଦଫା ଦାବି ନେଇ ରାଜ୍ୟ ସରକାରଙ୍କୁ ନିଜର ହକ ପାଇଁ ଆନ୍ଦୋଳନ ଜାରି ରଖିଛନ୍ତି। ଏହିକ୍ରମରେ ଗୁରୁବାର କଳାହାଣ୍ଡି ଜିଲା କୋକସରା ବ୍ଲକ ସମନ୍ୱିତ ଶିଶୁ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ କର୍ମୀମାନେ ଧାରଣାରେ ବସିଛନ୍ତି। ମାଣବସା ଗୁରୁବାର ରହିଥିବାରୁ ଅଙ୍ଗନୱାଡ଼ି କର୍ମୀମାନେ ଅଭିନବ ଭାବେ ସରକାରଙ୍କୁ ପ୍ରତିବାଦ ସ୍ୱରୂପ ଧାରଣା ସ୍ଥଳରେ ମାଣବସା ଗୁରୁବାର ପାଳନ କରିବା ସହ ରୀତିନୀତିରେ ଲକ୍ଷ୍ମୀ ପୁରାଣ ବୋଲିବା ସହ ଲକ୍ଷ୍ମୀ ପୂଜା କରିଛନ୍ତି । ମା' ଲକ୍ଷ୍ମୀ ସରକାରଙ୍କୁ ସଦବୁଦ୍ଧି ଦିଅନ୍ତୁ ଓ ଆମର ଦାବିକୁ ଶୀଘ୍ର ସରକାର ମାନି ନିଅନ୍ତୁ ବୋଲି କହିଛନ୍ତି। ବ୍ଲକର ୧୬୭ ମୁଖ୍ୟ ଓ ମିନି ଅଙ୍ଗନୱାଡି କେନ୍ଦ୍ରର କାର୍ଯ୍ୟରତ କର୍ମୀମାନେ ଆନ୍ଦୋଳନରେ ସାମିଲ ରହିଛନ୍ତି। ବ୍ଲକ ସଂଘ ସଭାନେତ୍ରୀ ଦମୟନ୍ତି ବେଶ୍ରା, ସମ୍ପାଦିକା ନିର ମହାନନ୍ଦ, କୋଷାଧକ୍ଷ୍ୟା ତରୁଲତା ଦାସ, ସୌଦାମିନୀ ବେହେରା, ସେକ୍ଟର ଲିଡର ତୁଳସୀ ବେଶ୍ରା, ପୂର୍ଣ୍ଣମୀ ନାଏକ, ଚଞ୍ଚଳା ଦଳପତି, ଗାୟତ୍ରୀ ମାଝି, ଭୂମିସୁତା ମାଝି, ମନ୍ଦାକିନି ବାଗ, ଅଭିନ ପଟ୍ଟନାୟକ, ପଦ୍ମିନୀ ନାଏକ ଓ ଶତାଧିକ ମହିଳା ଅଙ୍ଗନୱାଡ଼ି ଓ ପାଚିକା ଧାରଣାରେ ସାମିଲ ହୋଇଛନ୍ତି। କର୍ମୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଯୋଗୁ ବ୍ଲକର ସମସ୍ତ କେନ୍ଦ୍ରରେ ତାଲା ପଡିଛି ଓ ସମସ୍ତ ଯୋଜନା ଠପ ହୋଇପଡ଼ିଛି।



ମାଣବସା ଗୁରୁବାର ବ୍ରତ ପାଳନ କରି ଅଙ୍ଗନୱାଡି କର୍ମୀ ପ୍ରତିବାଦ କରୁଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ମହିଳାମାନେ।

## ବିପିଏମ୍ ବଦଳି ରଦ୍ଦ ପାଇଁ ଦାବିପତ୍ର

ନୂଆପଡ଼ା ଅଫିସ,୨୪।୧୧

ନୂଆପଡା ଜିଲା ସିନାପାଲି ଗୋଷ୍ଠୀ ପ୍ରକଳ୍ପ ପରିଚାଳକଙ୍କ ବଦଳି ବାତିଲ ପାଇଁ ବ୍ଲକର ୨୭ଟି ପଞ୍ଚାୟତ ସମସ୍ତ ଜିପିଏଲଏଫର ସଭାନେତ୍ରୀ, ସମ୍ପାଦିକା ଓ ଇସି ସଦସ୍ୟା, ବ୍ଲକସ୍ତରୀୟ ମହାସଂଘ କର୍ମକର୍ତ୍ତାମାନେ ଗୁରୁବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ଉପସ୍ଥିତ ନ ଥିବାରୁ ସେମାନେ ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ମଧୁଛନ୍ଦା ସାହୁଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ ସିନାପାଲି ବ୍ଲକରେ ଶରତ ଚନ୍ଦ୍ର ଦୀପ ଗୋଷ୍ଠି ପ୍ରକଳ୍ପ ପରିଚାଳକ ଭାବେ ଅବସ୍ଥାପିତ ଥିଲେ। ତାଙ୍କର କାର୍ଯ୍ୟକାଳ ୧ ବର୍ଷ ୬ ମାସ ହୋଇଥିଲେ ମଧ୍ୟ ସମୟ ପୂର୍ବରୁ ବଦଳି କରାଯାଇଛି। ତାଙ୍କୁ ଅନ୍ୟତ୍ର ବଦଳି କରା ନ ଯାଇ ସିନାପାଲି ବ୍ଲକରେ ରଖାଯାଉ ବୋଲି ମହିଳାମାନେ ଦାବି କରିଛନ୍ତି। ସେ ଆସିବା ଦିନଠାରୁ ଜିପିଏଲଏଫର ସବୁବେଳେ ଉନ୍ନତି କରିବା ସହ ଏସଏଚଜି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମୁଖ୍ୟ ଭୂମିକା ନେଇଥିଲେ। ମହିଳା ସଶକ୍ତି କରଣ ହେଲେ ପରିବାର, ସମାଜ କିମ୍ବା ଦେଶର ଉନ୍ନତି ହୋଇ ପାରିବ ବୋଲି ମହିଳାମାନଙ୍କୁ ସଚେତନ କରି ଆସୁଥିଲେ। ଜଣେ ଦକ୍ଷ କାର୍ଯ୍ୟକ୍ଷମ ଅଧିକାରୀଙ୍କୁ କମ ସମୟ ଭିତରେ ଅନ୍ୟତ୍ର ବଦଳି କରାଯିବା ଆଦୌ ଠିକ ନୁହେଁ। ତାଙ୍କ ବଦଳି ରଦ୍ଦ କରାଯାଉ ନ ହେଲେ ଆଗାମୀ ଦିନରେ ବ୍ଲକସ୍ତରୀୟ ମହିଳା ମହାସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ସଭାନେତ୍ରୀ ନବଶ୍ରୀ ବାଗ, ସମ୍ପାଦିକା ଦୀପ୍ତିମୟୀ ନାଏକ, ଅମିତା ମେହେର, ବେଲମତି ରାଉତ, କ୍ଷିରମତି ରାଉତ, ଘସେନ ବାଗ, କ୍ଷୀର ସା, ଭାନୁମତି ହରିଜନ, ଶାନ୍ତି ରଣା, ଲତା ପଟେଲ, ସଂଯୁକ୍ତା ମାଝି, ଅଞ୍ଜନା ନିଆଲ, ସବିତା ମାଝି, ସାବିତ୍ରୀ ତାଣ୍ଡି, ସଂଜୁ କାଣ୍ଡ, କୁନି ମେହେର ପ୍ରମୁଖ ସାମିଲ ଥିଲେ।

## ରେଣ୍ଡୋ ମାଝିଙ୍କ ଶହୀଦ ଦିବସ ପାଳନ ପ୍ରସ୍ତୁତି ବୈଠକ

କୋକସରା,୨୪।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆଦିବାସୀ ସଂଘ ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ୧୦ ତାରିଖରେ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ଶହୀଦ ରେଣ୍ଡୋ ମାଝିଙ୍କ ୧୬୭ତମ ଶହୀଦ ଦିବସ ପାଳନ ପାଇଁ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଆଦିବାସୀ ସଂଘ ସଭାପତି ହେମନ୍ତ ମାଝିଙ୍କ ଅଧ୍ୟକ୍ଷତାରେ ଉପସ୍ଥିତ କର୍ମକର୍ତ୍ତାଙ୍କ ସହ ଶହୀଦ ଦିବସ ପାଳନ ନେଇ ଆଲୋଚନା କରିଥିଲେ। ବୈଠକରେ ନୀଳକଣ୍ଠ ମାଝି, ଘନଶ୍ୟାମ ନାଏକ, ଅଶୋକ ପୁଝାରି, ଋତୁରାଜ ମାଝୀ, ଧର୍ମାନନ୍ଦ ନେଗି, ଜୟଲାଲ ନାଏକ, ଗରୁଡ଼ଧ୍ୱଜ ମାଝି, ମୁକ୍ତେଶର ନାଏକ, ରତନ ମାଝି, ସନ୍ତ ନାଏକ, ହିମାଞ୍ଚଳ ପୂଝାରୀ, ବିରେନ୍ଦ୍ର ମାଝି, ବାହାଦୁର ମାଝି, ନିତ୍ୟାନନ୍ଦ ମାଝି ପ୍ରମୁଖ ଶହୀଦ ଦିବସ ପାଳନ ସମ୍ବନ୍ଧରେ ନିଜର ମତାମତ ଦେଇଥିଲେ।

## ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ଆନ୍ଦୋଳନ

ବୋଡେନ/ସିନାପାଲି, ୨୪।୧୧(ଡି.ଏନ.ଏ.)

ଆଲ୍ ଓଡିଶା ଅଙ୍ଗନୱାଡି ମହିଳା କର୍ମୀ ଆସୋସିଏଶନ୍ ଡାକରାକ୍ରମେ ରାଜ୍ୟରେ ଅଙ୍ଗନୱାଡି କର୍ମୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି କ୍ରମରେ ଗୁରୁବାର ନୂଆପଡ଼ା ଜିଲା ବୋଡେନ ବ୍ଲକ ଅଙ୍ଗନ୍‌ୱାଡି କର୍ମୀଙ୍କ ଏକ ଶୋଭାଯାତ୍ରା ବୋଡେନ ବସ୍‌ଷ୍ଟାଣ୍ଡରୁ ବାହାରି ସିଡିପିଓଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ। କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଡିପିଓ କାନ୍ତା ବାରିକଙ୍କୁ ୮ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ବ୍ଲକ ସଭାନେତ୍ରୀ ପ୍ରମୋଦିନୀ ନାଏକ, ସମ୍ପାଦିକା ସସ୍ମିତା ବାଗ, ଉପ ସଭାନେତ୍ରୀ ଘନିତା ନାଗ, ସହ ସମ୍ପାଦିକା ମିନା ତାଣ୍ଡି, ଜାୟନ୍ତି ମହାନନ୍ଦ, ଲକ୍ଷ୍ମୀ ହଂସ ପ୍ରମୁଖଙ୍କ ନେତୃତ୍ୱରେ କର୍ମୀମାନେ ସିଡିପିଓ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିଥିଲେ। ସିଡିପିଓଙ୍କ ସୂଚନା ଅନୁସାରେ, ଅଙ୍ଗନ୍‌ୱାଡି କର୍ମୀଙ୍କ ଆନ୍ଦୋଳନ ଯୋଗୁ ବ୍ଲକର ୨୦୫ଟି ଅଙ୍ଗନ୍‌ୱାଡି କେନ୍ଦ୍ର ବନ୍ଦ ରହିଛି। ସେହିପରି ସିନାପାଲି ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଧାରଣା ଦିଆଯାଇଛି। ସିନାପାଲି ଅଙ୍ଗନୱାଡି କର୍ମୀ ସଂଘ ସଭାପତି ପ୍ରେମକ୍ଳହରି ହରପାଲଙ୍କ ନେତୃତ୍ୱରେ ରାମଛକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବିଭାଗ କାର୍ଯ୍ୟାଳୟ ଘେରାଉ କରିଥିଲେ। ଧାରଣାରେ ସମ୍ପାଦିକା ଭାନୁମତୀ ନାଏକ, ଉପସଭାପତି ଉର୍ମିଳା ସୁନାନୀ, ତରୁଲତା ଭୋଇ, ମଥୁରା ଦଣ୍ଡସେନା, ସୁନିତା ପତି, କମାଦେଇ, କୁମୁଦିନି ଭୋଇଙ୍କ ସମେତ ଶହଶହ କର୍ମୀ ଓ ସହାୟିକା ଉପସ୍ଥିତ ଥିଲେ।



ସିନାପାଲି ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଚାମ୍ପିୟନ

ଭବାନୀପାଟଣା,୨୪।୧୧(ସ୍ୱ.ପ୍ର.)

**ଆନ୍ତଃ ମହାବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା**




ଅତିଥିଙ୍କ ଗହଣରେ ଛାତ୍ରମାନେ।

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ଭବାନୀପାଟଣାରେ ଚାଲିଥିବା ପ୍ରଥମ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ଓ ନର୍ଲା ପଞ୍ଚାୟତ ସମିତି ଡିଗ୍ରୀ କଲେଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ବିଶ୍ୱବିଦ୍ୟାଳୟ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୭ ରନ ସଂଗ୍ରହ କରିଥିଲା। ଜବାବରେ ନର୍ଲା ପଞ୍ଚାୟତ ସମିତି ଡିଗ୍ରୀ କଲେଜ ୭ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲା। କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ପ୍ରଥମ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କ୍ରିକେଟ ଦଳର କ୍ୟାପଟେନ ନରେନ୍ଦ୍ର କୁମାର ବାଗ ପୁରସ୍କୃତ ହୋଇଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପୂର୍ବତନ ରଣଜୀ ଟ୍ରଫି ଖେଳାଳି ଭାରତ ଭୂଷଣ ଦେଓ, ସମ୍ମାନିତ ଅତିଥି ଭାବେ ପୂର୍ବତନ ରଣଜୀ ଟ୍ରଫି ଖେଳାଳି ସୁବ୍ରତ ବହିଦାର, ଡିଆଇପିଆର୍‌ଓ ମନୋଜ ବେହେରା, ପୂର୍ବତନ ରଣଜୀ ଖେଳାଳି ପ୍ରସନ୍ନ ସାହାଣୀ, ପି.କେ. ସାହୁ, ସତ୍ୟନାରାୟଣ ମହାପାତ୍ର, ରଘୁନାଥ ମିଶ୍ର, ଲୁଡୁ ସାସନି, ଜୟଦେବ ସାହୁ ଯୋଗଦେଇଥିଲେ। ଖେଳକୁ ଓସିଏ ଆମ୍ପାୟର ବୁଲୁ ସିଂହ ଓ ସୁମିତ ପଟ୍ଟନାୟକ ପରିଚାଳନା କରିଥିଲେ। ୫ ଦିନ ଧରି ଚାଲିଥିବା କ୍ରୀଡା ପ୍ରତିଯୋଗିତାରେ କଳାହାଣ୍ଡି ଓ ନୂଆପଡା ଜିଲାର ୧୮ଟି ମହାବିଦ୍ୟାଳୟ ଭାଗ ନେଇଥିଲେ। ଖେଳଗୁଡିକ ଭବାନୀପାଟଣା ୟୁନିଭରସିଟି ଖେଳ ପଡିଆ ଓ ରିଜର୍ଭ ପଡିଆଠାରେ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଜନସ୍ୱାସ୍ଥ୍ୟ କର୍ମଚାରୀଙ୍କ ଆନ୍ଦୋଳନ ଚେତାବନୀ

**ବରଗଡ଼ ଅଫିସ୍,୨୪।୧୧:** ରାଜ୍ୟରେ କାର୍ଯ୍ୟରତ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଛନ୍ତି। ଏଭଳି ଅଭିଯୋଗ ନେଇ ବୁଧବାର ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ବରଗଡ଼ ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ଥାୟୀ ନିଯୁକ୍ତି ଦେବା ପାଇଁ ସ୍ମାରକପତ୍ରରେ ଦାବି କରାଯାଇଛି। ୧୫ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ପ୍ରକାଶ ଯେ, ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ବିଭାଗରେ ଗତ ୧୯୯୩ ଏପ୍ରିଲ ୧୨ତାରିଖ ପରଠାରୁ କାର୍ଯ୍ୟରତ ସିଏଲଆର, ଏଚ୍‌ଆର୍, ଡିଏଲଆର କର୍ମଚାରୀମାନେ ସ୍ୱଳ୍ପ ବେତନଭୋଗୀ କର୍ମଚାରୀ ଅଟନ୍ତି । ସ୍ୱଳ୍ପ ବେତନ ଯୋଗୁ ସେମାନଙ୍କ ପରିବାର ପୋଷଣ କଷ୍ଟସାଧ୍ୟ ହୋଇପଡୁଛି। ସରକାର ଇତିମଧ୍ୟରେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ କରିବାକୁ ଘୋଷଣା କରିଥିବାବେଳେ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀଙ୍କ ଦିଗରେ ସେଭଳି କିଛି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ସେମାନଙ୍କ ନିଯୁକ୍ତିକୁ ସ୍ଥାୟୀ କରିବାକୁ ସଂଘ ପକ୍ଷରୁ ଦାବି ହୋଇଛି। ସଂଘର ଜୋନାଲ ସମ୍ପାଦକ ସଦାଶିବ ବିଶୋଇ, ଶାଖା ସମ୍ପାଦକ ଦୈତାରୀ ଗଡ଼ତିଆ ପ୍ରମୁଖଙ୍କ ନେତୃତ୍ୱରେ କର୍ମଚାରୀମାନେ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସ ଆସିଥିଲେ।

### ହରିୟାଣାକୁ ହରାଇ ବରିହାପାଲି ଚାମ୍ପିୟନ

**ପାଇକମାଲ,୨୪।୧୧(ଡି.ଏନ.ଏ.):** ବରଗଡ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲଠାରେ ଜୟ ବୁଢ଼ାରଜା ସ୍ପୋର୍ଟସ କ୍ଲବ ପକ୍ଷରୁ ଆନ୍ତଃରାଜ୍ୟ କବାଡି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ବରିହାପାଲି(ଛତିଶଗଡ଼) ଓ ହରିୟାଣା ମଧରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ହରିୟାଣାକୁ ହରାଇ ବରିହାପାଲି ଚାମ୍ପିୟନ ହୋଇଥିଲା। ଉଦଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ସରପଞ୍ଚ ପ୍ରକାଶ ନାୟକ, ସମିତି ସଭ୍ୟ ଟିଙ୍କୁ ଭାଇ, ସମାଜସେବୀ ମହେନ୍ଦ୍ର ଖୁଣ୍ଟିଆ, ଜିଲା ପରିଷଦ ତ୍ରିପୁରା ବରିହା ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ବାହାରୁ ୩୦ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ମହେନ୍ଦ୍ର ଖୁଣ୍ଟିଆ ଓ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଟିଙ୍କୁ ଭାଇ, ସିକନ୍ଦର ଭାଇ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ। ମ୍ୟାଚ୍‌ରେ ସ୍ୱତନ୍ତ୍ର ଅତିଥି ଭାବେ ପରିବହନ ଓ ଜଳ ସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ, ବିଧାୟିକା ଲତିକା ପ୍ରଧାନ, ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ପ୍ରସନ୍ନ ପାଢ଼ୀ, ଜିଲା ପରିଷଦ ସଭ୍ୟ ତ୍ରିପୁରା ବରିହା, ରାଜ୍ୟ କ୍ରିକେଟ ଆସୋସିଏଶନ ଉପ ସଭାପତି ସରୋଜ ସାହୁ, ସମାଜସେବୀ ମହେନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ। ହେମସାଗର ସାହୁ, ବୈବସୁତ ପ୍ରଧାନ, ସୁଦର୍ଶନ ମହାକୁଡ, ଶଙ୍କର ପରାଭୁଏ ଖେଳ ପରିଚାଳନା କରିଥିଲେ। ପ୍ରହ୍ଲାଦ ଭୋଇ, ଲଳିତ ଜଗତ, ଯଶୋବନ୍ତ ଧାରା ବିବରଣୀ ପ୍ରଧାନ କରିଥିଲେ। ଜୟ ବୁଢ଼ାରଜା ସ୍ପୋର୍ଟସ କ୍ଲବର କର୍ମକର୍ତ୍ତା ଓ ମାଣ୍ଡୋସିଲ ଗ୍ରାମବାସୀ ସହଯୋଗ କରିଥିଲେ।


କୃତୀ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ପ୍ରସଙ୍ଗ ପୁରୁଣା, ପୁଣି ପ୍ରତିଶ୍ରୁତି

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୨୪।୧୧

**ପଦ୍ମପୁର ଉପନିର୍ବାଚନ**



ପଦ୍ମପୁର ଉପନିର୍ବାଚନକୁ ନେଇ ଏବେ ରାଜନୀତି ସରଗରମ ହୋଇଛି। ଏହି ଉପନିର୍ବାଚନ ପାଇଁ ଆସନ୍ତା ଡିସେମ୍ବର ୫ ତାରିଖରେ ମତଦାନ ହେବ। ତେବେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ୧୦ ପ୍ରାର୍ଥୀ ଭୋଟରଙ୍କୁ ନିଜ ସପକ୍ଷକୁ ଟାଣିବା ପାଇଁ ଲାଗି ପଡ଼ିଛନ୍ତି। ଏଥିରେ କଂଗ୍ରେସ, ଭାଜପା ଏବଂ ବିଜେଡ଼ି ପ୍ରାର୍ଥୀଙ୍କ ପ୍ରଚାର ଚର୍ଚ୍ଚାର ବିଷୟ ହୋଇଛି। ପଦ୍ମପୁରକୁ ଜିଲା ଗଠନ, ବରଗଡ଼ରୁ ଭାୟା ପଦ୍ମପୁର ଦେଇ ନୂଆପଡ଼ାକୁ ରେଳ ଲାଇନ, ଫସଲବୀମା ଓ ଇନପୁଟ୍ ସବସିଡ଼ି ପ୍ରମୁଖ ନିର୍ବାଚନୀ ପ୍ରସଙ୍ଗ ପାଲଟିଛି। ଉକ୍ତ ପ୍ରସଙ୍ଗକୁ ନେଇ ଶାସନରେ ଥିବା ରାଜ୍ୟର ବିଜେଡ଼ି ଏବଂ କେନ୍ଦ୍ରର ଭାଜପା ସରକାର ପରସ୍ପର ଦୋଷ ଲଦାଲଦି ହେଉଛନ୍ତି। ଅନ୍ୟପଟେ ଏହି ପ୍ରସଙ୍ଗରେ ପଦ୍ମପୁରକୁ ଅବହେଳା ପ୍ରତି କଂଗ୍ରେସ ଉଭୟ ବିଜେଡ଼ି, ଭାଜପାକୁ ଟାର୍ଗେଟ୍ କରି ପ୍ରଚାର ଚଳାଇଛି। ତେବେ ଉକ୍ତ ପ୍ରସଙ୍ଗ ବହୁ ପୁରୁଣା ହୋଇଥିବାବେଳେ ଏହାକୁ ନେଇ ସବୁଦଳଙ୍କ ମଧ୍ୟରେ ଉପନିର୍ବାଚନରେ ଆରୋପ, ପ୍ରତ୍ୟାରୋପ ସାଧାରଣରେ ଆଲୋଚନା ହେଉଛି ।

ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ୩ ପ୍ରମୁଖ ଦଳ ମଧ୍ୟରୁ କେହି ନୂଆ ନୁହନ୍ତି। ପଦ୍ମପୁରବାସୀ କଂଗ୍ରେସ, ବିଜେଡ଼ି ଏବଂ ଭାଜପା ଉପରେ ଆସ୍ଥା ପ୍ରକଟ କରି ଏହି ନିର୍ବାଚନ ମଣ୍ଡଳୀର ଶାସନ ଭାର ଦେଇଛନ୍ତି। ୧୯୬୧ ସାଧାରଣ ନିର୍ବାଚନରୁ ଅନୁଧ୍ୟାନ କଲେ ଉକ୍ତ ନିର୍ବାଚନ ମଣ୍ଡଳୀବାସୀ ଏଠାରେ କଂଗ୍ରେସକୁ ଅଧିକ ସୁଯୋଗ ଦେଇଛନ୍ତି। ୧୯୬୧, ୧୯୭୧, ୧୯୭୪, ୧୯୮୦, ୧୯୮୫ ଏବଂ ୨୦୦୪ରେ ଏଠାରେ ଭାରତୀୟ ଜାତୀୟ କଂଗ୍ରେସ ବିଜୟ ଲାଭ କରିଛି। ସେଥିମଧ୍ୟରୁ ବର୍ତ୍ତମାନର କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ୩ ଥର ବିଜୟ ଲାଭ କରି ପଦ୍ମପୁର ବିଧାୟକ ରହିଥିଲେ। ଫଳରେ ଏହି ନିର୍ବାଚନ ମଣ୍ଡଳୀରେ ତାଙ୍କ ଦଳ କିମ୍ବା ସେ ନୂଆ ନୁହନ୍ତି ।

ସେହିପରି ଭାଜପା ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରଦୀପ ପୁରୋହିତ ମଧ୍ୟ ଏହି ନିର୍ବାଚନ ମଣ୍ଡଳୀରେ ନୂଆ ନୁହନ୍ତି। କ୍ରମାଗତ ପରାଜୟ ପରେ ୨୦୧୪ ସାଧାରଣ ନିର୍ବାଚନରେ ପଦ୍ମପୁରବାସୀ ତାଙ୍କୁ ବିଜୟ ମୁକୁଟ ପିନ୍ଧାଇଥିଲେ। କିନ୍ତୁ ନିର୍ବାଚନମଣ୍ଡଳବାସୀଙ୍କ ଆସ୍ଥା, ବିଶ୍ୱାସକୁ ପୁରୋହିତ ଅତୁଟ ରଖି ପାରି ନ ଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ତାଙ୍କୁ ଏହି ଆସନ ହାତଛଡ଼ା କରିବାକୁ ପଡ଼ିଥିଲା। ଚଳିତ ଉପନିର୍ବାଚନରେ ପୁରୋହିତ ପୁଣି ଲୋକଙ୍କ ଆସ୍ଥା ଫେରାଇବାରେ କେତେ ସକ୍ଷମ ହେବେ ତାହା ନିର୍ବାଚନ ଫଳାଫଳ ପରେ ଜଣାପଡ଼ିବ ।

ପଦ୍ମପୁର ନିର୍ବାଚନ ମଣ୍ଡଳୀକୁ ଲୋକେ ବିଜେଡ଼ିର ଗଡ଼ କୁହନ୍ତି । ୨୦୦୪ ଓ ୨୦୧୪ ସାଧାରଣ ନିର୍ବାଚନକୁ ଛାଡ଼ିଦେଲେ ୧୯୯୦ ସାଧାରଣ ନିର୍ବାଚନରୁ ଏପର୍ଯ୍ୟନ୍ତ ପୂର୍ବର ଜନତା ଦଳ ତଥା ଏବକାର ବିଜେଡିରୁ ପ୍ରତିଦ୍ୱନ୍ଦ୍ୱିତା କରି ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହା ଏଠାରୁ ବାଜିମାତ୍ କରିଆସୁଥିଲେ। ଏଥର ବିଜେଡି ସ୍ୱର୍ଗତ ବରିହାଙ୍କ ଝିଅ ବର୍ଷାଙ୍କୁ ଦଳୀୟ ପ୍ରାର୍ଥିନୀ କରିଛି। ବର୍ଷା ପ୍ରଥମଥର ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସେ କେବଳ ସ୍ୱର୍ଗତ ବରିହାଙ୍କ ଝିଅ ନୁହନ୍ତି, ପୂର୍ବତନ ସତ୍ୟବାଦୀ ବିଧାୟକ ରମାରଞ୍ଜନ ବଳିୟାର ସିଂଙ୍କ ବୋହୂ। ଏହି ଦୃଷ୍ଟିରୁ ସେ ରାଜନୀତିରେ ଅଭିଜ୍ଞ ହୋଇ ନ ଥିଲେ ମଧ୍ୟ ରାଜନୈତିକ ପରିବେଶ ତଥା ପରିବାରରେ ରହି ଆସୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ପଦ୍ମପୁରବାସୀ ସବୁଦଳ ଅର୍ଥାତ୍ କଂଗ୍ରେସ, ଭାଜପା, ବିଜେଡ଼ିକୁ ନିର୍ବାଚନ ମଣ୍ଡଳୀରେ ଶାସନ ସୁଯୋଗ ଦେଇଛନ୍ତି। ଏହାସତ୍ତ୍ୱେ ଏଠାରେ ରହିଥିବା ସମସ୍ୟା ସମାଧାନ ହୋଇପାରିନାହିଁ। ପଦ୍ମପୁରକୁ ଜିଲା ଗଠନ ଦାବି ନୂଆଁ ନୁହେଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶାସନ କାଳରେ ଜିଲା ପୁନର୍ଗଠନ ବେଳେ ପଦ୍ମପୁରବାସୀ ନୂଆ ଜିଲା ଚାହୁଁଥିଲେ। ସେହିପରି ବର୍ତ୍ତମାନ ଫସଲବୀମା, ଇନପୁଟ୍ ସବ୍‌ସିଡ଼ି ସବୁ ଦଳ ପାଇଁ ଏକ ପ୍ରସଙ୍ଗ ପାଲଟିଛି। ପଦ୍ମପୁର ଉପଖଣ୍ଡ ମରୁଡ଼ି ପ୍ରପୀଡ଼ିତ ବୋଲି ସଭିଏଁ ଜାଣିଛନ୍ତି। କିନ୍ତୁ ସବୁଦଳକୁ ଏଠାରେ ସୁଯୋଗ ଦିଆଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ପଦ୍ମପୁରରେ ମରୁଡ଼ିର ସ୍ଥାୟୀ ପ୍ରତିକାର କରାଯାଇପାରିନାହିଁ। ସେହିପରି ବରଗଡ଼ ଭାୟା ପଦ୍ମପୁର ଦେଇ ନୂଆପଡ଼ାକୁ ରେଳ ଲାଇନ ସଂଯୋଗ ମଧ୍ୟ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି। କିନ୍ତୁ ଏଥିପ୍ରତି କେହି ଦୃଷ୍ଟି ଦେଇ ନ ଥିବାବେଳେ ଏବେ ସବୁଦଳ ଏହାକୁ ନିର୍ବାଚନୀ ପ୍ରସଙ୍ଗ କରିବା ସାଧାରଣରେ ଆଲୋଚନା ହେଉଛି ।

ପଦ୍ମପୁରର ଜଣେ ସାମାଜିକ କର୍ମୀ ନିରୋଜ ଦୋରା କୁହନ୍ତି, ନିର୍ବାଚନ ଆସିଲେ ସୁବ ଦଳ ପ୍ରତିଶ୍ରୁତି ଦେଇଥାନ୍ତି, ମାତ୍ର ତାହା ପୂରଣ ନ ହେବା ଦୁର୍ଭାଗ୍ୟଜନକ। ଏବେ ମଧ୍ୟ ସବୁଦଳ ସେଭଳି ପ୍ରତିଶ୍ରୁତି ଦେଉଛନ୍ତି, ପ୍ରତିଶ୍ରୁତି ମୁତାବକ କାମ କଲେ ଅଞ୍ଚଳର ବିକାଶ ହେବ ଏବଂ ଅଞ୍ଚଳବାସୀ ଉପକୃତ ହେବେ। ସେହିପରି ଜଣେ ସଚେତନ ନାଗରିକ ରମେଶ ଗୁର୍ଲା କହିଛନ୍ତି, ଉପନିର୍ବାଚନ ଏବେ ଏକ ଖୋଲା ରଙ୍ଗମଞ୍ଚ ହୋଇଯାଇଛି ଏବଂ ଏକ ନାଟକ ହେଉଛି ବୋଲି ଅନୁଭୂତ ହେଉଛି। ସବୁଦଳର ନେତା ଗାଁରେ ବୁଲୁଛନ୍ତି ଏବଂ ଅଭିନୟ କରୁଛନ୍ତି। କିଏ ମୁଣ୍ଡିଆ ମାରି ତ ଆଉ କିଏ କାନ୍ଦି କାନ୍ଦି ଭୋଟ୍ ନିବେଦନ କରୁଛନ୍ତି। କିନ୍ତୁ ଜିତିଗଲା ପରେ ନିର୍ବାଚନୀ ପ୍ରତିଶ୍ରୁତିକୁ ଭୁଲି ଯାଉଛନ୍ତି। ଏହି ନିର୍ବାଚନ ମଣ୍ଡଳୀର ଅନ୍ୟ ଜଣେ ନାଗରିକ କହ୍ନେଇ ଦୋରା କହିଛନ୍ତି, ନିର୍ବାଚନ ସମୟରେ ସବୁ ପ୍ରାର୍ଥୀ ପ୍ରତିଶ୍ରୁତି ଦେଇଥାନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ତାହା ପ୍ରତିଶ୍ରୁତିରେ ହିଁ ରହିଯାଏ। ଫଳରେ ବର୍ତ୍ତମାନ ମଧ୍ୟ ପ୍ରାର୍ଥୀଙ୍କ ପ୍ରତିଶ୍ରୁତିକୁ ସହଜରେ ବିଶ୍ୱାସକୁ ନେଇ ହେଉନାହିଁ ।

### ପୋଲିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ

ବରଗଡ଼ ଅଫିସ୍,୨୪।୧୧

ପଦ୍ମପୁର ଉପନିର୍ବାଚନ ପାଇଁ ବରଗଡ଼ ପଞ୍ଚାୟତ କଲେଜରେ ଗୁରୁବାରଠାରୁ ପୋଲିଂ ଅଧିକାରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଶୁକ୍ରବାର ପର୍ଯ୍ୟନ୍ତ ଏହା ଚାଲିବ। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ଅଧ୍ୟକ୍ଷତାରେ ଉପସ୍ଥିତ ପ୍ରିଜାଇଡ଼ିଂ ଏବଂ ପୋଲିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

### ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ବୈଠକ

ବରଗଡ଼ ଅଫିସ୍,୨୪।୧୧

ବରଗଡ଼ରେ ବୁଧବାର ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୁର ମହାସଂଘ ପକ୍ଷରୁ ଟିପିଡବ୍ଲ୍ୟୁଓଡିଏଲରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ନେଇ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ମହାସଂଘ ଚେୟାରମ୍ୟାନ ନରେନ୍ଦ୍ର ପ୍ରସାଦ ରାୟଗୁରୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଉପଦେଷ୍ଟା ଅନିଲ ଦେବତା, ସୁବାଷ ତିୱାରୀ, ଯୁଗ୍ମ ସମ୍ପାଦକ ଚକ୍ରଧର ପଧାନ, କାର୍ଯ୍ୟକାରିଣୀ ସଦସ୍ୟ ମୁକୁନ୍ଦ ମିର୍ଦ୍ଧା, ସଙ୍ଗଠନ ସମ୍ପାଦକ ବିସ୍ମୟ ହୋତା ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ସଭାରେ ପଶ୍ଚିମ ଓଡ଼ିଶା ବିଦ୍ୟୁତ ଅମଲା ସଂଘର ସଭ୍ୟମାନେ ଉପସ୍ଥିତ ଥିଲେ। ଚକ୍ରଧର ପ୍ରଧାନ ସଭା ପରିଚାଳନା କରିଥିଲେ। ସଭାରେ ମୁଖ୍ୟତଃ ଟିପିଡବ୍ଲ୍ୟୁଓଡିଏଲରେ ଥିବା ୬୯୪ ଆଉଟ୍‌ସୋର୍ସିଂ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭାଗୀୟ କର୍ତ୍ତୃପକ୍ଷ ଅତିଶୀଘ୍ର ଉକ୍ତ ସମସ୍ୟା ଗୁଡ଼ିକର ସମାଧାନ ନ କଲେ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବୈଠକରେ ସଂଘ ନିଷ୍ପତ୍ତି ନେଇଛି।

## ‘ପଦ୍ମପୁର ଚାଷୀଙ୍କୁ କେବେ ମିଳିବ ଇନ୍‌ପୁଟ ସବ୍‌ସିଡି’


ଖବରଦାତା ସମ୍ମିଳନୀରେ ବିଧାୟକ ମୁକେଶ ମହାଲିଙ୍ଗ ସମ୍ବୋଧନ କରୁଛନ୍ତି।

ପଦ୍ମପୁର,୨୪।୧୧(ଡି.ଏନ.ଏ.)

ପଦ୍ମପୁର ହେଉଛି ଏକ ଶୁଖା ଅଞ୍ଚଳ। ଏଠାରେ ଜଳସେଚନ ସୁବିଧା ନାହିଁ। ୨୦୨୧ରେ ଏଠାରେ ମରୁଡି ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ପଦ୍ମପୁର ଚାଷୀମାନଙ୍କୁ ଇନପୁଟ ସବ୍‌ସିଡି (ମରୁଡି ସହାୟତା) ମିଳିପାରିଲାନାହିଁ। ରାଜ୍ୟ ସରକାର କେବେ ଏହି ଅଞ୍ଚଳର ଚାଷୀଙ୍କୁ ଇନ୍‌ପୁଟ ସବସିଡି ଦେବେ ବୋଲି ଗୁରୁବାର ପଦ୍ମପୁର ଭାଜପା ଅଫିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ବିଧାୟକ ମୁକେଶ ମହାଲିଙ୍ଗ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ୨୦୨୧ ଅକ୍ଟୋବର ୧୧ରେ ଏସ୍‌ଆରସି ରାଜ୍ୟର ସବୁ ଜିଲାପାଳଙ୍କୁ ମରୁଡି ସ୍ଥିତି ନେଇ ଚିଠି ଲେଖିଥିଲେ। ବରଗଡ ଜିଲାରେ ମରୁଡି ହୋଇଛି ବୋଲି ଜିଲାପାଳ ରିପୋର୍ଟ ଦେଇଥିଲେ। କିନ୍ତୁ ବିଧାନସଭାରେ ଭାଜପାର ବିଧାୟକମାନେ ଯେତେବେଳେ ଚାଷୀମାନଙ୍କ ଇନ୍‌ପୁଟ ସବ୍‌ସିଡି କଥା ଉଠାଇଲେ ସେତେବେଳେ ରାଜସ୍ୱ ମନ୍ତ୍ରୀ କହିଥିଲେ, ୨୦୨୧ରେ ମରୁଡି ହୋଇନାହିଁ କି କୌଣସି ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ଦିଆଯିବ ନାହିଁ। ଏବେ ଯେଉଁ ଇନପୁଟ ସବ୍‌ସିଡି ଘୋଷଣା ହୋଇଛି, ତାହା ଯଦି ସତ ତେବେ ସରକାର ଚାଷୀମାନଙ୍କ ତାଲିକା ପ୍ରକାଶ କରନ୍ତୁ ଓ ସେଥିରୁ ପଦ୍ମପୁରର କେଉଁ ଚାଷୀ କେତେ ଟଙ୍କା ପାଇପାରିବେ ତାହା ପ୍ରକାଶ କରନ୍ତୁ ବୋଲି ମହାଲିଙ୍ଗ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ପଦ୍ମପୁରବାସୀଙ୍କୁ ଆର୍ଶୀବାଦ କରୁଛନ୍ତି ବୋଲି ବୁଧବାର ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏକ ସଭାରେ କହିଛନ୍ତି। ତାଙ୍କର ଏହି ଉକ୍ତି ବିଜେଡିର ଅହଙ୍କାରର ପ୍ରତିଫଳନ କରୁଛି। ପଦ୍ମପୁର ଉପରେ ବାବା ନୃସିଂହନାଥ ଓ ହରିଶଙ୍କରଙ୍କ ଆଶୀର୍ବାଦ ରହିଛି। ମୁଖ୍ୟମନ୍ତ୍ରୀ କ'ଣ ନୃସିଂହନାଥ, ହରିଶଙ୍କରଙ୍କଠାରୁ ବେଶୀ ଶକ୍ତିଶାଳୀ ଯେ ସେ ପଦ୍ମପୁରବାସୀଙ୍କୁ ଆଶୀର୍ବାଦ କରିବେ ବୋଲି ବିଧାୟକ ମହାଲିଙ୍ଗ କହିଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର, ଅନିଲ ବିଶ୍ୱାଳ ଏବଂ କ୍ଷେତ୍ରୀୟ ମିଡିଆ ସଂଯୋଜକ ମାନସ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ ।

## ପାଇକମାଲରେ ବିଜେଡିର ଶୋଭାଯାତ୍ରା

ପାଇକମାଲ,୨୪।୧୧(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନ ଯେତେ ପାଖେଇ ଆସୁଛି ରାଜନୀତି ସେତେ ସରଗରମ ହେବାରେ ଲାଗିଛି। ଗୁରୁବାର ଅପରାହ୍ନରେ ପାଇକମାଲ ବଜାର ଛକରୁ ବିଜେଡିର ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପରେ ପାଇକମାଲରେ ଦଳର ନିର୍ବାଚନୀ କାର୍ଯ୍ୟାଳୟକୁ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ପାଇକମାଲ ବ୍ଲକ ବିଜେଡି ସଭାପତି ଗୌତମ ସିଂ, ପୂର୍ବତନ ସରପଞ୍ଚ ଧବଳେଶ୍ୱର ସାହୁ, ହୃଦାନନ୍ଦ ବାରିକଙ୍କ ସହ ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ବରତୁଣ୍ଡା ପଞ୍ଚାୟତ ମୋତିପାଲିଠାରେ ବିଜେଡି ବିଧାୟକ ପ୍ରାର୍ଥିନୀ ବର୍ଷା ସିଂ ବରିହା ପ୍ରଚାର କରିଛନ୍ତି। ସେ ମୋତିପାଲି, ପୁରେନା, ବରତୁଣ୍ଡା ଆଦି ଗାଁ ବୁଲି ଭୋଟଭିକ୍ଷା କରିଥିବା ଦେଖିବାକୁ ମିଳିଛି।

## ୨୦ ଗ୍ରାମରେ ପ୍ରଚାର କଲେ ସତ୍ୟଭୂଷଣ


କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ଘର ଘର ବୁଲି ପ୍ରଚାର କରୁଛନ୍ତି।

ପଦ୍ମପୁର,୨୩।୧୧(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନ ପାଇଁ ଗୁରବାର କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ଜୋନ-୧ ଓ ୨ ଅଧୀନ ବିଭିନ୍ନ ଗ୍ରାମରେ ଗୁରୁବାର ମାରାଥନ ପ୍ରଚାର କରିଛନ୍ତି। ସେ ଗୋଟିଏ ଦିନରେ କୁମୁନିବାହାଲି, ପଥୁରୀ, ଡଙ୍ଗାଘାଟ, ପଲସାପାଲି, ସାରଙ୍ଗପୁର, ଘନାମାଲ, ଦକ୍ଷିଣ ନୂଆପାଲି, ଦୁବୁଲାବାହାଲ, ଟାଲ, ଦୀପ୍ତିପୁର, ମେଲଛାମୁଣ୍ଡା ଆଦି ୨୦ରୁ ଊର୍ଦ୍ଧ୍ୱ ଗ୍ରାମରେ ପଥପ୍ରାନ୍ତ ସଭା କରିବା ସହିତ ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ପରେ ଦୀପ୍ତିପୁରଠାରେ ଏକ ନିର୍ବାଚନ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ସୋହେଲାର ଯୁବ ନେତା ବାବୁଲୁ ଦେବତାଙ୍କ ସମେତ ବହୁ କଂଗ୍ରେସ କର୍ମୀ ତାଙ୍କ ସହ ପ୍ରଚାରରେ ସାମିଲ ହୋଇଥିଲେ।

## ଜନତାଙ୍କ ଆଶୀର୍ବାଦ ଲୋଡ଼ିଲେ ପ୍ରଦୀପ

ପଦ୍ମପୁର,୨୪।୧୧ ଡି.ଏନ.ଏ.)


ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ପ୍ରଚାର କରୁଛନ୍ତି।

ନିର୍ବାଚନ ଯେତିକି ପାଖେଇ ଆସୁଛି, ନେତା ଓ କର୍ମୀମାନେ ମଧ ପ୍ରଚାରରେ ଦିନରାତି ଏକ କରିଦେଇଛନ୍ତି । ଗୁରୁବାର ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ପଦ୍ମପୁର ବ୍ଲକ ଜୋନ୍-୩ର ବିଭିନ୍ନ ଗାଁରେ ଜୋରଦାର ପ୍ରଚାର କରିଛନ୍ତି। ସେ ଦହିତା, ଦହିଗାଁ, ଜମରତଲା ପଞ୍ଚାୟତର ବିଭିନ୍ନ ଗାଁରେ ଘର ଘର ବୁଲି ନିଜ ସପକ୍ଷରେ ଭୋଟ ମାଗିବା ସହିତ ବୟସ୍କମାନଙ୍କଠାରୁ ଆଶୀର୍ବାଦ ଲୋଡିଥିଲେ। ମଣ୍ଡଳ ସଭାପତି କେତନ ମେହେର, ମକରଧ୍ୱଜ ବଗାରଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

## ଝାରବନ୍ଧରେ ବିଜେଡିର କର୍ମୀ ସମ୍ମିଳନୀ

ଝାରବନ୍ଧ,୨୪।୧୧(ଡି.ଏନ.ଏ.)

ପଦ୍ମପୁର ଉପ ନିର୍ବାଚନ ପାଇଁ ପ୍ରମୁଖ ତିନି ଦଳର ପ୍ରଚାର ଜୋର ଧରିଥିବା ବେଳେ ଗୁରୁବାର ବିଜେଡି ତରଫରୁ ଝାରବନ୍ଧଠାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେଓ, ବିଜେଡି ମୁଖପାତ୍ର ମହେନ୍ଦ୍ର ବଢ଼େଇ, ପୁଷ୍ପେନ୍ଦ୍ର ସିଂହଦେଓ, ବ୍ଲକ ସଭାପତି ଯତୀନ୍ଦ୍ର ହାତୀ ପ୍ରମୁଖ ମଞ୍ଚାସୀନ ରହି ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କୁ ଜୟଯୁକ୍ତ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।

### ସେବାଶ୍ରମ ସ୍କୁଲରେ ଜ୍ଞାନବିଜ୍ଞାନ ମେଳା

ଅମ୍ବାଭୋନା,୨୪।୧୧(ଡି.ଏନ.ଏ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବଡ଼ଦର୍ଲପାଲି ସେବାଶ୍ରମ ସ୍କୁଲରେ ବୁଧବାର ଜ୍ଞାନ, ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଉଭୟ ସବ୍‌ଜୁନିୟର ଏବଂ ଜୁନିୟର ବିଭାଗରେ ଛାତ୍ରୀଛାତ୍ରମାନେ ୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ ଉମାଶଙ୍କର ବେହେରା ମୁଖ୍ୟ ଅତିଥି, ଜୀବର୍ଦ୍ଧନ ବେହେରା, ରାଧେଶ୍ୟାମ ବେହେରା, ବେଦମତୀ ବେହେରା, ରାଧେଶ୍ୟାମ ପଟେଲ, ରାଧିକା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିବୃନ୍ଦ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନଶିକ୍ଷକ ବିଦ୍ୟାଧର ପଶାୟତ ସଭାପତିତ୍ୱ କରିଥିଲେ। ସେବକ ଧନେଶ୍ୱର ବେହେରା ସଭା ପରିଚାଳନା କରିଥିଲେ। ଗୋଷ୍ଠି ଶିକ୍ଷୟିତ୍ରୀ ଚନ୍ଦ୍ରମା ଗଡ଼ତିଆ, ହେମକାନ୍ତି ସେଠ ସହଯୋଗ କରିଥିଲେ । ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

ବରଗଡ଼ ଅଫିସ୍,୨୪।୧୧

ବରଗଡ଼ ବ୍ଲକ ସରସରା ପଞ୍ଚାୟତ ରେଙ୍ଗାଲପାଲି ଗ୍ରାମର ବିଶ୍ୱମୋହନ ଭୋଇଙ୍କ ପରଲୋକ ହୋଇଛି। ତାଙ୍କୁ ୫୬ବର୍ଷ ହୋଇଥିଲା। ସେ ତାଙ୍କ ମୃତ୍ୟୁପଛରେ ପୁଅ ଆକାଶ, ଝିଅ ସୁମନ, ଜ୍ୱାଇଁ ଖଗେଶ୍ୱର ଏବଂ ଅନ୍ୟ ଆତ୍ମୀୟସ୍ୱଜନଙ୍କୁ ଛାଡ଼ି ଯାଇଛନ୍ତି। ସ୍ୱର୍ଗତ ଭୋଇ ଜଣେ ଚାଷୀ ଏବଂ ସେ ଜୀବନକାଳରେ ଅସହାୟକୁ ସହାୟତାର ହାତ ବଢ଼ାଇ ଆସୁଥିଲେ। ତାଙ୍କ ପରଲୋକରେ ଗଭୀର ଶୋକପ୍ରକାଶ ପାଇଛି। ପୁଅ ଆକାଶ ମୁଖାଗ୍ନି ଦେଇଥିଲେ।

## ସୀମାନ୍ତ ଚେକ୍‌ପୋଷ୍ଟ ପରିଦର୍ଶନ କଲେ ଜିଲାପାଳ

ବରଗଡ଼ ଅଫିସ୍,୨୪।୧୧

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପାଇଁ ଆସନ୍ତା ଡିସେମ୍ବର ୫ତାରିଖରେ ଭୋଟ୍ ଗ୍ରହଣ ହେବ। ନିର୍ବାଚନକୁ ନିରପେକ୍ଷ, ସୁରକ୍ଷିତ ଏବଂ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ପୋଲିସ ଓ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଏହି କ୍ରମରେ ଗୁରୁବାର ଜିଲାପାଳ ମୋନିଷା ବାନାର୍ଜୀ ଛତିଶଗଡ଼ ଏବଂ ଓଡ଼ିଶା ସୀମାନ୍ତରେ ଥିବା ବରତୁଣ୍ଡା, ପାଇକମାଲ, ଗୁଗୁଡ଼ିଧରାରେ ରହିଥିବା ଚେକ୍‌ପୋଷ୍ଟ ପରିଦର୍ଶନ କରିଥିଲେ। ସେହିପରି ବୁଧବାର ଝାରବନ୍ଧ, ପାଇକମାଲରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ହୋଇଥିଲା। ମାଓବାଦୀ ପ୍ରବଣ ଅଞ୍ଚଳରେ ମଧ୍ୟ ଅସ୍ତ୍ରଶସ୍ତ୍ର ସହିତ ପୋଲିସ ବଳ ଫ୍ଲାଗମାର୍ଚ୍ଚ କରିଥିଲେ।


ବରଗଡ଼ ଜିଲାପାଳ ସୀମାନ୍ତ ଚେକ୍‌ପୋଷ୍ଟ ପରିଦର୍ଶନ କରୁଛନ୍ତି ।

## ଦ୍ୱିତୀୟ ଦିନରେ ବିଜେଡିର ଧାରଣା

**ଧାନର ଏମ୍‌ଏସ୍‌ପି ବୃଦ୍ଧି ଦାବି**

ବରଗଡ଼ ଅଫିସ୍,୨୪।୧୧

ରାଜ୍ୟର କୃଷକଙ୍କ ପ୍ରତି ଅବହେଳା ଏବଂ ବାରମ୍ବାର ଦାବି ସତ୍ତ୍ୱେ କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କାକୁ ବୃଦ୍ଧି କରୁ ନ ଥିବା ପ୍ରତିବାଦରେ ବରଗଡ଼ ଗାନ୍ଧୀଛକରେ ବିଜେଡି ପକ୍ଷରୁ ଆରମ୍ଭ ହୋଇଥିବା ଧାରଣା ଗୁରୁବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଏହି ଅବସରରେ ବରଗଡ଼ ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ସେଠାରେ ଏକ ପ୍ରତିବାଦ ସଭା ହୋଇଥିଲା। ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକ, କୃଷକ ନେତା ସମୀର ସିଂ, ବିଜେଡ଼ି ନେତା ଦିଲୀପ ସାୱାଡ଼ିଆ, ହାଡୁ ମଲ୍ଲିକ, ପିକୁନ ମହାନ୍ତି, କାଉନସିଲର ଜ୍ୟୋତ୍ସ୍ନା ପାଇକ, ହାରାଧନ ଦେବତା, ଖିତେଶ୍ୱର ବାଗ, ସରପଞ୍ଚ ନିରଞ୍ଜନ ମଲ୍ଲିକ, ଯଜ୍ଞ ଭୁଏ, ଧର୍ମରାଜ ବିଭାର, ଶ୍ରୀବତ୍ସ ଛତର ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କେନ୍ଦ୍ରର ଭାଜପା ସରକାର କୃଷି ଏବଂ କୃଷକଙ୍କ ସମସ୍ୟାକୁ ଅଣଦେଖା କରୁଥିବା ଅଭିଯୋଗ କରି ବିଜେଡ଼ି ନେତୃବୃନ୍ଦ ସମାଲୋଚନା କରିଥିଲେ। ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କା କରା ନ ଗଲେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ ।



ବରଗଡ଼ ଗାନ୍ଧିଛକରେ ବିଜେଡ଼ିର ଧାରଣା ।

# ୬ଦଫା ଦାବିରେ ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନ

**ଲହୁଣୀପଡା,୨୪।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଆଇସିଡିଏସ୍ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ଅଙ୍ଗନୱାଡ଼ି କର୍ମୀ ଓ ପାଚିକାମାନେ ବିଭିନ୍ନ ସ୍ଲୋଗାନ ଦେଇ ୬ ଦଫା ଦାବିରେ ବିକ୍ଷୋଭ, ଧାରଣା ଦେଇଥିବା ଦେଖିବାକୁ ମିଳିଛି। ମିଳିଥିବା ତଥ୍ୟରୁ ପ୍ରକାଶ ଯେ, ଦେଶରେ ଆକାଶ ଛୁଆଁ ଦରଦାମ ବୃଦ୍ଧି ପାଇଥିବା ବେଳେ ମାସିକ ୭ହଜାର ୫ ଶହ ଟଙ୍କା ଦରମା ପାଉଥିବା ଅଙ୍ଗନୱାଡି କର୍ମୀ ଏବଂ ମିନି ଅଙ୍ଗନୱାଡି କର୍ମୀ ୫ ହଜାର ୩୭୫ ଟଙ୍କା ଓ ୩ ହଜାର ୭୫୦ ଟଙ୍କା ଦରମା ସହାୟିକାମାନେ ପାଉଥିଲେ ମଧ୍ୟ ଆକାଶ ଛୁଆଁ ଦରଦାମ ବୃଦ୍ଧି ହେତୁ ପରିବାର ପ୍ରତିପୋଷଣ କରିବା ସମ୍ଭବ ହୋଇପାରୁନାହିଁ। ଏଣୁ ଦରମା ବୃଦ୍ଧି କରିବା ସହିତ ଇପିଏଫ, ଇଏସଆଇସି, ଗ୍ରାଚୁଟି ସହିତ ନୂତନ ଶିକ୍ଷା ନୀତି ଆଧାରରେ ଅଭିଜ୍ଞତା ଓ ଯୋଗ୍ୟତା ଅନୁଯାୟୀ ପ୍ରି ପ୍ରାଇମେରୀ ଶିକ୍ଷୟିତ୍ରୀର ମାନ୍ୟତା ପ୍ରଦାନ ଦାବି କରାଯାଇଛି। ଅଣ୍ଡା ଦର ବୃଦ୍ଧି, କେନ୍ଦ୍ରରେ ଶିଶୁଙ୍କୁ ଗରମ ରନ୍ଧା ଖାଦ୍ୟ ଯୋଗାଇବା ପାଇଁ ଆବଶ୍ୟକ ପରିମାଣର ସାମଗ୍ରୀ ଦର ବୃଦ୍ଧି କରିବା ଏବଂ ଭିନ୍ନଭିନ୍ନ କାମରେ ନିୟୋଜିତ କରୁଥିବାରୁ କାର୍ଯ୍ୟାଳୟକୁ ଯାତାୟାତ ପାଇଁ ଗସ୍ତ ଖର୍ଚ୍ଚ ପ୍ରଦାନ କରିବା ଓ ଅଙ୍ଗନୱାଡି କର୍ମଚାରୀଙ୍କୁ ସ୍ୱେଚ୍ଛାସେବୀ କହୁଥିବାରୁ ସେ ଶବ୍ଦକୁ ଉଚ୍ଛେଦ କରିବା ଦାବି କରାଯାଇଛି। ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ନିମ୍ନମାନର ମୋବାଇଲ ପରିବର୍ତ୍ତେ ଉଚ୍ଚ କ୍ଷମତା ସମ୍ପନ୍ନ ମୋବାଇଲ ଯୋଗାଇ ଦେବା ପ୍ରଭୃତି ୬ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେଇଥିବା ଜଣାପଡିଛି। ଦାବି ପୂରଣ ପାଇଁ ପୂର୍ବରୁ ସରକାରଙ୍କ ନିକଟରେ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଗତ ୨୧ ତାରିଖ ଠାରୁ ସମସ୍ତ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟ ବନ୍ଦ କରିଦେଇ ଆନ୍ଦୋଳନ କରୁଥିବା ଜଣାପଡିଛି। ଲହୁଣୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ପ୍ରାୟ ୨୬୦ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ସେସବୁ ଗତ ସୋମବାର ଦିନ ଠାରୁ ବନ୍ଦ ରହିଥିବାରୁ କୋମଳ ମତି ଶିଶୁମାନେ ଶିକ୍ଷାରୁ ବଞ୍ଚିତ ହେବା ସହିତ ସୁଷମ ଖାଦ୍ୟରୁ ମଧ୍ୟ ବଞ୍ଚିତ ଥିବା ଜଣାପଡିଛି।ଅଲ ଓଡିଶା ଅଙ୍ଗନବାଡି ୱାର୍କର୍ସ ଆସୋସିଏଶନର ଆହ୍ୱାନ କ୍ରମେ ଲହୁଣୀପଡା ବ୍ଲକର ସଭାନେତ୍ରୀ ଜେମାମଣି ମାହାନ୍ତଙ୍କ ନେତୃତ୍ୱରେ ସନ୍ଧ୍ୟାରାଣୀ ଓରାମ, ସରସ୍ୱତୀ କୁଜୁର,ମଞ୍ଜୁଲତା ପାତ୍ର, ଚେତାବନୀ ନାୟକ ଲକ୍ଷ୍ମୀ ମାହାନ୍ତ, ମାଙ୍ଗରି ଓରାମ,ନଳିନୀ କିଷାନ, ଛନ୍ଦା ରାଣୀ ମିଶ୍ରଙ୍କ ସହଯୋଗରେ ଗୁରୁବାର ସକାଳ ୧୦ ଘଟିକାରୁ ଏହି ଧାରଣା ଦିଆ ଯାଇଥିବା ବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସକାଳ ୧୦ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଥିବା ଜଣାପଡିଛି।



ଲହୁଣୀପଡା ଆଇସିଡିଏସ୍ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡ଼ି କର୍ମୀ ଓ ପାଚିକାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ସହରସେବା ସମିତିର ପ୍ରତିଷ୍ଠା ଦିବସ

**ରାଉରକେଲା ଅଫିସ,୨୪।୧୧:** ରାଉରକେଲା ସେକ୍ଟର-୨ ସ୍ଥିତ ସେହେନାଇ ମଣ୍ଡପଠାରେ ଆୟୋଜିତ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୩ ତମ ଜୟନ୍ତୀ ଓ ସହରସେବା ସମିତିର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସମିତି ସଭାପତି ମନୋଞ୍ଜନ ଦାଶଙ୍କ ସଭାପତିତ୍ୱ ଓ ସ୍ମୃତି ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ସନାତନ ପ୍ରଧାନ, ଅଧ୍ୟାପକ କରୁଣାକର ପାଢସାହାଣୀ ଆଲୋଚକ ଭାବେ ଯୋଗ ଦେଇଥିଲେ। ସମାଜସେବୀ ପି. ପି. ରାୟ ଡ. ମହତାବଙ୍କ ସ୍ତୁତିଚାରଣ କରିଥିଲେ। ଏହି ଅବସରରେ ୨୦୨୨-୨୩ ପାଇଁ ସମିତିର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସାଧାରଣ ସମ୍ପାଦକ ରାଜେଶ ବାନାର୍ଜୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ସୁନିଲ କୟାଲ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ମ୍ୟୁଜିକ ଥେରାପି ଅନୁଷ୍ଠାନ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ରଞ୍ଜନ ପଟ୍ଟନାୟକ, ଶୁଭେନ୍ଦୁ ସାହୁ, ସରୋଜ ପଣ୍ଡା, ପ୍ରଫୁଲ୍ଲ ନାୟକ, ରାଜୀବ ସିଂହ, ତ୍ରିନାଥ ଲୋହାର, ଜୀବନ ସିଂ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ସମିତିର ଉପଦେଷ୍ଟା ଶୈଳେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ସାଇକେଲିଷ୍ଟଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା ଅଫିସ,୨୪।୧୧:** ରାଉରକେଲା ସାଇକେଲିଂ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପଦକ ହାସଲ କରିଥିବା ସାଇକେଲିଷ୍ଟଙ୍କୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ଏ ନେଇ ରାଉରକେଲା ସାଇକେଲ ଆସୋସିଏଶନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେକ୍ଟର-୩ ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଣ୍ଡର-୧୪ କାଟାଗୋରିରେ ତନିଷ୍କ କୋହିଲି, ଅଣ୍ଡର-୧୮ କାଟାଗୋରୀରେ ଲୋକେଶ ଚୌଧୁରୀ, ଆୟୁଷ ପୂର୍ତ୍ତି ଓ ଅଣ୍ଡର-୧୬ କାଟାଗୋରିରେ ହିତେଶ କୁମାର ଗୌଡଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ରାଉରକେଲା ସାଇକେଲିଂ ଆସୋସିଏଶନର ସାଧାରଣ ସମ୍ପାଦକ ପି. କେ. ଦାସ, ଆରତୀ ଚୌଧୁରୀ, ସତ୍ୟାନନ୍ଦ ବେହେରା, ଲିଙ୍ଗରାଜ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ହାଇୱା ଧକ୍କାରେ ଜଣେ ଗୁରୁତର

**ବୋଡେନ,୨୪।୧୧(ଡି.ଏନ.ଏ.):** ନୂଆପଡ଼ା ଜିଲା ବୋଡେନ ଥାନା କେରାପଦର ଗାଁ ପାଖରେ ଯାଇଥିବା ବିଜୁ ଏକ୍ସପ୍ରେସ୍ ୱେରେ ରାସ୍ତା ନିର୍ମାଣ କାମରେ ନିୟୋଜିତ ଏକ ହାଇୱା ଧକ୍କାରେ କେରାପଦର ଗ୍ରାମର ନିତ୍ୟାନନ୍ଦ ରାଉତ (୬୫) ଗୁରୁତର ଆହତ ହୋଇଛନ୍ତି। ସେ ରାସ୍ତାରେ ଚାଲି ଯାଉଥିବା ବେଳେ ମାଟି ବୋଝେଇ ହାଇୱା ତାଙ୍କ ଗୋଡରେ ମାଡି ଯାଇଥିଲା। ଫଳରେ ତାଙ୍କ ପାଦରେ ଗୁରୁତର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରିବାର ଲୋକଙ୍କ ସହ ଗ୍ରାମବାସୀ ରାସ୍ତା କାମରେ ନିୟୋଜିତ ସମସ୍ତ ଗାଡିକୁ ଅଟକାଇ ରାସ୍ତା ଅବରୋଧ କରିଥିଲେ। କିଛି ସମୟ ଧରି ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ବୋଡେନ ପୋଲିସ ପହଞ୍ଚି ଆଲୋଚନା ପରେ ପରିସ୍ଥିତି ଶାନ୍ତ ପଡିଥିଲା।। ପରିବାର ଲୋକେ ରାସ୍ତା କାମ କରୁଥିବା କମ୍ପାନୀ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଦାବି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନୂଆପଡା ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର: ୧୧୨ ପଞ୍ଜୀକୃତ


ଶିବିରରେ ଉପସ୍ଥିତ ଥିବା ହିତାଧିକାରୀମାନେ।

**ଝାରସୁଗୁଡ଼ା ଅଫିସ/ବେଲପାହାଡ଼, ୨୪।୧୧(ଡି.ଏନ.ଏ)**

ବେଲପାହାଡ଼ ଜଗନ୍ନାଥ କଲ୍ୟାଣ ମଣ୍ଡପଠାରେ ଗୁରୁବାର ପୌରାଞ୍ଚଳସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବେଲପାହାଡ଼ ନଗରପାଳ ନିମାଇଁ ଚରଣ ପଣ୍ଡା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ବିକାଶ ଭୋଇ, ଡିଏସଏସଓ ଗୋପଲକ୍ଷ୍ମୀ ହୋତା ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ବିଭିନ୍ନ ବର୍ଗର ଭିନ୍ନକ୍ଷମମାନଙ୍କୁ ଚିହ୍ନଟ ପାଇଁ ବିଭାଗୀୟ ବିଶେଷଜ୍ଞ ଡ଼ାକ୍ତରୀ ଦଳ ଉପସ୍ଥିତ ଥିଲେ। ତନ୍ମଧ୍ୟରୁ ଡା. ବ୍ରଜ କିଶୋର ଭୋଇ, ଡା. ଅରୁଣ ପ୍ରସାଦ ଭୋଇଁନା, ଡା. ପ୍ରିତିରଞ୍ଜନ ପାତ୍ର, ଡା.ସରୋଜ କୁମାର ମହାପାତ୍ର, ଡା. ବିଭୂଦତ୍ତ ମହାନ୍ତି, ଡା. ପ୍ରବିତାଞ୍ଜଳି ସାହୁ, ଡା. ମମତା ଦାଶ, ଡା. ଶଙ୍କର ପ୍ରସାଦ ପଣ୍ଡା, ଓଡ଼ିଓଲଜିଷ୍ଟ ଗୋପବନ୍ଧୁ ମହନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ। ବିଭିନ୍ନ ବର୍ଗର ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ବ୍ୟବସ୍ଥିତ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରାଯାଇଥିଲା। ଶିବିର ପରିଚାଳନାରେ ପୌର କର୍ମଚାରୀ, ପୋଲିସ କର୍ମଚାରୀ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର ଓ ସ୍ଥାନୀୟ ସାମାଜିକ କର୍ମୀ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ମୋଟ ୧୧୨ଜଣଙ୍କ ନାମ ପଞ୍ଜିକୃତ ହୋଇଥିଲା। ସେମାନଙ୍କ ମଧ୍ୟରୁ ୟୁକାର୍ ପାଇଁ ୪୫ଜଣ, ଡିଆରଆଇ ଋଣ ପାଇଁ ୮, ଡାକ୍ତରୀ ଉପକରଣ ପାଇଁ ୬ ଜଣଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏହି ଶିବିରରେ ହିତାଧିକାରୀମାନଙ୍କୁ ଚିହ୍ନଟ କରି ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

# ଇନ୍ଦୁପୁର ସ୍ପୋର୍ଟସ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଟେନ୍‌ସା, ୨୪।୧୧(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁରଠାରେ ୨ତମ ଇନ୍ଦୁପୁର ସ୍ପୋର୍ଟସ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇ ଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ କୋଇଡା ବ୍ଲକ ଅଧ୍ୟକ୍ଷ ସୁରେଶ ନାୟକ ସମ୍ମାନିତ ଅତିଥି ଭାବେ ରୁଙ୍ଗଟା ଖଣିର ଲୋଜେଷ୍ଟିକ ମୁଖ୍ୟ ଆନନ୍ଦ ଶୁକ୍ଲା, ମାଳଦା ସରପଞ୍ଚ ପ୍ରତିନିଧି ଟିକେଶ୍ୱର୍ ପାତ୍ର, ମାଳଦା ପୂର୍ବତନ ସରପଞ୍ଚ ଦିବାକର ନାଏକ,ବିଷ୍ଣୁପଦ ସଡଙ୍ଗି, ଉଜ୍ଜଳ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଖେଳର ଆନୁଷ୍ଠାନିକ ପତାକା ଉତ୍ତୋଳନ କରି ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଇନ୍ଦୁପୁର ସ୍ପୋର୍ଟସ କମିଟି ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୩୨ ଗୋଟି ଦଳ ଭାଗ ନେଇଛନ୍ତି। ପ୍ରଥମ ମ୍ୟାଚ ପାର୍ଟୁଳି ଏଫସି ବନାମ ପ୍ରଧାନ ବ୍ରଦର୍ସ ସହିତ ଚିତାକର୍ଷକ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ କୌଣସି ଗୋଲ ନ ହେଇଥିବାରୁ ପେନାଲ୍ଟି ଜରିଆରେ ବିଜୟ ହୋଇପାରି ନ ଥିଲା। କିନ୍ତୁ ସେଥିରେ ମଧ୍ୟ ଫଳାଫଳ ସମାନ ରହିବାରୁ ଭାରତୀୟ ମୁଦ୍ରା ଜରିଆରେ ବିଜୟ ବଛା ଯାଇଥିଲା। ଏହି ବାଜି ମାରିନେଇଥିଲ ପ୍ରଧାନ ବ୍ରଦର୍ସ। ଏହି ମ୍ୟାଚକୁ ପରିଚାଳନା କରିଛନ୍ତି ଦୀପକ କୁମାର ମହାନ୍ତ, ଦୈତାରି କରୁଆ, ଏମଡି ହଲିମ, ବିଜୟ କୁଲସୁରି। ଇନ୍ଦୁପୁର ସ୍ପୋର୍ଟସ କମିଟିରେ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଖେଳକୁ ସହଯୋଗ କରିଥିଲେ। ଶନିବାର ଏହି ଟୁର୍ଣ୍ଣାମେଣ୍ଟ ଉଦଯାପିତ ହେବ।


ଇନ୍ଦୁପୁର ସ୍ପୋର୍ଟସ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

# ସୁନ୍ଦରଗଡ଼ ଜିଲା ପରିଷଦର ନୂତନ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ସୁନ୍ଦରଗଡ଼, ୨୪।୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ମନୋଜ ସତ୍ୟୱାନ ମହାଜନ (ଆଇଏଏସ) ଦାୟିତ୍ୱ ଗ୍ରହଣ କରିଛନ୍ତି। ବୁଧବାର ସ୍ଥାନୀୟ ବିକାଶ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସତ୍ୟୱାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ୨୦୧୯ ବ୍ୟାଚର ଆଇଏଏସ ଅଧିକାରୀ ହେଉଛନ୍ତି ମନୋଜ ସତ୍ୟୱାନ ମହାଜନ। ଏହା ପୂର୍ବରୁ ସେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଜିଲାପାଳ ଭାବେ ନିଯୁକ୍ତ ହୋଇଥିଲେ। ଏବେ ତାଙ୍କୁ ସୁନ୍ଦରଗଡ଼ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ମିଳିଛି। ଏହି ଅବସରରେ ବିଦାୟୀ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭୈରବ ସିଂ ପଟେଲଙ୍କୁ ମଧ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ଜିଲା ଯୋଜନା ଓ ସଂଯୋଜନ ବିଭାଗର ଉପନିର୍ଦ୍ଦେଶକ ଡକ୍ଟର ବିଜ୍ଞାନନନ୍ଦ ମହାନ୍ତି, ଓଡ଼ିଶା ଜୀବିକା ମିଶନ ଡିପିଏମ ସାମୁଏଲ ଟପ୍ପୋଙ୍କ ସହିତ ଜିଲା ପରିଷଦର ଅଧିକାରୀ ଏବଂ ବିଭିନ୍ନ ବ୍ଲକର ବିଡିଓମାନେ ଉପସ୍ଥିତ ଥିଲେ।

# ନିଆଁ ଲାଗି ଜଳିଗଲା ଧାନ ସହ ପାଳଗଦା

**କୋକସରା,୨୪।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ବଙ୍ଗୋମୁଣ୍ଡା ଗ୍ରାମର ହର ନାଗ ନାମକ ଜଣେ ନାମମାତ୍ର ଚାଷୀଙ୍କ ଖଳାରେ ଥିବା ଧାନଭରା ସହ ପାଳ ଗଦାରେ ଗୁରୁବାର ନିଆଁ ଲାଗି ପୋଡ଼ିଯାଇଛି। ଚାଷ କାର୍ଯ୍ୟରେ ନିୟୋଜିତ ଥିବା କିଛି ଚାଷୀମାନେ ସ୍ଥାନୀୟ ଦମକଳ କର୍ମଚାରୀଙ୍କୁ ଖବର ଦେଥିଲେ। ଦମକଳ ଅଧିକାରୀ ଅନନ୍ତ କୁମାର ପଟେଲ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀଙ୍କ ସହାୟତାରେ ପ୍ରାୟ ୨ ଘଣ୍ଟା ପରେ ନିଆଁ ଆୟତ୍ତ ହୋଇଥିଲା। ତେବେ ନିଆଁରେ ଚାଷୀ ହର ନାଗ ୨ ଏକର ଚାଷ ଜମିର ଭରା ଧାନ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ସେ ଜଣେ ଗରିବ ଶ୍ରେଣୀର ଚାଷୀ ହୋଇଥିବା ବେଳେ ସରକାର ଦୃଷ୍ଟିରେ ରଖି କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି।

# ରେଣ୍ଡୋ ମାଝିଙ୍କ ଶହୀଦ ଦିବସ ପାଳନ ପ୍ରସ୍ତୁତି ବୈଠକ

**କୋକସରା,୨୪।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆଦିବାସୀ ସଂଘ ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ୧୦ ତାରିଖରେ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ଶହୀଦ ରେଣ୍ଡୋ ମାଝିଙ୍କ ୧୬୭ତମ ଶହୀଦ ଦିବସ ପାଳନ ପାଇଁ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଆଦିବାସୀ ସଂଘ ସଭାପତି ହେମନ୍ତ ମାଝିଙ୍କ ଅଧ୍ୟକ୍ଷତାରେ ଉପସ୍ଥିତ କର୍ମକର୍ତ୍ତାଙ୍କ ସହ ଶହୀଦ ଦିବସ ପାଳନ ନେଇ ଆଲୋଚନା କରିଥିଲେ। ବୈଠକରେ ନୀଳକଣ୍ଠ ମାଝି, ଘନଶ୍ୟାମ ନାଏକ, ଅଶୋକ ପୁଝାରି, ରତୁରାଜ ମାଝୀ, ଧର୍ମାନନ୍ଦ ନେଗି, ଜୟଲାଲ ନାଏକ, ଗରୁଡ଼ଧ୍ୱଜ ମାଝି, ମୁକ୍ତେଶର ନାଏକ, ରତନ ମାଝି, ବିରେନ୍ଦ୍ର ମାଝି, ନିତ୍ୟାନନ୍ଦ ମାଝି ପ୍ରମୁଖ ଶହୀଦ ଦିବସ ପାଳନ ସମ୍ବନ୍ଧରେ ନିଜର ମତାମତ ଦେଇଥିଲେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଝାରସୁଗୁଡ଼ା ଅଫିସ/ବେଲପାହାଡ଼, ୨୪।୧୧(ଡି.ଏନ.ଏ)**

ଝାରସୁଗୁଡ଼ା ପୋଲିସ ପ୍ରଶାସନ ଓ ଆଞ୍ଚଳିକ ପରିବହନ ବିଭାଗର ମିଳିତ ଆନୁକୂଲ୍ୟରେ ବେଲପାହାଡ଼ରେ ଗୁରୁବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଏକ ରାଲି ବେଲପାହାଡ଼ କଲେଜରୁ ବାହାରି ସହର ପରିକ୍ରମା କରିଥିଲା । ବେଲପାହାଡ଼ କଲେଜର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ଲାଗକାର୍ଡ଼ ଧରି ସ୍ଲୋଗାନ ଦ୍ୱାରା ଲୋକଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ। ଏଥିମଧ୍ୟରେ ୧୮ ବର୍ଷରୁ କମ ଲାଇସେନ୍ସ ନ ଥିବା ପିଲାଙ୍କୁ ଗାଡି ଚଳେଇବାକୁ ବାରଣ କରିବା, ମାଦକ ଦ୍ରବ୍ୟ ସେବନ କରି ଗାଡ଼ି ନ ଚଳାଇବା, ରାସ୍ତା କଡ଼ରେ ବେଆଇନ ଗାଡ଼ି ପାର୍କିଂ ନ କରିବା, ଗାଡ଼ି ଚଳାଇବା ସମୟରେ ମୋବାଇଲ ଓ ହେଡ ଫୋନ ବ୍ୟବହାର ନ କରିବା, ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ହେଲମେଟ ପିନ୍ଧି ଗାଡି ଚଳେଇବା, ୪ଚକିଆ ଓ ଭାରିଯାନ ଚାଳକ ସହ ସମସ୍ତ ଯାତ୍ରୀ ସିଟବେଲ୍ଟ ବାନ୍ଧିବା ପ୍ରଭୃତି ସମସ୍ତ ଟ୍ରାଫିକ ନିୟମକୁ ପାଳନ କରିବା ପାଇଁ ସହରବାସୀଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଅତିରିକ୍ତ ଏସ୍‌ପି ଲମ୍ବୋଦର ବୁଡ଼, ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଠି, ବ୍ରଜରାଜନଗର ଏସଡିପିଓ ଗୁପ୍ତେଶ୍ୱର ଭୋଇ, ଡିଏସପି ବାଳକୃଷ୍ଣ କୁଅଁର, ପୋଲିସ ଆରଆଇ ନିଳମାଧବ ସ୍ୱାଇଁ, ବେଲପାହାଡ଼ ଥାନା ଅଧିକାରୀ ରଞ୍ଜନ ବିଶ୍ୱାଳ, ବେଲପାହାଡ଼ ଡିଗ୍ରୀ କଲେଜ ଅଧ୍ୟକ୍ଷ ଆଶିଷ ଦାଶ, ଜୁନିୟର କଲେଜ ଅଧ୍ୟକ୍ଷ ଲାଲ ଯୁଧିଷ୍ଠିର ସାଏଦେଓ, ଅଧାପିକା/ଅଧାପକଙ୍କ ମଧ୍ୟରୁ ଅନୁରାଧା ପ୍ରସାଦ, ମନୋରଞ୍ଜନ ଜେନା, ବୃନ୍ଦାବନ ନାହାକ, ମମତା ସିଂ, ପୁଳିନ ଭଇଁଷାଲ, ସୁରେନ୍ଦ୍ର ଭୋଇ, ଏନକେ ନାଏକ, ଏସ ବେହେରା ପ୍ରମୁଖ ସାମିଲ ଥିଲେ । ଏହି ଅବସରରେ ବେଲପାହାଡ଼ କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ସଡ଼କ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।


ସହର ମଧ୍ୟରେ ସଚେତନତା ରାଲି କରାଯାଉଛି।

# ଖେଲୋ ଇଣ୍ଡିଆ ମହିଳା ଉଷୁ ଲିଗ୍ ପାଇଁ ୯ ଖେଳାଳିଙ୍କ କେରଳ ଯାତ୍ରା

**ସୁନ୍ଦରଗଡ଼,୨୪।୧୧(ଡି.ଏନ୍.ଏ.)**

ଖେଲୋ ଇଣ୍ଡିଆ ମହିଳା ଉଷୁ ଲିଗ ପାଇଁ ସୁନ୍ଦରଗଡ଼ ଜିଲାରୁ ୯ ଜଣ ଖେଳାଳି ଗୁରୁବାର କେରଳ ଯାତ୍ରା କରିଛନ୍ତି। ତାଙ୍କ ସହିତ ଅଫିସର ସୁଜନ ରଥ ମଧ୍ୟ କେରଳ ଯାତ୍ରା କରିଛନ୍ତି। ଖେଳାଳି ସମ୍ରିଧି ସିଂ, ସାଇନା ସତ୍ତିକା, ଶ୍ରିଷ୍ଟି ସିଂ, ଅନିଶା ମିଶ୍ର, ଆଶ୍ମା ଲାକାରା, ପରି ମିଓଲ, ରିୟା ଠାକୁର, ତମନ୍ନା ମିଶ୍ର ଓ ଲିପ୍ସା ଷଡ଼ଙ୍ଗୀ ଅଂଶଗ୍ରହଣ କରିବେ। ଚଳିତ ମାସ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ କେରଳ ରାଜ୍ୟ କାଲିକଟର ଭି.କେ କ୍ରିଷ୍ଣା ମେନଅନ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଛି ଖେଲୋ ଇଣ୍ଡିଆ ପ୍ରଥମ ମହିଳା ଉଷୁ ଲିଗ ପ୍ରତିଯୋଗିତା। ପ୍ରଥମ ଥର ପାଇଁ ଖେଲୋ ଇଣ୍ଡିଆରେ ମହିଳା ଉଷୁ ଦଳ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ମିଳିଛି। ୨୦୧୮ ମସିହାରେ ଲିପ୍ସା ପ୍ରଥମ ଥର ଉଷୁ ଖେଳ ପାଇଁ ଜାତୀୟସ୍ତରୀୟ ପ୍ରତିଯୋଗିତା ତାମିଲନାଡୁରେ ଅଂଶଗ୍ରହଣ କରିଥିଲେ। ସେହି ଦିନଠାରୁ ଉକ୍ତ ଖେଳ ପ୍ରତି ଆଗ୍ରହ କରି ପ୍ରତ୍ୟେକ ଦିନ ଅଭ୍ୟାସ ଜାରି ରଖିଛନ୍ତି। ସେ ସୁନ୍ଦରଗଡ଼ ଜିଲାର ଅଗ୍ରଣୀ ଅନୁଷ୍ଠାନ ଜନସେବା ସମିତି ଯୋଗିମାଳରେ ତାଲିମ ନେଉଛନ୍ତି ଏବଂ ଯଶୋଦା ବିଷ୍ଣୁ ଡିଗ୍ରୀ କଲେଜ ସରଧାପାଲିରେ ତୃତୀୟ ବର୍ଷ ବିଜ୍ଞାନରେ ଅଧ୍ୟୟନ କରୁଛନ୍ତି। ତାଙ୍କ ସହିତ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ନେତୃତ୍ୱ ନେଇ ଯାତ୍ରା କରିଛନ୍ତି।

# ସଚେତନତା ରଥକୁ ଉଦ୍‌ଘାଟନ କଲେ ଜିଲାପାଳ

**ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ -୨୦୨୨**

**ଝାରସୁଗୁଡ଼ା ଅଫିସ,୨୪।୧୧**

ଆଇନ ସମ୍ମତ ଭାବରେ ପୋଷ୍ୟ ସନ୍ତାନ ଗ୍ରହଣକୁ ବ୍ୟାପକ କରିବା ଲକ୍ଷ୍ୟରେ ରାଜ୍ୟ ବ୍ୟାପୀ ନଭେମ୍ବରକୁ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ରୂପେ ଓଡିଶା ସରକାରଙ୍କ ଦ୍ୱାରା ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଝାରସୁଗୁଡା ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ଉଦ୍‌ଘାଟନ ସହ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଜନସାଧାରଣଙ୍କ ମଧ୍ୟରେ ପୋଷ୍ୟସନ୍ତାନ ଗ୍ରହଣର ମହତ ଉଦ୍ଦେଶ୍ୟ ସମ୍ବନ୍ଧରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲାର ୫ଟି ବ୍ଲକ ତଥା ୩ ଗୋଟି ପୌର ପରିଷଦ ଅଞ୍ଚଳରେ ୩ ଦିନ ଧରି ପରିକ୍ରମା କରିବ। ଏହି ସଚେତନତା ରଥକୁ ଜିଲାପାଳ ସରୋଜ କୁମାର ସାମଲ ପତାକା ଦେଖାଇ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ଆଇନ ପ୍ରାଧିକରଣ ସଚିବ, ଅତିରିକ୍ତ ଜିଲାପାଳ, ଜିଲା ସମାଜ ମଙ୍ଗଳ ଅଧିକାରୀ,ସମସ୍ତ ଜିଲାସ୍ତରୀୟ ଅଧିକାରୀ ତଥା ଶିଶୁ କଲ୍ୟାଣ କମିଟି ସଦସ୍ୟ, ଶିଶୁ ଯତ୍ନ ଅନୁଷ୍ଠାନ ଓ ଚାଇଲଡ ଲାଇନ କର୍ମକର୍ତ୍ତା ଉପସ୍ଥିତ ଥିଲେ ।


ଜିଲାପାଳ ସରୋଜ କୁମାର ସାମଲ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ଗୋଲଡେନ୍ କ୍ଲବ, ଜୟ୍ ଜବାନ କ୍ଲବ ବିଜୟୀ

**ବେଲପାହାଡ଼ କପ ନକ୍‌ଆଉଟ ଫୁଟବଲ**

**ଝାରସୁଗୁଡ଼ା ଅଫିସ/ବେଲପାହାଡ଼, ୨୪।୧୧ (ଡି.ଏନ.ଏ)**

ବେଲପାହାଡ଼ ରେଫରୀ ଆସୋସିଏଶନ ପକ୍ଷରୁ ଟିଆରଏଲ୍ କ୍ରୋସାକୀ ଷ୍ଟାଡିୟମରେ ଆୟୋଜିତ ବେଲପାହାଡ଼ କପ ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ଷଷ୍ଠ ଦିବସର ଖେଳରେ ଗୋଲଡ଼େନ କ୍ଲବ ଉବୁଡ଼ା ଓ ଜୟ ଜବାନ କ୍ଲବ ସରବାହାଲ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ଗୋଲଡ଼େନ କ୍ଲବ ଉବୁଡ଼ା ଓ ଷ୍ଟାର ଇଲେଭେନ ରାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ କେହି କାହାରିକୁ ଗୋଲ ନ କରି ପାରିବାରୁ ଖେଳ ଅମିମାଂଶିତ ରହିଥିଲା। ଟ୍ରାଇବ୍ରେକର ଜରିଆରେ ଉବୁଡ଼ା ଦଳ ୪–୨ ଗୋଲରେ ବିଜୟୀ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ସନରାଇଜ କ୍ଲବ ମିର୍ଦ୍ଧାଡେରା ଓ ଜୟ ଜବାନ କ୍ଲବ ସରବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳର ଗୋଟିଏ ଲେଖାଁଏ ଗୋଲ ଦେଇଥିବା ହେତୁ ଖେଳ ଅମିମାଂଶିତ ରହିଥିଲା। ତେବେ ଟ୍ରାଇବ୍ରେକର ଜରିଆରେ ଜୟ ଜବାନ କ୍ଲବ ସରବାହାଲ ୪–୩ ଗୋଲରେ ବିଜୟୀ ହୋଇଥିଲା। ରେଫରୀ କିଶନ ଦାସ, ମହେନ୍ଦ୍ର ବଗର୍ତ୍ତୀ, କାର୍ତ୍ତିକ ଦାସ, ଗିରିଶ ପ୍ରଧାନ, ରତ୍ନାକର ସାଏ, ସୂର୍ଯ୍ୟନାରାୟଣ ମିର୍ଦ୍ଧା, ସଞ୍ଜୟ ମିର୍ଦ୍ଧା ଓ ରାଜେଶ ପଟେଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଗିରିଶ ଜୟପୁରିୟା ମ୍ୟାଚ କମିଶନର ରହିଥିଲେ। ଅତିଥିମାନଙ୍କ ମଧ୍ୟରେ ହେଲୋ ବ୍ରଦର୍ସ ଆସୋସିଏଶନର ସଦସ୍ୟ ସରୋଜ ପ୍ରଧାନ, ଶିବରାମ ମହାରଣା, ବନମାଳୀ ପାଣ୍ଡେ, ଜଗୁ ସା, ରାଜୁ ସାହୁ ସମେତ ଆଞ୍ଚଳିକ ଜନକଲ୍ୟାଣ ପରିଷଦ ସଭାପତି ତେଜରାମ ପ୍ରଧାନ, ବରିଷ୍ଠ ଫୁଟବଲ ଖେଳାଳି କିରଟି ମୁଖି ପ୍ରମୁଖ ଉପସ୍ଥିତ ଥିଲେ।


ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟର ବିଜୟୀ ଦୁଇ ଦଳର ଖେଳାଳି ସହିତ ଅତିଥିବୃନ୍ଦ।

# ଧରିତ୍ରୀ ୟୁଥ୍ କନ୍କ୍ଲେଭ୍ -୨୦୨୨

## କ୍ଲାଇମେଟ୍ ଚେଞ୍ଜ: ପାୱାର୍ ଅଫ୍ ୟୁଥ୍



ଧରିତ୍ରୀର ୪୯ ତମ ସ୍ୱନକ୍ଷତ୍ର ଅବସରରେ ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମରେ ଗୁରୁବାର ଆୟୋଜିତ ଯୁବ ସମ୍ମିଳନୀ 'କ୍ଲାଇମେଟ୍ ଚେଞ୍ଜ: ପାୱାର୍ ଅଫ୍ ୟୁଥ୍'ର ଆରମ୍ଭରେ ସ୍ୱାଗତ ଭାଷଣ ଦେଉଛନ୍ତି ଧରିତ୍ରୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।




ଯୁବ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ମଞ୍ଚାସୀନ (ବାମରୁ) ସଞ୍ଚାଳକ ସୂର୍ଯ୍ୟନାରାୟଣ ମିଶ୍ର, ଯୁବ ପରିବେଶବିତ୍ ନେହା ଶିବାଜୀ ନାୟକୱାଡେ, ବର୍ଷା ରାଏକୱର, ସାଗର ପ୍ରଧାନ, ଆୟାଦି ମିଶ୍ରା ଏବଂ ବନ୍ୟପ୍ରାଣୀ ବିଶେଷଜ୍ଞ ପ୍ରକାଶ ମର୍ଦ୍ଦରାଜ।



ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ପ୍ରଥମ ଅଧିବେଶନର ସଞ୍ଚାଳକ ଏବଂ ପାନେଲିଷ୍ଟମାନେ।



ସମ୍ମିଳନୀରେ ଉପସ୍ଥିତ ଜଳବାୟୁ କର୍ମୀ, ପରିବେଶବିତ୍ ଓ ଅନ୍ୟମାନେ।





ସମ୍ମିଳନୀରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।




ପରିବେଶ ସଚେତନତା ପ୍ରଦର୍ଶନୀରେ ଭିଡ଼।

# ପ୍ରଦର୍ଶନୀରେ ଜଳବାୟୁ ପରିବର୍ତ୍ତନର ବାର୍ତ୍ତା

**ଭୁବନେଶ୍ୱର, ୨୪।୧୧ (ବ୍ୟୁରୋ)**

ଧରିତ୍ରୀ' ପକ୍ଷରୁ ଗୁରୁବାର ଆୟୋଜିତ ୟୁଥ୍ କନ୍କ୍ଲେଭ୍‌ର ଅନ୍ୟତମ ଆକର୍ଷଣ ପାଲଟିଥିଲା ପରିବେଶ ସଚେତନତା ପ୍ରଦର୍ଶନୀ। ପରିବେଶ ସଂରକ୍ଷଣ ଉପରେ କାମ କରୁଥିବା ଯୁବପିଢି ତଥା ଅନୁଷ୍ଠାନଗୁଡ଼ିକର କାର୍ଯ୍ୟଧାରାକୁ ନେଇ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ୍ ୧୩ଟି ପ୍ରଦର୍ଶନୀ ସ୍ଥାନ ପାଇଥିଲା। ସେଗୁଡ଼ିକ ମଧ୍ୟରେ 'ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ' (ଓପିଏସ୍ଏ), 'ସାତ୍ତ୍ୱିକ ସୋଲ୍ ଫାଉଣ୍ଡେସନ' (ଏସ୍ଏସ୍ଏଫ୍) ଅନୁଗୁଳ ଜିଲାର 'ସାଥି ପରିବାର'। ୟୁନିସେଫ୍ ଦ୍ୱାରା ପରିଚାଳିତ 'ୟୁଥ୍ ଫର୍ ୱାଟର' ଭଳି ଅନୁଷ୍ଠାନର ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ କାର୍ଯ୍ୟଧାରା ଏବଂ ଅଭିଯାନ ଉପରେ ବିଭିନ୍ନ ଫଟୋ ଏବଂ ତଥ୍ୟ ପ୍ରଦର୍ଶିତ ହୋଇଥିଲା। ସେହିପରି ବ୍ୟକ୍ତିଗତ ସ୍ତରରେ ପରିବେଶର ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଥିବା ଯୁବଗୋଷ୍ଠୀଙ୍କ କାର୍ଯ୍ୟଧାରା ମଧ୍ୟ ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ସେମାନଙ୍କ ମଧ୍ୟରେ ଅଛନ୍ତି ଗଞ୍ଜାମ ଜିଲା ଶେରଗଡ଼ର ନିରାକାର ବିଶୋଇ, ଖୋର୍ଦ୍ଧା ଜିଲା ବାଲିପାଟଣା ଆମ୍ବଡିହ ଗ୍ରାମର ରାହୁଲ ମହାରଣା, ନୟାଗଡ଼ ଜିଲାର ପୁପୁନ ସାହୁ, ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ସିମିଳି ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ବିଶ୍ୱଜିତ୍ ସ୍ୱାଇଁ, ପାରାଦୀପର ଅମରେଶ ନରେଶ ସାମନ୍ତ, କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଓରଟ ଗ୍ରାମର ବାପି ଗୋଛାୟତ, ଢେଙ୍କାନାଳର ଶୁଭ୍ରାଂଶୁ କୁମାର ଶତପଥୀ, ଗଞ୍ଜାମ ଜିଲାର ସାଗର ପାତ୍ର, ଜନ୍ମେଜୟ ମିଶ୍ରଙ୍କ କାର୍ଯ୍ୟଧାରା ସମ୍ପର୍କରେ ପ୍ରଦର୍ଶନୀରେ ସ୍ଥାନିତ ହୋଇଥିଲା।




ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଯୁବ ଜଳବାୟୁ କର୍ମୀଙ୍କ ଗହଣରେ ପ୍ରଦର୍ଶନୀରେ ଭାଗ ନେଇଥିବା ଯୁବ ପରିବେଶବିତ୍‌ମାନେ।

ଶୁକ୍ରବାର
୨୫ ନଭେମ୍ବର
୨୦୨୨

# ଧରିତ୍ରୀ ଯୁଥ୍ କନ୍‌କ୍ଲେଭ୍ -୨୦୨୨
## କ୍ଲାଇମେଟ୍ ଚେଞ୍ଜ: ପାୱାର୍ ଅଫ୍ ଯୁଥ୍


ଯୁବ ସମ୍ମିଳନୀରେ ଉଦ୍‌ବୋଧନ ଦେଉଛନ୍ତି ସଞ୍ଚାଳକ ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ୍ ମହାପାତ୍ର।


ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଡ. କେ. ମୁରୁଗେସନ


ଯୁବ ପରିବେଶବିତ୍ ଚେନ୍ନାଇର ଅରୁଣ କ୍ରିଷ୍ଣମୂର୍ତ୍ତି


ଯୁବ ଜଳବାୟୁ କର୍ମୀ ନୀଳିମା ମିଶ୍ର


ୟୁନିସେଫ୍‌ର ଓଡ଼ିଶା କାର୍ଯ୍ୟାଳୟ ଇନ୍‌ଚାର୍ଜ ସୁଗତ ରୟ


ଯୁବ ପରିବେଶ କର୍ମୀ ସୌମ୍ୟରଞ୍ଜନ ବିଶ୍ୱାଳ


ଜଳମାନବ ରଞ୍ଜନ କୁମାର ପଣ୍ଡା



ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଦ୍ୱିତୀୟ ଅଧିବେଶନର ସଞ୍ଚାଳକ ଏବଂ ପାନେଲିଷ୍ଟମାନେ।








ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀଙ୍କ ଦ୍ୱାରା ସମ୍ମାନିତ ହେଉଛନ୍ତି (ବାମରୁ) ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର କର୍ପୋରେଟ୍ କମ୍ୟୁନିକେଶନ ମ୍ୟାନେଜର ନମ୍ରତା ପ୍ରଧାନ, ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍‌ର କର୍ପୋରେଟ୍ କମ୍ୟୁନିକେଶନର ଆଦିତ୍ୟ ଦାଶ, ଆଦିତ୍ୟ ବିର୍ଲାର ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ବିଭୁଦତ୍ତ ମହାପାତ୍ର, ନାବାର୍ଡର ମ୍ୟାନେଜର ଜୟସୀ ପ୍ରେମ୍ କୁମାର, ଓରି ହୋମ୍‌ର ମ୍ୟାନେଜିଂ ଡାଇରେକ୍ଟର ଦେବାଶିଷ ସେଠୀ, ଇମ୍ଫାର ପିଆର୍‌ଓ ପ୍ରଦୀପ ବେହେରା ଏବଂ ଅଜନ୍ତା ଆଡଭର୍ଟାଇଜରର ମ୍ୟାନେଜିଂ ପାର୍ଟନର ମନୀଷ କୁମାର ଅଗ୍ରୱାଲ।


ସମ୍ମିଳନୀରେ ଯୋଗଦେଇଥିବା ଯୁବ ପରିବେଶ ପ୍ରେମୀ।

## ଯୁବ ବକ୍ତା


ଦେବାଞ୍ଜନ ରୁଜ୍


ଶ୍ୱେତାଲିନା ମହାନ୍ତି


ଅଂଶୁମାନ ସାହୁ


ଆଶୁତୋଷ ଅରୁଣ ମଲ୍ଲିକ


ମହମ୍ମଦ ଫହିମ୍ ଫୈଜଲ୍


ସନଥ କୁମାର ସ୍ୱାଇଁ


ଅପରାଜିତା ଦାସ


ଶୁଭ୍ରନିଲ୍ ଚଟ୍ଟୋପାଧ୍ୟାୟ


ସଙ୍ଗୀତ ପରିବେଷଣ କରୁଛନ୍ତି ବାସୁ ଦୀକ୍ଷିତ

# ପ୍ୟାସି ହୁଁ ମେଁ ତୁମ୍‌କୋ ପିଲାକେ...

## ବାସୁଙ୍କ ଫ୍ୟୁଜନ୍‌ରେ ଝୁମିଲେ ଶ୍ରୋତା

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)

'ଧରିତ୍ରୀ' ପକ୍ଷରୁ ଆୟୋଜିତ ଯୁବ ସମ୍ମିଳନୀରେ କର୍ଣ୍ଣାଟକର ଗାୟକ ବାସୁ ମୁଖ୍ୟ ଆକର୍ଷଣ ସାଜିଥିଲେ। ଫ୍ୟୁଜନ୍‌ର ତାଳେତାଳେ ଉପସ୍ଥିତ ଶ୍ରୋତାଙ୍କୁ ମତୁଆଲା କଲେ ଗାୟକ ବାସୁ। ପ୍ୟାସି ହୁଁ ମେଁ ତୁମକୋ ପିଲାକେ... ଥକ୍ ଗେୟି ହୁଁ ମୋଡ଼ ପେ ରୁକେ ସଙ୍ଗୀତରୁ ଆରମ୍ଭ ହୋଇଥିଲା ବାସୁଙ୍କ ଝଲକ। ତାମିଲନାଡୁ ଓ କର୍ଣ୍ଣାଟକ ମଧ୍ୟରେ ୨୦୦ବର୍ଷ ଧରି କାବେରୀ ନଦୀକୁ ନେଇ ସୃଷ୍ଟ ବିବାଦକୁ ନେଇ ପ୍ରସ୍ତୁତ ଏହି ଗୀତକୁ ଖୁବ୍ ସୁନ୍ଦର ଭାବରେ ସେ ଶ୍ରୋତାଙ୍କ ପାଖେ ଉପସ୍ଥାପନ କରିଥିଲେ। ପରେ ୟେସୁ ଆଲା ଔର କ୍ରିଷ୍ଣା କୋନ ଭଗବାନ ହେ ଅପ୍‌ନା ସଙ୍ଗୀତ ପରିବେଷଣ କରିଥିଲେ। ନିଜ ମୁହଁରେ ପଲିଥିନ୍‌କୁ ଘୋଡ଼ାଇ ଦେଲେ ଆମେ କିଭଳି ଅଣନିଶ୍ୱାସୀ ହୋଇ ଯାଉଛନ୍ତି ସେହିପରି ପଲିଥିନ୍ ବା ପ୍ଲାଷ୍ଟିକ ଦ୍ୱାରା ପରିବେଶ, ମୃତ୍ତିକା କିଭଳି ନଷ୍ଟ ହେଉଛି , ପୋଡ଼ା ହେବା ଦ୍ୱାରା ମଣିଷ କିଭଳି ରୋଗର ଶିକାର ହେଉଛନ୍ତି, ପଶୁମାନେ ଏହାକୁ ଖାଇ ମୃତ୍ୟୁ ମୁଖରେ ପଡୁଛନ୍ତି ଏଭଳି କିଛି ବାର୍ତ୍ତାକୁ ଏକ କ୍ଷୁଦ୍ର ଭିଡିଓ ମାଧ୍ୟମରେ ଅଭିନୟ କରି ଉପସ୍ଥିତ ଶ୍ରୋତାଙ୍କ ନିକଟରେ ପହଞ୍ଚାଇଥିଲେ। ପରେ ପରେ କେହତି ହେ ପ୍ୟାର ତୁଝକୋ ବଢ଼ତି ଦିୱାରେ, କନ୍ନଡ଼ ସଙ୍ଗୀତ ରାଗି ତନ୍ଦିରା, କାଣ୍ଟୋ କି ମୋସମ ମେ ଫୁଲୋକି ଖୁସବୁ ପ୍ରମୁଖ ସଙ୍ଗୀତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଗାୟକ ବାସୁ କହିଛନ୍ତି, କହିବା ସହ କାମରେ କରିବା ଆବଶ୍ୟକ, ଯାହା ଧରିତ୍ରୀରେ ଯୋଗଦେବା ପରେ ଅନୁଭବ କଲି। ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ। ସଙ୍ଗୀତ ମାଧ୍ୟମରେ ମଧ୍ୟ ଜଳବାୟୁ ପରିବର୍ତ୍ତନର ବାର୍ତ୍ତା ପହଞ୍ଚି ପାରିବ। ସମସ୍ତେ ଏଭଳି ସମସ୍ୟାର ସମାଧାନ ପାଇଁ ସଜାଗ ରହିବା ଆବଶ୍ୟକ।








ବାସୁଙ୍କ ସଙ୍ଗୀତର ମଜା ନେଉଛନ୍ତି ଯୁବ ସମ୍ମିଳନୀରେ ଉପସ୍ଥିତ ଅତିଥି, ବକ୍ତା ଓ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି।




ଧରିତ୍ରୀ ପକ୍ଷରୁ ସମ୍ବର୍ଦ୍ଧିତ 'ବକୁଳ ଫାଉଣ୍ଡେଶନ' ଏବଂ 'ଏକ୍ସପୋଜ୍'ର କର୍ମକର୍ତ୍ତା ।




ସମ୍ମିଳନୀରେ ସେଲ୍‌ଫି ନେଉଥିବା ଛାତ୍ରୀଛାତ୍ରମାନେ।

# ଜିଲାପାଳ ଦେଉଛନ୍ତି ନିର୍ଯାତନା

## ଅଭିଯୋଗ ଆଣିଲେ ପିଏଙ୍କ ସ୍ତ୍ରୀ

- ଗାଳିଗୁଲଜ ସହ ଜାତିଆଣ ଆକ୍ଷେପ
- ଅନୁସନ୍ଧାନ କରାଯିବ: ଏସ୍‌ଡିପିଓ
- ଥାନାରେ ସମାଧାନ କରିବାକୁ ଏଡିଏମ୍‌ଙ୍କ ପ୍ରୟାସ

ଖୋର୍ଦ୍ଧା ଅଫିସ,୨୪।୧୧

ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ତାଙ୍କ ବ୍ୟକ୍ତିଗତ ସହାୟକ (ପିଏ) ହେମନ୍ତ ଭୋଇଙ୍କୁ ମାନସିକ ନିର୍ଯାତନା ଦେଉଥିବା ଗୁରୁବାର ଟାଉନ ଥାନାରେ ଅଭିଯୋଗ ହୋଇଛି। ଏପରିକି ଜିଲାପାଳ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ବାସଭବନରେ ନିଜସ୍ୱ କାମରେ ଲଗାଉଛନ୍ତି। ବିଭିନ୍ନ ସମୟରେ ଗାଳିଗୁଲଜ କରିବା ସହ କାର୍ଯ୍ୟାଳୟକୁ ନ ଆସିବାକୁ ଧମକ ଦେଉଥିବା ହେମନ୍ତଙ୍କ ସ୍ତ୍ରୀ ସବିତା ନାୟକ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ପ୍ରଶାସନିକ ମହଲରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

ଜିଲାପାଳଙ୍କ କାର୍ଯ୍ୟାଳୟରେ ହେମନ୍ତ ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟରତ ଅଛନ୍ତି। ତେବେ ଜିଲାପାଳ ହେମନ୍ତଙ୍କୁ ବାରମ୍ବାର ମାନସିକ ନିର୍ଯାତନା ଦେଉଥିବା ନେଇ ସବିତା ଥାନାରେ ଅଭିଯୋଗ କରିଛନ୍ତି। ଖବର ପାଇ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ହେମନ୍ତଙ୍କ ବାସଭବନକୁ ଯାଇ ଏହି ଦମ୍ପତିଙ୍କୁ ବୁଝାଶୁଝା କରିଥିଲେ। ତେବେ ହେମନ୍ତ ଓ ସବିତା ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ସଦର ଏସ୍‌ଡିପିଓ ଦିଲୀପ ଦାସ, ଅତିରିକ୍ତ ଜିଲାପାଳ ପାଢ଼ୀ ଥାନାଧିକାରୀଙ୍କ କୋଠରିରେ ଦୀର୍ଘ ସମୟ ଧରି ହେମନ୍ତ ଓ ସବିତାଙ୍କ ସହ ଆଲୋଚନା କରିଥିଲେ। ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ ମଧ୍ୟ ସେମାନଙ୍କୁ ବୁଝାଶୁଝା କରିଥିଲେ ସୁଦ୍ଧା ହେମନ୍ତ ନିଜ ଜିଦ୍‌ରେ ଅଡ଼ି ବସିଛନ୍ତି। ଅପରପକ୍ଷେ ଅପରାହ୍ଣ ୫ଟାରେ ଜିଲାର ବିଭିନ୍ନ ଅଧିକାରୀଙ୍କୁ ନେଇ ବୈଠକ ହୋଇଥିବା ଜଣାପଡ଼ିଛି।

ଏନେଇ ସବିତା କହିଛନ୍ତି, ହେମନ୍ତ ଦୀର୍ଘଦିନ ହେବ ମାନସିକ ଚାପରେ ରହିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ। ଜିଲାପାଳ ତାଙ୍କୁ ନିଜ ବାସଭବନରେ ଖଟାଉଛନ୍ତି। ଜଣେ ସରକାରୀ କର୍ମଚାରୀଙ୍କ ପ୍ରତି ଜିଲାପାଳଙ୍କ ଏଭଳି ଆକ୍ଷେପ କେତେଦୂର ନ୍ୟାୟସଙ୍ଗତ। ସେହିପରି ହେମନ୍ତ କହିଛନ୍ତି, ଏବେ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଭାବେ କାମ କରୁଛି। ଜିଲାପାଳ ମୋତେ କାର୍ଯ୍ୟାଳୟରୁ ହଟାଇ ତାଙ୍କ ବାସଭବନରେ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶ ମୁତାବକ ସକାଳ ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ କାମ କରୁଛି। ଗୁରୁବାର ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ କୌଣସି କାରଣକୁ ନେଇ ହଠାତ୍ ସେ ମୋତେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଜାତିକୁ ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କଲେ, ଯାହାକୁ ନେଇ ମୁଁ ମର୍ମାହତ। ମୁଁ ମାନସିକ ସ୍ତରରେ ଭାରସାମ୍ୟ ହରାଇବାରୁ ରକ୍ତଚାପ ବଢ଼ିଯାଇଛି। ମେଡିକାଲରୁ ଚିକିତ୍ସିତ ହୋଇ ଫେରିଛି। ସମସ୍ତ ଘଟଣା ସମ୍ପର୍କରେ ଅତିରିକ୍ତ ଜିଲାପାଳ ପାଢ଼ୀଙ୍କୁ ଜଣାଇଛି। ନ୍ୟାୟ ନ ମିଳିଲେ ଅନୁସୂଚିତ ଜାତି ଓ ଜନଜାତି କମିଶନର ଏବଂ ରାଜ୍ୟ ମାନବ ଅଧିକାର କମିଶନରଙ୍କ ଦ୍ୱାରସ୍ଥ ହେବି। ଏନେଇ ପୂର୍ବାହ୍ଣ ୧୧ଟା ୧୨ରେ ଜିଲାପାଳଙ୍କ ମୋବାଇଲ ନମ୍ବର (୯୪୩୯୦୩୩୫୬୭)କୁ ଯୋଗାଯୋଗ କରାଯିବାରୁ ସେ ଫୋନ ଉଠାଇ ନ ଥିଲେ। ପରେ ତାଙ୍କ ଫୋନ ସୁଇଚ୍ ଅଫ୍ ହୋଇଯିବାରୁ କୌଣସି ମତାମତ ମିଳିପାରି ନାହିଁ।

ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ପାଢ଼ୀ କହିଛନ୍ତି, ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ହେମନ୍ତ ଓ ତାଙ୍କ ସ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲି। ଉଭୟଙ୍କ ସହ ଆଲୋଚନା କରିଛି। ଜିଲାର ମୁଖ୍ୟ ହେଉଛନ୍ତି ଜିଲାପାଳ। ଯଦି ସିଏ କୌଣସି କାରଣବଶତଃ କିଛି କହି ଦେଇଛନ୍ତି, ତାହା ଆଲୋଚନା ମାଧ୍ୟମରେ ସମାଧାନ କରାଯାଇପାରିବ। କୌଣସି କଥାକୁ ନେଇ ମତାନ୍ତର ରହିବା ସ୍ୱାଭାବିକ। ତେବେ ଏହାର ସମାଧାନ ମଧ୍ୟ ଅଛି। ତେଣୁ ସେମାନଙ୍କ ସହ ଆଲୋଚନା କରାଯାଉଛି ବୋଲି ପାଢ଼ୀ ପ୍ରକାଶ କରିଛନ୍ତି। ସେହିପରି ସଦର ଏସ୍‌ଡିପିଓ ଦାସ କହିଛନ୍ତି, ଜିଲାପାଳ ହେମନ୍ତଙ୍କୁ ମାନସିକ ନିର୍ଯାତନା ଦେଉଥିବା ନେଇ ହେମନ୍ତଙ୍କ ସ୍ତ୍ରୀ ସବିତା ଅଭିଯୋଗ କରିଛନ୍ତି। ଅଭିଯୋଗର ଅନୁଧ୍ୟାନ କରାଯିବ।

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ ଅଫିସ, ୨୪।୧୧:** ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଭୋର ୫ଟା ୪୫ରେ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ନୀତି ଆରମ୍ଭ ହୋଇଥିଲା। ଭିତରଶୋଧ ପରେ ମଙ୍ଗଳ ଆଳତି କରାଯାଇ ମଇଲମ ଏବଂ ଅନ୍ୟାନ୍ୟ ନୀତି ହୋଇ ସକାଳଧୂପ ସରି ପ୍ରଥମ ଭୋଗମଣ୍ଡପ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟା ୨୫ରେ ଭୋଗମଣ୍ଡପ ସରିବା ପରେ ଭକ୍ତମାନେ ଭିତରକାଠ ନିକଟରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରୁଥିଲେ। ଏହି ସମୟରେ ଭିତର କାଠ ନିକଟରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ନୀତି ଓ ଦର୍ଶନ ବନ୍ଦ ରଖାଯାଇ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇ ୧ଟା ୪୫ରେ ସରିଥିଲା। ଏଥିଯୋଗୁ ଅନ୍ୟାନ୍ୟ ନୀତିରେ ବିଳମ୍ବ ଘଟିଥିଲା। ବଡ଼ ମହାସ୍ନାନ ସରିବା ପରେ ପୁଣି ପୂର୍ବଭଳି ଅନ୍ୟ ନୀତିକାନ୍ତି ଆଗେଇଥିଲା।

## ଅଟୋରିକ୍ସା ଓଲଟି ବୃଦ୍ଧା ମୃତ: ୫ ଆହତ

ଦେବଗଡ଼,୨୪।୧୧(ଡି.ଏନ.ଏ)

ଦେବଗଡ ଥାନା ଅନ୍ତର୍ଗତ ଚିକିଣିଘାଟି ନିକଟସ୍ଥ ୫୩ ନମ୍ବର ଜାତୀୟ ରାଜପଥରେ ଗୁରୁବାର ଭାରସାମ୍ୟ ହରାଇ ଏକ ଅଟୋରିକ୍ସା ଓଲଟି ପଡିବାରୁ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୫ ଯାତ୍ରୀ ଆହତ ହୋଇଛନ୍ତି। ପୂର୍ବାହ୍ନ ୧୦ଟାରେ ହଦମୁଣ୍ଡା ଗ୍ରାମର ପାଲୁଣି ପରିଡା(୭୦) ଏକ ଶୁଦ୍ଧିକ୍ରିୟାରେ ଯୋଗଦେବା ପାଇଁ ପରିବାର ସଦସ୍ୟସଦସ୍ୟାଙ୍କ ସହ ଏକ ଅଟୋରିକ୍ସାରେ ମେଂଢିପାଲି ଗ୍ରାମକୁ ବାହାରିଥିଲେ। ମାତ୍ର ଚିକିଣିଘାଟି ନିକଟ ବୁଲାଣିରେ ଚାଳକ ହଠାତ ଭାରସାମ୍ୟ ହରାଇବାରୁ ଅଟୋରିକ୍ସା ଓଲଟି ପଡିଥିଲା। ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। ସେଠାରେ ପାଲୁଣିଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଦେବଗଡ଼ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଆଟୋରିକ୍ସାକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବେକରେ ଚୁନେରୀ ବାନ୍ଧି ମହିଳାଙ୍କ ଆତ୍ମହତ୍ୟା

ଲହୁଣୀପଡ଼ା,୨।୧୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଦର୍ଜାଂ ପଞ୍ଚାୟତ ବାଲିସୁଡା ଗ୍ରାମର ଜନୈକା ମହିଳା ବୁଧବାର ବିଳମ୍ବିତ ରାତ୍ରିରେ ନିକଟସ୍ଥ କେନ୍ଦୁ ଗଛରେ ବେକରେ ଚୁନେରୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବାଲିସୁଡା ଗ୍ରାମର ଛବି ମୁଣ୍ଡାଙ୍କ ସ୍ତ୍ରୀ ଶୁକମନି (୨୭) କେନ୍ଦୁ ଗଛରେ ଆତ୍ମହତ୍ୟା କରି ଦେଇଥିବା ଗ୍ରାମର ଲୋକେ ଗୁରୁବାର ସକାଳୁ ଦେଖିବାକୁ ପାଇଥିଲେ। ଏ ବାବଦରେ ଗାଁରେ ଆଲୋଚନା କରିବା ସହିତ ଥାନାକୁ ଖବର ଦେଇଥିଲେ। କେ. ବଲାଙ୍ଗ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଆତ୍ମହତ୍ୟାର କାରଣ ଜଣା ପଡିନାହିଁ।

## ଶୋଇବା ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଦେବଗଡ଼,୨୪।୧୧(ଡି.ଏନ.ଏ.)

ଦେବଗଡ଼ ଥାନା ଅନ୍ତର୍ଗତ ଦନ୍ତାରୀବାହାଲ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଜଣେ ଯୁବକଙ୍କର ଝୁଲନ୍ତା ମୃତଦେହ ଜବତ କରାଯାଇଛି। ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ଏକ ଆତ୍ମହତ୍ୟା ଘଟଣା ବୋଲି ପୋଲିସ ଅନୁମାନ କରୁଛି। ତେବେ ପୋଲିସ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି। ସୂଚନା ଅନୁଯାୟୀ ଦନ୍ତାରୀବାହାଲ ଗ୍ରାମର ସ୍ୱର୍ଗତଃ ଗୋପାଳ ନାଏକଙ୍କ ପୁଅ ଏକାର୍ମ (୨୨)ଅନ୍ୟ ଦିନ ଭଳି ବୁଧବାର ରାତିରେ ମଧ୍ୟ ଖିଆପିଆ ସାରି ନିଜ କୋଠରୀରେ ଶୋଇଥିଲେ। ତାଙ୍କ ମା' ଅନ୍ୟ ଏକ କୋଠରୀରେ ଶୋଇଥିଲେ। ତେବେ ଗୁରୁବାର ସକାଳେ ଉକ୍ତ କୋଠରୀର ଶେଣୀରେ ଏକାର୍ମଙ୍କ ମୃତଦେହ ଏକ ଶାଢୀରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଦେବଗଡ଼ ଆଦର୍ଶ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବାସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା।


ଓଡ଼ିଶା ସରକାର

# କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

ସଂଖ୍ୟା: ୧୬୫୬/କଟକ ତା:୦୪।୧୧।୨୦୨୨

No. I-10: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କଟକ ଜିଲ୍ଲାର ହାଡୁଆ ଜଳସେଚନ ପ୍ରକଳ୍ପର ହାଡୁଆ ଜଳଭଣ୍ଡାର ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: ବୁରୁଷ, ଥାନା: କାନପୁର ନଂ. ୩୭, ତହସିଲ: ନରସିଂହପୁର, ଜିଲ୍ଲା: କଟକରେ ନିମ୍ନ ତଫସିଲମତେ ପ୍ରାୟ ଏ.୪୮.୧୯ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ୧୧(୧)ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଉପରୋକ୍ତ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ହାଡୁଆ ଜଳସେଚନ ପ୍ରକଳ୍ପର ହାଡୁଆ ଜଳଭଣ୍ଡାର ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ହାଡୁଆ ଜଳସେଚନ ବିଭାଗ, ନରସିଂହପୁର, ଜିଲ୍ଲା: କଟକ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପର କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଏହି ଜଳସେଚନ ପ୍ରକଳ୍ପ ଦ୍ୱାରା ନରସିଂହପୁର, ବଡ଼ମ୍ବା ଓ ତିଗିରିଆ ବ୍ଲକରେ କୃଷିର ବିକାଶ ସହ ଅର୍ଥନୀତିର ବିକାଶ ହେବ। ଧାରା ୮(୨) ମୁତାବକ ପ୍ରକାଶିତ ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ଅଟେ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ଆଠଗଡ଼।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| କଟକ | ନରସିଂହପୁର | ବୁରୁଷ | ଗ୍ରାମାଞ୍ଚଳ | | | ଏ.୭୬.୯୦ | ଏ.୪୮.୧୯ | ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଗଲା |

ଉକ୍ତ ଜମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଓ ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କଟକ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଭବାନୀ ଶଙ୍କର ଚୟନୀ
ଜିଲ୍ଲାପାଳ, କଟକ

### ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲ ସଂଖ୍ୟା ୦୨/୨୦୨୨

ହାଡୁଆ ଜଳସେଚନ ପ୍ରକଳ୍ପ, ନରସିଂହପୁର, କଟକର ହାଡୁଆ ଜଳଭଣ୍ଡାର ନିମନ୍ତେ
ମୌଜା: ବୁରୁଷ, ଥାନା: କାନପୁର ନଂ. ୩୭, ତହସିଲ: ନରସିଂହପୁର, ଜିଲ୍ଲା: କଟକ

| ଖାତା ନମ୍ବର | ପ୍ଲଟ ନଂ. | ମୋଟ ରକବା | ଅଧିସୂଚିତ ଜମିର ପରିମାଣ | କିସମ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ (ରୟତି) | ୨ | ୨.୧୪ | ୨.୧୪ | ବିଆଳି | କବିର ପଧାନ, ଫକିର ପଧାନ, ପି.: ଯୋଗି ପଧାନ, ବଚନା ପଧାନ, ସ୍ୱା.: ଯୋଗି ପଧାନ, ଜା: କନ୍ଧ, ବା: ନିଜଗାଁ |
| | ୫ | ୧.୧୪ | ୧.୧୪ | ବିଆଳି | |
| | ୧୨୦ | ୦.୦୩ | ୦.୦୩ | ଶାରଦ ତିନି | |
| | ୧୨୩ | ୦.୨୭ | ୦.୨୭ | ଶାରଦ ତିନି | |
| | ୧୨୪ | ୦.୦୧ | ୦.୦୧ | ମାହାର (ପାଣି ମାହାରା) | |
| | ୧୨୯ | ୦.୦୩ | ୦.୦୩ | ଶାରଦ ତିନି | |
| | ୧୩୧ | ୦.୦୨ | ୦.୦୨ | ଶାରଦ ତିନି | |
| | ୧୩୨ | ୦.୦୯ | ୦.୦୯ | ଶାରଦ ତିନି | |
| | ୧୩୬ | ୦.୧୫ | ୦.୧୫ | ଶାରଦ ତିନି | |
| | ୧୫୧ | ୦.୦୯ | ୦.୦୯ | ଶାରଦ ତିନି | |
| | ୧୫୯ | ୦.୨୯ | ୦.୨୯ | ଶାରଦ ଦୁଇ | |
| | ୧୬୩ | ୦.୦୩ | ୦.୦୩ | ଘରବାରି (ବାରି) | |
| | ୧୬୫ | ୦.୧୨ | ୦.୧୨ | ଘରବାରି (ବାରି) | |
| | ୧୬୯ | ୦.୦୬ | ୦.୦୬ | ଘରବାରି (ବାରି) | |
| | ୧୮୫ | ୦.୧୮ | ୦.୧୮ | ତଇଳା | |
| | ୨୫ | ୦.୬୫ | ୦.୬୫ | ଶାରଦ ଦୁଇ | |
| | ୩୨ | ୦.୦୬ | ୦.୦୬ | ଶାରଦ ତିନି | |
| | ୩୫ | ୦.୦୨ | ୦.୦୨ | ଶାରଦ ତିନି | |
| | ୪୦ | ୦.୦୮ | ୦.୦୮ | ଶାରଦ ତିନି | |
| | ୪୩ | ୦.୦୩ | ୦.୦୩ | ଶାରଦ ତିନି | |
| | ୪୫ | ୦.୦୯ | ୦.୦୯ | ଶାରଦ ତିନି | |
| | ୪୯ | ୦.୧୩ | ୦.୧୩ | ଶାରଦ ତିନି | |
| | ୫୩ | ୦.୧୨ | ୦.୧୨ | ଶାରଦ ତିନି | |
| | ୬୫ | ୦.୦୬ | ୦.୦୬ | ଶାରଦ ତିନି | |
| | ୬୮ | ୦.୦୫ | ୦.୦୫ | ଶାରଦ ତିନି | |
| | ୭୩ | ୦.୦୨ | ୦.୦୨ | ଶାରଦ ତିନି | |
| | ୭୬ | ୦.୦୩ | ୦.୦୩ | ଶାରଦ ତିନି | |
| | ୮୧ | ୦.୦୭ | ୦.୦୭ | ଶାରଦ ତିନି | |
| | ୮୫ | ୦.୦୫ | ୦.୦୫ | ଶାରଦ ତିନି | |
| | ୮୯ | ୦.୧୫ | ୦.୧୫ | ଶାରଦ ତିନି | |
| | ୭୯ | ୦.୦୬ | ୦.୦୬ | ଶାରଦ ତିନି | |
| | ୮୭ | ୦.୦୫ | ୦.୦୫ | ଶାରଦ ତିନି | |
| | ୯୬ | ୦.୨୩ | ୦.୨୩ | ଶାରଦ ତିନି | |
| | ୯୭ | ୦.୦୨ | ୦.୦୨ | ମାହାରା (ପାଣି ମାହାରା) | |
| | ୧୦୨ | ୦.୦୭ | ୦.୦୭ | ଶାରଦ ତିନି | |
| | ୧୦୬ | ୦.୦୨ | ୦.୦୨ | ଶାରଦ ତିନି | |
| | ୧୦୯ | ୦.୦୯ | ୦.୦୯ | ଶାରଦ ତିନି | |
| | ୧୧୪ | ୦.୦୪ | ୦.୦୪ | ଶାରଦ ତିନି | |
| | ୧୧୮ | ୦.୦୪ | ୦.୦୪ | ଶାରଦ ତିନି | |
| ୨ (ରୟତି) | ୧୧୯ | ୦.୦୨ | ୦.୦୨ | ମାହାରା (ପାଣି ମାହାରା) | କାଠିଆ ନାଏକ, ଭୀମ ନାଏକ, ପଙ୍କଜ ନାଏକ, ବାବନ ନାଏକ, ମାଧବ ନାଏକ, ପି.: ପଦ୍ମାରୀ ନାଏକ, ଅଳି ନାଏକ, ସ୍ୱା.: ପଦ୍ମାରୀ ନାଏକ, ଜା: ହାଡ଼ି, ବା: ବୋକଡ଼ା |
| | ୧୨୨ | ୦.୪୫ | ୦.୪୫ | ଶାରଦ ତିନି | |
| | ୧୩୩ | ୦.୦୫ | ୦.୦୫ | ଶାରଦ ତିନି | |
| ୩ (ରୟତି) | ୧୩ | ୦.୯୪ | ୦.୯୪ | ବିଆଳି | କୃଷ୍ଣ ଚନ୍ଦ୍ର ପ୍ରଧାନ, ବସନ୍ତ ପ୍ରଧାନ, ପି.: ପଲ୍ଲବ ପ୍ରଧାନ, ଜା: କନ୍ଧ, ବା: ସିମିଳିବୋଳ |
| | ୧୪ | ୧.୧୫ | ୧.୧୫ | ବିଆଳି | |
| | ୧୫ | ୦.୯୨ | ୦.୯୨ | ବିଆଳି | |
| | ୧୭ | ୦.୫୭ | ୦.୫୭ | ବିଆଳି | |
| | ୨୦ | ୦.୫୮ | ୦.୫୮ | ବିଆଳି | |
| | ୨୮ | ୦.୩୨ | ୦.୩୨ | ଶାରଦ ଦୁଇ | |
| | ୨୯ | ୦.୧୫ | ୦.୧୫ | ଶାରଦ ଦୁଇ | |
| | ୫୦ | ୦.୦୬ | ୦.୦୬ | ଶାରଦ ତିନି | |
| | ୬୨ | ୦.୨୬ | ୦.୨୬ | ଶାରଦ ତିନି | |
| | ୧୫୩ | ୦.୫୨ | ୦.୫୨ | ଶାରଦ ଦୁଇ | |
| ୪ (ରୟତି) | ୬୧ | ୦.୦୯ | ୦.୦୯ | ଶାରଦ ତିନି | କୃଷ୍ଣ ପଧାନ, ପି.: ସପନି ପଧାନ, ବୈଷ୍ଣବ ପଧାନ, ପୂର୍ଣ୍ଣଚନ୍ଦ୍ର ପଧାନ, ପି.: ହରି ପଧାନ, ଜା: କନ୍ଧ, ବା: ନିଜଗାଁ |
| | ୩ | ୦.୬୫ | ୦.୬୫ | ଶାରଦ ତିନି | |
| | ୧୧୩ | ୦.୦୩ | ୦.୦୩ | ବିଆଳି | |
| | ୧୧୭ | ୦.୦୫ | ୦.୦୫ | ଶାରଦ ତିନି | |
| | ୧୩୮ | ୦.୧୦ | ୦.୧୦ | ଶାରଦ ତିନି | |
| | ୧୫୦ | ୦.୧୫ | ୦.୧୫ | ଶାରଦ ତିନି | |
| | ୧୫୨ | ୦.୦୩ | ୦.୦୩ | ଶାରଦ ତିନି | |
| | ୧୬୪ | ୦.୦୩ | ୦.୦୩ | ଘରବାରି (ବାରି) | |
| | ୧୬୮ | ୦.୦୮ | ୦.୦୮ | ଘରବାରି (ବାରି) | |
| | ୧୭୧ | ୦.୦୫ | ୦.୦୫ | ଘରବାରି (ବାରି) | |
| | ୧୮୪ | ୦.୧୮ | ୦.୧୮ | ତଇଳା | |
| | ୧୮୬ | ୦.୧୫ | ୦.୧୫ | ତଇଳା | |
| | ୧୦୫ | ୦.୦୨ | ୦.୦୨ | ଶାରଦ ତିନି | |
| | ୪ | ୦.୬୩ | ୦.୬୩ | ବିଆଳି | |
| | ୬ | ୦.୨୮ | ୦.୨୮ | ଘରବାରି (ବାରି) | |
| | ୭ | ୦.୩୫ | ୦.୩୫ | ଘରବାରି (ବାରି) | |
| | ୯ | ୦.୨୭ | ୦.୨୭ | ଘରବାରି (ବାରି) | |
| | ୧୮ | ୦.୧୮ | ୦.୧୮ | ବିଆଳି | |
| | ୧୯ | ୦.୨୮ | ୦.୨୮ | ବିଆଳି | |
| | ୩୦ | ୦.୧୬ | ୦.୧୬ | ଶାରଦ ତିନି | |
| | ୩୧ | ୦.୦୯ | ୦.୦୯ | ଶାରଦ ତିନି | |
| | ୩୮ | ୦.୦୬ | ୦.୦୬ | ଶାରଦ ତିନି | |
| | ୩୯ | ୦.୦୮ | ୦.୦୮ | ଶାରଦ ତିନି | |
| | ୫୪ | ୦.୦୬ | ୦.୦୬ | ଶାରଦ ତିନି | |
| | ୫୯ | ୦.୦୯ | ୦.୦୯ | ଶାରଦ ତିନି | |
| | ୬୯ | ୦.୪୩ | ୦.୪୩ | ଶାରଦ ତିନି | |
| | ୪୨ | ୦.୦୩ | ୦.୦୩ | ଶାରଦ ତିନି | |
| | ୭୪ | ୦.୩୦ | ୦.୩୦ | ଶାରଦ ତିନି | |
| | ୯୦ | ୦.୦୪ | ୦.୦୪ | ଶାରଦ ତିନି | |
| | ୯୧ | ୦.୦୪ | ୦.୦୪ | ଶାରଦ ତିନି | |
| | ୬୪ | ୦.୦୫ | ୦.୦୫ | ଶାରଦ ତିନି | |
| | ୭୦ | ୦.୨୪ | ୦.୨୪ | ଶାରଦ ତିନି | |
| | ୧୦୦ | ୦.୦୮ | ୦.୦୮ | ଶାରଦ ତିନି | |
| | ୭୫ | ୦.୦୨ | ୦.୦୨ | ଶାରଦ ତିନି | |
| | ୧୦୧ | ୦.୦୬ | ୦.୦୬ | ଶାରଦ ତିନି | |
| | ୧୦୮ | ୦.୦୩ | ୦.୦୩ | ଶାରଦ ତିନି | |
| | ୧୧୧ | ୦.୦୮ | ୦.୦୮ | ଶାରଦ ତିନି | |
| ୫ (ରୟତି) | ୧୩୭ | ୧.୮୩ | ୧.୮୩ | ଶାରଦ ତିନି | କୃଷ୍ଣ ପ୍ରଧାନ, ପି.: ସପନି ପ୍ରଧାନ, ବୈଷ୍ଣବ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପଧାନ, ପି. ହରି ପଧାନ, ମଙ୍ଗୁଲୁ ପ୍ରଧାନ, ପି.: ପଞ୍ଚୁ ପ୍ରଧାନ, ଗୌତମ ପ୍ରଧାନ, ଡାଳିମ୍ବ ପ୍ରଧାନ, ପି.: ବରଜୁ ପ୍ରଧାନ, କବିର ପ୍ରଧାନ, ଫକିର ପ୍ରଧାନ, କାଞ୍ଚନ ପ୍ରଧାନ, ରଞ୍ଜନା ପ୍ରଧାନ, ପି.: ଯୋଗି ପ୍ରଧାନ, ବଚନୀ ପ୍ରଧାନ, ସ୍ୱା.: ଯୋଗି ପ୍ରଧାନ, ରବିନ୍ଦ ପ୍ରଧାନ, ଛବିନ୍ଦ୍ର ପ୍ରଧାନ, ପ୍ରତାପ ପ୍ରଧାନ, ବେଲ ପ୍ରଧାନ, ଗୁଞ୍ଜର ପ୍ରଧାନ, କୁନ୍ତଳା ପ୍ରଧାନ, ପି.: ସଂସାରୀ ପ୍ରଧାନ, ଗରିଆ ପ୍ରଧାନ, ସ୍ୱା.: ସଂସାରୀ ପ୍ରଧାନ, ଜା: କନ୍ଧ, ବା: ନିଜଗାଁ |
| | ୧୪୦ | ୦.୧୨ | ୦.୧୨ | ଶାରଦ ତିନି | |
| | ୧୪୧ | ୦.୦୮ | ୦.୦୮ | ଶାରଦ ତିନି | |
| | ୧୪୨ | ୦.୦୭ | ୦.୦୭ | ଶାରଦ ତିନି | |
| | ୧୪୩ | ୦.୨୧ | ୦.୨୧ | ରାସ୍ତା (ଘରୋଇ ରାସ୍ତା) | |
| | ୧୪୪ | ୦.୧୬ | ୦.୧୬ | ଘରବାରି (ବାରି) | |
| | ୧୪୬ | ୦.୧୯ | ୦.୧୯ | ଘରବାରି (ବାରି) | |
| | ୧୪୭ | ୦.୨୭ | ୦.୨୭ | ଘରବାରି (ବାରି) | |
| | ୧୪୯ | ୦.୯୦ | ୦.୯୦ | ଘରବାରି (ବାରି) | |
| | ୧୮୯ | ୨.୯୧ | ୨.୯୧ | ତଇଳା | |
| | ୧୪୫ | ୦.୧୫ | ୦.୧୫ | ଘରବାରି (ଘର) | |
| | ୧୪୮ | ୦.୩୩ | ୦.୩୩ | ଘରବାରି (ବାରି) | |
| ୬ (ରୟତି) | ୨୨ | ୦.୩୦ | ୦.୩୦ | ଶାରଦ ଦୁଇ | ଖଲେଶ୍ୱର ଦେହୁରୀ, ଚନ୍ଦ୍ରମଣି ଦେହୁରୀ, ମନ୍ଦରଧର ଦେହୁରୀ, ଆର୍ତ୍ତତ୍ରାଣ ଦେହୁରୀ, ପି.: ଅରକ୍ଷିତ ଦେହୁରୀ, ଜା: ସୁଦ, ବା: ଓଲବ |
| | ୨୬ | ୦.୩୬ | ୦.୩୬ | ଶାରଦ ଦୁଇ | |
| | ୪୭ | ୦.୨୧ | ୦.୨୧ | ଶାରଦ ତିନି | |
| | ୮୦ | ୦.୦୬ | ୦.୦୬ | ଶାରଦ ତିନି | |
| | ୮୬ | ୦.୦୫ | ୦.୦୫ | ଶାରଦ ତିନି | |
| | ୮୮ | ୦.୦୫ | ୦.୦୫ | ଶାରଦ ତିନି | |
| | ୯୫ | ୦.୧୬ | ୦.୧୬ | ଶାରଦ ତିନି | |
| | ୧୩୫ | ୦.୧୨ | ୦.୧୨ | ଶାରଦ ତିନି | |
| | ୫୧ | ୦.୧୨ | ୦.୧୨ | ଶାରଦ ତିନି | |
| | ୫୭ | ୧.୦୨ | ୧.୦୨ | ଶାରଦ ଦୁଇ | |
| ୭ (ରୟତି) | ୮ | ୦.୧୬ | ୦.୧୬ | ଘରବାରି (ଘର) | ଗୌତମ ପଧାନ, ପି.: ବରଜା ପଧାନ, ଜା: କନ୍ଧ, ବା: ନିଜଗାଁ |
| | ୧୦ | ୦.୫୯ | ୦.୫୯ | ଘରବାରି (ବାରି) | |
| | ୧୩୪ | ୦.୧୬ | ୦.୧୬ | ଶାରଦ ତିନି | |
| | ୧୬୨ | ୦.୦୩ | ୦.୦୩ | ଘରବାରି (ବାରି) | |
| | ୧୬୬ | ୦.୧୭ | ୦.୧୭ | ଘରବାରି (ଘର) | |
| | ୧୮୭ | ୦.୧୭ | ୦.୧୭ | ତଇଳା | |
| | ୯୪/୨୦୪ | ୦.୨୦ | ୦.୨୦ | ଶାରଦ ତିନି | |
| ୭ (ରୟତି) | ୭୮ | ୦.୦୫ | ୦.୦୫ | ଶାରଦ ତିନି | ଗୌତମ ପଧାନ, ପି.: ବରଜା ପଧାନ, ଜା: କନ୍ଧ, ବା: ନିଜଗାଁ |
| | ୧୪୯/୨୦୨ | ୦.୦୮ | ୦.୦୮ | ଘରବାରି (ବାରି) | |
| | ୨୩ | ୦.୬୨ | ୦.୬୨ | ଶାରଦ ଦୁଇ | |
| | ୧୧ | ୦.୩୧ | ୦.୩୧ | ବଗାୟତ ଦୁଇ | |
| | ୩୩ | ୦.୪୯ | ୦.୪୯ | ଶାରଦ ତିନି | |
| | ୩୬ | ୦.୦୩ | ୦.୦୩ | ଶାରଦ ତିନି | |
| | ୪୧ | ୦.୦୫ | ୦.୦୫ | ଶାରଦ ତିନି | |
| | ୫୫ | ୦.୧୧ | ୦.୧୧ | ଶାରଦ ତିନି | |
| | ୬୦ | ୦.୦୫ | ୦.୦୫ | ଶାରଦ ତିନି | |
| | ୬୩ | ୦.୩୪ | ୦.୩୪ | ଶାରଦ ତିନି | |
| | ୬୬ | ୦.୦୪ | ୦.୦୪ | ଶାରଦ ତିନି | |
| | ୭୨ | ୦.୧୩ | ୦.୧୩ | ଶାରଦ ତିନି | |
| | ୭୭ | ୦.୦୯ | ୦.୦୯ | ଶାରଦ ତିନି | |
| | ୮୩ | ୦.୦୫ | ୦.୦୫ | ଶାରଦ ତିନି | |
| | ୯୨ | ୦.୦୬ | ୦.୦୬ | ଶାରଦ ତିନି | |
| | ୯୪ | ୦.୩୬ | ୦.୩୬ | ଶାରଦ ତିନି | |
| | ୯୯ | ୦.୦୩ | ୦.୦୩ | ଶାରଦ ତିନି | |
| | ୧୦୪ | ୦.୦୨ | ୦.୦୨ | ଶାରଦ ତିନି | |
| | ୧୦୭ | ୦.୧୦ | ୦.୧୦ | ଶାରଦ ତିନି | |
| | ୧୧୦ | ୦.୦୭ | ୦.୦୭ | ଶାରଦ ତିନି | |
| | ୧୧୨ | ୦.୦୨ | ୦.୦୨ | ଶାରଦ ତିନି | |
| | ୧୧୫ | ୦.୦୩ | ୦.୦୩ | ଶାରଦ ତିନି | |
| | ୧୨୫ | ୦.୦୧ | ୦.୦୧ | ମାହାରା (ପାଣି ମାହାରା) | |
| | ୧୨୬ | ୦.୨୩ | ୦.୨୩ | ଶାରଦ ତିନି | |
| | ୧୩୦ | ୦.୦୨ | ୦.୦୨ | ଶାରଦ ତିନି | |
| | ୯୩ | ୦.୦୫ | ୦.୦୫ | ପଥର ଟାଙ୍ଗରା | |
| ୮ (ରୟତି) | ୧୨୮ | ୦.୩୪ | ୦.୩୪ | ଶାରଦ ତିନି | ପହଲି ବେହେରା, କାଶୀନାଥ ବେହେରା, ଦୁଃଶାସନ ବେହେରା, ଜାନକୀ ବେହେରା, ପି.: ବିଶ୍ୱନାଥ ବେହେରା, ଜା: କନ୍ଧ, ବା: ନିଜଗାଁ |
| ୯ (ରୟତି) | ୧୭୩ | ୨.୫୦ | ୨.୫୦ | ତଇଳା | ମାନଗୋବିନ୍ଦ ସାହୁ, ପି.: ମାଧବ ସାହୁ, ଜା: ତେଲି, ବା: ସିଆରିଆ |
| ୧୦ (ରୟତି) | ୩୪ | ୦.୦୧ | ୦.୦୧ | ଶାରଦ ତିନି | ରବିନ୍ଦ୍ର ପ୍ରଧାନ, ଛବିନ୍ଦ୍ର ପ୍ରଧାନ, ପ୍ରତାପ ପ୍ରଧାନ, ପି.: ସଂସାରୀ ପ୍ରଧାନ, ଗରିଆ ପ୍ରଧାନ, ସ୍ୱା.: ସଂସାରୀ ପ୍ରଧାନ, ଜା: କନ୍ଧ, ବା: ନିଜଗାଁ |
| | ୩୭ | ୦.୦୧ | ୦.୦୧ | ଶାରଦ ତିନି | |
| | ୫୨ | ୦.୨୧ | ୦.୨୧ | ଶାରଦ ତିନି | |
| | ୫୬ | ୦.୦୬ | ୦.୦୬ | ଶାରଦ ତିନି | |
| | ୫୮ | ୦.୦୮ | ୦.୦୮ | ଶାରଦ ତିନି | |
| | ୬୭ | ୦.୦୪ | ୦.୦୪ | ଶାରଦ ତିନି | |
| | ୮୨ | ୦.୧୧ | ୦.୧୧ | ଶାରଦ ତିନି | |
| | ୮୪ | ୦.୦୫ | ୦.୦୫ | ଶାରଦ ତିନି | |
| | ୯୮ | ୦.୦୯ | ୦.୦୯ | ଶାରଦ ତିନି | |
| | ୧୦୩ | ୦.୧୨ | ୦.୧୨ | ଶାରଦ ତିନି | |
| | ୧୧୬ | ୦.୦୫ | ୦.୦୫ | ଶାରଦ ତିନି | |
| | ୧୨୧ | ୦.୧୮ | ୦.୧୮ | ଶାରଦ ତିନି | |
| | ୧୨୭ | ୦.୨୮ | ୦.୨୮ | ଶାରଦ ତିନି | |
| | ୧୩୯ | ୦.୨୪ | ୦.୨୪ | ଶାରଦ ତିନି | |
| | ୧୫୪ | ୦.୩୦ | ୦.୩୦ | ଶାରଦ ଦୁଇ | |
| | ୧୫୫ | ୦.୨୩ | ୦.୨୩ | ଶାରଦ ଦୁଇ | |
| | ୧୫୬ | ୦.୦୮ | ୦.୦୮ | ଶାରଦ ତିନି | |
| | ୧୬୭ | ୦.୧୮ | ୦.୧୮ | ଘରବାରି (ଘର) | |
| | ୧୭୦ | ୦.୦୫ | ୦.୦୫ | ଘରବାରି (ବାରି) | |
| | ୧୭୪ | ୦.୬୭ | ୦.୬୭ | ତଇଳା | |
| | ୧୭୫ | ୦.୯୬ | ୦.୯୬ | ଘରବାରି (ବାରି) | |
| | ୧୭୭ | ୦.୧୮ | ୦.୧୮ | ତଇଳା | |
| | ୧୭୮ | ୦.୯୫ | ୦.୯୫ | ତଇଳା | |
| | ୧୮୨ | ୦.୮୩ | ୦.୮୩ | ତଇଳା | |
| | ୧୮୩ | ୨.୦୧ | ୨.୦୧ | ତଇଳା | |
| | ୧୮୮ | ୦.୬୮ | ୦.୬୮ | ତଇଳା | |
| | ୧୫୭ | ୦.୨୭ | ୦.୨୭ | ଶାରଦ ଦୁଇ | |
| | ୧୫୮ | ୦.୪୫ | ୦.୪୫ | ଶାରଦ ଦୁଇ | |
| | ୧୬୧ | ୧.୨୫ | ୧.୨୫ | ଶାରଦ ତିନି | |
| | ୧୭୬ | ୦.୪୪ | ୦.୪୪ | ଘରବାରି (ଘର) | |
| | ୧୭୨ | ୧.୦୯ | ୧.୦୯ | ଘରବାରି (ଘର) | |
| ୧୦/୨ (ରୟତି) | ୧/୨୧୩ | ୦.୦୪ | ୦.୦୪ | ଘରବାରି | ଉତ୍ସବ ଦେହୁରୀ, ପି.: ଚନ୍ଦ୍ର ଦେହୁରୀ, ଜା: ସୁଦ, ବା: ନିଜଗାଁ |
| ୧୦/୩ (ରୟତି) | ୧/୨୧୪ | ୦.୦୪ | ୦.୦୪ | ଘରବାରି | ପ୍ରହ୍ଲାଦ ବେହେରା, ପି.: ବିଶ୍ୱନାଥ ବେହେରା, ଜା: କନ୍ଧ, ବା: ନିଜଗାଁ |
| ୧୦/୪ (ରୟତି) | ୧/୨୧୫ | ୦.୦୪ | ୦.୦୪ | ଘରବାରି | ନିବାସ ଦେହୁରୀ, ପି.: ରାଜନ ଦେହୁରୀ, କୁନ୍ତ ଦେହୁରୀ, ସ୍ୱା.: ନିବାସ ଦେହୁରୀ, ଜା: କନ୍ଧ, ବା: ନିଜଗାଁ |
| ୧୦/୫ (ରୟତି) | ୧/୨୧୬ | ୦.୦୪ | ୦.୦୪ | ଘରବାରି | ନିରଞ୍ଜନ ବେହେରା, ପି.: ବିଶ୍ୱନାଥ ବେହେରା, ଫୁଲ ବେହେରା, ସ୍ୱା.: ନିରଞ୍ଜନ ବେହେରା, ଜା: କନ୍ଧ, ବା: ନିଜଗାଁ |
| ୧୦/୬ (ରୟତି) | ୧/୨୧୭ | ୦.୦୪ | ୦.୦୪ | ଘରବାରି | ଚୈତନ୍ୟ ଦେହୁରୀ, ପି.: ରାଜନ ଦେହୁରୀ, ରୁମା ଦେହୁରୀ, ସ୍ୱା.: ଚୈତନ୍ୟ ଦେହୁରୀ, ଜା: କନ୍ଧ, ବା: ନିଜଗାଁ |

ମୋଟ ରକବା = ଏ.୭୬.୯୦ ଏ.୪୮.୧୯

Amin | Revenue Inspector | Spl. L.A. & R.O. Hadua irrigation Project Nursinghpur, Cuttack | Collector Cuttack

OIPR-24178/14/0024/2223

**ଚାଇନାରେ କୋଭିଡ୍ ସଂକ୍ରମଣ ସର୍ବାଧିକ**

ଜିରୋ କୋଭିଡ୍ ନୀତି ପାଇଁ ଚାଇନା ସରକାର ସମାଲୋଚିତ ହୋଇଥିବାବେଳେ ଏବେ ସଂକ୍ରମଣ ବଢ଼ିବାରେ ଲାଗିଛି। ଗୁରୁବାର ରେକର୍ଡ ୩୧,୪୪୪ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ରାଜଧାନୀ ବେଜିଂ ସମେତ କେତେକ ସହର ସଂକ୍ରମଣ ରୋକିବା ଲାଗି ଗୋଷ୍ଠୀ ଲକ୍‌ଡାଉନ୍ କାର୍ଯ୍ୟକାରୀ କରିଛନ୍ତି। ଗତ କିଛି ମାସ ମଧ୍ୟରେ କୋଭିଡ୍‌ରେ ପ୍ରଥମ ମୃତ୍ୟୁ ହେବା ପରେ ବିଭିନ୍ନ ଜିଲାରେ କଟକଣା ଲାଗୁ ହେବା ସହ ଦୋକାନବଜାର, ସ୍କୁଲ, ରେଷ୍ଟୁରାଣ୍ଟ ଆଦି ବନ୍ଦ କରିଦିଆଯାଇଛି।

## ସଂକ୍ଷେପରେ

### ମହାମାରୀ ବେଳେ ୮ ଜଣରୁ ଜଣେ ବୟସ୍କ ଅବସାଦଗ୍ରସ୍ତ ହୋଇଥିଲେ

ଟରଣ୍ଟୋ,୨୪।୧୧(ପି.ଟି.): କୋଭିଡ୍ ମହାମାରୀ ବେଳେ ପ୍ରତି ୮ ଜଣ ବୟସ୍କଙ୍କ ମଧ୍ୟରୁ ଜଣକଠାରେ ପ୍ରଥମ ଥର ପାଇଁ ଅବସାଦ ଦେଖାଦେଇଥିଲା ବୋଲି କାନାଡ଼ାରେ ହୋଇଥିବା ଏକ ଅଧ୍ୟୟନରେ କୁହାଯାଇଛି। ପୂର୍ବରୁ ଅବସାଦର ଶିକାର ହୋଇଥିବା ଲୋକଙ୍କ ମଧ୍ୟରୁ ପାଖାପାଖି ଅର୍ଦ୍ଧେକଙ୍କଠାରେ ମହାମାରୀ ବେଳେ ପୁନର୍ବାର ଏହି ଲକ୍ଷଣ ଦେଖାଦେଇଥିଲା। ୨୦୨୦ ଶରତ ଋତୁରେ ଅବସାଦଗ୍ରସ୍ତ ୨୦ ହଜାର ବୟସ୍କଙ୍କ ମଧ୍ୟରୁ ୪୫ ପ୍ରତିଶତ ପୁନର୍ବାର ଅବସାଦର ସମ୍ମୁଖୀନ ହୋଇଥିଲେ ବୋଲି ଟରଣ୍ଟୋ ୟୁନିଭର୍ସିଟିର ଗବେଷକମାନେ ଜାଣିବାକୁ ପାଇଛନ୍ତି।

### ଇସ୍‌ଲାମୀୟ ସଂଗଠନ ନିଜକୁ ଦାୟୀ କଲା

**ମାଙ୍ଗାଲୁରୁ ବିସ୍ଫୋରଣ**

ମାଙ୍ଗାଲୁରୁ,୨୪।୧୧: ମାଙ୍ଗାଲୁରୁରେ ଗତ ଶନିବାର ଏକ ଅଟୋରିକ୍ସାରେ ବିସ୍ଫୋରଣକୁ ନେଇ ତଦନ୍ତ ଜାରି ରହିଛି। ଏକ ଇସ୍‌ଲାମୀୟ ସଂଗଠନ ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରି ଚିଠି ଲେଖିଛି। କାଦ୍ରିର ପ୍ରସିଦ୍ଧ ମଞ୍ଜୁନାଥ ମନ୍ଦିରକୁ ଟାର୍ଗେଟ କରାଯାଇଥିଲା ବୋଲି ଚିଠିରେ ଦାବି କରାଯାଇଛି। 'ଇସ୍‌ଲାମିକ୍ ରେଜିଷ୍ଟାନ୍ସ କାଉନ୍‌ସିଲ୍' ଲେଟରହେଡ୍‌ରେ ଏହି ଚିଠି ଲେଖାଯାଇଛି। ତେବେ ଏଭଳି ସଂଗଠନ ନାଁ ଆଗରୁ କେବେ ଶୁଣାଯାଇ ନ ଥିବା ପୋଲିସ କହିଛି। ବିସ୍ଫୋରଣ ଏକ ଆତଙ୍କବାଦୀ କାର୍ଯ୍ୟ ବୋଲି ପୋଲିସ ସନ୍ଦେହ କରୁଥିବାବେଳେ ଶରିକ୍ ନାମକ ଅଭିଯୁକ୍ତକୁ ଗିରଫ କରିଛି। ଚିଠିରେ ପୋଲିସ ଅଧିକାରୀ ଆଲୋକ କୁମାରଙ୍କୁ ମଧ୍ୟ ଧମକ ଦିଆଯାଇଛି। ତେବେ ଚିଠି କେଉଁଠୁ ଆସିଛି, ତାହା ସ୍ପଷ୍ଟ ନୁହେଁ ବୋଲି ପୋଲିସ କହିଛି।

### ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କୁ ଗିରଫକଲା ଏନ୍‌ଆଇଏ



ନୂଆଦିଲ୍ଲୀ,୨୪।୧୧(ପି.ଟି.): ଦେଶର ବିଭିନ୍ନ ଭାଗରେ ହିଂସାକାଣ୍ଡ ଏବଂ ସମ୍ବେଦନଶୀଳ ଅପରାଧ ଘଟାଇବା ଲାଗି ଆତଙ୍କବାଦୀ ସଂଗଠନ ଏବଂ ଅପରାଧ ସିଣ୍ଡିକେଟ୍ ସହ ଷଡ଼ଯନ୍ତ୍ର ଚଳାଇବା ମାମଲାରେ ପଞ୍ଜାବ ଜେଲ୍‌ରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କୁ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଗୁରୁବାର ଗିରଫ କରିଛି। ଜେଲ ଭିତରେ ଥାଇ ସେ ବିଭିନ୍ନ ଅପରାଧ ଲାଗି ଷଡ଼ଯନ୍ତ୍ର କରୁଥିବା ଜଣାପଡ଼ିବା ପରେ ତାଙ୍କୁ ବଠିଣ୍ଡା ଜେଲ୍‌ରୁ ଗିରଫ କରାଯାଇଛି। ଉକ୍ତ ଷଡ଼ଯନ୍ତ୍ରକୁ ଏକ ସଂଗଠିତ ଆପରାଧିକ ନେଟ୍‌ୱର୍କ ଦେଶ ତଥା ଦେଶ ବାହାରେ କାର୍ଯ୍ୟକାରୀ କରୁଥିଲା ବୋଲି ଏନ୍‌ଆଇଏ କହିଛି। ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼, ହିମାଚଳପ୍ରଦେଶ, ରାଜସ୍ଥାନ ଏବଂ ଦିଲ୍ଲୀରେ ଗତ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ବିଷ୍ଣୋଇ ବହୁ ଟାର୍ଗେଟେଡ୍ ଏବଂ ସମ୍ବେଦନଶୀଳ ହତ୍ୟା ମାମଲାରେ ସମ୍ପୃକ୍ତ ବିଷ୍ଣୋଇ ମୋଷ୍ଟ ୱାଣ୍ଟେଡ୍ ଥିଲେ। ୨୦୧୪ରେ ରାଜସ୍ଥାନ ପୋଲିସର ଏନ୍‌କାଉଣ୍ଟ ବେଳେ ବିଷ୍ଣୋଇଙ୍କୁ ଗିରଫ କରାଯାଇଥିଲା। ଗତବର୍ଷ ତାଙ୍କୁ ଦିଲ୍ଲୀର ତିହାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ଗତ ମେ' ୨୯ରେ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲା ହତ୍ୟା ମାମଲାରେ ତାଙ୍କୁ ପଞ୍ଜାବ ଜେଲକୁ ନିଆଯାଇଥିଲା।



ଇଣ୍ଡୋନେସିଆର ବାଲିସ୍ଥିତ କୁଟା ଉପକୂଳରେ ଗୁରୁବାର ଜଣେ ବ୍ୟକ୍ତି ପ୍ଲାଷ୍ଟିକ୍ ଆବର୍ଜନା ସଫା କରୁଛନ୍ତି। ଏହି ଦ୍ୱୀପର ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଭୁଶୁଡ଼ିଯାଇଥିବାରୁ ବର୍ଷା ଋତୁରେ ଆବର୍ଜନା ସମୁଦ୍ର ଜଳରେ ମିଶୁଛି।

# ମାଲେସିଆରେ ଅନୱର ସରକାର

**ମାଲେସିଆର ୭୫ ବର୍ଷୀୟ ବିରୋଧୀ ନେତା ଅନୱର ଇବ୍ରାହିମ୍ ଗୁରୁବାର ନୂଆ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ପୁରୁଷଙ୍କ ସହ ଅପ୍ରାକୃତିକ ଯୌନକ୍ରିୟା ଅଭିଯୋଗରେ ତାଙ୍କୁ ଜେଲ ଦଣ୍ଡାଦେଶ ହୋଇଥିଲା। ନିଜ ୩ ଦଶନ୍ଧିର ରାଜନୈତିକ କ୍ୟାରିୟର ମଧ୍ୟରୁ ପ୍ରାୟ ୧୦ ବର୍ଷ ଜେଲରେ ବନ୍ଦୀ ଜୀବନ ବିତାଇଥିବା ଅନୱରଙ୍କ ସମ୍ପର୍କରେ ଜାଣିବା ପାଇଁ ଉତ୍ସୁକତା ବଢ଼ିବାରେ ଲାଗିଛି।**

କୁଆଲାଲମ୍ପୁର,୨୪।୧୧

ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ମାଲେସିଆରେ ନଭେମ୍ବର ୧୯ରେ ପଞ୍ଚଦଶ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୨୨୨ ଆସନ ବିଶିଷ୍ଟ ପାର୍ଲାମେଣ୍ଟରେ ସରକାର ଗଠନ ପାଇଁ କୁହୁକ ସଂଖ୍ୟା ୧୧୨। ବିରୋଧୀ ଦଳ ନେତା ଅନୱର ଇବ୍ରାହିମ୍‌ଙ୍କ ପିପୁଲ୍ସ ଜଷ୍ଟିସ୍ ପାର୍ଟି ନେତୃତ୍ୱାଧୀନ ପକାତନ ହରପାନ୍ ମେଣ୍ଟକୁ ୮୨ ଆସନରେ ସଫଳତା ମିଳିଛି। ଏହି ମେଣ୍ଟ ପୂର୍ବାପେକ୍ଷା ୧୮ ଆସନରେ ପରାଜିତ ହୋଇଛି। ମାଲେସିଆନ୍ ୟୁନାଇଟେଡ୍ ପାର୍ଟି ନେତା ମୁହିୟିଦ୍ଦିନ ୟାସିନଙ୍କ ପେରିକାତନ ନାସିନୋଲ୍ ୭୩ ଆସନ ଦଖଲ କରିଛି, ଯାହାକି ପୂର୍ବ ତୁଳନାରେ ୪୧ ଅଧିକ। ସେହିପରି ଇସ୍‌ମାଇଲ୍ ସବ୍ରି ୟାକୋବ୍‌ଙ୍କ ୟୁନାଇଟେଡ୍ ମାଲୟସ୍ ନ୍ୟାଶନାଲ ଅର୍ଗାନାଇଜେଶନ ହାତରୁ ୨୮ ଆସନ ଖସିଯିବା ପରେ ଏହି ମେଣ୍ଟ ୩୦ ଆସନରେ ସୀମିତ ରହିଛି। ବହୁପ୍ରତୀକ୍ଷିତ ଫଳାଫଳରେ ଖଣ୍ଡିତ ଜନାଦେଶ ଆସିବା ପରେ ରାଜା ଅଲ୍-ସୁଲତାନ ଅବ୍‌ଦୁଲ୍ଲା ଆଇନପ୍ରଣେତାମାନଙ୍କ ସହ ଆଲୋଚନା କରି ଅନୱରଙ୍କୁ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ଫଳରେ ୫ ଦିନ ଧରି ଜାରି ରାଜନୈତିକ ଅଚଳାବସ୍ଥା ଦୂର ହୋଇଛି। ତେବେ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ପାଇଁ ଅନୱରଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ମୁହିୟିଦ୍ଦିନ ୟାସିନ ତାଙ୍କୁ ଚ୍ୟାଲେଞ୍ଜ ଦେଇଛନ୍ତି। ଆସ୍ଥାଭୋଟରେ ଅନୱର ପରାଜିତ ହେଲେ ନୂଆ ସଙ୍କଟ ସୃଷ୍ଟି ହୋଇପାରେ। ଏପରି ସ୍ଥିତି ଏଡ଼ାଇବାକୁ ହେଲେ ଅନୱରଙ୍କୁ ଅନ୍ୟ ମେଣ୍ଟଗୁଡ଼ିକର ଆଇନପ୍ରଣେତାମାନଙ୍କ ସହାୟତା ନେବାକୁ ପଡ଼ିବ। ଅନୱର ଏକ ଆହ୍ୱାନପୂର୍ଣ୍ଣ ସମୟରେ ଦେଶର ଶାସନ ଭାର ହାତକୁ ନେଇଛନ୍ତି। ଅର୍ଥନୀତିରେ ମନ୍ଥରତା ଦେଖାଦେଇଥିବାବେଳେ ଅନୱର ପ୍ରଧାନମନ୍ତ୍ରୀ ହେବା ପରେ ଦେଶର ଶେୟାର ମାର୍କେଟ କେଏଲ୍‌ଏସ୍‌ଇ ୩% ଉପରକୁ ଉଠିଛି। ପ୍ରଧାନମନ୍ତ୍ରୀ ଅନୱର କହିଛନ୍ତି, ସେ ଦୁର୍ନୀତି ବିରୋଧରେ ଲଢ଼େଇ କରିବେ ଏବଂ ଅର୍ଥନୀତି ଉପରେ ଫୋକସ୍ ଦେବେ। ଇସ୍‌ଲାମ୍‌କୁ ରାଷ୍ଟ୍ରୀୟ ଧର୍ମର ସ୍ୱୀକୃତି ଓ ମଳୟ ସମ୍ପ୍ରଦାୟକୁ ସ୍ୱତନ୍ତ୍ର ଅଧିକାର ପ୍ରଦାନ ଦିଗରେ ଉଦ୍ୟମ କରିବେ। ଜଣେ ଅଗ୍ନିବର୍ଷୀ ଇସ୍‌ଲାମୀୟ ଯୁବନେତା ଭାବେ ଉଭା ହୋଇ ପୂର୍ବତନ ପ୍ରଧାନମନ୍ତ୍ରୀ ମହାଥିର ମହମ୍ମଦଙ୍କ ୟୁନାଇଟେଡ୍ ମାଲୟସ୍ ନ୍ୟାଶନାଲ ଅର୍ଗାନାଇଜେଶନରେ ଯୋଗଦେଇଥିଲେ। ଅନୱର ମହାଥିରଙ୍କ ବିରୋଧରେ ଅନେକ ଲକ୍ଷ ମାଲେସୀୟ ବିକ୍ଷୋଭକାରୀଙ୍କ ନେତୃତ୍ୱ ନେଇଥିଲେ। ଏକଦା ରାଜନୈତିକ ମାର୍ଗଦର୍ଶକ ଥିବା ମହାଥିରଙ୍କ ସହ ଏଇଠୁ ଅନୱରଙ୍କ ଶତ୍ରୁତା ଆରମ୍ଭ ହୋଇଥିଲା।



ଅନୱର ଇବ୍ରାହିମ୍

**ସମଲିଙ୍ଗୀ ସମ୍ପର୍କ: ୧୦ ବର୍ଷ ଜେଲରେ ଥିଲେ**

ମାଲେସିଆର ମଙ୍ଗ ଧରିଥିବା ଅନୱର ଇବ୍ରାହିମ୍ ପୂର୍ବରୁ ଏକାଧିକ ଥର ପ୍ରଧାନମନ୍ତ୍ରୀ ହେଉ ହେଉ ରହିଯାଇଥିଲେ। ୧୯୯୦ ଦଶକରେ ସେ ଉପପ୍ରଧାନମନ୍ତ୍ରୀ ଥିଲେ। ମହାଥିର ଅନୱରଙ୍କୁ ନିଜ ବନ୍ଧୁ ଓ ରାଜନୈତିକ ଉତ୍ତରାଧିକାରୀ ବୋଲି କହିଆସୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଆପରାଧିକ ଅଭିଯୋଗ ଏବଂ ୧୯୯୮ରେ ଆର୍ଥିକ ସଙ୍କଟର ସମାଧାନ କ୍ଷେତ୍ରରେ ଦୁହିଁଙ୍କ ମଧ୍ୟରେ ମତଭେଦ ହେବାରୁ ମହାଥିର କହିଥିଲେ, ଅନୱର ତାଙ୍କ ଚରିତ୍ର କାରଣରୁ ଦେଶର ନେତୃତ୍ୱ ନେଇପାରିବେ ନାହିଁ। କାରଣ ଦୁର୍ନୀତିରେ ସମ୍ପୃକ୍ତି ଓ ପୁରୁଷଙ୍କ ସହ ଅପ୍ରାକୃତିକ ଯୌନ ସମ୍ବନ୍ଧ ଅଭିଯୋଗରେ ଅନୱରଙ୍କୁ ପ୍ରାୟ ୧ ଦଶନ୍ଧି ଧରି ଜେଲଦଣ୍ଡ ଭୋଗିବାକୁ ପଡ଼ିଥିଲା। ତେବେ ତାଙ୍କ କ୍ୟାରିୟର ନଷ୍ଟ କରିବା ପାଇଁ ଏହି ଅଭିଯୋଗ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଥିଲା ବୋଲି ଅନୱର କହିଆସିଛନ୍ତି।

**ପିଓକେ ମନ୍ତବ୍ୟ**

## କ୍ଷମା ମାଗିଲେ ରିଚା

ମୁମ୍ବାଇ,୨୪।୧୧

ଆର୍ମି କମାଣ୍ଡର ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ପିଓକେ ମନ୍ତବ୍ୟକୁ ନେଇ ବଲିଉଡ୍ ଅଭିନେତ୍ରୀ ରିଚା ଚଢ଼ା କରିଥିବା ଟୁଇଟ୍ ପାଇଁ ଗୁରୁବାର କ୍ଷମା ମାଗିଛନ୍ତି। ସେ ଲେଖିଛନ୍ତି, ତାଙ୍କ ସୋସିଆଲ ମିଡିଆ ପୋଷ୍ଟ ଯଦି କାହାକୁ ଆଘାତ ଦେଇଥିବ, ସେଥିପାଇଁ ସେ ଦୁଃଖିତ। ତାଙ୍କ ଜେଜେବାପା ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ଥିବାବେଳେ ତାଙ୍କ ଭାଇ ସେନାରେ କାର୍ଯ୍ୟରତ। ଯେତେବେଳେ ଦେଶକୁ ସୁରକ୍ଷା ଦେବାବେଳେ ଜଣେ ଯବାନ ଶହୀଦ ହୋଇଯାନ୍ତି, ସେତେବେଳେ ତାଙ୍କ ପରିବାରକୁ ହେଉଥିବା କଷ୍ଟ ବିଷୟରେ ସେ ଅବଗତ।

ପାକ୍ ଅଧିକୃତ କଶ୍ମୀର (ପିଓକେ)କୁ ପାକିସ୍ତାନ କବଳରୁ ଛଡ଼ାଇ ଆଣିବା ପାଇଁ ଭାରତୀୟ ସେନା ପ୍ରସ୍ତୁତ। ସରକାରଙ୍କ ନିର୍ଦ୍ଦେଶ ପାଇବାମାତ୍ରକେ ସେନା ଏ ଦିଗରେ କାର୍ଯ୍ୟ ଆରମ୍ଭ କରିଦେବ ବୋଲି କିଛିଦିନ ପୂର୍ବେ ଉତ୍ତର ଆର୍ମି କମାଣ୍ଡର ଦ୍ୱିବେଦୀ ନିଜର ଏକ ମନ୍ତବ୍ୟ ଦେଇଥିଲେ। ଏଥିସହ ଗଲୱାନ ଘାଟିରେ ଭାରତୀୟ ଯବାନ ଓ ଚାଇନା ସେନା ମଧ୍ୟରେ ହୋଇଥିବା ସଂଘର୍ଷକୁ ମଧ୍ୟ ସେ ଦୋହରାଇଥିଲେ। ତେବେ କମାଣ୍ଡରଙ୍କର ଏହି ମନ୍ତବ୍ୟ ସୋସିଆଲ ମିଡିଆରେ ବହୁଳ ପ୍ରସାର ହୋଇଥିବାବେଳେ ରିଚା ମଧ୍ୟ ଏହାକୁ ରିଟୁଇଟ୍ କରିଥିଲେ। କ୍ୟାପ୍‌ସନ୍‌ରେ ସେ ଲେଖିଥିଲେ, 'ଗଲୱାନ ସେ ହାଏ'। ଭାଜପା ଏକ ଭିଡିଓ ଜାରି କରି ରିଚାଙ୍କ ଟୁଇଟ୍‌କୁ ନିନ୍ଦା କରିଥିଲା। ଏ ପ୍ରକାର ପୋଷ୍ଟ ଦେଖି ଦୁଃଖ ଲାଗୁଛି। ଯବାନମାନଙ୍କ ପାଇଁ ଆମେ ସୁରକ୍ଷିତ ବୋଲି ବଲିଉଡ୍ ଅଭିନେତା ଅକ୍ଷୟ କୁମାର ରିଚାଙ୍କ ପୋଷ୍ଟକୁ ରିଶେୟାର କରି କହିଛନ୍ତି।



## ଆସିମ ମୁନିର ପାକିସ୍ତାନ ସେନା ମୁଖ୍ୟ

ଇସ୍‌ଲାମାବାଦ,୨୪।୧୧

ପାକିସ୍ତାନର ପୂର୍ବତନ ସ୍ପାଏ ମାଷ୍ଟର ତଥା ବରିଷ୍ଠତମ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଆସିମ ମୁନିର ନୂଆ ସେନା ମୁଖ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ନଭେମ୍ବର ୨୯ରେ ଅବସର ନେବାକୁଥିବା ବିଦାୟୀ ସେନାମୁଖ୍ୟ ଜେନେରାଲ କମାର ଜାଭେଦ ବାଜ୍‌ୱାଙ୍କ ସ୍ଥାନରେ ମୁନିରଙ୍କୁ ଅବସ୍ଥାପିତ କରାଯିବ।

୧୯୪୭ରେ ପାକିସ୍ତାନ ସ୍ୱାଧୀନ ହେବା ପରଠାରୁ ଦେଶରେ ସେନା ସବୁଠୁ ଶକ୍ତିଶାଳୀ ସାବ୍ୟସ୍ତ ହୋଇଛି। ୭୫ ବର୍ଷର ଇତିହାସରେ ସେନା ୩ ଦଶନ୍ଧି ଧରି ସାମରିକ ଶାସନ ଜାରି କରିଛି। ୨୦୧୬ ନଭେମ୍ବରରେ ବାଜ୍‌ୱା ୬ ଲକ୍ଷ ସୈନ୍ୟ ବିଶିଷ୍ଟ ପାକିସ୍ତାନୀ ସେନାର ଦାୟିତ୍ୱ ନେଇଥିଲେ। ବାଜ୍‌ୱାଙ୍କ ୩ ବର୍ଷିଆ କାର୍ଯ୍ୟକାଳ ୨୦୧୯ରେ ଶେଷ ହେବା ପରେ ତତ୍କାଳୀନ ଇମ୍ରାନ୍ ଖାନ୍ ସରକାର ତାଙ୍କ ଅବଧି ଆଉ ୩ ବର୍ଷ ବଢ଼ାଇଥିଲେ। ଇତିମଧ୍ୟରେ ୬୧ ବର୍ଷୀୟ ବାଜ୍‌ୱା ଓ ତାଙ୍କ ପରିବାର ବିପୁଳ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ମୁନିର ପୂର୍ବରୁ ସବୁଠୁ ଶକ୍ତିଶାଳୀ ୨ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ଏବଂ ମିଲିଟାରି ଇଣ୍ଟେଲିଜେନ୍ସ (ଏମ୍‌ଆଇ) ମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି। ତେବେ ଆଇଏସ୍‌ଆଇ ମୁଖ୍ୟ ଭାବେ ମୁନିରଙ୍କ କାର୍ଯ୍ୟକାଳ ସବୁଠୁ ସଂକ୍ଷିପ୍ତ ଥିଲା। ୨୦୧୯ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ମୁନିଙ୍କ ସ୍ଥାନରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଫୈଜ୍ ହମିଦଙ୍କୁ ଆଇଏସ୍‌ଆଇ ମୁଖ୍ୟ ନିଯୁକ୍ତ କରିଥିଲେ। ଏବେ ନୂଆ ସେନା ମୁଖ୍ୟଙ୍କ ସମେତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଶାହିର ଶମ୍‌ଶାଦ୍ ମିର୍ଜାଙ୍କୁ ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍ କମିଟି ମୁଖ୍ୟ ରୂପେ ନିଯୁକ୍ତି ଦିଆଯାଇଛି। ଦୁଇ ଅଫିସରଙ୍କୁ ୪-ଷ୍ଟାର ଜେନେରାଲ ଭାବେ ପଦୋନ୍ନତି ମିଳିଛି।



ଆସିମ ମୁନିର

# ନମାଜ ପାଇଁ ଆସ, ଡେଟିଂ ମନା

ନୂଆଦିଲ୍ଲୀ,୨୪।୧୧

- ଜାମା ମସ୍‌ଜିଦକୁ ଏକୁଟିଆ ଆସିପାରିବେନି ମହିଳା
- ଏଲ୍‌ଜି-ବୁଖାରୀ ଆଲୋଚନା ପରେ ବଦଳିଲା ନିଷ୍ପତ୍ତି

ଜାମା ମସ୍‌ଜିଦ ଉପାସନାର ସ୍ଥାନ ଏବଂ ଏଥିପାଇଁ ଲୋକଙ୍କୁ ସ୍ୱାଗତ କରାଯାଉଛି। କିନ୍ତୁ ଯୁବତୀ/ମହିଳା ଏକୁଟିଆ ଆସି ଡେଟିଂ ପାଇଁ ଅପେକ୍ଷା କରିବାର ସ୍ଥାନ ଏହା ନୁହେଁ ବୋଲି ଶାହି ଇମାମ ସୟେଦ ଅହମଦ ବୁଖାରି କହିବା ସହ ଜାମା ମସ୍‌ଜିଦ୍‌କୁ ଏକାକିନୀ ମହିଳାଙ୍କ ଆଗମନ ଉପରେ କଟକଣା ଲଗାଇଥିଲେ। ଏକାକୀ କିମ୍ବା ଗ୍ରୁପ୍‌ରେ ଆସୁଥିବା ମହିଳାଙ୍କ ପ୍ରବେଶ ନିଷେଧ ନେଇ ମସ୍‌ଜିଦ ମୁଖ୍ୟ ଫାଟକ ବାହାରେ ନୋଟିସ୍ ଲଗାଯାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ପରେ ନମାଜ ପାଠ ପାଇଁ ଆସୁଥିବା ମହିଳାଙ୍କ କ୍ଷେତ୍ରରେ ଏହା ଲାଗୁ ହେବନାହିଁ ବୋଲି ଇମାମ କହିଥିଲେ। ଦିଲ୍ଲୀ ଉପରାଜ୍ୟପାଳ ଏହି ପ୍ରସଙ୍ଗରେ ଭି.କେ. ସାକ୍ସେନା ଶାହି ଇମାମ ବୁଖାରିଙ୍କ ସହ ଆଲୋଚନା କରି ନିର୍ଦ୍ଦେଶର ପୁନର୍ବିଚାର କରିବା ଲାଗି ଅନୁରୋଧ କରିଥିଲେ। ନିର୍ଦ୍ଦେଶନାମା ରଦ୍ଦ କରିବାକୁ ଇମାମ ରାଜି ହୋଇଛନ୍ତି। ମସ୍‌ଜିଦକୁ ଆସୁଥିବା ଲୋକେ ଏହାର ପବିତ୍ରତାକୁ ସମ୍ମାନ ଦିଅନ୍ତୁ ଓ ମର୍ଯ୍ୟାଦା ରକ୍ଷା କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି।

ମସ୍‌ଜିଦକୁ ଝିଅମାନେ ଡେଟିଂରେ ଆସୁଥିବା କେତେକ ରିପୋର୍ଟ ମିଳିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ପୂର୍ବରୁ ବୁଖାରି କହିଥିଲେ। ତେବେ ଏହା ମହିଳା ଅଧିକାରର ଉଲ୍ଲଂଘନ ବୋଲି ଦିଲ୍ଲୀ ମହିଳା କମିଶନ ଅଧ୍ୟକ୍ଷା ସ୍ୱାତୀ ମାଲିୱାଲ କହିବା ସହ ମସ୍‌ଜିଦ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରିଥିଲେ। ଜାମା ମସ୍‌ଜିଦରେ ମହିଳାଙ୍କ ପ୍ରବେଶକୁ ବାରଣ ଅସାମ୍ବିଧାନିକ ଓ ମହିଳା ବିରୋଧୀ ବୋଲି ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ କୁହାଯାଇଥିଲା। ଜାମା ମସ୍‌ଜିଦରେ ମହିଳାଙ୍କ ପ୍ରବେଶକୁ ବାରଣ କରି ମୁଖ୍ୟ ଫାଟକରେ ନୋଟିସ୍ ଲଗାଯିବାକୁ ମହିଳା ଅଧିକାର କର୍ମୀମାନେ ଦୁଃଖଦାୟକ ଓ ଗ୍ରହଣୀୟ ନୁହେଁ ବୋଲି କହିଥିବାବେଳେ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଏହାକୁ ନିଜଆଡ୍ରୁ ବିଚାର ପାଇଁ ଗ୍ରହଣ କରିଥିଲା।



# ଆଇଆଇଟିଏଫ୍‌ରେ ଓଡ଼ିଶା ଦିବସ

ନୂଆଦିଲ୍ଲୀ,୨୪।୧୧

ନୂଆଦିଲ୍ଲୀରେ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା (ଆଇଆଇଟିଏଫ୍)ର ୪୧ତମ ସଂସ୍କରଣ ଅବସରରେ ଗୁରୁବାର ଓଡ଼ିଶା ଦିବସ ଉତ୍ସାହ ଉଦ୍ଦୀପନା ସହ ପାଳିତ ହୋଇଯାଇଛି। ଓଡ଼ିଶାର ଗ୍ରାମାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଉତ୍ସବର ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଓଡ଼ିଶୀ, ଡାଲଖାଇ ସମେତ ଆଧୁନିକ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ ହୋଇଥିଲା ଯେଉଁଥିରେ ଶତାଧିକ ଲୋକ ସାମିଲ ହୋଇଥିଲେ। ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଆଇଆଇଟିଏଫ୍‌ରେ ଓଡ଼ିଶା ପକ୍ଷରୁ ଗ୍ରାମାଞ୍ଚଳର ମହିଳା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ 'ଭୋକାଲ ଫର୍ ଲୋକାଲ, ଲୋକାଲ ଟୁ ଗ୍ଲୋବାଲ' ଶୀର୍ଷକରେ ପ୍ରଦର୍ଶିତ ହୋଇଥିଲା। ବାଣିଜ୍ୟ ମେଳାରେ ଓଡ଼ିଶାର ୨୪ଟି ଷ୍ଟଲ ଲାଗିଥିବାବେଳେ ପାଭିଲିୟନରେ 'ମେକ୍ ଇନ୍ ଓଡ଼ିଶା', 'ପୁରୁଷ ହକି ୱାର୍ଲ୍ଡକପ୍' ଏବଂ 'ମାଣ୍ଡିଆ ମିଶନ' ପ୍ରଦର୍ଶିତ ହୋଇଥିଲା।



ବାଣିଜ୍ୟ ମେଳାରେ ନୃତ୍ୟ ପରିବେଷଣ କରୁଛନ୍ତି ଓଡ଼ିଆ କଳାକାର।

# ନୂଆ ସାମ୍ବିଧାନିକ ପୀଠରେ ଶୁଣାଣି ହେବ

**ବହୁବିବାହ, ନିକା ହଲାଲକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ**

ନୂଆଦିଲ୍ଲୀ,୨୪।୧୧(ପି.ଟି.)

ମୁସଲମାନଙ୍କ ମଧ୍ୟରେ ବହୁବିବାହ ଏବଂ 'ନିକା ହଲାଲ' ପ୍ରଥାର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଏହାର ଶୁଣାଣି ପାଇଁ ୫ ଜଣିଆ ସାମ୍ବିଧାନିକ ପୀଠ ଗଢ଼ାହେବ ବୋଲି ଗୁରୁବାର ସର୍ବୋଚ୍ଚ ଅଦାଲତ କହିଛନ୍ତି। ବରିଷ୍ଠ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଏହି ପ୍ରସଙ୍ଗରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ପୂର୍ବ ସାମ୍ବିଧାନିକ ପୀଠର ଦୁଇଜଣ ବିଚାରପତି ଜଷ୍ଟିସ୍ ଇନ୍ଦିରା ବାନାର୍ଜୀ ଏବଂ ହେମନ୍ତ ଗୁପ୍ତା ଅବସର ନେଇଥିବାରୁ ସାନି ୫ ଜଣିଆ ଖଣ୍ଡପୀଠ ଗଠନ କରିବାକୁ ପଡ଼ିବ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ଗତ ଅଗଷ୍ଟ ୩୦ରେ ଜଷ୍ଟିସ୍ ଇନ୍ଦିରା ବାନାର୍ଜୀ, ହେମନ୍ତ ଗୁପ୍ତା, ସୂର୍ଯ୍ୟ କାନ୍ତ, ଏମ୍.ଏମ୍. ସୁନ୍ଦ୍ରେଶ ଏବଂ ସୁଧାଂଶୁ ଧୂଲିଆଙ୍କୁ ନେଇ ୫ ଜଣିଆ ପୀଠ ଗଠନ କରାଯାଇଥିଲା। ଉପରୋକ୍ତ ପିଆଇଏଲ୍‌ର ଶୁଣାଣି ବେଳେ ଏହି ପୀଠ ଜାତୀୟ ମାନବାଧିକାର ଆୟୋଗ, ଜାତୀୟ ମହିଳା କମିଶନ ଏବଂ ଜାତୀୟ ସଂଖ୍ୟାଲଘୁ କମିଶନ ପକ୍ଷଙ୍କୁ ଜବାବ ମାଗିଥିଲେ। ଜଷ୍ଟିସ ବାନାର୍ଜୀ ଏବଂ ଜଷ୍ଟିସ୍ ଗୁପ୍ତା ଯଥାକ୍ରମେ ସେପ୍ଟେମ୍ବର ୨୩ ଏବଂ ଅକ୍ଟୋବର ୧୬ରେ ଅବସର ନେବା ପରେ ସାନି ସାମ୍ବିଧାନିକ ପୀଠ ଗଠନ ଆବଶ୍ୟକ ବୋଲି ସିଜେଆଇ କହିଛନ୍ତି।

**ଅରୁଣ ଗୋଏଲଙ୍କୁ 'ବିଜୁଳି ବେଗ'ରେ ଇସି ନିଯୁକ୍ତି**

# ଫାଇଲ ଦେଖିଲେ ପୀଠ, ରାୟ ସଂରକ୍ଷିତ

ନୂଆଦିଲ୍ଲୀ,୨୪।୧୧

ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରୁ ସ୍ୱେଚ୍ଛାକୃତ ଅବସର (ଭିଆର୍‌ଏସ୍) ନେବା ମାତ୍ରେ ନିର୍ବାଚନ କମିଶନର (ଇସି) ଭାବେ ଅବସ୍ଥାପିତ ହୋଇଥିବା ପୂର୍ବତନ କେନ୍ଦ୍ର ସଚିବ ଅରୁଣ ଗୋଏଲଙ୍କ ନିଯୁକ୍ତିକୁ ନେଇ ସୁପ୍ରିମକୋର୍ଟରେ ଗୁରୁବାର ଦ୍ୱିତୀୟ ଦିନ ଶୁଣାଣି ହୋଇଛି। ଜଷ୍ଟିସ୍ କେ.ଏମ୍. ଜୋସେଫ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ବୁଧବାର ଗୋଏଲଙ୍କ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ଫାଇଲ କେନ୍ଦ୍ର ସରକାରଙ୍କୁ ମାଗିଥିଲେ। କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଟର୍ନି ଜେନେରାଲ ଆର୍. ଭେଙ୍କଟରମଣି ସବୁ ଦସ୍ତାବିଜ ଦାଖଲ କରିବା ସହ ନିଯୁକ୍ତି ପ୍ରସଙ୍ଗରେ ଅନୁଧ୍ୟାନ କରାଯିବ ବୋଲି ଅଦାଲତଙ୍କୁ ଅବଗତ କରାଇଛନ୍ତି।

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ଇସିମାନଙ୍କ ନିଯୁକ୍ତି ପାଇଁ କଲେଜିୟମ୍ ଭଳି ବ୍ୟବସ୍ଥା ଆପଣାଯିବା ସକାଶେ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଖଲ ହୋଇଛି। ଏହାର ରାୟକୁ ପୀଠ ସଂରକ୍ଷିତ ରଖିବା ସହ ପକ୍ଷମାନଙ୍କୁ ୫ ଦିନ ମଧ୍ୟରେ ଲିଖିତ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଅଜୟ ରସ୍ତୋଗି, ଅନିରୁଦ୍ଧ ବୋଷ, ହୃଷୀକେଶ ରୟ ଏବଂ ସି.ଟି. ଟ୍ୟାଗୀଙ୍କୁ ନେଇ ଗଠିତ ପୀଠ କେନ୍ଦ୍ର ପକ୍ଷରୁ ଦାଖଲ ଫାଇଲ ଦେଖିବା ପରେ କହିଥିଲେ, ଗୋଏଲଙ୍କ ନିଯୁକ୍ତିର ବିଶ୍ୱସନୀୟତା ଉପରେ ନୁହେଁ, ବରଂ ଏହି ପ୍ରକ୍ରିୟାକୁ ନେଇ ଆମେ ପ୍ରଶ୍ନ କରୁଛୁ। ଏହା କିପରି ମୂଲ୍ୟାଙ୍କନ? ଗୋଏଲଙ୍କୁ ବିଜୁଳି ବେଗରେ ନୂଆ ଇସି ଭାବେ ନିଯୁକ୍ତ କରାଯାଇଛି। ତାଙ୍କ ଫାଇଲ ବିଭାଗଗୁଡ଼ିକରେ ୨୪ ଘଣ୍ଟା ବି ରହିନାହିଁ। ନିଯୁକ୍ତି ସମ୍ପର୍କିତ ସମ୍ପୂର୍ଣ୍ଣ ପ୍ରକ୍ରିୟା ଅନୁଧ୍ୟାନ ନ କରି କୌଣସି ଟିପ୍ପଣୀ ନ ଦେବାକୁ ଭେଙ୍କଟରମଣି ସାମ୍ବିଧାନିକ ପୀଠଙ୍କୁ ଅନୁରୋଧ କରିଥିଲେ। ଶୁଣାଣି ବେଳେ ଆଟର୍ନି ଜେନେରାଲଙ୍କ ଯୁକ୍ତି ଚାଲିଥିବା ସମୟରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ନିଜ ବକ୍ତବ୍ୟ ରଖିବାକୁ ଉଦ୍ୟମ କରିଥିଲେ। ଭେଙ୍କଟରମଣି ତାଙ୍କୁ କିଛି ସମୟ ପାଇଁ ନିଜ ମୁହଁ ବନ୍ଦ ରଖିବାକୁ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଆଗରେ ୪ ଜଣଙ୍କ ନାମ ରଖାଯାଇଥିବାବେଳେ ୧୯୮୫ ବ୍ୟାଚ୍ ଆଇଏଏସ୍ ଅଫିସର ଗୋଏଲ ଭିଆର୍‌ଏସ୍ ନେବାର ଦିନକ ଭିତରେ ତାଙ୍କ ନୂଆ ନିଯୁକ୍ତି ପାଇଁ ଫାଇଲକୁ ଆଇନ ମନ୍ତ୍ରଣାଳୟ ମଞ୍ଜୁରୀ ଦେଇଛି। ୬ ବର୍ଷ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିବା ଭଳି ଅନ୍ୟ ଆଶାୟୀମାନଙ୍କ ନାମକୁ ବିଚାରକୁ ନିଆଯାଇନାହିଁ ବୋଲି ପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଗୋଏଲଙ୍କୁ ଗତ ୧୯ରେ ଇସି ନିଯୁକ୍ତ କରାଯାଇଛି। ସେ ଆସନ୍ତା ଡିସେମ୍ବର ୩୧ରେ ୬୦ ବର୍ଷରେ ପଦାର୍ପଣ ସହ ଭାରି ଶିଳ୍ପ ମନ୍ତ୍ରଣାଳୟ ସଚିବ ପଦରୁ ଅବସର ନେଇଥାଆନ୍ତେ। ବର୍ତ୍ତମାନର ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ୨୦୨୫ରେ ଅବସର ନେବା ପରେ ଗୋଏଲ ସିଇସି ହୋଇପାରନ୍ତି। ପୂର୍ବତନ ସିଇସି ସୁଶୀଲ ଚନ୍ଦ୍ର ଗତ ମେ'ରେ ଅବସର ନେବା ପରେ ଗୋଟିଏ ଇସି ପଦ ଖାଲିପଡ଼ିଥିଲା।



ଅରୁଣ ଗୋଏଲ

## ମହେନ୍ଦ୍ର ବଡ଼େଇ ବିଜେଡି ମୁଖପାତ୍ର ନିଯୁକ୍ତ

ଭୁବନେଶ୍ୱର,(ବ୍ୟୁରୋ): ନିକଟରେ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ମହେନ୍ଦ୍ର ବଡେଇ ବିଜେଡିରେ ଯୋଗଦେଇଥିଲେ। ପଦ୍ମପୁର ଉପନିର୍ବାଚନରେ ପ୍ରଚାର ଦାୟିତ୍ୱ ତୁଲାଉଥିବା ବଡ଼େଇଙ୍କୁ ଗୁରୁବାର ବିଜେଡି ମୁଖପାତ୍ର ଭାବେ ନିଯୁକ୍ତି ମିଳିଛି। ଦଳରେ ନୂଆ ଦାୟିତ୍ୱ ଦେଇ ତାଙ୍କୁ ସନ୍ତୁଷ୍ଟ ରଖିବାକୁ ଚେଷ୍ଟା କରାଯାଇଥିବା ଚର୍ଚ୍ଚା ହେଉଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଦଳର ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଥିବା ବସାଧାରଣ ସମ୍ପାଦକ ମାନସ ରଞ୍ଜନ ମଙ୍ଗରାଜ ସୂଚନା ଦେଇଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁଡୁ
ପରିବାରବର୍ଗ


ସୋନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## କନୌଜରୁ ନିର୍ବାଚନ ଲଢ଼ିବେ ଅଖିଳେଶ

କନୌଜ,୨୪।୧୧(ପି.ଟି.)


ଅଖିଳେଶ ଯାଦବ

ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଆଗାମୀ ୨୦୨୪ ଲୋକ ସଭା ନିର୍ବାଚନ ଉତ୍ତରପ୍ରଦେଶର କନୌଜ ଆସନରୁ ଲଢ଼ିବେ ବୋଲି ଗୁରୁବାର ସୂଚନା ଦେଇଛନ୍ତି। ଏହି ଆସନରୁ ସେ ପ୍ରଥମେ ଏମ୍ପି ନିର୍ବାଚିତ ହୋଇଥିଲେ। ତେବେ ଠିକ୍ ସମୟରେ ଦଳ ନିଷ୍ପତ୍ତି ନେବ ବୋଲି ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି। ଦଳୀୟ ନେତା ସୁନିଲ କୁମାର ଗୁପ୍ତା ଓରଫ ମୁନ୍ନା ଭୈୟାଙ୍କ ଦ୍ୱାରା ଆୟୋଜିତ ଏକ ଘରୋଇ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଅଖିଳେଶ କନୌଜ ଆସିଥିଲେ। ଡିମ୍ପଲ ଯାଦବ ପୂର୍ବରୁ କନୌଜରୁ ନିର୍ବାଚନ ଜିତିଥିଲେ। ତାଙ୍କୁ ଡିସେମ୍ବର ୫ ଉପନିର୍ବାଚନ ଲାଗି ମୈନପୁରୀ ଆସନରୁ କାହିଁକି ପ୍ରାର୍ଥୀ କରାଗଲା ବୋଲି ପ୍ରଶ୍ନର ଉତ୍ତରରେ ଅଖିଳେଶ କହିଥିଲେ ୨୦୨୪ରେ ପୁଣିଥରେ ନିର୍ବାଚନ ହେବ। ସୂଚନାଯୋଗ୍ୟ, ଗତ ଲୋକ ସଭା ନିର୍ବାଚନରେ ଅଖିଳେଶ ଆଜମଗଡ଼ରୁ ଜିତିଥିଲେ। ତେବେ ରାଜ୍ୟ ରାଜନୀତିରେ ସକ୍ରିୟ ରହିବା ଲାଗି ଉକ୍ତ ଆସନରୁ ଇସ୍ତଫା ଦେଇ କର୍‌ହଲରୁ ବିଧାନସଭା ନିର୍ବାଚନ ଲଢ଼ିଥିଲେ।


ଭାରତଯୋଡ଼ୋ ଯାତ୍ରା ଅବସରରେ ଗୁରୁବାର ମଧ୍ୟପ୍ରଦେଶର ଖଣ୍ଡୱାଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ସଚିନ ପାଇଲଟ।

## ବିଜେଡି କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ
# ଅଭିଯୁକ୍ତଙ୍କୁ ଗିରଫ ଦାବି

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)

ରାଜନୈତିକ ଆକ୍ରୋଶ ରଖି ବିଜେଡି କର୍ମୀ ସଞ୍ଜୁ ବରିହାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଭାଜପା କର୍ମୀଙ୍କୁ ତୁରନ୍ତ ଗିରଫ ପାଇଁ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ଦାବି କରିଛନ୍ତି। ଶ୍ରୀମୟୀ କହିଛନ୍ତି, ବୁଧବାର ପଦ୍ମପୁର ବ୍ଲକର ଦହିଗାଁ ପଞ୍ଚାୟତ ଅନ୍ତର୍ଗତ ବୁବୁଦା ଗ୍ରାମରେ ଭାଜପା କର୍ମୀ ରିଙ୍କୁ ମେହେର ଓ ତାଙ୍କ ସହଯୋଗୀଙ୍କ ମରଣାନ୍ତକ ଆକ୍ରମଣରେ ସଞ୍ଜୁ ବରିହା ନାମକ ଜଣେ ବିଜେଡି କର୍ମୀ ଗୁରୁତର ଭାବେ ଆହତ ହୋଇଛନ୍ତି। ବରିହାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି ଏବଂ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବର୍ତ୍ତମାନ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)କୁ ସ୍ଥାନାନ୍ତର କରାଯାଇଛି। ସଞ୍ଜୁ ବରିହାଙ୍କ ଉପରେ ହୋଇଥିବା ଏହି ଆକ୍ରମଣ ସମ୍ପର୍କରେ ବିଜେଡି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ସହିତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ଶ୍ରୀମୟୀ କହିଛନ୍ତି।


CLASSIFIED DISPLAY
ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ନ୍ୟାଶନାଲ ଫାଇନାନ୍ସ**
ଭାରତର ନଂ.୧ ବିଶ୍ୱସନୀୟ କମ୍ପାନୀ ନ୍ୟାଶନାଲ ଫାଇନାନ୍ସ ସବୁ ସରକାରୀ ଯୋଜନା ଅଧୀନରେ ପର୍ସନାଲ, ଆଧାର କାର୍ଡ। ସମସ୍ତ ଋଣ 2% ସୁଧ, 40% ଛାଡ଼ (ମହିଳାଙ୍କ ପାଇଁ ବିଶେଷ ରିହାତି)
ଏଜେଣ୍ଟ ଆମନ୍ତ୍ରିତ – 9807641532

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ: ଭାଜପା

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ): ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ବିଧାୟକ ନିଜ କ୍ଷମତାର ଅପବ୍ୟବହାର କରି କେଉଁଠି ନିଜ ପଦବୀ ତ ଆଉ କେଉଁଠି ସରକାରୀ କର୍ମଚାରୀଙ୍କ ଜରିଆରେ ପଦ୍ମପୁର ଉପନିର୍ବାଚନକୁ ପ୍ରଭାବିତ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏନେଇ ଭାଜପାର ଏକ ପ୍ରତିନିଧି ଦଳ ଗୁରୁବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛନ୍ତି। ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି, ଆଦର୍ଶ ଆଚରଣ ବିଧିକୁ ଖୋଲାଖୋଲି ଉଲ୍ଲଂଘନ କରି ଶାସକ ବିଜେଡି ସୁସ୍ଥ ଗଣତନ୍ତ୍ର ପ୍ରତି ବିପଦ ଆଣୁଛି। ପଦ୍ମପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଏବଂ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଗତ ୨୦ ତାରିଖରେ ଜିଆର୍‌ଏସ୍ ମାନଙ୍କ ବୈଠକ କରାଇ ଶାସକ ଦଳ ସପକ୍ଷରେ ପ୍ରଚାର ଏବଂ ଅନୈତିକ ଟଙ୍କା ବାଣ୍ଟିବାର ଦାୟିତ୍ୱ ଦେଇଥିଲେ। ଏ ସମ୍ପର୍କରେ ଭାଜପା ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ତଥ୍ୟ ଓ ପ୍ରମାଣ ସହ ଅଭିଯୋଗ କରାଯିବା ପରେ ୧୬ ଜଣ ଜିଆର୍‌ଏସ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମାତ୍ର ସେଠାରେ ଉପସ୍ଥିତ ଅନ୍ୟ ଜିଆର୍‌ଏସ୍ ଏବଂ ବାହାର ଜିଲାରୁ ଆସିଥିବା ଜିଆର୍‌ଏସ୍ ନେତାଙ୍କ ସମେତ ମନ୍ତ୍ରୀ ଢୋଲକିଆ ଏବଂ ବିଧାୟକ ପ୍ରଣବ ପ୍ରକାଶଙ୍କ ବିରୋଧରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେଣୁ ସେମାନଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ଦାବି କରିଛି।

## ଅନୁକମ୍ପା ପାଇଁ ଭାଜପା ପ୍ରାର୍ଥୀଙ୍କ ମିଥ୍ୟା ଆକ୍ରମଣ ନାଟକ: ବିଜେଡି

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ନିଜ ଉପରେ ଆକ୍ରମଣର ମିଥ୍ୟା ନାଟକ କରୁଛନ୍ତି। ଭଡ଼ାଟିଆ ଗୁଣ୍ଡାଙ୍କୁ ଆଣି ସେମାନଙ୍କୁ ବିଜେଡି କର୍ମୀ ଭାବେ ଦର୍ଶାଯାଉଥିବା ବିଜେଡି ଅଭିଯୋଗ କରିଛି। ଏହି ନାଟକ ଉପରେ କଡ଼ା ନଜର ରଖିବା ସହ ସର୍ଭେଲାନ୍ସ ବଢ଼ାଇବାକୁ ଶାସକ ଦଳ ପକ୍ଷରୁ ଦାବି କରାଯାଇଛି। ଏନେଇ ବିଜେଡିର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଛି। ଦଳର ଅଭିଯୋଗ ଅନୁସାରେ, ପଦ୍ମପୁରରେ ପରାଜୟ ଭୟରେ ଭାଜପା ଗୁଣ୍ଡାଗିରି ରାସ୍ତା ଆପଣାଉଛି। ଭାଜପା ପ୍ରାର୍ଥୀ ଅନୁକମ୍ପା ହାତେଇବାକୁ ମିଥ୍ୟା ଆକ୍ରମଣ ନାଟକ କରୁଛନ୍ତି ବୋଲି ବିଜେଡି କହିଛି।

## ଦେଶଦ୍ରୋହୀ ପାଇଲଟ ମୁଖ୍ୟମନ୍ତ୍ରୀ ହୋଇପାରିବେନି: ଗେହଲଟ

ନୂଆଦିଲ୍ଲୀ,୨୪।୧୧(ପି.ଟି.)

ବରିଷ୍ଠ କଂଗ୍ରେସ ନେତା ସଚିନ ପାଇଲଟ୍ ୨୦୨୦ରେ କଂଗ୍ରେସ ବିରୋଧରେ ବିଦ୍ରୋହ କରି ନିଜ ସରକାରକୁ ଭାଙ୍ଗିଦେବାକୁ ଉଦ୍ୟମ କରିଥିଲେ। ସେ ଦେଶଦ୍ରୋହୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ହୋଇପାରିବେ ନାହିଁ ବୋଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି। ରାଜସ୍ଥାନ ବିଧାନସଭା ନିର୍ବାଚନ ଆସନ୍ତା ବର୍ଷ ହେବାକୁ ଥିବାବେଳେ ଗେହଲଟଙ୍କ ଏଭଳି ମନ୍ତବ୍ୟ ରାଜସ୍ଥାନରେ କଂଗ୍ରେସ ଦଳରେ ଥିବା ଫାଟକୁ ଆହୁରି ପ୍ରସାରିତ କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ଭାରତ ଯୋଡ଼ୋ ଯାତ୍ରା ଆସନ୍ତା ମାସ ଆରମ୍ଭରେ ରାଜସ୍ଥାନରେ ପ୍ରବେଶ କରିବାକୁ ଥିବାବେଳେ ଏହି ରାଜ୍ୟରେ ଦଳ ଯୋଡ଼ିହେବା ପରିବର୍ତ୍ତେ ମତଭେଦ ବଢ଼ୁଥିବା ଦେଖାଦେଇଛି। ରାହୁଲ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ସଚିନ ପାଇଲଟ୍ ଗୁରୁବାର ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇଥିଲେ। ଗେହଲଟ୍‌ଙ୍କ ଭଳି ଜଣେ ପୁରୁଖା ନେତା ଏଭଳି ଶବ୍ଦ ବ୍ୟବହାର କରିବାକୁ ପାଇଲଟ୍ ନିନ୍ଦା କରିଛନ୍ତି। ଏଭଳି କାଦୁଅ ଫିଙ୍ଗା ଦଳକୁ ଶକ୍ତି ବୃଦ୍ଧିରେ ସାହାଯ୍ୟ କରିବ ନାହିଁ। କଂଗ୍ରେସ ସଂଗଠନକୁ ମଜଭୁତ କରି ରାଜସ୍ଥାନରେ ଏହି ଦଳକୁ ପୁନର୍ବାର କ୍ଷମତାକୁ ଆଣିବା ପ୍ରତ୍ୟେକଙ୍କର କର୍ତ୍ତବ୍ୟ ବୋଲି ପାଇଲଟ୍ କହିଛନ୍ତି।

ପାଇଲଟଙ୍କ ବିଦ୍ରୋହରେ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଅମିତ୍ ଶାହା ସମ୍ପୃକ୍ତ ଥିବା ଗେହଲଟ ଅଭିଯୋଗ କରିଛନ୍ତି। ପାଇଲଟଙ୍କ ଅନୁଗତ କଂଗ୍ରେସ ବିଧାୟକମାନେ ଗୁରୁଗ୍ରାମ ରିସର୍ଟରେ ମାସାଧିକ କାଳ ରହିଥିବାବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନେକ ଥର ସେଠାକୁ ଯାଇଥିଲେ। ପାଇଲଟ୍‌ଙ୍କ ସମେତ ଉକ୍ତ ବିଧାୟକମାନଙ୍କୁ ୧୦ କୋଟି ଲେଖାଏ ଟଙ୍କା ଦିଆଯାଇଥିଲା ବୋଲି ଗେହଲଟ୍ କହିଛନ୍ତି। ଆସନ୍ତା ବର୍ଷ ବିଧାନସଭା ନିର୍ବାଚନରେ ଦଳ ଉନ୍ନତ ପ୍ରଦର୍ଶନ କରିବ ନାହିଁ ବୋଲି ଯଦି ଶୀର୍ଷ ନେତୃତ୍ୱ ଅନୁଭବ କରନ୍ତି, ତେବେ ପାଇଲଟ୍‌ଙ୍କ ବ୍ୟତୀତ ୧୦୨ ବିଧାୟକଙ୍କ ମଧ୍ୟରୁ ଯେକେହି ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିପାରିବେ। ତେବେ ଦଳ ବିରୋଧରେ ବିଦ୍ରୋହ କରିଥିବା ଦେଶଦ୍ରୋହୀଙ୍କୁ ବିଧାୟକମାନେ କଦାପି ଗ୍ରହଣ କରିବେ ନାହିଁ ବୋଲି ଗେହଲଟ କହିଛନ୍ତି। ତେବେ ୨୦୨୦ରେ କଂଗ୍ରେସ ବିଦ୍ରୋହୀ ବିଧାୟକଙ୍କୁ ଭାଜପା ଟଙ୍କା ଦେଇଥିବା ଅଭିଯୋଗକୁ ରାଜସ୍ଥାନ ଭାଜପା ସଭାପତି ସତୀଶ ପୁନିଆ ଖଣ୍ଡନ କରିଛନ୍ତି।


# Classified Everyday
0674-2580101, 2549949



SALE

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

**NH side plot (gharabari, boundarywall). Nakhara to Niali road Cuttack. 8249851363.** D-74603

**Commercial cum residential plot at Brahmanjharilo Cuttack (Niali Road) 6km. to Phulanakhara 11km. to Bhubaneswar. 7809525452.** D-73996

Residential gharabari plot at Brahmanjharilo, Cuttack with boundarywall, electripole, inside Temple, on Bank Loan facilities near English Medium High School. 6 km. from Phulnakhara, 11km. from Bhubaneswar. 7809525452. D-74000

Luxurious 4BHK Duplex near Balianta Bazar. Land-1400 Construction- 2200- 85lakh. 9938219397, 9861022055. D-2056

House for Sale: Raipur-Chhattisgarh, Bhoipara, Jaykali Chowk, Hall, Bed Room, Bath Room, Kitchen, Parking, Portico, Govt. water supply, 500 sqft area. Rs.15, 00,000/- (Fifteen Lakh). Mob. 9300888798. D-2077

ଭୁବନେଶ୍ୱର ଜଟଣୀଗେଟ୍‌ଠାରୁ 1 K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ ( Sqft.-370/699) ରେ ମିଳୁଛି। 9658891108, 8114994259. D-2054

**Yellowzone gharabari plot for sale, 2000sqft. (15 Nos.) at Mouza- Sankarpur, Ghatikia in front of Tata Ariana, Vipul Garden backside, Bhubaneswar. Govt. road connected internal road-30ft. & road side plantation. Immediately possession then registration. Water & Electricity available. N.H.-5 to 1KM. per sqft.-2000/-. Contact: 8114744495, 8328943165.** D-2069

BDA approved Duplex project at Retang Medical, Station near CV Raman University, Tamando, Bhubaneswar @ 44,00,000/-, 7008459987. D-74153

Buy/ Sale. 5BHK Duplex Apollo Hospital-2.3cr, 4BHK Duplex Nandankanan-85Lakh, 3BHK Apartment Rasulgarh Square-89Lakh, 2BHK Simplex Nakhara- 39Lakh. 8984071303. D-2061

**Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658.** D-74145




Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74601

Newly open health benefits SPA Diwali Offer @ 999/- Jaidevbihar. 9439676695. D-73663

**Relax, Refresh your body, Mind at Saikrupa Spa with best therapies. 8984068077.** D-2048

Newly open SPA positively health benefits expert therapist, Jagamara. 7849011931. D-73664

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରୋ। ରଙ୍ଗୀନ ଟ୪୨୦/– ରୋ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Happy Birthday Wish**

Our lovely & nice daughter Ayesha Mohanty (Gudu). May your day be as radiant as your smile and as lovely as you happiest birthday with blessing you.
Best Wishes From: Papa, Mama, Chapoo, Palu and Relatives.
D-2058




Centrally located near new BMC Office 1 Bedroom Double Bedded fully furnished with AC and TV etc. Mob: 7789837712. D-2064

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**ଜନ୍ମଦିନ ଶୁଭେଚ୍ଛା**

କସ୍ତୁରୀ ପ୍ରିୟମ୍ବଦା ସାହୁ (ସୋନି)
ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ମୋର। ସବୁବେଳେ ତୋତେ ଖୁସିରେ–ଭଲରେ ଆଉ ନୀରୋଗ ରଖନ୍ତୁ। ତୋତେ ହୃଦୟରୁ ଜନ୍ମଦିନର ଶୁଭେଚ୍ଛା ଓ ଶୁଭକାମନା।
ଶୁଭେଚ୍ଛା ସହ: ମା, ବାପା, ରୀତା, ବାବୁନା, ପୁଅ, ବନ୍ଧୁ ଓ ପରିବାରବର୍ଗ।
ଧ-୭୩୮୯୭


**AFFIDAVIT**

By virtue of an affidavit sworn before the Executive Magistrate, Lakhanpur, I Binod Sharma, S/o. Rameswar Sharma, R/o. Gumadera, PO. Belpahar, Dist. Jharsugud a declare that in my Aadhaar card and Bank Passbook vide account No.32986821803 my name has been mentioned as Binod Sharma and in all educational certificate mentioned as Binod Kumar Sharma. That the names Binod Sharma and Binod Kumar Sharma are one and same person. D-2084

By an affidavit before the Executive Magistrate, Chilka that Radhamohan Paikaray is mentioned in his Aadhaar card and in his death certificate at present main road, Balugaon, Khordha and also his another name Sanatan Paikaray is mentioned in ROR, land in mouza Haripur, PS- Tangi, Khordha native place of Haripur. Both name Radhamohan Paikaray and Sanatan Paikaray are one and same person. This affidavit will be applicable for all purposes. D-2085


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**ଦ୍ୱାଦଶାହ ଉପଲକ୍ଷେ**

୰ଦାଶରଥି ବିଶ୍ୱାଳ
ସ୍ଥାନ: ଶଙ୍କରପୁର, (ନୂଆସାହି)
ଆବିର୍ଭାବ: ୨୬।୧୧।୧୯୩୮
ତିରୋଧାନ: ୧୪।୧୧।୨୦୨୨
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ, ଆତ୍ମୀୟସ୍ୱଜନ।
ଧ-୨୦୮୧

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**

ସ୍ୱର୍ଗତା ଉଷାକିରଣ ମହାନ୍ତି
ଆବିର୍ଭାବ: ୧୦।୦୮।୧୯୪୪
ତିରୋଧାନ: ୦୧।୧୨।୨୦୧୬
(ମାର୍ଗଶିର ଶୁକ୍ଳପକ୍ଷ ମାଣବସା ଗୁରୁବାର)
ମାଉସୀମା ଛକ, ଭୁବନେଶ୍ୱର
ବୋଉ, ଆଜି ତୋର ଷଷ୍ଠ ଶ୍ରାଦ୍ଧ ଦିବସରେ ଆମମାନଙ୍କର ପ୍ରଣାମ ଗ୍ରହଣ କରା ଏ ଘର, ତୋ ଠାକୁର ଘର ସବୁ ସମୟରେ ତୋତେ ଝୁରୁଛନ୍ତି। ପ୍ରତ୍ୟେକ ମୁହୂର୍ତ୍ତରେ ତୁ ଆମ ଭିତରେ ଜୀବିତ ଅଛୁ। ତୋର ଶାନ୍ତ ଓ ସରଳତା ମୁହଁ ଆମ ଭିତରେ ଆମମାନଙ୍କର ମନେ ପଡ଼ି ଆମମାନଙ୍କୁ ମର୍ମାହତ କରୁଛି। ପ୍ରଭୁ ଜଗନ୍ନାଥ ତୋର ଅମର ଆତ୍ମାର ସଦ୍‌ଗତି ଲାଭ କରନ୍ତୁ।
ତୋର ପୁଅ–ବୋହୂ, ଝିଅ–ଜ୍ୱାଇଁ, ଝିଅ ଓ ନାତୁଣୀମାନେ।
ଧ-୨୦୪୭

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**

୰ନେତ୍ରମଣି ପଣ୍ଡା
ଆବିର୍ଭାବ : ୨୬.୦୮.୧୯୫୧
ତିରୋଧାନ : ୧୬.୧୧.୨୦୨୨
'ବୋଉ' ବହୁତ ମନେ ପଡୁଛ
We Miss You
ଶୋକସନ୍ତପ୍ତ:
ସୋନୁ, ଲିଜା, ରିଆ, ସିଆ, ଆର୍ଯ୍ୟାହୀ, ତକ୍, ଆର୍ଣ୍ଣା, ବନ୍ଧୁ ଓ ପରିବାରବର୍ଗ
ଚକେଇସିହାଣୀ, ଭୁବନେଶ୍ୱର
ଧ-୨୦୮୩

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**

୰ଗୌରାଙ୍ଗ ଦେବ ଦାସ
(ଅବସରପ୍ରାପ୍ତ OFS ପ୍ରଶାସନିକ ଅଧିକାରୀ)
ସ୍ଥାନ: ବଳରାମପୁର ତଳ ସାହି
ଆବିର୍ଭାବ: ୨୧।୦୨।୧୯୫୮
ତିରୋଧାନ: ୧୫।୧୧।୨୦୨୨
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ନିବେଦନ କରୁଛୁ। ଯେଉଁଠି ଥା'ନ୍ତୁ ଭଲରେ ରୁହନ୍ତୁ ଏତିକି କାମନା।
ଶୋକସନ୍ତପ୍ତ: ପତ୍ନୀ: ସରୋଜିନୀ, ପୁତ୍ର: ରାଜେଶ, ରାକେଶ, କନ୍ୟା: ରାଜଶ୍ରୀ ଏବଂ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୨୦୮୨

**ପେଟିଏମ୍‌ର ୭୫% ଶେୟାର ହ୍ରାସ**

ନୂଆଦିଲ୍ଲୀ: ଗତ କିଛିଦିନ ହେବ କ୍ରମାଗତ ଭାବେ ପେଟିଏମ୍‌ର ଶେୟାର ମୂଲ୍ୟ ହ୍ରାସ ପାଇଚାଲିଛି। ଏପରିକି ପେଟିଏମ୍‌ର ମୂଲ୍ୟ ୭୫%ରୁ ଅଧିକ ହ୍ରାସ ପାଇଥିବା ଜଣାପଡ଼ିଛି। ବିଶେଷକରି ପେଟିଏମ୍‌ର ପ୍ୟାରେଣ୍ଟ କମ୍ପାନୀ ୱାନ୍‌୯୭ କମ୍ୟୁନିକେଶନ ଲିମିଟେଡ୍ ଗତ ବର୍ଷ ନଭେମ୍ବରରେ ଆଇପିଓ ଜାରି କରିଥିଲା। ଏପରିକି ଏହାକୁ ଦେଶରେ ସବୁଠୁ ବଡ଼ ଆଇପିଓ ମଧ କୁହାଯାଉଥିଲା। ସେହିଭଳି ଆଇପିଓ ଲଞ୍ଚ ହେବା ପୂର୍ବରୁ ଦଲାଲ ବଜାରରେ ଏହାର ଉତ୍ସାହ ମଧ ଅଧିକ ରହିଥିଲା। ପେଟିଏମ୍ ଆଇପିଓକୁ ଦୁନିଆର ସବୁଠୁ ଧନୀ ଏଲନ ମସ୍କଙ୍କ କମ୍ପାନୀ ଟେସ୍‌ଲା ସହ ତୁଳନା କରାଯାଉଥିଲା କିନ୍ତୁ ଆଇପିଓର ଲିଷ୍ଟିଂ ପରେ ଏହାର ମୂଲ୍ୟ ବ୍ୟାପକ ପରିମାଣରେ ହ୍ରାସ ପାଇବା ସହ ଲକ୍ଷ ଲକ୍ଷ ନିବେଶକ ମଧ ନିରାଶ ହୋଇଛନ୍ତି।

# ସର୍ବୋଚ୍ଚ ସ୍ତରରେ ସେନ୍‌ସେକ୍ସ

- ପ୍ରଥମ ଥର ଟପିଲା ୬୨,୪୦୦ ଅଙ୍କ
- ୨.୩୭ ଲକ୍ଷ କୋଟି ଲାଭ
- ୨୩ ପଇସା ବୃଦ୍ଧି ପାଇଛି ଟଙ୍କାର ମୂଲ୍ୟ



ନୂଆଦିଲ୍ଲୀ,୨୪।୧୧

ଭାରତୀୟ ଶେୟାର ବଜାର ପୁଣି ଥରେ ଶିଖରରେ ପହଞ୍ଚିଛି। ଏପରିକି ସପ୍ତାହର ୪ର୍ଥ ଦିବସର କାରବାର ଅର୍ଥାତ୍ ଗୁରୁବାର ସେନ୍‌ସେକ୍ସ ୭୬୨.୧୦ ଅଙ୍କ ବଢ଼ି ୬୨,୨୭୨.୬୮ ଅଙ୍କର ସର୍ବକାଳୀନ ଉଚ୍ଚ ସ୍ତରରେ ବନ୍ଦ ହୋଇଛି। ହେଲେ କାରବାର ସମୟରେ ସେନ୍‌ସେକ୍ସ ୬୨,୪୧୨ ଅଙ୍କ ପର୍ଯ୍ୟନ୍ତ ମଧ ଯାଇଥିଲା। ଉଲ୍ଲେଖଯୋଗ୍ୟ , ଗତ ବର୍ଷ ଅକ୍ଟୋବର ୧୯ରେ ସେନ୍‌ସେକ୍ସ ୬୨,୨୪୫ ଅଙ୍କର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ଅପରପକ୍ଷରେ ନିଫ୍ଟି ୨୧୬.୮୫ ଅଙ୍କ ବଢ଼ି ୧୮,୪୮୪.୧୦ ସ୍ତରରେ ପହଞ୍ଚିଛି। ଶେୟାର ବାଜରରେ ଏହି ବୃଦ୍ଧି ଯୋଗୁ ନିବେଶକଙ୍କୁ ୨.୩୭ଲକ୍ଷ କୋଟି ଟଙ୍କାର ଲାଭ ମିଳିଛି। ଗୁରୁବାର ବିଏସ୍‌ଇ ମାର୍କେଟ କ୍ୟାପ୍ ଅନୁଯାୟୀ ୨,୮୩,୬୯,୯୮୮.୦୨ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳ ଗୋଟିଏ ଦିନ ପୂର୍ବେ ଏହାର ପରିମାଣ ୨,୮୧,୪୪,୩୧୮.୬୩ କୋଟି ଟଙ୍କା ଥିଲା। ଏହା ତୁଳନାରେ ୨ ଲକ୍ଷ କୋଟି ଟଙ୍କା ଅଧିକ ହୋଇଛି। ସେହିପରି ବିଏସ୍‌ଇ ସୂଚକାଙ୍କରେ ଆଇଟି ସେକ୍ଟରର ଷ୍ଟକ୍ ସବୁଠୁ ଭଲ ପ୍ରଦର୍ଶନ କରିଛି, ବିଏସ୍‌ଇର ଶୀର୍ଷ ୩୦ ଶେୟାର ମଧ୍ୟରୁ ଇନ୍‌ଫୋସିସ୍, ଏଚ୍‌ସିଏଲ, ୱିପ୍ରୋ, ଟେକ୍ ମହିନ୍ଦ୍ରା, ଟିସିଏସ୍‌ରେ ସବୁଠୁ ଅଧିକ ବୃଦ୍ଧି ଦେଖିବାକୁ ମିଳିଛି। ଅପରପକ୍ଷରେ ପାୱାରଗ୍ରୀଡ୍,ଏଚ୍‌ଡିଏଫସି, ଏଚ୍‌ୟୁଏଲ୍, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ସନ୍‌ଫାର୍ମାର ଶେୟାରରେ ମଧ ବଡ଼ ବୃଦ୍ଧି ଘଟିଛି। ଅପରପକ୍ଷରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ମଧ କିଛି ପରିମାଣରେ ବୃଦ୍ଧି ଘଟିଛି। ଏପରିକି ଗୁରୁବାରର କାରବାର ଆରମ୍ଭ ହେବା ବେଳକୁ ଗୋଟିଏ ଡଲାରର ମୂଲ୍ୟ ୮୧.୮୫ ଟଙ୍କା ଥିବାବେଳେ ୨୩ ପଇସା ବୃଦ୍ଧି ଘଟି ତାହା ୮୧.୬୨ ଟଙ୍କାରେ ବନ୍ଦ ହୋଇଛି।

ଉଲ୍ଲେଖଯୋଗ୍ୟ, ମୁଖ୍ୟତଃ ଅନ୍ତର୍ଜାତୀୟ ବଜାରର ପ୍ରଭାବ ଯୋଗୁ ଭାରତୀୟ ଷ୍ଟକ୍ ବଜାରରେ ଏଭଳି ଉତ୍ସାହ ଦେଖାଦେଇଛି। ବିଶେଷକରି ଆମେରିକାର ଫେଡେରାଲ ରିଜର୍ଭ ଦ୍ୱାରା ସୁଧ ହାର ବୃଦ୍ଧିକୁ କମାଇବାର ସଙ୍କେତ ନିବେଶକଙ୍କୁ ବେଶ୍ ଉତ୍ସାହିତ କରିଛି। ସେହିପରି ଅନ୍ତର୍ଜାତୀୟ ବଜାରରେ ମଧ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇବା ଆରମ୍ଭ କରିଛି।

## ଶେୟାର ବଜାର କାରବାରରେ ବୃଦ୍ଧି

କ୍ରମାଗତ ୩ୟ ଦିନ ଲାଗି ଷ୍ଟକ୍ ବଜାରର ଫଳାଫଳ ଭଲ ରହିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସର ଫଳାଫଳ ନିବେଶକଙ୍କ ମନରେ ଉତ୍ସାହ ଭରିଦେଇଛି। ଫଳରେ ଶେୟାର ବଜାରର ନିବେଶକମାନେ ଏକ ବଡ଼ ପରିମାଣରେ ନିବେଶ ବୃଦ୍ଧି କରିପାରିଛନ୍ତି। ଗୁରୁବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୭୬୨(୭୬୨.୧୦) ପଏଣ୍ଟ ବଢ଼ି ୬୨,୨୭୩ (୬୨,୨୭୨.୬୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ ୨୧୭ (୨୧୬.୮୫) ପଏଣ୍ଟ ବୃଦ୍ଧି ଘଟି ୧୮,୪୮୪(୧୮,୪୮୪.୧୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ଶେୟାର ବଜାରର ଫଳାଫଳ କ୍ରମାଗତ ଭାବେ ଉପର ତଳ ହେଉଛି। ଏପରିକି ଆଶା ଓ ଆଶଙ୍କା ମଧ୍ୟରେ ନିବେଶକମାନେ ନିବେଶ କରୁଛନ୍ତି।

## ବିସ୍‌ଲେରିକୁ କିଣିପାରେ ଟାଟା

ନୂଆଦିଲ୍ଲୀ,୨୪।୧୧

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ଟାଟା ଗ୍ରୁପ୍ ପ୍ରାୟ ୭୦୦୦ କୋଟି ଟଙ୍କାରେ ପ୍ୟାକେଜିଂ ୱାଟର କମ୍ପାନୀ ବିସ୍‌ଲେରିକୁ କିଣିପାରେ ବୋଲି ଚର୍ଚ୍ଚା ହେଉଛି। ଏପରିକି ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ୍ (ଟିସିପିଏଲ୍) ପ୍ରାୟ ୬୦୦୦ରୁ ୭୦୦୦ କୋଟି ଟଙ୍କାରେ ଉକ୍ତ କମ୍ପାନୀ କିଣିବାକୁ ଯୋଜନା ପ୍ରସ୍ତୁତ କରୁଛି ବୋଲି ଜଣାପଡ଼ିଛି। ତେବେ ଟାଟା ବିସ୍‌ଲେରିକୁ କିଣିବା ପରେ ମଧ ଆଗାମୀ ୨ ବର୍ଷ ପର୍ଯ୍ୟନ୍ତ ବର୍ତ୍ତମାନର ମ୍ୟାନେଜମେଣ୍ଟ ସହ କାମ କରିବ ବୋଲି ସୂଚନା ମିଳିଛି। ଅପରପକ୍ଷରେ ବିସ୍‌ଲେରି ମଧ ଥମ୍ସ ଅପ୍, ଗୋଲ୍ଡ ସ୍ପଟ୍ ଲିମ୍‌କାକୁ କୋକାକୋଲାକୁ ଆଗରୁ ବିକ୍ରି ଦେଇଛି। ଉଲ୍ଲେଖଯୋଗ୍ୟ, ଶିଳ୍ପପତି ରମେଶ ଚୌହାନ ଉପରୋକ୍ତ କମ୍ପାନୀଗୁଡିକୁ ବିକିବାର ପ୍ରାୟ ୩ ଦଶନ୍ଧି ପରେ ବିସ୍‌ଲେରି ଇଣ୍ଟରନ୍ୟାଶନାଲକୁ ଟାଟାକୁ ବିକ୍ରି କରିବାକୁ ଯାଉଛନ୍ତି। ଚୌହାନ କହିଛନ୍ତି, ଟାଟା ଗ୍ରୁପ୍ ଏହାର ଆହୁରି ଭଲ ଭାବେ ବ୍ୟବସାୟିକ ବୃଦ୍ଧି କରିପାରିବ। ଅବଶ୍ୟ ବିସ୍‌ଲେରିକୁ ବିକିବା ଏକ କଷ୍ଟକର ନିଷ୍ପତ୍ତି। ହେଲେ ବିସ୍‌ଲେରିକୁ କିଣିବା ପାଇଁ ରିଲାଏନ୍ସ ରିଟେଲ ଏବଂ ନେସ୍‌ଲେ ଭଳି ଅନେକ କମ୍ପାନୀ ଆଗ୍ରହୀ ଥିଲେ। କିନ୍ତୁ ଟାଟା ସହ କଥାବାର୍ତ୍ତା ୨ ବର୍ଷରୁ ଅଧିକ ସମୟ ହେବ ଲାଗି ରହିଥିଲା ଏବଂ ସେ କିଛି ମାସ ତଳେ ଟାଟା ସନ୍ସର ଚେୟାରମ୍ୟାନ୍ ଏନ୍. ଚନ୍ଦ୍ରଶେଖରନ ଏବଂ ଟାଟା କଞ୍ଜ୍ୟୁମରର ସିଇଓ ସୁନୀଲ ଡି'ସୁଜାଙ୍କୁ ମଧ ଭେଟିଥିଲେ ଏବଂ ଟାଟା ସହ ଡିଲ୍ ନିଶ୍ଚିତ କରିଥିଲେ।

## 'ଡିଜିଟାଲ କାରବାରରେ ସତର୍କତାକୁ ଗୁରୁତ୍ୱ'




ଭୁବନେଶ୍ୱର,୨୪।୧୧

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଓଆଇ) ପକ୍ଷରୁ ନିକଟରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ବ୍ୟାଙ୍କର ଅମରେନ୍ଦ୍ର କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ୟୁବିଓଆଇର ଅବସରପ୍ରାପ୍ତ ପୂର୍ବତନ ଉପମହାପ୍ରବନ୍ଧକ ମିହିର କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେହିଭଳି ୟୁବିଓଆଇ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ସତ୍ୟବାନ ବେହେରା, ସହାୟକ ମହାପ୍ରବନ୍ଧକ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ସମେତ ୟୁକୋ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ଦୀପ୍ତି ସେନାପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା ଦେଶବ୍ୟାପୀ ଚାଲିଥିବା ଜନ ସଚେତନତା କାର୍ଯ୍ୟକ୍ରମ ଅନୁଯାୟୀ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବ୍ୟାଙ୍କର ପ୍ରତିନିଧି ଏବଂ ବହୁ ସଂଖ୍ୟାର ଗ୍ରାହକ ମଧ ଯୋଗଦେଇଥିଲେ। ଅପରପକ୍ଷରେ ଏହି ଜନ ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ଅହେତୁକ ଏବଂ ଅବୈଧ ଅନ୍‌ଲାଇନ ଫ୍ରଡ୍ ଟ୍ରାନ୍ସଲେସନରୁ କିପରି ସତର୍କତା ଅବଲମ୍ବନ କରାଯାଇପାରିବ ସେ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା। ଏପରିକି ଡିଜିଟାଲ କାରବାର ସମୟରେ ସତର୍କତାକୁ ଗୁରୁତ୍ୱ ଦେବା ସହ ଠିକ୍ ଭାବେ କାରବାର କରିବାକୁ ଅତିଥିମାନେ ମତପ୍ରକାଶ କରିଥିଲେ। ପରିଶେଷରେ କାର୍ଯ୍ୟକ୍ରମର ଆୟୋଜକ ତଥା ୟୁନିୟନ ବ୍ୟାଙ୍କ ନୟାପଲ୍ଲୀ ଶାଖାର ମୁଖ୍ୟ ପ୍ରବନ୍ଧକ ଏବଂ ଡିଷ୍ଟ୍ରିକ୍ଟ କୋଅର୍ଡିନେଟର ପ୍ରଭାକର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଏୟାରଟେଲ ସହ କଞ୍ଚାଲଙ୍କାର ସହଭାଗିତା

ଭୁବନେଶ୍ୱର,୨୪।୧୧

ରାଜ୍ୟର ପ୍ରମୁଖ ଓଡ଼ିଆ ପ୍ରିମିୟମ ଏଣ୍ଟରଟେନମେଣ୍ଟ ଆପ୍ କଞ୍ଚା ଲଙ୍କା ସହ ଏୟାରଟେଲ ଆପ୍ 'ଏୟାରଟେଲ ଏକ୍ସଷ୍ଟ୍ରିମ' ମଧ୍ୟରେ ଏକ ସହଭାଗିତା ହୋଇଥିବା ଜଣାପଡ଼ିଛି। ଫଳରେ ଏୟାରଟେଲ ଏକ୍ସଷ୍ଟ୍ରିମ ଜରିଆରେ ଉଭୟ ଓଡ଼ିଶା ତଥା ଓଡ଼ିଶା ବାହାରେ ରହୁଥିବା ପ୍ରବାସୀ ଓଡ଼ିଆମାନେ କଞ୍ଚାଲଙ୍କାରେ ପ୍ରସାରିତ ହେଉଥିବା ସମସ୍ତ କାର୍ଯ୍ୟକ୍ରମ ଦେଖିପାରିବେ। ଏପରିକି ଓଡ଼ିଆ ଦର୍ଶକଙ୍କ ମନୋରଞ୍ଜନର ମାଧ୍ୟମ ସାଜିଥିବା ଓଡ଼ିଆ ଓଟିଟି 'କଞ୍ଚାଲଙ୍କା'ଆରମ୍ଭ ହେବା ଦିନଠାରୁ ସବୁବେଳେ ଚର୍ଚ୍ଚାରେ ରହି ଆସିଛି। ସେହିଭଳି ବର୍ତ୍ତମାନ ଏହା ପ୍ଲେ ଷ୍ଟୋର ଓ ଆପ୍ ଷ୍ଟୋରରେ ମଧ ସ୍ଥାନ ପାଇ ୫,୦୦,୦୦୦ରୁ ଅଧିକ ଥର ଡାଉନ୍‌ଲୋଡ୍ ସହ ଖାଣ୍ଟି ଓଡ଼ିଆରେ ମନୋରଞ୍ଜନର ମାଧ୍ୟମ ପାଲଟିଛି। ବିଶେଷକରି କଞ୍ଚାଲଙ୍କା ଓ ଏୟାରଟେଲ ଏକ୍ସଷ୍ଟ୍ରିମ୍‌ର ସହଯୋଗିତା ଦର୍ଶକମାନଙ୍କ ପାଇଁ ଭଲ ଓଡ଼ିଆ କାହାଣୀ ଓ କଥାବସ୍ତୁ ନେଇ ଆସିବା ସହ ଏୟାରଟେଲ ଉପଭୋକ୍ତାମାନେ ବିଭିନ୍ନ ପ୍ୟାକେଜରେ ଏହାର ଲାଭ ଉଠାଇପାରିବେ ଏବଂ ଏକ୍ସଷ୍ଟ୍ରିମ୍ ଆପ୍‌ରେ ପ୍ରିମିୟମ କାହାଣୀ ସବୁ ଦେଖିପାରିବେ। ଉଲ୍ଲେଖଯୋଗ୍ୟ, ଏୟାରଟେଲ ଏକ୍ସଷ୍ଟ୍ରିମର ୩ ମିଲିୟନ ଯୁକ୍ତ ପେଡ୍ ଗ୍ରାହକ ଅଛନ୍ତି। ସେହିପରି ଏହା ଲାଇଭ ଟିଭି, ବ୍ଲକ୍ ବଷ୍ଟର ଚଳଚ୍ଚିତ୍ର, ଟିଭି ଶୋ, ନ୍ୟୁଜ, ୱେବ୍ ସିରିଜ୍, ଲାଇଭ ସ୍ପୋର୍ଟସ୍ ଓ ଭିଡିଓ ଷ୍ଟ୍ରିମିଂ ପ୍ୟାକେଜର ସେବା ମଧ ପ୍ରଦାନ କରେ। ଉଭୟ ସଂସ୍ଥାର ଏହି ସହଭାଗିତା ଦ୍ୱାରା ଦର୍ଶକମାନେ ସୁପର ଇଣ୍ଟରନେଟ ସହ ଏଚ୍‌ଡି ରିଜୋଲୁସନରେ କଞ୍ଚାଲଙ୍କା ଓ ଏହାର ସ୍ୱତନ୍ତ୍ର କାହାଣୀ ସବୁ ଦେଖିପାରିବେ। ଅପରପକ୍ଷରେ କଞ୍ଚାଲଙ୍କା ଓ ଏୟାରଟେଲର ସହଭାଗିତା ପରେ ଦର୍ଶକମାନେ ସେମାନଙ୍କର ପ୍ରିୟ ଓଟିଟି ସହ ଏୟାରଟେଲ ଏକ୍ସଷ୍ଟ୍ରିମ୍‌କୁ କେବଳ ଗୋଟିଏ ୟୁଜର ଆଇଡି ଓ ପେମେଣ୍ଟ ସହ ମନୋରଞ୍ଜନର ଖୋରାକ ପାଇବେ ଏବଂ ଏଥିରେ ଆମ ଟିମ୍ ବହୁ ଖୁସି ବୋଲି କଞ୍ଚାଲଙ୍କାର ସହ ପ୍ରତିଷ୍ଠାତା ତଥା କାର୍ଯ୍ୟକାରୀ ନିର୍ଦ୍ଦେଶକ ବିଭୁପ୍ରସାଦ ରଥ ମତପ୍ରକାଶ କରିଛନ୍ତି।

## ପୁଣେରେ ଜିଓ ଟ୍ରୁ -୫ଜି ସେବା ଉପଲବ୍ଧ

ମୁମ୍ବାଇ,୨୪।୧୧

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ଜିଓର ଜିଓ ଟ୍ରୁ-୫ଜି ସେବା ବର୍ତ୍ତମାନ ମହାରାଷ୍ଟ୍ରର ପୁଣେ ସହରରେ ଉପଲବ୍ଧ ହେଉଛି ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଫଳରେ ପୁଣେବାସୀ ଜିଓର ୧ଜିବିପିଏସ୍‌ରୁ ଅଧିକ ପର୍ଯ୍ୟନ୍ତର ସ୍ପିଡ୍ ସହ ଅସୀମିତ ୫ଜି ଡାଟା ଉପଭୋଗ କରିପାରିବେ। ଯେତେବେଳେ କୌଣସି ସହରର ଏକ ବୃହତର ଅଂଶରେ ଷ୍ଟାଣ୍ଡ ଏଲୋନ୍ ଟ୍ରୁ-୫ଜି ନେଟ୍‌ୱର୍କ ପ୍ରସ୍ତୁତ ହୋଇଯାଏ ତା'ପରେ ଜିଓ ପକ୍ଷରୁ ଟ୍ରୁ-୫ଜି ନେଟ୍‌ୱର୍କର ବିଟା ପରୀକ୍ଷଣ ଆରମ୍ଭ କରାଯାଇଥାଏ। ଏହାଦ୍ୱାରା ଜିଓ ଗ୍ରାହକମାନେ ସବୁଠୁ ଉନ୍ନତ ଜିଓ ଟ୍ରୁ-୫ଜି ନେଟ୍‌ୱର୍କରେ ଉତ୍ତମ କଭରେଜ୍ ଏବଂ ଅନୁଭୂତି ପାଇପାରୁଛନ୍ତି।

ଏ ସମ୍ପର୍କରେ ଜିଓର ପ୍ରବକ୍ତା କହିଛନ୍ତି, ଦେଶର ୧୨ଟି ସହରରେ ଜିଓ ଟ୍ରୁ-୫ଜିର ଶୁଭାରମ୍ଭ ପରେ ଜିଓ ଗ୍ରାହକମାନଙ୍କ ଏକ ବଡ଼ ସଂଖ୍ୟା ଜିଓ ୱେଲକମ୍ ଅଫରରେ ସାମିଲ ହୋଇଛନ୍ତି। ଫଳରେ ଗ୍ରାହକମାନଙ୍କ ଅନୁଭୂତି ଓ ସେବା ମତାମତ ଆଧାରରେ ଦୁନିଆର ଯେକୌଣସି ସ୍ଥାନର ସବୁଠୁ ଉନ୍ନତ ୫ଜି ନେଟ୍‌ୱର୍କ ସୃଷ୍ଟି କରିବାରେ ଏହା ଜିଓ ପାଇଁ ବେଶ୍ ସହାୟକ ହୋଇପାରିଛି। ଆଶାନୁସାରେ ଜିଓର ୪ଜି ନେଟ୍‌ୱର୍କରେ ବ୍ୟବହାର ହେଉଥିବା ଡାଟା ତୁଳନାରେ ଜିଓର ଟ୍ରୁ-୫ଜି ନେଟ୍‌ୱର୍କରେ ଡାଟାର ବ୍ୟବହାର ବହୁ ଗୁଣା ଅଧିକ ରହିଛି। ସବୁଠୁ ଉଲ୍ଲେଖନୀୟ ବିଷୟ ହେଉଛି ୫୦୦ଏମ୍‌ବିପିଏସ୍‌ରୁ ୧ଜିବିପିଏସ୍ ଭଳି ହାଇ ସ୍ପିଡ୍ ଏବଂ ଅତ୍ୟନ୍ତ ଲୋ ଲାଟେନ୍ସିରେ ଡାଟା ଅନୁଭୂତି ପ୍ରଦାନ କରାଯାଉଛି। କେବଳ ଟ୍ରୁ-୫ଜି ନେଟ୍‌ୱର୍କରେ ଯାହା ସମ୍ଭବ ସେଭଳି ବିଭିନ୍ନ କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଉଛି। ପୁଣେରେ ବହୁ ସଂଖ୍ୟକ ଛାତ୍ରୀଛାତ୍ର ରହୁଛନ୍ତି ଏବଂ ଏହା ଅଗ୍ରଣୀ ଆଇଟି ହବ୍ ଭାବେ ମଧ ପରିଚିତ। ପୁଣେ ହେଉଛି ଭାରତର ଅନ୍ୟତମ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଟୋମୋବାଇଲ୍ ଓ ମାନୁଫାକ୍ଚରିଂ ହବ୍। ପୁଣେବାସୀଙ୍କ ପାଇଁ ଜିଓ ଟ୍ରୁ-୫ଜି ବାସ୍ତବରେ ପରିବର୍ତ୍ତନକାରୀ ସାବ୍ୟସ୍ତ ହେବ। ନଭେମ୍ବର ୨୩ରୁ ପୁଣେରେ ଥିବା ଜିଓର ଗ୍ରାହକମାନଙ୍କୁ ଜିଓ ୱେଲକମ୍ ଅଫର ପାଇଁ ଆମନ୍ତ୍ରଣ କରାଯିବ ଯେଉଁଥିରେ ବିନା କୌଣସି ଅତିରିକ୍ତ ମୂଲ୍ୟରେ ୧ଜିବିପିଏସ୍‌ରୁ ଅଧିକ ସ୍ପିଡ୍ ପର୍ଯ୍ୟନ୍ତର ଅସୀମିତ ଡାଟା ଅନୁଭୂତି ମିଳିପାରିବ।

## 'ଟେଲିକମ୍ କ୍ଷେତ୍ରରେ ଇଏସ୍‌ଜି ପ୍ରଦର୍ଶନ'

ମୁମ୍ବାଇ,୨୪।୧୧




ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓକୁ ନିକଟରେ ଆଉ ଏକ ସମ୍ମାନଜନକ 'ଟେଲିକମ୍ କ୍ଷେତ୍ରରେ ଇଏସ୍‌ଜି ପ୍ରଦର୍ଶନ' ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ମୁମ୍ବାଇଠାରେ ଟ୍ରାନ୍ସଫରମାନ୍ସ ଫୋରମ୍‌ସ ପକ୍ଷରୁ ଆୟୋଜିତ ୨ୟ ଇଏସ୍‌ଜି ସମିଟ୍ ଆଣ୍ଡ ଆୱାର୍ଡସ୍ କାର୍ଯ୍ୟକ୍ରମରେ ରିଲାଏନ୍ସ ଜିଓକୁ ଉପରୋକ୍ତ ସମ୍ମାନ ପ୍ରଦାନ କରାଯାଇଥିଲା। ଏପରିକି ଟେଲିକମ୍ କ୍ଷେତ୍ରରେ ପରିବେଶ, ସାମାଜିକ ଓ ଗଭର୍ନାସ (ଇଏସ୍‌ଜି) କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ରିଲାଏନ୍ସ ଜିଓ ଉକ୍ତ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ସେହିଭଳି ଜୀବାଶ୍ମ ଇନ୍ଧନ ବଦଳରେ ଅକ୍ଷୟ ଶକ୍ତିକୁ ଗ୍ରହଣ କରିବା ସହ ୫ଜି ପ୍ରଯୁକ୍ତି ଷ୍ଟାକ୍‌ର ସ୍ୱଦେଶୀ ବିକାଶ ଏବଂ କୃଷି, ସ୍ୱାସ୍ଥ୍ୟସେବା ଓ ଶିକ୍ଷା କ୍ଷେତ୍ରରେ ମଧ ୫ଜି ବ୍ୟବହାରର ପ୍ରଦର୍ଶନ ଜରିଆରେ ଜଳବାୟୁ ପରିବର୍ତ୍ତନର ମୁକାବିଲା ଦିଗରେ ଜିଓର ଉଦ୍ୟମକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ସୁଲଭ ଡିଭାଇସ୍‌ର ବିକାଶ ଜରିଆରେ ଡିଜିଟାଲ ଅନ୍ତର୍ଭୁକ୍ତୀକରଣକୁ ଜିଓ ଆଗକୁ ବଢ଼ାଉଛି। ଏହା ଜରିଆରେ ୧୦୦ ନିୟୁତରୁ ଅଧିକ ବଞ୍ଚିତ ବ୍ୟବହାରକାରୀ ଡିଜିଟାଲ୍ ସେବା ବ୍ୟବହାର କରିପାରୁଛନ୍ତି। ବିଶେଷକରି ଜଳବାୟୁ ପରିବର୍ତ୍ତନ ମୁକାବିଲାର ଅଂଶ ସ୍ୱରୂପ ଜିଓ ପକ୍ଷରୁ ସାରା ଭାରତରେ ଏହାର ୧୬,୦୦୦ ରୁ ଅଧିକ ସାଇଟ୍‌ରେ ୧୪୪ ମେଗାୱାଟ୍‌ରୁ ଅଧିକ ସୌରଶକ୍ତି ସ୍ଥାପନ କରାଯାଇଛି। ସେହିପରି ଅକ୍ଷୟ ଶକ୍ତି କ୍ଷେତ୍ରରେ ଏହି ଉଦ୍ୟମ ୨୦୩୫ ସୁଦ୍ଧା ନେଟ୍ ଜିରୋ ନିର୍ଗମନ ଲକ୍ଷ୍ୟ ଦିଗରେ ଜିଓ ଏବଂ ରିଲାଏନ୍ସ ଗ୍ରୁପ୍‌ର ପ୍ରତିବଦ୍ଧତା ପୂରଣ କରିବାରେ ସହାୟକ ହେବ। ପ୍ୟାରିସ ଚୁକ୍ତିନାମାରେ ଧାର୍ଯ୍ୟ କରାଯାଇଥବା ୧.୫° ସେଲସିଅସ୍ ଲକ୍ଷ୍ୟ ଅନୁସାରେ ଏହି ନିର୍ଗମନ ହ୍ରାସ ଲକ୍ଷ୍ୟକୁ ବିଜ୍ଞାନଭିତ୍ତିକ ଲକ୍ଷ୍ୟ ଅଭିଯାନ (ଏସ୍‌ବିଟିଆଇ) ଦ୍ୱାରା ସ୍ୱୀକୃତି ପ୍ରଦାନ କରାଯାଇଛି। ଚଳିତ ବର୍ଷ କାର୍ବନ ଡିସ୍‌କ୍ଲୋଜର ପ୍ରୋଜେକ୍ଟ (ସିଡିପି) ପକ୍ଷରୁ ଜିଓ ଏହାର ଜଳବାୟୁ ସଂରକ୍ଷଣ ଉଦ୍ୟମ ଲାଗି ଏକ ଲିଡରଶିପ୍ ରେଟିଂ (ଏ-) ହାସଲ କରିଛି। ଭାରତରେ କୌଣସି ଟେଲିକମ୍ କ୍ଷେତ୍ରର କମ୍ପାନୀକୁ ପ୍ରଦାନ କରାଯାଇଥିବା ଏହା ହେଉଛି ସର୍ବୋଚ୍ଚ ରେଟିଂ।

## ଚାନ୍ଦି ଭଣ୍ଡାରରେ ସ୍ୱତନ୍ତ୍ର 'ଚାନ୍ଦି ପେ ଚାନ୍ଦି' ଅଫର

ଭୁବନେଶ୍ୱର,୨୪।୧୧



ରାଜ୍ୟର ପ୍ରମୁଖ ରୁପା ଅଳଙ୍କାର ପ୍ରତିଷ୍ଠାନ ଚାନ୍ଦି ଭଣ୍ଡାର ପକ୍ଷରୁ ଚଳିତ ବର୍ଷର ବିବାହ ଋତୁ ଉପଲକ୍ଷେ ସ୍ୱତନ୍ତ୍ର 'ଚାନ୍ଦି ପେ ଚାନ୍ଦି' ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ଚଳିତ ବର୍ଷ ଡିସେମ୍ବର ୧୧ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଏପରିକି ପ୍ରତି ରୁପା କ୍ରୟରେ ଗ୍ରାହକ ଅଧିକ ସଞ୍ଚୟ ଲାଭ କରିପାରିବେ। ସେହିଭଳି ପ୍ରତି କ୍ରୟରେ ରୁପା ମାଗଣା ରହିଛି, ଚାନ୍ଦି ଭଣ୍ଡାରର ୯୯.୯୯% ଶୁଦ୍ଧତା ବିଶିଷ୍ଟ ରୁପା ସହ ଚଳିତ ବିବାହ ଉତ୍ସବକୁ ସ୍ୱତନ୍ତ୍ର କରିବାକୁ ପ୍ରତିଷ୍ଠାନ ପକ୍ଷରୁ ପ୍ରୟାସ କରାଯାଇଛି। ସେହିପରି ଏହାର ସମସ୍ତ ଷ୍ଟୋରରେ ଓଡ଼ିଶାର ପାରମ୍ପରିକ ଏବଂ କାରୁକାର୍ଯ୍ୟପୂର୍ଣ୍ଣ ହାତ ତିଆରି ରୁପା ତାରକସି ଗହଣାର ବ୍ୟାପକ ସମ୍ଭାର ରହିଛି। ବିଶେଷକରି ଭଳିକି ଭଳି ନେକ୍‌ଲେସ୍, କାନଫୁଲ, ପାଉଁଜି, ଚୁଡ଼ି ଭଳି ଆହୁରି ଅନେକ କିଛି ରୁପା ଅଳଙ୍କାର ଓ ସାମଗ୍ରୀ ଷ୍ଟୋରରେ ଉପଲବ୍ଧ ରହିଛି। ଅତୁଲ୍ୟ ଓଡ଼ିଶାର ଅସଲି ହାତ ତିଆରି ଗହଣାକୁ ଗ୍ରାହକ ଚାନ୍ଦି ଭଣ୍ଡାରରେ ପାଇପାରିବେ। ଚାନ୍ଦି ଭଣ୍ଡାର ଗୋଟିଏ ଛାତ ତଳେ ଗହଣା, କଟ୍‌ଲେରି, ସିଲ୍‌ଭର୍ ୱେର୍ ଏବଂ କର୍ପୋରେଟ୍ ଉପହାରର ବ୍ୟାପକ ସମ୍ଭାର ପ୍ରଦାନ କରାଯାଉଛି। ଭାରତର ବିଭିନ୍ନ କୋଣରୁ ସୁନ୍ଦର ଗହଣା ପିସ ସହ ସର୍ବୋତ୍ତମ ଓଡ଼ିଆ କାରୁକାର୍ଯ୍ୟକୁ ମଧ ଚାନ୍ଦି ଭଣ୍ଡାର ଗ୍ରାହକଙ୍କ ନିକଟକୁ ଆଣିଛି। ଗ୍ରାହକଙ୍କୁ ବ୍ୟାପକ ରେଞ୍ଜ୍ ରୁପା ଉତ୍ପାଦ ଯୋଗାଇବା, ଜୀବନ କାଳ ମାଗଣା କ୍ଲିନିଂ, ସର୍ବୋତ୍ତମ ବଦଳ ନୀତି, କଷ୍ଟମାଇଜେସନ୍, କ୍ରୟ ପୂର୍ବରୁ ପରଖିବା, ଭାଲ୍ୟୁ ଫର୍ ମନି ଏବଂ ହଲ୍ ମାର୍କ ଯୁକ୍ତ ଓ କ୍ୱାଲିଟି ଉତ୍ପାଦ ଚାନ୍ଦି ଭଣ୍ଡାରର ପ୍ରତିଶ୍ରୁତି।

ଉଲ୍ଲେଖଯୋଗ୍ୟ, ୨୦୧୩ରେ ଏକ ସ୍ୱତନ୍ତ୍ର ସିଲ୍‌ଭର ଷ୍ଟୋର ଭାବେ ଚାନ୍ଦି ଭଣ୍ଡାର ଓଡ଼ିଶାରେ ସ୍ଥାପିତ ହୋଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଓଡ଼ିଶାବାସୀଙ୍କୁ ଶୁଦ୍ଧ ରୁପା କ୍ରୟ ଅନୁଭୂତି ପ୍ରଦାନ କରିବା। ସୂଚନାଯୋଗ୍ୟ, ଭୁବନେଶ୍ୱର ଶହୀଦନଗରରୁ ଆରମ୍ଭ ହୋଇଥିବା ଚାନ୍ଦି ଭଣ୍ଡାରର ବର୍ତ୍ତମାନ ସମଗ୍ର ଓଡ଼ିଶାରେ ଉପସ୍ଥିତି ଜାହିର କରିପାରିଛି। ଭୁବନେଶ୍ୱରର ଶହୀଦନଗର ଏବଂ ପଟିଆ ସମେତ ରାଉରକେଲାର ଉଦିତନଗର,ଅନୁଗୋଳର ଅମଲାପଡ଼ା ଏବଂ କଟକର କ୍ୟାଣ୍ଟନ୍‌ମେଣ୍ଟ ରୋଡ୍‌ଠାରେ ଚାନ୍ଦି ଭଣ୍ଡାରର ଷ୍ଟୋର ଅଛି।

**WORKS DEPARTMENT** No.B-877

**OFFICE OF THE SUPERINTENDING ENGINEER, RAIRANGPUR (R&B), DIVISION**

e-mail: - eerbrairangpur@yahoo.co.in

Government of Odisha "e" Procurement Notice

**Bid Identification No.SE 35 OF 2022-23**

1. Nature of work:- **Building Works**
2. Number of works: **04 (Four)**
3. Amount put to Tender: - **Rs.54,71,400.00 to Rs.16,84,000.00**
4. Class of Contractor: - **Sl No. 1 to 3- B Class & Sl. No.4- D & C Class**
5. Date & Time of availability of bid document in the portal: - **Dt.28.11.2022 at 10:00 AM**
6. Last Date / Time of receipt of bid in the portal: - **Dt.07.12.2022 up to 04:00 PM**
7. Date of opening of bid : - **Dt.08.12.2022 at 11:00 AM**
8. Name & address of the Office inviting bid: - **Superintending Engineer, Rairangpur (R&B) Division**
9. The bidders have to participate in **ONLINE** bidding only. Further details can be seen from the e-procurement portal "**http//tendersodisha.gov.in**." All future corrigendum will be available on ONLINE mode only.

**Sd./- Superintending Engineer**
OIPR-34041/11/0013/2223 **Rairangpur (R&B) Division**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE**
**ID: ee.randbjyp@gmail.com; Tel & Fax- 06854-231114 (O)**

**e-Procurement Notice**

**Bid Identificaton No. S.E. (R&B)-06/2022-23/JYP(K)**
**No. 5453 Dated: 17.11.22**

No. B-880:- Bid Documents conisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

1. Name of the Work : Civil/EI Works as mentioned in DTCN
2. No. of Works : 1 No.
3. Estimated Cost : Rs.56.65 lakhs
4. Period of completion : Six Months
5. Date & Time of Bidding : From 11.00 hours of 28.11.2022 upto 17.00 hours of 12.12.2022
6. Last date & time for receipt of bids in portal : 17.00 hours of 12.12.2022
7. Bids received online shall be opened on : 11.00 hours of 13.12.2022
8. Name and address of the officer inviting Bid : Superintending Engineer, Jeypore (R&B) Division, Jeypore

Further details can be seen from the www.tendersodisha.gov.in

**Sd./- Superintending Engineer, Jeypore (R&B) Division**
OIPR-34027/11/0006/2223

**GOVERNMENT OF ODISHA** No. O-1324

**OFFICE OF THE SUPERINTENDING ENGINEER, RURAL WORKS DIVISION, BHUBANESWAR**

**Ph. No.- 0674-2301787, Fax No.-0674-2300965, E Mail I.D.- eerw_bbsr@yahoo.co.in**

**No.:- Tender - Online-BBSR Divn.- 36** **Date:- 23.11.2022**

**e-Procurement NOTICE**

1. Name of the work : **Repair / Maintenance of road work**
2. Total No. of Roads : **03 Nos. of Road**
3. **Class of Contractor**
   a) Above Rs.20 lakh and upto 3 crore : **'B' Class** (of Odisha PWD) or equivalent class of other licensing authorities.
   b) Upto Rs.40.00 lakh : **'C' Class** (of Odisha PWD) or equivalent class of other licensing authorities.
   c) Upto Rs.20.00 lakh : **'D' Class** (of Odisha PWD) or equivalent class of other licensing authorities.
4. Estimate cost of individual projects : Rs.16.00 lakh to 43.00 lakh
5. Time for completion : **3 (Three) calendar months**
6. **Other Details:**

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Divison, Bhubaneswar | Tender Online - BBSR Divn.- 36 | 29.11.2022 at 11.00 A.M. | 06.12.2022 up to 5.00 P.M. | 07.12.2022 at 11.00 A.M. |

Further details can be seen from the website **www.tendersorissa.gov.in**
OIPR-25189/11/0002/2223 **Sd./- Superintending Engineer, Rural Works Divn., BBSR**

**ODISHA STATE CIVIL SUPPLIES CORPORATION LTD.**
**(A Government of Odisha Undertaking)**
**Registered Office : C/2, Nayapalli, Bhubaneswar - 751012**
**CIN : U51211OR1980SGC000894**

**Tender No. 16860 OSCSC/GUNNY/02/22-23 Dt. 24.11.2022**

Managing Director, Odisha State Civil Supplies Corporation Ltd, invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of Handling & Transport contractors for handling and transportation of new gunny bales to be supplied by jute mills located in West Bengal (Kolkata) from receiving rail heads (Odisha) to designated base depots located in different districts in the state of Odisha. |
| 2 | Availability of bid document in the portal | From 24.11.2022 Downloadable from website : www.oscsc.in, www.foododisha.in & www.tendersodisha.gov.in |
| 3. | Date & time of pre-bid conference | Dt. 28.11.2022 at 4.30 PM |
| 4. | Last Date and Time for receipt of bids in the portal | Through e-procurement Portal : www.tenderodisha.gov.in up to 3.30 PM of dt. 03.12.2022 |
| 5. | Date/Time of Opening of Technical Bid | Dt. 03.12.2022 at 5.00 PM |
| 6. | Name and address of the Officer Inviting Tender | Managing Director, OSCSC Ltd, C/2 Nayapalli, Bhubaneswar. |

Tender Documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in. Amendments/ corrigendum/cancellation/retenders** etc. if any shall be published only in above websites.

**By Order of Managing Director**
**Sd/- Manager (Accounts)**



# ଭାବୁକ ହୋଇଗଲେ କ୍ରିତି

**ମୁମ୍ବାଇ:** ପାଖାପାଖି ୧୫ ବର୍ଷ ପରେ ନିଜ ସ୍କୁଲକୁ ଯାଇ ଭାବୁକ ହୋଇପଡ଼ିଛନ୍ତି ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ। ହିନ୍ଦୀ ଫିଲ୍ମ 'ଭେଡିଆ' ନିକଟରେ ମୁକ୍ତିଲାଭ କରିଥିବାବେଳେ ଏହାର ପ୍ରମୋଶନ୍‌ରେ ବ୍ୟସ୍ତ ଅଛନ୍ତି କ୍ରିତି ଓ ନାୟକ ବରୁଣ ଧୱନ। ଦିଲ୍ଲୀରେ ବର୍ତ୍ତମାନ ଫିଲ୍ମର ପ୍ରମୋଶନ୍ ଚାଲିଥିବାବେଳେ କ୍ରିତିଙ୍କୁ ତାଙ୍କ ସ୍କୁଲ ଡିପିଏସ୍ ଆର୍.କେ ପୁରାମ ଯିବାର ସୁଯୋଗ ମିଳିଥିଲା। ଏଥିସହ କ୍ରିତି ପୁରୁଣା ସ୍ମୃତିସବୁ ମନେପକାଇବା ସହ ସେ ଭାବୁକ ହୋଇପଡ଼ିଥିଲେ। ଏ ନେଇ କ୍ରିତି ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଯେଉଁଥିରେ ସେ ୧୫ ବର୍ଷ ପରେ ନିଜ ସ୍କୁଲକୁ ଯାଇଥିବା କହିଛନ୍ତି। ପ୍ରେକ୍ଷାଳୟରେ ଭେଡିଆକୁ ଦର୍ଶକଙ୍କ ଖୁବ୍ ପଲପାଇବା ମିଳୁଥିବାର ଦେଖାଯାଉଛି। ସେହିପରି ଆଗାମୀ ଦିନରେ କ୍ରିତିଙ୍କ ଅଭିନୀତ 'ଶେହଜାଦା' ରିଲିଜ୍ ହେବ। ନିକଟରେ ଏହାର ଟିଜର ରିଲିଜ୍ ହୋଇଛି। ଫିଲ୍ମରେ କ୍ରିତିଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି କାର୍ତ୍ତିକ ଆର୍ଯ୍ୟାନ। ୨୦୨୦ରେ ମୁକ୍ତିଲାଭ କରିଥିବା ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଅଭିନୀତ ଅଲା 'ବୈକୁଣ୍ଠପୁରାମୁଲୁ'ର ରିମେକ୍ ହେଉଛି 'ଶେହଜାଦା'। ଏହି ଆକ୍ସନ୍, ଡ୍ରାମା ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ରୋହିତ ଧୱନ।

# ସବୁଠୁ ବୟସ୍କ କୁକୁର



**ଡେନଭର:** ଆମେରିକା କଲରୋଡୋର ଗିନୋ ଓଲ୍ଫ ବିଶ୍ୱର ସବୁଠାରୁ ବୟସ୍କ କୁକୁର। ୨୨ ବର୍ଷର ଗିନୋ ଏବେ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ନିଜ ନାମ ଦାଖଲ କରିଛି। ୨୦୦୦ ମସିହା ସେପ୍ଟେମ୍ବର ୨୪ରେ ଗିନୋ କଲରାଡୋରେ ଜନ୍ମ ହୋଇଥିବାବେଳେ ୪୦ ବର୍ଷୀୟ ଆଲେକ୍ସ ଏହାକୁ ପାଳିତ ଭାବେ ଗ୍ରହଣ କରିଥିଲେ। ଗିନୋକୁ ବାହାରେ ବୁଲିବା ଓ ଦୂର ଜାଗା ଟ୍ରାଭେଲ୍ କରିବା ଖୁବ୍ ପସନ୍ଦ। ଉଚ୍ଚତାରେ କ୍ଷୁଦ୍ର ହୋଇଥିବା ଗିନୋ ତା'ଠାରୁ ବଡ଼ କୁକୁରଙ୍କ ସହ ଖେଳିବାକୁ ଭଲପାଏ, ଯେଉଁଥିପାଇଁ ଆଲେକ୍ସ ତାକୁ ସବୁବେଳେ ବଡ଼ କୁକୁରଙ୍କ ପାଇଁ ଥିବା ସ୍ୱତନ୍ତ୍ର ପାର୍କ ନେଇଥାନ୍ତି। ଗିନୋର ଖାଦ୍ୟପେୟର ଯତ୍ନ ନିଆଯାଉଥିବାବେଳେ ନିୟମିତ ସେ ଭେଟେନାରି ଡାକ୍ତରଙ୍କ ପାଖକୁ ଚେକ୍‌ଅପ୍ ପାଇଁ ଯାଉଥିବା କାରଣରୁ ବହୁତ୍ କମ୍ ଥର ତା' ଦେହ ଖରାପ ହେଉଥିବା ଆଲେକ୍ସ କହିଛନ୍ତି।

# ଭାରତ ମହାସାଗରରେ ବିଚିତ୍ର ଜୀବ



**କାନ୍‌ବେରା:** ମହାସାଗରର ଗଭୀର ଜଳରାଶିରେ ବହୁ ଜୀବ ବାସ କରନ୍ତି। ସେମାନଙ୍କ ଭିତରେ ଅନେକ ବିଚିତ୍ର ଜୀବ ମଧ୍ୟ ରହିଥାନ୍ତି। ଭାରତ ମହାସାଗରରୁ ବୈଜ୍ଞାନିକମାନେ ଏଭଳି ଏକ ଅଜବ ଜୀବ ଠାବ କରିଛନ୍ତି। ଜୀବର ଆକୃତି ସର୍ପ ମୀନ ଭଳି ହୋଇଥିବାବେଳେ ଏହାର ଆଖି ନାହିଁ। ପାଟିରେ କ୍ଷୁଦ୍ର ମୁନିଆ ଦାନ୍ତଗୁଡ଼ିଏ ରହିଛି। କ୍ଷୁଦ୍ର ଡେଣା ଦ୍ୱାରା ଏହି ଜୀବ ମାଛ ପରି ପାଣିରେ ପହଁରୁଥିବା ଦେଖାଯାଇଛି। ଅଷ୍ଟ୍ରେଲିଆ କେକେଜ୍ ଆଇଲ୍ୟାଣ୍ଡ ମେରେଇନ୍ ପାର୍କରୁ ଏହି ବିଚିତ୍ର ଜୀବ ବୈଜ୍ଞାନିକଙ୍କର ହସ୍ତଗତ ହୋଇଛି। ଏହି ମେରାଇନ୍ ପାର୍କ ୨୯୦,୨୧୩ ସ୍କୋୟାର୍ ମାଇଲ୍ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହି ବିଚିତ୍ର ସର୍ପମୀନର ନମୁନା ସଂଗ୍ରହ କରିବା ପାଇଁ ଭରୀର ପାଣି ଭିତରେ ବୈଜ୍ଞାନିକମାନଙ୍କୁ ୩ ମାଇଲ ଦୂର ଯିବାକୁ ପଡ଼ିଥିଲା।

ଶକ୍ତି ବଞ୍ଚାନ୍ତୁ, ବିଦ୍ୟୁତ୍ ଅପଚୟ ରୋକନ୍ତୁ
ଧରିତ୍ରୀ ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକପାଠିକାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ବିଜୁଳି ଚୋରି ରୋକନ୍ତୁ, ନୀରବଚ୍ଛିନ୍ନ ବିଦ୍ୟୁତ୍ ପାଆନ୍ତୁ।
ଜିତେନ୍ଦ୍ର କୁମାର ରଏ
ବିଦ୍ୟୁତ୍ ସହକାରୀ ଯନ୍ତ୍ରୀ, ଶେରଗଡ଼

BERHAMPUR CARDIAC CENTRE
Wish You Happy Birth Anniversary
ଧରିତ୍ରୀର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକପାଠିକାଙ୍କୁ ଅଭିନନ୍ଦନ ।
ଏଠାରେ ସମସ୍ତ ପ୍ରକାର ପରୀକ୍ଷା ଯଥା, ରକ୍ତ,ମଳ,ମୂତ୍ର ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ସୁଲଭ ମୂଲ୍ୟରେ କରାଯାଏ ।
ସେବାରେ:
ରଘୁନାଥ ଫିଲିଂ ଷ୍ଟେସନ
ଦମକଳ କେନ୍ଦ୍ର ରାସ୍ତା, ପୁରୁଷୋତ୍ତମପୁର (ଗଞ୍ଜାମ)
ଏଠାରେ E.C.G., E.E.G. ଓ ପାଥୋଲୋଜି ପରୀକ୍ଷା ପାଇଁ ଯୋଗାଯୋଗ କରନ୍ତୁ ।
ନିର୍ମଳ କୁମାର ସାହୁ
ପ୍ରୋପ୍ରାଇଟର
ଭାବାନଗର ଛକ (ବ୍ରହ୍ମପୁର)
ମୋ: ୯୯୩୭୪୯୭୫୯୩

ଅଭିନନ୍ଦନ
ଶେରଗଡ଼ ବ୍ଲକର ବିଜୁ ଜନତା ଦଳର ନେତା ଓ କର୍ମୀମାନଙ୍କୁ ଶୁଭେଚ୍ଛା । ଭୁବନେଶ୍ୱର ସଂସ୍କରଣ ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ଓ ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଜଣାଉଛି । ଜଗତର ନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ । ଶୁଭେଚ୍ଛା ସହ
ସନ୍ତୋଷ କୁମାର ପଟ୍ଟନାୟକ
ବ୍ଲକ ଯୁବ ବିଜେଡି ସଭାପତି, ଶେରଗଡ଼ ବ୍ଲକ

ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତା ଓ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଶୁଭକାମନା । ଜଗତର ନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ । ଶୁଭେଚ୍ଛା ସହ
ଆଦି ନାରାୟଣ ମିଶ୍ର
ଶେରଗଡ଼ ବ୍ଲକ, ନିର୍ବାହୀ ଯନ୍ତ୍ରୀ

WISH YOU HAPPY BIRTH ANNIVERSARY OF DHARITRI
ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ହୃଷୀକେଶ ସେବାକେନ୍ଦ୍ର ପକ୍ଷରୁ ଅଭିନନ୍ଦନ ।
Indian Oil Corporation ଦ୍ୱାରା ସହବନ୍ଧିତ ପେଟ୍ରୋଲ ଟାଙ୍କି, ଶେରଗଡ ପକ୍ଷରୁ ଆପଣଙ୍କୁ ଅନେକ ଅନେକ ଶୁଭେଚ୍ଛା । ଏଠାରେ ପେଟ୍ରୋଲ, ଡିଜେଲ, ମୋବିଲ ଓ ଅନ୍ୟାନ୍ୟ କୃଷି ସରଞ୍ଜାମ ସୁଲଭ ଦରରେ ମିଳେ । ଶୁଭେଚ୍ଛା ସହ
इंडियनऑयल
ସନ୍ତୋଷ କୁମାର ପାଢ଼ୀ
IndianOil ପ୍ରୋପ୍ରାଇଟର: ପେଟ୍ରୋଲ ପମ୍ପ, ଶେରଗଡ଼

ଅଭିନନ୍ଦନ
ଧରିତ୍ରୀ ଧର୍ମ ଧାରଣେ, ଧରିତ୍ରୀକୁ ଭଲପାଇବା ଅର୍ଥ ନିଜ ମା'କୁ ଭଲପାଇବା । ମା, ମାଟି, ପାଣି, ପବନ, ପ୍ରକୃତି ସବୁକିଛି ଭଗବାନଙ୍କର ସୃଷ୍ଟି । ଆସନ୍ତୁ ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ସହ ଶୁଭକାମନା । ଶୁଭେଚ୍ଛା ସହ
ଇଂ. କେଦାରନାଥ ପଣ୍ଡା
ଉପସହକାରୀ ନିର୍ବାହୀ ଯନ୍ତ୍ରୀ, ଶେରଗଡ଼ ବ୍ଲକ

ଶୁଭେଚ୍ଛା ବାର୍ତ୍ତା
ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଶୁଭେଚ୍ଛା ସହ ଶୁଭକାମନା । ଅଶ୍ୱିନୀ ମେଡିସିନ ଷ୍ଟୋର, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସାମ୍ନା, ଶେରଗଡ଼ ପକ୍ଷରୁ ଅଶେଷ ଅଭିନନ୍ଦନ ।
ଏଠାରେ ସମସ୍ତ ପ୍ରକାର ଔଷଧ ସୁଲଭ ଦରରେ ମିଳେ । ମେଡିକାଲ ଷ୍ଟୋର ସହ ଏଠାରେ ଭେଷଜ ବିଭାଗର ଚିକିତ୍ସକ ପ୍ରତି ଶନିବାର, ଚର୍ମରୋଗ ବିଶେଷଜ୍ଞ ପ୍ରତି ଦ୍ୱିତୀୟ ଓ ଚତୁର୍ଥ ରବିବାର, ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ ଦ୍ୱିତୀୟ ଓ ଚତୁର୍ଥ ଶୁକ୍ରବାର, ସ୍ତ୍ରୀ ପ୍ରସୂତି ବିଭାଗ ବିଶେଷଜ୍ଞ ଦ୍ୱିତୀୟ ଓ ଚତୁର୍ଥ ରବିବାର, କାନ ନାକ ଗଳା ବିଭାଗ ବିଶେଷଜ୍ଞ ପ୍ରଥମ ବୁଧବାରରେ ଅଶ୍ୱିନୀ ମେଡିସିନ ଷ୍ଟୋରରେ ଉପସ୍ଥିତ ରହି ରୋଗୀ ସେବା କରନ୍ତି ।
ତେବେ ଆସନ୍ତୁ ଉତ୍ତମ ଚିକିତ୍ସା ପାଇଁ ଯୋଗାଯୋଗ କରନ୍ତୁ
ଅଶ୍ୱିନୀ ମେଡିସିନ ଷ୍ଟୋର
ଗୌଡସାର, ମୋ-୫୦୨୩୫୨୦୨୬୨, 7381679855

ଅଭିନନ୍ଦନ
ଧରିତ୍ରୀ ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶା ତଥା ଶେରଗଡ଼ ପଞ୍ଚାୟତସମିତିର ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଶୁଭକାମନା ।
ଧରିତ୍ରୀର ଲେଖା ଛପା ନିଆରା । ଆସନ୍ତୁ ଧରିତ୍ରୀକୁ ଭଲପାଇବା । ଓଡ଼ିଶାର ସାଢେ ୪ କୋଟି ଜନସାଧାରଣ ଆଜି ଧରିତ୍ରୀକୁ ଭଲ ପାଉଛନ୍ତି । ଆସନ୍ତୁ ତାର ଜନ୍ମଦିନରେ ଆନ୍ତରିକ ଶୁଭେଚ୍ଛା ସହ ଶୁଭକାମନା ।
କୃଷ୍ଣଚନ୍ଦ୍ର ନାୟକ
ବ୍ଲକ ଅଧ୍ୟକ୍ଷ, ଶେରଗଡ଼ ବ୍ଲକ

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ।
Sheragada Aditya Motors
Wish You Happy Birthday Anniversary of Dharitri
ହିରୋ ବାଇକ୍ ସହ ଆକର୍ଷଣୀୟ ଲୋକ ମାତ୍ର କେଇ ମିନିଟରେ ବାଇକ ପାଇପାରିବେ । ସୁଲଭ ମୂଲ୍ୟ, ଉତ୍ତମ ବ୍ୟବହାର ସହ ନୂଆ ହିରୋ ବାଇକ୍ ପାଇଁ ଯୋଗାଯୋଗ କରନ୍ତୁ ।
Hero
ପ୍ରୋ-ପର୍ଶୁରାମ ସ୍ୱାଇଁ
ଆଦିତ୍ୟ ମୋଟର୍ସ
ମୋ-9938123139, 9938528134

ଅଭିନନ୍ଦନ
ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା । ଧନନ୍ତର ଗ୍ରାମପଞ୍ଚାୟତ ଜନସାଧାରଣ ଓ ଶେରଗଡ଼ ବ୍ଲକର ଆଗଧାଡିର ନେତା ବିଜେଡି ନେତାଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ । ଶୁଭେଚ୍ଛା ସହ
ନିରଞ୍ଜନ ଜେନା ରାଜେଶ ଜେନା
ସମାଜସେବୀ, ସୁନାନ୍ତର, ଶେରଗଡ଼ ସରପଞ୍ଚ,ଧନନ୍ତର ଗ୍ରାମପଞ୍ଚାୟତ

ଅଭିନନ୍ଦନ
ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି । ନିୟମିତ ବ୍ୟାୟାମ କରନ୍ତୁ ସୁସ୍ଥ ରୁହନ୍ତୁ । ନିଜ ଶରୀରର ଯତ୍ନ ନିଅନ୍ତୁ । ସନ୍ତୁଳିତ ଆହାର ଖାଆନ୍ତୁ । ଶୁଭେଚ୍ଛା ସହ
ଶ୍ରୀକାନ୍ତ କୁମାର ତ୍ରିପାଠୀ
ଭାରପ୍ରାପ୍ତ ଅଧିକାରୀ, ଡେଙ୍ଗାପଦର ସ୍ୱାସ୍ଥ୍ୟକେନ୍ଦ୍ର

ମହାବୀର ପରିବାର ଓ ମହାବୀର ଫ୍ଲାଏ ଏସ୍ ସୁନାନ୍ତର ପକ୍ଷରୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକାଙ୍କୁ ଆନ୍ତରିକ ଅଭିନନ୍ଦନ । ଏଠାରେ ଉନ୍ନତମାନର ଫେବର ବ୍ଲକ ସିମେଣ୍ଟ ଇଟା ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଏ । ଯୋଗାଯୋଗ କରନ୍ତୁ ମୋ- ୭୭୩୫୯୯୨୪୬୫
କୃଷ୍ଣଚନ୍ଦ୍ର ସାହୁ
ପ୍ରୋପ୍ରାଇଟର, ସୁନାନ୍ତର ଛକ, ଶେରଗଡ

ଅଭିନନ୍ଦନ
LIC କରନ୍ତୁ । ନିଜ ଜୀବନକୁ ସୁରକ୍ଷିତ କରନ୍ତୁ ।
ଧରିତ୍ରୀର ଭୁବନେଶ୍ୱର ସଂସ୍କରଣ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକାଙ୍କୁ ଶୁଭେଚ୍ଛା ସହ ଶୁଭକାମନା । ଜଗତର ନାଥ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥରେ ପୁଷ୍ପ ବୃଷ୍ଟି କରନ୍ତୁ । ଶୁଭେଚ୍ଛା ସହ
LIC
भारतीय जीवन बीमा निगम LIFE INSURANCE CORPORATION OF INDIA
ଶ୍ରୀ ଗୌତମ ମହାପାତ୍ର
LIC Agent,ବଡ଼ଦାଣ୍ଡ ସାହି, ଶେରଗଡ଼

ଶେରଗଡ଼ ଗ୍ରାମପଞ୍ଚାୟତ ଏକ ଆଦର୍ଶ ପଞ୍ଚାୟତ । ଏହାର ଭୌଗୋଳିକ ପରିବେଶ ଅତି ସୁନ୍ଦର । ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଶେରଗଡ଼ ତଥା ବ୍ଲକର ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଜଗତର ନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ, ଆଶୀର୍ବାଦ କରନ୍ତୁ ।
ହୃଷୀକେଶ ପାଢ଼ୀ
ବରିଷ୍ଠ ବିଜେଡି ନେତା, ଶେରଗଡ଼

ଅଭିନନ୍ଦନ
ଧରିତ୍ରୀ ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକୀ ଓ ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ଜନସାଧାରଣ, ବିଜ୍ଞାପନଦାତାଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଆଶା ଜଗତରନାଥ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥରେ ପୁଷ୍ପ ବୃଷ୍ଟି କରନ୍ତୁ । ଶୁଭେଚ୍ଛା ସହ
ମା ଶ୍ୟାମଳାଇ କ୍ରସର ୟୁନିଟ
ପଥରପୁଞ୍ଜି
ଜଗଦମ୍ବା ମେଟଲ
ପଥରପୁଞ୍ଜି

ଅଭିନନ୍ଦନ
ଧରିତ୍ରୀ ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତା,ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଶୁଭକାମନା । ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ । ଶୁଭେଚ୍ଛା ସହ
ପ୍ରଫୁଲ୍ଲ କୁମାର ସାହୁ
ଏଫ୍ଏଲ୍ ଶପ୍, ଶେରଗଡ଼

ଅଭିନନ୍ଦନ
ଧରିତ୍ରୀ ଭୁବନେଶ୍ୱର ସଂସ୍କରଣର ଜନ୍ମଦିନ ଓ ପ୍ରତିଷ୍ଠା ଦିବସ ଅବସରରେ ମୁଁ ଆପଣଙ୍କୁ ଅଭିନନ୍ଦନ ସହ କୃତଜ୍ଞତା ଜ୍ଞାପନ କରୁଛି । ଆଶା ଆପଣ ଓ ଆପଣଙ୍କ ଚଲାପଥ କୁସୁମିତ ହେଉ । ଜଗତରନାଥ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥରେ ଅଜାଡ଼ି ଦିଅନ୍ତୁ ଅଜସ୍ର ଆଶୀର୍ବାଦ ।
ଅବନୀ କୁମାର ଦାଶ
ସମାଜସେବୀ, ଶେରଗଡ଼

ଅଭିନନ୍ଦନ
ଧରିତ୍ରୀ କାଗଜ ପୁରୁଣା କାଗଜ । ସ୍ୱର୍ଗତା ନନ୍ଦିନୀ ଶତପଥୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ କାଗଜ ତା'ର ଲେଖା ଛପା ଉଚ୍ଚକୋଟୀର । ମତାମତଭିତ୍ତିକ ନିର୍ଭୀକ ଖବର ପରିବେଷଣ କରି ଓଡ଼ିଶାରେ ଖ୍ୟାତି ଲାଭ କରିଛି ଧରିତ୍ରୀ । ଭୁବନେଶ୍ୱର ଧରିତ୍ରୀ ସଂସ୍କରଣର ଜନ୍ମ ଉତ୍ସବରେ ଆନ୍ତରିକ ଅଭିନନ୍ଦନ ଜଣାଉଛି । ଶୁଭେଚ୍ଛା ସହ
ଇଂ.ଦେବୀ ପ୍ରସାଦ ଦାଶ
ସମାଜସେବୀ, ଧବଳପୁର

ଧରିତ୍ରୀ କାଗଜର ଲେଖା ଛପା ନିଆରା । ଆସନ୍ତୁ ଧରିତ୍ରୀକୁ ଭଲପାଇବା, ଧରିତ୍ରୀର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତା ଓ ଶୁଭେଚ୍ଛୁଙ୍କୁ ଜନ୍ମବାର୍ଷିକ ଅଭିନନ୍ଦନ ।
କବିନ୍ଦ୍ର ନାଥ ପଣ୍ଡା
ସମାଜସେବୀ, ଶେରଗଡ଼

ଅଭିନନ୍ଦନ
ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକାଙ୍କୁ ଆନ୍ତରିକ ଶୁଭେଚ୍ଛା । ଜଗତରନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ । ଚଲାପଥରେ ପୁଷ୍ପ ବୃଷ୍ଟି କରନ୍ତୁ । ଆସନ୍ତୁ ଜଣେ ଜଣେ ବିଜୁ ଯୁବବାହିନୀରେ ଯୋଗଦେବା । ଶୁଭେଚ୍ଛା ସହ
ଶ୍ରୀ ଦୀପ କୁମାର ମହାପାତ୍ର
ବିଜୁ ଯୁବ ବାହିନୀ ସଭାପତି, ଶେରଗଡ଼

ଅଭିନନ୍ଦନ
ଧରିତ୍ରୀ କାଗଜ ଏକ ନିର୍ଭୀକ ଖବରକାଗଜ । ଏହାର ଜନ୍ମଦିନ ଅବସରରେ ଓଡିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଜଣାଉଛି । ଶେରଗଡ଼ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା । ଆଶା ଜଗତରନାଥ ଶ୍ରୀଜଗନ୍ନାଥ ଭଲରେ ରଖନ୍ତୁ । ଶୁଭେଚ୍ଛା ସହ
ସବିତାରାଣୀ ଚୌଧୁରୀ
ସମିତି ସଭ୍ୟା, ଶେରଗଡ଼ ଗ୍ରାମପଞ୍ଚାୟତ

ଅଭିନନ୍ଦନ
ଧରିତ୍ରୀ ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତା ଓ ଶୁଭେଚ୍ଛୁଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଛି । ଜଗତର ନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କ ଚଲାପଥରେ ସହାୟ ହୁଅନ୍ତୁ ଓ ପୁଷ୍ପ ବୃଷ୍ଟି କରାନ୍ତୁ । କୁମାରପାଣି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଶୁଭକାମନା ।
ଉଦୟନାଥ ପ୍ରଧାନ
ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ, ଶେରଗଡ଼ ବ୍ଲକ





ଧରିତ୍ରୀର ୪୯ତମ ଜନ୍ମ ଦିବସ ଉପଲକ୍ଷେ ଗୁରୁବାର ସମ୍ବଲପୁର ବରେଇପାଲି(ବାମ) ଏବଂ ରାୟଗଡ଼ା ପିତାମହଲସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମାରୋହ।

# ଭିସୁଟ୍‌ରେ ଛାତ୍ରଙ୍କୁ ରାଗିଂ ଅଭିଯୋଗ

**ସମ୍ବଲପୁର,୨୪।୧୧(ବ୍ୟୁରୋ):** ସମ୍ବଲପୁର ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ରେ ଜଣେ ଦ୍ୱିତୀୟ ବର୍ଷ ଛାତ୍ରଙ୍କୁ ରାଗିଂ କରାଯାଇଥିବା ଜଣାପଡ଼ିଛି। ଛାତ୍ରଜଣକ ହେଲେ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲି କମ୍ୟୁନିକେଶନ ବିଭାଗର ଅନୁଭବ କୁମାର ଖମାରୀ। ଅନୁଭବ ରାଗିଂକୁ ନେଇ ବୁର୍ଲା ଥାନା, ଭିସୁଟ୍ କର୍ତ୍ତୃପକ୍ଷ ଓ ଆଣ୍ଟି ରାଗିଂ ସେଲ୍‌ରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଭିସୁଟ୍ କର୍ତ୍ତୃପକ୍ଷ ଏକ କମିଟି ଗଠନ କରି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ବୁର୍ଲା ଥାନାଧିକାରୀ ସୁଶାନ୍ତ ଦାଶ କହିଛନ୍ତି ଯେ, ଅଭିଯୋଗକୁ ଆଧାର କରି ଏକ ମାମଲା ରୁଜୁ ହୋଇଛି। କର୍ତ୍ତୃପକ୍ଷଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି। ରିପୋର୍ଟ ଆସିଲା ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅନୁଭବଙ୍କ ଅଭିଯୋଗ ଅନୁଯାୟୀ, ସେ ଭିସୁଟ୍ ଛାତ୍ରାବାସରେ ରୁହନ୍ତି। ବୁଧବାର ରାତିରେ ସାଙ୍ଗ ସହିତ ପ୍ରୋଜେକ୍ଟ କାମ କରୁଥିଲେ। ରାତି ପ୍ରାୟ ୧୦ଟା ସମୟରେ ହଷ୍ଟେଲ ନିକଟସ୍ଥ କ୍ୟାଣ୍ଟିନକୁ ଚିପ୍ସ କିଣିବା ପାଇଁ ଯାଇଥିଲେ। କିଣିବା ସମୟରେ ସିନିୟର ଛାତ୍ରମାନେ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ମାରପିଟ କରିଥିଲେ। ଏହାସହ ମୁହଁ ତଳକୁ କରି କଥା କହିବାକୁ ଭୟଭୀତ କରିଥିଲେ। ଏ ସମ୍ପର୍କରେ କୌଣସି ସ୍ଥାନରେ ଅଭିଯୋଗ କଲେ କଲେଜରୁ ବଏକଟ୍ କରି ଦିଆଯିବ ବୋଲି ଧମକ ଦେଇଥିଲେ। ତେବେ ଛାତ୍ର ଜଣକ ଭୟଭୀତ ଅବସ୍ଥାରେ ପ୍ରଥମେ ୱାର୍ଡେନ ଓ ପରେ ପୋଲିସକୁ ଜଣାଇଥିଲେ। ଅଭିଯୋଗ ପାଇ କଲେଜ କର୍ତ୍ତୃପକ୍ଷ ମଧ୍ୟ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। କଲେଜରୁ ରାଗିଂ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯିବ ବୋଲି କୁଳପତି ପ୍ରଫେସର ବଂଶୀଧର ମାଝୀ କହିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ଅନେକ ଥର ଭିସୁଟ୍‌ରେ ସିନିୟରମାନେ ଜୁନିୟର ଛାତ୍ରମାନଙ୍କୁ ରାଗିଂ କରିଥିବା ଅଭିଯୋଗ ହୋଇଛି । କେତେଜଣ ଛାତ୍ରଙ୍କ ବିରୋଧରେ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଛନ୍ତି। କିଛି ମାସ ପରେ ପୁଣି ଏହି ରାଗିଂ ଘଟଣା ସାମନାକୁ ଆସିଛି।

# ବିଧାନସଭାରେ ଶୋକ, ଗୃହ ମୁଲତବୀ

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ):** ଗୁରୁବାରଠାରୁ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହୋଇଛି। ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହାପରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ବିଧାନସଭାର ୬ ଜଣ ପରଲୋକଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିବାକୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ବିଧାନସଭାର ସଦସ୍ୟ ବିଜୟ ରଞ୍ଜନ ସିଂ ବରିହା, ବିଷ୍ଣୁ ଚରଣ ସେଠୀ, ପୂର୍ବତନ ସଦସ୍ୟ ଗୋଲକ ବିହାରୀ ନାଏକ, କପିଳ ନାରାୟଣ ତିୱାରୀ, ଗୋପନାରାୟଣ ଦାଶ ଏବଂ ଆଦିକନ୍ଦ ସେଠୀଙ୍କ ବିୟୋଗରେ ବିଧାନସଭାରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ସ୍ୱର୍ଗତ ନେତାଙ୍କ ସ୍ମୃତିଚାରଣ କରିବା ସହ ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗୃହର ସମବେଦନା ଜଣାଇଥିଲେ। ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହ ସ୍ୱର୍ଗତ ସଦସ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ବାଚସ୍ପତି ପରଲୋକଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ନିଜର ତଥା ଗୃହର ସମବେଦନା ଜଣାଇଥିଲେ। ସ୍ୱର୍ଗତ ସଦସ୍ୟଙ୍କ ଆତ୍ମାର ସଦ୍‌ଗତି ପାଇଁ ଗୃହରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ୨୪ ମିନିଟ ଧରି ଶୋକ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଏହା ପରେ ଗୃହରେ କୌଣସି କାର୍ଯ୍ୟକ୍ରମ ହୋଇ ନ ଥିଲା। ବାଚସ୍ପତି ସ୍ୱର୍ଗତ ସଦସ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୃହକୁ ଅପରାହ୍ନ ୫ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

# ଅଭିଯୁକ୍ତଙ୍କୁ ୬ବର୍ଷ ସଶ୍ରମ କାରଦଣ୍ଡ,୧୦ହଜାର ଜରିମାନା

## ଯୁବକଙ୍କୁ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ ଘଟଣାର ରାୟ ପ୍ରକାଶ

ରେଢାଖୋଲ,୨୪।୧୧(ଡି.ଏନ.ଏ.)–ସମ୍ବଲପୁର ଜିଲା ରେଢାଖୋଲ ସହର ଖନ୍ଦାଢିପ ଛକରେ ଗତ ୨୦୧୯ ମସିହାରେ ଜଣେ ଯୁବକଙ୍କୁ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ ଘଟଣାର ଗୁରୁବାର ରାୟ ପ୍ରକାଶ ପାଇଛି। ରେଢାଖୋଲ ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ବେଦ ପ୍ରକାଶ ୧୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତ ସଞ୍ଜିତ ଷଣ୍ଢଙ୍କୁ ୬ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୬ ମାସ କାରାଦଣ୍ଡ ଆଦେଶ ଦେଇଛନ୍ତି। ପ୍ରକାଶିତ ରାୟ ଅନୁଯାୟୀ, ଗତ ୨୦୧୯ ମସିହା ନଭେମ୍ବର ୭ ତାରିଖ ଅପରାହ୍ନରେ ଅଭିଯୁକ୍ତ ସଞ୍ଜିତ ଖନ୍ଦାଢିପ ସାହିର ଜଣେ ଯୁବକଙ୍କ ମୋଟର ସାଇକେଲ ମାଗି ପେଟ୍ରୋଲ ଆଣିବାକୁ ଯାଇ ବିଳମ୍ବରେ ଫେରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିବା ବେଳେ ପୀଡିତ ହରିହର ପୁରୋହିତ ସେହି ସ୍ଥାନରେ ପହଞ୍ଚି ପାଟିତୁଣ୍ଡ କାହିଁକି ହେଉଛ ବୋଲି ପଚାରିଥିଲେ । ଏହି ସମୟରେ ଅଭିଯୁକ୍ତ ସଞ୍ଜିତ ଷଣ୍ଢ ଧରିଥିବା ପେଟ୍ରୋଲ ବୋତଲରୁ ହରିହରଙ୍କ ଉପରେ ପେଟ୍ରୋଲ ଢାଳିଦେଇ ପାଖ ଦୋକାନରୁ ଏକ ଦିଆସିଲ ଆଣି ମାରି ଦେଇଥିଲେ। ଫଳରେ ଦେହରେ ନିଆଁ ଲାଗି ଯିବାରୁ ହରିହର ଗୁରୁତର ଭାବେ ପୋଡି ଯାଇଥିଲେ। ଏ ନେଇ ରେଢାଖୋଲ ଥାନାରେ ଅଭିଯୋଗ ପରେ ପୋଲିସ କେସ ନଂ ୨୬୦ରେ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତ ଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିଥିଲା। ଏହି ମାମଲାରେ ପୀଡିତ ହରିହରଙ୍କ ସହ ୧୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ମାମଲାର ବିଚାର ଆସିଷ୍ଟାଣ୍ଟ ସେସନ୍ସ ଜଜ୍‌ଙ୍କ ଅଦାଲତରେ ହୋଇଥିଲା।












ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୨୫/୨୦୨୨ Sambalpur, Friday, November 25/ 2022

STEWART SCHOOL BHUBANESWAR
UNIT- VIII, CRP SQUARE, BHUBANESWAR-751012
(Affiliated to the Council for the Indian School Certificate Examinations, New Delhi)
Ph. No.- 8480743569, 8093474811
Email: stewartbbsr@gmail.com, Website: www.stewartschoolbbsr.in
ADMISSION OPEN
For Nursery to Std. IX
for the Academic Session 2023 - 2024
Application Forms may be downloaded from the School website and to be submitted along with a Bank Challan of Rs.500/- at the School Office of the Principal.
Admission will be done on a "first come first serve basis"

# କିଟ୍ ମହିଳା, ପୁରୁଷ ଦଳ ଚାମ୍ପିୟନ

**ଭୁବନେଶ୍ୱର, ୨୪।୧୧ (କ୍ରୀଡ଼ା ପ୍ରତିନିଧି):** ନୂଆଦିଲ୍ଲୀଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ ଟୁର୍ନାମେଣ୍ଟରେ କିଟ୍‌ର ଉଭୟ ମହିଳା ଓ ପୁରୁଷ ଦଳ ଚାମ୍ପିୟନ ହୋଇଛି। ମହିଳା ଓ ପୁରୁଷ ଦଳ ଫାଇନାଲରେ ସମାନ ପ୍ରତିଦ୍ୱନ୍ଦ୍ୱୀ କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟକୁ ୨-୧ ବ୍ୟବଧାନରେ ପରାସ୍ତ କରିଛି। ପ୍ରଭାବୀ ପ୍ରଦର୍ଶନ ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଟେନିସ ଟୁର୍ନାମେଣ୍ଟ ଏବଂ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାପାଇଁ ଯୋଗ୍ୟତା ଅର୍ଜନ କରିଛି। ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଟେନିସ ଟୁର୍ନାମେଣ୍ଟ ମୁରଥାଲସ୍ଥିତ ଦୀନବନ୍ଧୁ ଛୋଟୁରାମ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିରେ ଡିସେମ୍ବର ୨ରୁ ୬ ଏବଂ ୨୦୨୨-୨୩ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଉତ୍ତର ପ୍ରଦେଶରେ ଅନୁଷ୍ଠିତ ହେବ। କିଟ୍ ପୁରୁଷ ଦଳରେ କବିର ହଂସ, ଆଦିତ୍ୟ ଶତପଥୀ, ପ୍ରତ୍ୟୁଷ ମହାନ୍ତି, ଆଶିଷ କୁମାର ପରିଡ଼ା, ଯଶରାଜ ନାୟକ ଏବଂ ମହିଳା ଦଳରେ ରତ୍ନପର୍ଣ୍ଣା ଚୌଧୁରୀ, ଅଭିଳାଷା ବିସ୍ତା, ରିୟା ମର୍ଦ୍ଦରାଜ ଓ ସାକ୍ଷୀ ବରୁଆ ସାମିଲ ଥିଲେ। ମହମ୍ମଦ ଅନିମୁଲ ହକ୍ କୋଚ୍ ଭାବେ ଦାୟିତ୍ୱ ତୁଲାଉଛନ୍ତି।

## ସ୍ପେନ୍ ଲକର୍ ରୁମ୍‌ରେ ରାଜା

**ଦୋହା,୨୪।୧୧(ପି.ଟି.):** କାତାରରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ପ୍ରଥମ ମ୍ୟାଚରେ କୋଷ୍ଟାରିକାକୁ ୭-୦ରେ ହରାଇ ଅଭିଯାନ ଆରମ୍ଭ କରିଛି ସ୍ପେନ୍। ଏହି ବିଜୟ ପରେ ଅଲ ଥୁମାମାରେ ସ୍ପେନ୍ ଦଳର ଲକର ରୁମ୍‌ରେ ପହଞ୍ଚିଥିଲେ ସ୍ପେନର ରାଜା ଫିଲିପ୍ -୬ । ଏହି ମ୍ୟାଚରେ ସ୍ପେନ୍ ଦଳ ପୁନର୍ବାର ଟିକି-ଟାକା ନାମକ ଏକ କୌଶଳ ବ୍ୟବହାର କରିଥିଲା। ଫୁଟବଲର ଏହି ସର୍ବପୁରାତନ କୌଶଳରେ ଖେଳାଳିମାନେ ଶର୍ଟ ପାସ୍‌ର ବ୍ୟବହାର କରିଥାନ୍ତି। ଫଳରେ ବଲ୍ ପଜେସନ୍ ମଧ୍ୟ ଅଧିକ ସମୟ ରହିଥାଏ। ରାଜା ଫିଲିପ୍-୬ ସ୍ପେନ ଦଳର ସମସ୍ତ ଖେଳାଳିଙ୍କୁ ପ୍ରଶଂସା କରିବା ସହିତ ସାଧାରଣ ଦର୍ଶକଙ୍କ ପରି ସେ ମଧ୍ୟ ଏହି ମ୍ୟାଚକୁ ଉପଭୋଗ କରିଥିଲେ ବୋଲି କହିଥିଲେ। ବିଜୟ ଅପେକ୍ଷା ପଡିଆରେ ସ୍ପେନ୍ ଖେଳାଳିଙ୍କ ପ୍ରଦର୍ଶନ ତାଙ୍କୁ ବେଶ୍ ପ୍ରଭାବିତ କରିଛି ବୋଲି ରାଜା କହିଥିଲେ। ଏହା ସହିତ ଗାଭି ଓ ପେଡ୍ରୋଙ୍କ ପରି ଯୁବ ଖେଳାଳିଙ୍କୁ ସେ ବେଶ୍ ପ୍ରଶଂସା କରିଥିଲେ।

# ବାରବାଟୀରେ ହକି ବିଶ୍ୱକପ୍ ଉଦ୍‌ଘାଟନୀ

### ଷ୍ଟାଡିୟମ ସ୍ଥିତି ଅନୁଧ୍ୟାନ କଲେ କ୍ରୀଡା ସଚିବ




**କଟକ ଅଫିସ,୨୪।୧୧**

ଭୁବନେଶ୍ୱର ଓ ରାଉରକେଲାରେ ହେବାକୁଥିବା ୨୦୨୩ ହକି ବିଶ୍ୱକପର ଉଦଘାଟନୀ ଉତ୍ସବ କଟକରେ ଅନୁଷ୍ଠିତ ହେବ। ମେଗା ପ୍ରତିଯୋଗିତା ଜାନୁୟାରୀ ୧୩ରୁ ଆରମ୍ଭ ହେବାକୁ ଥିବାବେଳେ ଉଦ୍‌ଘାଟନୀ ଉତ୍ସବ ୧୧ରେ ବାରବାଟୀ ଷ୍ଟାଡିୟମରେ ହେବ। ସେଥିପାଇଁ ଗୁରୁବାର ପୂର୍ବାହ୍ନରେ ରାଜ୍ୟ କ୍ରୀଡା ସଚିବ ଆର. ଭିନିଲ କ୍ରିଷ୍ଣା ଓ ସିଏମସି କମିଶନର ନିଖିଲ ପୱନ କଲ୍ୟାଣ ବାରବାଟୀ ଷ୍ଟାଡିୟମ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। କାର୍ଯ୍ୟକ୍ରମ ପୂର୍ବରୁ କଟକ ସହରକୁ ଏକ ନୂଆ ରୂପରେ ପ୍ରସ୍ତୁତ କରିବା ପାଇଁ ଯୋଜନା ଆରମ୍ଭ ହୋଇଛି। ସହରର ବିଭିନ୍ନ ଅଞ୍ଚଳ ତଥା ରିଙ୍ଗବନ୍ଧର ଉଭୟ ପାର୍ଶ୍ୱକୁ ସୌନ୍ଦର୍ଯ୍ୟକରଣ କରାଯିବ। ଏଥିସହିତ ପାର୍କିଂ ଓ ଟ୍ରାଫିକ୍ ବ୍ୟବସ୍ଥାକୁ ଅଧିକ ସଙ୍ଗଠିତ କରାଯିବ ବୋଲି କମିଶନର କଲ୍ୟାଣ କହିଛନ୍ତି। ଉଦଘାଟନୀ ଉତ୍ସବର କାର୍ଯ୍ୟକ୍ରମ ଗୁଡ଼ିକ ଯେପରି ଅଧିକ ଆକର୍ଷଣୀୟ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଷ୍ଟାଡିୟମର ଭିତରପଟକୁ ନବୀକରଣ କରାଯିବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବିଶେଷକରି ବିଶ୍ୱ ଦରବାରରେ ପୁଣି ସଂସ୍କୃତି, ପରମ୍ପରା ଓ କଳାକୁ ସ୍ଥାନିତ କରାଯିବା ଉପରେ ବିଶେଷ ଧ୍ୟାନ ଦିଆଯିବ। ସହରର ପ୍ରବେଶ ଓ ପ୍ରସ୍ଥାନ ପଥରେ ସ୍ୱତନ୍ତ୍ର ସାଜସଜ୍ଜା କରାଯିବା ସହ ଆଲୋକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବ। ବିଭିନ୍ନ ଦେଶର ଖେଳାଳି, ଦର୍ଶକ ଏବଂ ସେଲିବ୍ରିଟି ଉଦଘାଟନୀ ଉତ୍ସବରେ ଯୋଗଦେବେ। କାର୍ଯ୍ୟକ୍ରମକୁ ଜିରୋ ୱେଷ୍ଟ ଇଭେଣ୍ଟ ଭାବେ ଶେଷ କରିବାକୁ ପ୍ରଶାସନ ବିଶେଷ ଗୁରୁତ୍ୱ ଦେଉଛି ବୋଲି ସେ କହିଛନ୍ତି। ପରିଦର୍ଶନ ସମୟରେ କଟକ ଡିସିପି ପିନାକ ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ପ୍ରଥମ ପର୍ଯ୍ୟାୟରେ ଶିଖରପୁରଠାରୁ ବିଡାନାସୀ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହେବ। ରାସ୍ତା ନବୀକରଣ, ମରାମତି, ରଙ୍ଗୀନ ଫୁଟପାଥ ନିର୍ମାଣ, ଡିଭାଇଡର ସୌନ୍ଦର୍ଯ୍ୟକରଣ ଓ ଆଗନ୍ତୁକଙ୍କ ଉଦ୍ଦେଶ୍ୟରେ ସିମେଣ୍ଟ ବେଞ୍ଚ ବ୍ୟବସ୍ଥା ସହ ଅଧିକ ଖାଲି ଥିବା ସ୍ଥାନରେ ପାର୍କ ତଥା ଚିତ୍ତ ବିନୋଦନ ପଏଣ୍ଟର ବ୍ୟବସ୍ଥା କରାଯିବ ।




## ଅଲିମ୍ପିଆନ ଓ ପୂର୍ବତନ ଖେଳାଳିଙ୍କୁ କମ୍ପ୍ଲିମେଣ୍ଟାରି ଟିକେଟ

**ଭୁବନେଶ୍ୱର, ୨୪।୧୧ (କ୍ରୀଡ଼ା ପ୍ରତିନିଧି):** ୨୦୨୩ ଜାନୁୟାରୀରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ହେବାକୁଥିବା ହକି ବିଶ୍ୱକପ ଅବସରରେ ହକି ଅଲିମ୍ପିଆନ ଓ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳିଙ୍କୁ କମ୍ପ୍ଲିମେଣ୍ଟାରି ଟିକେଟ ଦିଆଯିବ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଗୁରୁବାର ଏହା ସ୍ପଷ୍ଟ କରିଛନ୍ତି। ପୂର୍ବତନ ଖେଳାଳିମାନଙ୍କୁ ସମ୍ମାନ ଜଣାଇବା ପାଇଁ ଏପରି ନିଷ୍ପତ୍ତି ନିଆ ଯାଇଛି। ଭାରତ ଏବଂ ଭାରତ ବାହାରର ଯେଉଁ ପୂର୍ବତନ ହକି ଖେଳାଳିମାନେ ମ୍ୟାଚ ଉପଭୋଗ କରିବାକୁ ଚାହିଁବେ ସେମାନଙ୍କପାଇଁ ବ୍ୟବସ୍ଥା କରାଯିବ। ଏହି ଦାୟିତ୍ୱ ବୁଝିବା ପାଇଁ ବରିଷ୍ଠ ଅଧିକାରୀ ଆର.ପି. ସିଂଙ୍କୁ ଦାୟିତ୍ୱ ଦିଆ ଯାଇଛି ବୋଲି ଦିଲୀପ କହିଛନ୍ତି। ବିଶ୍ୱର ଶ୍ରେଷ୍ଠ ୧୬ ଦଳକୁ ନେଇ ହକି ବିଶ୍ୱକପ ୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।







E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**SKY AUTOMOBILES**
BERHAMPUR: 9778202019.
BHANJANAGAR: 9778202019.
PARALAKHEMUNDI: 9778202019.
PHULBANI: 9778202019.

**ODYSSEY MOTORS**
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851.
SONEPUR: 9438068327. JHARSUGUDA: 9439892153.
BOUDH: 8594908009. PADAMPUR: 7381661837.

**ORBIT MOTORS**
ROURKELA: 9437041155, 9040404444.
SUNDARGARH: 9437049161, 9437131074.
DEOGARH: 9437061223, 7064400290.

**LEGEND CARS**
JEYPORE: 7894406481.
RAYAGADA: 9692883042.
BHAWANIPATNA: 7894442907.

*Offer includes consumer offer, exchange bonus, institutional offer or rural offer, Gold voucher and spot booking offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. #Test result of Rule 115 of CMVR, 1989. (CMVR is an acronym for Central Motor Vehicles Rules, 1989). Mileage mentioned is for Vxi(O) AGS & Vxi+ (O) AGS. **For details on functioning of safety features including Air Bag, kindly refer to the Owner's Manual. Creative Visualization. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th November, 2022.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ